# ଧରିତ୍ରୀ
DHARITRI

52 Years

ଭୁବନେଶ୍ୱର, ସୋମବାର, ଫେବୃଆରୀ ୯/୨୦୨୬ (୧୪ ପୃଷ୍ଠା) | Bhubaneswar, Monday, February 9/2026 | Page 14 | ₹ 7.00 | BALASORE

୫୨ଶ ଭାଗ ୭୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 77 | ମୂଲ୍ୟ ₹୭/-





**ପାକ୍ ଏଜେଣ୍ଟ ସହ ଗୌରବ, ସ୍ତ୍ରୀଙ୍କ ସମ୍ପର୍କ ରହିଛି: ହିମନ୍ତ**

ଆସାମ କଂଗ୍ରେସ ସଭାପତି ଗୌରବ ଗୋଗୋଇ ଏବଂ ତାଙ୍କ ସ୍ତ୍ରୀ ଏଲିଜାବେଥ କୋଲବର୍ନଙ୍କର ପାକିସ୍ତାନ ସହ ନିବିଡ଼ ସମ୍ପର୍କ ରହିଥିବା ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଅଭିଯୋଗ କରିଛନ୍ତି। ୧୦

୧୪ **ୱିଲ୍ ଜ୍ୟାକ୍ସ ପ୍ଲେୟର ଅଫ୍ ଦି ମ୍ୟାଚ**

ନେପାଳ ବିପକ୍ଷ ଟି୨୦ କ୍ରିକେଟ ବିଶ୍ୱକପ୍ ମ୍ୟାଚ୍‌ରେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି ଇଂଲଣ୍ଡର ୱିଲ୍ ଜ୍ୟାକ୍ସ।




## ଶିମିଳିପାଳରେ ପାରଦ ୧ ଡିଗ୍ରୀ

ବାରିପଦା,୮।୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଜାତୀୟ ଉଦ୍ୟାନରେ ପାରଦ ନିମ୍ନଗାମୀ ହୋଇଛି। ଉପରବାର୍‌ହାକାମୁଡ଼ାରେ ତାପମାତ୍ରା ୧ ଡିଗ୍ରୀ ସେଲ୍‌ସିୟସ ରେକର୍ଡ ହୋଇଥିବା ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ ସୂଚନା ଦେଇଛନ୍ତି। ଶିମିଳିପାଳ ସଂଲଗ୍ନ ଜନବସତି ସମେତ ଜିଲାବ୍ୟାପୀ ଅସମ୍ଭାଳ ଶୀତ ପରିଲକ୍ଷିତ ହୋଇଛି। ଶିମିଳିପାଳ ଅଭୟାରଣ୍ୟର ଚହଲାରେ ୫ଡିଗ୍ରୀ, ଗୁଡୁଗୁଡ଼ିଆରେ ୮ଡିଗ୍ରୀ, ବରେହିପାଣି ଓ ନଅଁଣାରେ ୯ଡିଗ୍ରୀ, ରାମତୀର୍ଥରେ ୧୩ଡିଗ୍ରୀ, ସାତକୋଶିଆ ଏବଂ କିଆଝରିରେ ତାପମାତ୍ରା ୧୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଜିଲାର ୨୬ଟି ବ୍ଲକ୍ ମଧ୍ୟରୁ ଅଧିକାଂଶ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୭ଡିଗ୍ରୀ ପାଖାପାଖି ରହୁଛି। ଅବାଧ ଗଛକଟା ଓ ଖଣିଖନନ ଯୋଗୁ ଏହାର ପ୍ରଭାବ ଜିଲାବାସୀଙ୍କ ଉପରେ ପଡୁଥିବା ପରିବେଶବିତ୍‌ମାନେ କହିଛନ୍ତି।

**ଆଜିର ସମ୍ପାଦକୀୟ**
**ଦୋଳି ଦୁର୍ଘଟଣା**




ଆର୍ଜେଣ୍ଟିନା ସରକାରଙ୍କ ଫାସିବାଦୀ ଓ ବୈଷମ୍ୟଭେଦୀ ନୀତି ବିରୋଧରେ ବ୍ୟୁନସ୍ ଆୟର୍ସ ସହରରେ ରବିବାର ଆୟୋଜିତ ପ୍ରାଇଡ୍ ମାର୍ଚ୍ଚରେ ଭାଗନେଇଥିବା ଜଣେ ଟ୍ରାନ୍ସ ଓମେନ୍ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ଭ୍ୟାନ୍-ବାଇକ୍ ମୁହାଁମୁହିଁ : ପରିବାରର ୪ ମୃତ

କଣ୍ଟାବାଞ୍ଜି ,୮।୨
(ଗୁରୁ ଦୟାଲ ହଂସ)

ବଲାଙ୍ଗୀର ଜିଲା ତୁରେକେଲା ଥାନା ଅଧୀନ ମାଓବାଦୀ ପ୍ରବଣ ପଣ୍ଡରେନ ଗ୍ରାମ ନିକଟରେ ରବିବାର ସନ୍ଧ୍ୟା ସାଢେ ୭ଟାରେ ଏକ ବାଇକ୍ ଓ ପିକ୍‌ଅପ ଭ୍ୟାନ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି । ଫଳରେ ଘଟଣାସ୍ଥଳରେ ଗୋଟିଏ ପରିବାରର ଜଣେ ନାବାଳକ ସମେତ ୪ ଜଣଙ୍କ ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ଅନୁଯାୟୀ, ଲାଠୋର ଥାନା ଅଧୀନ ଧଅଁରା ଖମନ ଗ୍ରାମର ଚିର ପୁଟେଲ(୬୫), ତାଙ୍କ ସ୍ତ୍ରୀ ଫୁଲମତି(୬୨), ପୁଅ ଶୋଭନ (୩୧) ଏବଂ ଚିରଙ୍କ ନାତି ଦେବାଶିଷ ପୁଟେଲ(୮) ଏକ ବାଇକ୍‌ରେ ତୁରେକେଲା-ମହଖଣ୍ଡ ମୁଖ୍ୟ ରାସ୍ତା ଦେଇ ତୁରେକେଲା ଅଭିମୁଖେ ଆସୁଥିଲେ । ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ପିକ୍‌ଅପ୍ ଭ୍ୟାନ୍ ସହ ମୁହାଁମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ସମସ୍ତଙ୍କ ମୃତ୍ୟୁ ଘଟିଥିବା ଜାଣିବାକୁ ମିଳିଛି। ଖବରପାଇ ତୁରେକେଲା ପୋଲିସ ପହଞ୍ଚି ଅଧିକ ତଦନ୍ତ ଚଳାଇଛି। ଘଟଣା ସମ୍ପର୍କରେ ଅଧିକ ତଥ୍ୟ ହସ୍ତଗତ ହୋଇନାହିଁ। ସୂଚନାଯୋଗ୍ୟ, ଶୋଭନ ଗତ ମାସରେ ବିବାହ କରିଥିଲେ।

# ଶୋଷ, ଚାଷ ପାଇଁ ପାଣି ନିଅଣ୍ଟ

**ଓଡ଼ିଶାରେ ପ୍ରବାହିତ ୧୧ ପ୍ରମୁଖ ନଦୀରେ ଜଳପ୍ରବାହ ହ୍ରାସ ପାଇବାରେ ଲାଗିଛି। ୨୦୦୧ରେ ରାଜ୍ୟରେ ୯୫.୫୪ ବିଲିୟନ୍ କ୍ୟୁବିକ୍ ମିଟର(ବିସିଏମ୍) ଜଳ ପ୍ରବାହିତ ହେଉଥିଲା। ଇତିମଧ୍ୟରେ ପ୍ରବାହ ହ୍ରାସକୁ ଦେଖିଲେ ଆଗାମୀ ଦିନରେ ଏହା ୮୫.୮୯ ବିସିଏମ୍ ହେବ ବୋଲି ଆକଳନ କରାଯାଇଛି। ରାଜ୍ୟରେ ପ୍ରଚୁର ଜଳସମ୍ପଦ ଥିବା ସତ୍ତ୍ୱେ ଋଷିକୁଲ୍ୟା, ବୈତରଣୀ ଏବଂ ବାହୁଦା ଭଳି କେତେକ ନଦୀରେ ୨୦୪୭ ସୁଦ୍ଧା ଜଳକ୍ଲିଷ୍ଟ ସ୍ଥିତି ସୃଷ୍ଟି ହୋଇପାରେ ବୋଲି ଆଶଙ୍କା କରାଯାଉଛି। ଦ୍ରୁତ ସହରୀକରଣ, ଅନିୟନ୍ତ୍ରିତ ଭୂତଳ ଜଳ ଉତ୍ତୋଳନ ଏବଂ ଭୂପୃଷ୍ଠ ଜଳ ଉତ୍ସଗୁଡ଼ିକର ବଣ୍ଟନରେ ଅସମାନତା ଏହାର ପ୍ରମୁଖ କାରଣ। ସେହିପରି ଉପରମୁଣ୍ଡ ଛତିଶଗଡ଼ ସମେତ ପଡ଼ୋଶୀ ରାଜ୍ୟଗୁଡ଼ିକରେ ଏକାଧିକ ବ୍ୟାରେଜ୍ ନିର୍ମାଣ ଯୋଗୁ ନଦୀଜଳ ପ୍ରବାହ କମିବାରେ ଲାଗିଛି। ଓଡ଼ିଶାରେ ଜନସାଧାରଣଙ୍କୁ ପାନୀୟ ଜଳ ଏବଂ ଚାଷ ପାଇଁ ପାଣି ନିଅଣ୍ଟ ହେଉଛି। ଏହାକୁ ଦୃଷ୍ଟିରେ ରଖି ସରକାର ପ୍ରାଥମିକ ପର୍ଯ୍ୟାୟରେ ୨୦ହଜାର କୋଟି ଟଙ୍କାର ପ୍ରତିକାର ପଦକ୍ଷେପ ନେଇଥିବା ସୂଚନା ମିଳିଛି।**

ଯାଜପୁର,୮।୨(ହର୍ଷବର୍ଦ୍ଧନ ବେହେରା)

ରାଜ୍ୟର ନଦୀଗୁଡ଼ିକରେ ଜଳପ୍ରବାହ ହ୍ରାସକୁ ଦେଖିଲେ ସମନ୍ୱିତ ପ୍ରଯୁକ୍ତିବିଦ୍ୟା ଆଧାରିତ ଜଳ ସମ୍ପଦ ପରିଚାଳନା ପଦ୍ଧତି ଗ୍ରହଣ କରିବା ଜରୁରୀ ହୋଇପଡ଼ିଛି। ତଦନୁଯାୟୀ ରାଜ୍ୟ ଜଳ ସମ୍ପଦ ବିଭାଗ ପକ୍ଷରୁ ୩।୨।୨୦୨୬ରେ ହୋଇଥିବା ବୈଠକରେ ଏକ କାର୍ଯ୍ୟାନ୍ୱୟନ ଯୋଜନା ପ୍ରସ୍ତୁତ କରାଯାଇଛି। ଏଥିପାଇଁ ୨୦ ହଜାର କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଉକ୍ତ ଯୋଜନାକୁ କାର୍ଯ୍ୟକାରୀ କରିବାକୁ ଜଳ ସମ୍ପଦ ବିଭାଗ ପକ୍ଷରୁ ଅନୁସଚିବ ଆରତି ମଲ୍ଲିକ ଆବଶ୍ୟକ ରିପୋର୍ଟ ପ୍ରସ୍ତୁତ କରିବାକୁ ବିଭାଗୀୟ ଇଞ୍ଜିନିୟର-ଇନ୍-ଚିଫ୍ ଏବଂ ଚିଫ୍ ଇଞ୍ଜିନିୟରଙ୍କୁ ୭।୨।୨୦୨୬ରେ ଚିଠି ଲେଖିଛନ୍ତି।

ଆନ୍ତଃରାଜ୍ୟ ମହାନଦୀ, ବ୍ରାହ୍ମଣୀ, ସୁବର୍ଣ୍ଣରେଖା ଏବଂ ଓଡ଼ିଶାରେ ଉତ୍ପତ୍ତି ହୋଇଥିବା ବୈତରଣୀ, ବୁଢାବଳଙ୍ଗ ଓ ଋଷିକୁଲ୍ୟା ସହ ଏହାର ଶାଖାନଦୀଗୁଡ଼ିକ ସମୁଦ୍ରରେ ମିଶିଛନ୍ତି। ସାଧାରଣ ଲୋକଙ୍କ ପାଇଁ ବ୍ୟବହୃତ ହେଉଥିବା ନଦୀଜଳର ୧୨ ଗୁଣ ଅଧିକ ଜଳ ଶିଳ୍ପ ପାଇଁ ବ୍ୟବହୃତ ହେଉଛି। ଏଠାରେ ବ୍ରାହ୍ମଣୀ, ବୈତରଣୀ ଓ ଏହାର ଶାଖାନଦୀଗୁଡ଼ିକର ଜଳକୁ ଉଦାହରଣ ଭାବେ ନିଆଯାଇପାରେ। ଏହି ନଦୀଜଳ ଉପରେ ନିର୍ଭର କରି ଯାଜପୁର ଜିଲାରେ ୧୦ରୁ ଊର୍ଦ୍ଧ୍ୱ ବୃହତ୍ ଶିଳ୍ପ କାରଖାନା ଗଢ଼ିଉଠିଛି। ଏହି ନଦୀଗୁଡ଼ିକରୁ ବର୍ଷକୁ ଜଳସେଚନ ପାଇଁ ୩୯୫୧.୫୧ ବିସିଏମ୍, ଲୋକଙ୍କ ପାଇଁ ଜଳଯୋଗାଣ କ୍ଷେତ୍ରରେ ୮୨.୩୦ ବିସିଏମ୍, ଶିଳ୍ପ ପାଇଁ ୧୦୫୫.୯୫ ବିସିଏମ୍ ଓ ପର୍ଯ୍ୟାବରଣ ପାଇଁ ୪୭୨୨.୭୦ ବିସିଏମ୍ ଜଳ ଆବଶ୍ୟକ ହୁଏ। ଏଭଳି ପରିସ୍ଥିତି ସାରା ରାଜ୍ୟରେ ଦେଖାଦେଉଥିବାରୁ ଖରାଦିନେ ଲୋକଙ୍କୁ ଜଳକ୍ଲିଷ୍ଟତାର ସମ୍ମୁଖୀନ ହେବାକୁ ପଡୁଛି। ଏବେ ଭୂତଳ ଜଳକୁ ନେଇ ଚିନ୍ତାଜନକ ସ୍ଥିତି ଉପୁଜିଛି। କେଉଁ କମ୍ପାନୀ କେତେ ପରିମାଣର ଭୂତଳ ଜଳ ବ୍ୟବହାର କରୁଛି, ତା'ର ଠିକ୍ ତଥ୍ୟ ପ୍ରଶାସନ ପାଖରେ ଖୋଜିଲେ ବି ମିଳୁନି। ତଥାପି କେହିବି ଏହି ଗୁରୁତର ସମସ୍ୟାର ପ୍ରତିକାର ପାଇଁ ଚେଷ୍ଟା କରୁ ନ ଥିବା ଭଳି ମନେହେଉଛି। କିନ୍ତୁ ବିଭାଗ ପକ୍ଷରୁ ପ୍ରସ୍ତୁତ ରିପୋର୍ଟରେ ବର୍ଷ ବର୍ଷ ଧରି ଜଳସମ୍ପଦର ଉପଯୋଗ ଏବଂ ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ହୋଇଛି, ତଥାପି କୃଷି, ଶିଳ୍ପ ଏବଂ ଲୋକଙ୍କ ଚାହିଦାକୁ ନେଇ ଦୀର୍ଘକାଳୀନ ଜଳ ସୁରକ୍ଷା ଆଭିମୁଖ୍ୟ ଗ୍ରହଣ କରିବାକୁ ପଡ଼ିବ ବୋଲି ଦର୍ଶାଯାଇଛି।

ଓଡ଼ିଶାରେ ବର୍ତ୍ତମାନ ବାର୍ଷିକ ପ୍ରାୟ ୩୩.୬୧ ବିସିଏମ୍ ଜଳ ଚାହିଦା ଦ୍ରୁତଗତିରେ ବୃଦ୍ଧି ପାଉଛି। ଅର୍ଥନୈତିକ ପ୍ରସାର, ଜନସଂଖ୍ୟା ବୃଦ୍ଧି ଏବଂ ଶିଳ୍ପାୟନ ପାଇଁ ଏହି ଚାହିଦା ଆଗାମୀ ଦିନରେ ପ୍ରାୟ ଦୁଇଗୁଣ ହେବ ବୋଲି ଆକଳନ କରାଯାଇଛି, ଯାହା ୫୫ ରୁ ୬୨ ବିସିଏମ୍ ମଧ୍ୟରେ ପହଞ୍ଚିବ। ଏହାର ସମାଧାନ ପାଇଁ ଆଧୁନିକ ଜଳସେଚନ ପ୍ରଣାଳୀ, ଶିଳ୍ପ ଜଳ ପୁନଃ ବ୍ୟବହାର, ବିକଳ୍ପ ଜଳ ଉତ୍ସର ବିକାଶ, ଜଳଛାୟା ପରିଚାଳନା, ଭୂପୃଷ୍ଠ ଜଳ ଭଣ୍ଡାରର

☞ପୃଷ୍ଠା-୪

## କମୁଛି ନଦୀଜଳ ପ୍ରବାହ



# ପୁଅକୁ ଛୁରି ଭୁସି ହତ୍ୟାକଲେ ବାପା

**ଜମିବାଡ଼ି ବିବାଦକୁ ନେଇ ଘଟଣା**

**ଅଭିଯୁକ୍ତ ଗିରଫ**

ଢେଙ୍କାନାଳ,୮।୨ (ରତନ ନାୟାର)

ନିଶାଗ୍ରସ୍ତ ହୋଇ ଉପଦ୍ରବ କରୁଥିବା ବାପାଙ୍କୁ ଅଟକାଇବାରୁ ବାପା ସାଜିଲେ ପିଶାଚ। ଛୁରି ଭୁସି ହତ୍ୟାକଲେ ନିଜ ପୁଅକୁ। ରବିବାର ଏଭଳି ଅଭାବନୀୟ ଘଟଣା ଘଟିଛି ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା କମ୍ପୁଲେଇ ଗ୍ରାମରେ। କମ୍ପୁଲେଇ ଗ୍ରାମର ବିଭୂତି ସାହୁ (୫୫) ଓ ତାଙ୍କର ପ୍ରଥମ ସ୍ତ୍ରୀଙ୍କ ପରିବାର ମଧ୍ୟରେ ଜମିବାଡ଼ି ବିବାଦ ଲାଗିଥିଲା। ବିଭୂତି ଅନ୍ୟଜଣଙ୍କୁ ଦ୍ୱିତୀୟ ସ୍ତ୍ରୀ ଭାବେ ରଖିବାରୁ ତାଙ୍କ ପରିବାରରେ ଅଧିକାଂଶ ସମୟରେ ବିବାଦ ଲାଗି ରହୁଥିଲା। ସେହିପରି ଜମିବାଡ଼ିକୁ ନେଇ ମଧ୍ୟ ପ୍ରଥମ ସ୍ତ୍ରୀଙ୍କ ପରିବାର ସହିତ ବିଭୂତିଙ୍କର ବିବାଦ ହେଉଥିଲା। ଶନିବାର ରାତିରେ ବିଭୂତି ମଦ୍ୟପାନ କରି ଘରକୁ ଆସି ଗାଳିଗୁଲଜ କରିଥିଲେ। ଏହାକୁ ଦେଖି ପ୍ରଥମ ସ୍ତ୍ରୀଙ୍କ ପୁଅ କ୍ଷୀରୋଦ (୨୫) ପ୍ରତିବାଦ କରିଥିଲେ। ଫଳରେ ବିଭୂତି ପୁଅ କ୍ଷୀରୋଦଙ୍କ ଉପରକୁ ଇଟାମାଡ଼ କରିଥିଲେ। କ୍ଷୀରୋଦଙ୍କ ଅଣ୍ଟାରେ ଇଟା ବାଜି ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ଏ ସଂକ୍ରାନ୍ତରେ ରାତିରେ କ୍ଷୀରୋଦ କଙ୍କଡ଼ାହାଡ଼ ଥାନା ପୋଲିସକୁ ଜଣାଇଥିଲେ। ରବିବାର ସକାଳେ କ୍ଷୀରୋଦ କଙ୍କଡ଼ାହାଡ଼ ଥାନାକୁ ଯାଇ ବାପାଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ତେବେ ପୋଲିସ ଘଟଣାକୁ ଗୁରୁତ୍ୱ ଦେଇ ନ ଥିବା କ୍ଷୀରୋଦଙ୍କ ଭଉଣୀ ପ୍ରିୟଙ୍କା ଅଭିଯୋଗ ଆଣିଛନ୍ତି। ବାପାଙ୍କ ବିରୋଧରେ ଅଭିଯୋଗ କରି କ୍ଷୀରୋଦ ଘରକୁ ଫେରିବା ପରେ ବାପା ବିଭୂତି ହଠାତ୍ ପୁଅ ପେଟରେ ଛୁରି ଭୁସି ଦେଇଥିଲେ। ଗୁରୁତର ଅବସ୍ଥାରେ କ୍ଷୀରୋଦଙ୍କୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣା ପରେ ବିଭୂତି ଫେରାର ହୋଇଯାଇଥିଲେ। କଙ୍କଡାହାଡ଼ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ବହୁ ଖୋଜାଖୋଜି କରିବା ପରେ ଉକ୍ତ ଗ୍ରାମରୁ ବିଭୂତିଙ୍କୁ ପୋଲିସ ଗିରଫ କରିଛି। ଏ ସଂକ୍ରାନ୍ତରେ

☞ପୃଷ୍ଠା-୪

# ସଂଘ କହିଲେ ଅବସର ନେବି: ଭାଗବତ

ମୁମ୍ବାଇ,୮।୨(ପି.ଟି.)

୨୦୨୫ ସେପ୍ଟେମ୍ବର ୧୧ରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତଙ୍କୁ ୭୫ ବର୍ଷ ପୂରିଥିବାବେଳେ ସେ ଏବେ ମଧ୍ୟ ସରସଂଘ ଚାଳକ ଦାୟିତ୍ୱ ତୁଲାଉଛନ୍ତି। ଆର୍‌ଏସ୍‌ଏସ୍ ତାଙ୍କୁ ଏହି ଭୂମିକାରେ ରହିବାକୁ ପରାମର୍ଶ ଦେଇଥିବାରୁ ସେ ନିଜକୁ ଦାୟିତ୍ୱମୁକ୍ତ କରିନାହାନ୍ତି। ତେବେ ସଂଘ ଯଦି ପଦ ଛାଡ଼ିବାକୁ କୁହେ, ସେ ଅବସର ନେବାକୁ ପ୍ରସ୍ତୁତ ବୋଲି ରବିବାର ଭାଗବତ ସ୍ପଷ୍ଟ କରିଛନ୍ତି। ଆର୍‌ଏସ୍‌ଏସ୍ ପ୍ରତିଷ୍ଠାର ଶତବାର୍ଷିକୀ ପାଳନ ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମର ପ୍ରଶ୍ନୋତ୍ତର ବେଳେ ଭାଗବତଙ୍କୁ ଅବସର ସମ୍ପର୍କରେ ପଚରାଯାଇଥିଲା। ଏହାର ଉତ୍ତରରେ



ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତ

ଭାଗବତ କହିଥିଲେ, ସେ ଅଧିକ ବୟସରେ ଉପନୀତ ହେବା ସତ୍ତ୍ୱେ ସଂଘ ତାଙ୍କୁ କାର୍ଯ୍ୟ କରିବାକୁ କହିଛି। ଅବସର ନେବାକୁ ସଂଘ ଯେବେ କହିବ, ସେ ପଦ ଛାଡ଼ିଦେବେ। ସରସଂଘ ଚାଳକ ପଦରେ ସବୁବେଳେ ଜଣେ ହିନ୍ଦୁ ରହିବା ଉଚିତ। ଏହି ପଦ ପାଇଁ କୌଣସି ନିର୍ବାଚନ ହୋଇ ନ ଥାଏ। ବିଭାଗୀୟ ମୁଖ୍ୟମାନେ ତାଙ୍କୁ ନିଯୁକ୍ତ କରିଥାନ୍ତି। ୭୫ ବର୍ଷରେ ପଦାର୍ପଣ କରିବା ପରେ ଜଣେ ବ୍ୟକ୍ତି ପଦ ଛାଡ଼ି କାର୍ଯ୍ୟ ଜାରି ରଖିବା ଉଚିତ ବୋଲି ସାଧାରଣତଃ କୁହାଯାଇଥାଏ। ଭାଗବତ ଏକକ ଦେୱାନୀ ସଂହିତା (ୟୁସିସି) ଉପରେ ମଧ୍ୟ ମତ ରଖିଛନ୍ତି। ସେ କହିଛନ୍ତି, ସବୁ ବର୍ଗର ଲୋକଙ୍କୁ ବିଶ୍ୱାସକୁ ନେଇ ୟୁସିସି ପ୍ରଣୟନ କରାଯିବା ଉଚିତ। ଏହାଦ୍ୱାରା ସମାଜରେ ବିଭାଜନକୁ ଏଡ଼ାଯାଇପାରିବ। ଉତ୍ତରାଖଣ୍ଡରେ ୟୁସିସି ପାଇଁ ୩ ଲକ୍ଷ ପ୍ରସ୍ତାବ ଆସିଥିଲା। ବିଭିନ୍ନ ପକ୍ଷଙ୍କ ସହ ଆଲୋଚନା ପରେ ଏହା ଗୃହୀତ ହୋଇଥିଲା ବୋଲି ଭାଗବତ କହିଛନ୍ତି। ସଂଖ୍ୟାବହୁଳ କି ସଂଖ୍ୟାଲଘୁ ବୋଲି କିଛି ନାହିଁ। ଭାରତୀୟ ସମାଜରେ ଆମେ ସମସ୍ତେ ସମାନ। ମୁସଲମାନ ଓ ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟ ସହ ବନ୍ଧୁତା ଓ ବିଶ୍ୱାସ ସୃଷ୍ଟି ଲାଗି ସେମାନଙ୍କ ସହ ଆଲୋଚନା କରାଯିବା ଉପରେ ଭାଗବତ ଗୁରୁତ୍ୱାରୋପ କରିଛନ୍ତି।

# ଶତ୍ରୁ ସାଟେଲାଇଟ୍ ଉପରେ ନଜର ରଖିବ ଭାରତ

ପାଟନା,୮।୨

ଭାରତର ଅଭିବୃଦ୍ଧିଶୀଳ ଘରୋଇ ମହାକାଶ କ୍ଷେତ୍ରକୁ ଏକ ବଡ଼ ସଫଳତା ମିଳିଛି। ଅହମଦାବାଦର ଆଜିସ୍ତା ଇଣ୍ଡଷ୍ଟ୍ରିଜ୍ ପ୍ରା.ଲିଃ ଏହାର ଏରୋସ୍ପେସ୍ ବିଭାଗ ଜରିଆରେ ଏକ ନୂଆ ସାମର୍ଥ୍ୟର ପ୍ରଦର୍ଶନ କରିଛି। ଏହା କକ୍ଷପଥରେ ଅନ୍ୟ ସାଟେଲାଇଟ୍‌ରେ ଥିବା ବସ୍ତୁର ଫଟୋ ହାସଲ କରିବାର ନୂଆ ସ୍ୱଦେଶୀ କ୍ଷମତା ହାସଲ କରିଛି। ଭାରତର ଏକ ଘରୋଇ ସେକ୍ଟର ପାଇଁ ଏହା ପ୍ରଥମ ହୋଇଥିବାବେଳେ ଭାରତୀୟ ମହାକାଶ ସ୍ଥିତି ସଚେତନତାକୁ ସୁଦୃଢ଼ କରିବା ଦିଗରେ ଏକ ବଡ଼ ପଦକ୍ଷେପ। ଏହାକୁ କକ୍ଷପଥ ଗୁପ୍ତଚରଗିରି କୁହାଯାଏ।

୮୦ କିଲୋଗ୍ରାମ ଭୂପର୍ଯ୍ୟବେକ୍ଷଣ ସାଟେଲାଇଟ୍ ଏଏଫ୍‌ଆର୍ ବ୍ୟବହାର କରି ଆଜିସ୍ତା ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍)ର ଫଟୋକୁ ସଫଳତାର ସହ ଧରିପାରିଛି। ଫେବୃଆରୀ ୩ରେ ଏହା ଉପରେ ୨ ଥର ଯୋଜନାବଦ୍ଧ ପରୀକ୍ଷା କରାଯାଇଥିଲା। ନିମ୍ନ ଆର୍ଥ ଅର୍ବିଟ୍‌ରୁ ଆଇଏସ୍‌ଏସ୍ ଅନ୍ୟତମ ଅଧିକ ଦୃଶ୍ୟମାନ ଏବଂ ସହଯୋଗୀ ଟାର୍ଗେଟ ହୋଇଥିବାବେଳେ ଉକ୍ତ ସଫଳତା ଭାରତର ଘରୋଇ ସେକ୍ଟର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆରମ୍ଭ ବୋଲି କୁହାଯାଉଛି। ଦିଗ୍‌ବଳୟ ନିକଟ ଏବଂ

☞ପୃଷ୍ଠା-୪

## କକ୍ଷପଥରେ ସର୍ଭିଲାନ୍ସ କ୍ଷମତା ହାସଲ



# ଦିନକରେ କାଗଜପତ୍ରରୁ କାଟିଦେଲେ ୨୦୫

## କେନ୍ଦୁଝରରେ ଖୋଲୁଛି ଭତ୍ତା କେଲେଙ୍କାରୀ

■ ବାପାଙ୍କ ବୟସ ୭୬, ପୁଅକୁ ୭୩

■ କୁଷ୍ଠ ରୋଗ ନାମରେ ଟଙ୍କା ହଡ଼ପ

ଆନନ୍ଦପୁର,୮।୨ (ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଘଷିପୁରା ବ୍ଲକ୍‌ରେ କୁଷ୍ଠରୋଗୀଙ୍କ ନାମରେ ଭତ୍ତା କେଲେଙ୍କାରୀ ହୋଇଛି। ବ୍ଲକ୍‌ରେ କେହି କୃଷ୍ଠରୋଗୀ ନ ଥିବା ବେଳେ ଜାଲିଆତି କରି ଭତ୍ତା ଉଠାଯାଉଥିଲା। କେଲେଙ୍କାରୀ ଧରା ପଡ଼ିଯିବା ଭୟରେ ଗୋଟିଏ ଦିନରେ ୨୦୫ ହିତାଧିକାରୀଙ୍କୁ କାଗଜପତ୍ରରେ ମାରିଦିଆଯାଇଛି। ତରିମୂଳ ପଞ୍ଚାୟତରେ ଏଭଳି ଘଟଣା ସାମ୍ନାକୁ ଆସିଥିବା ବେଳେ

ଏତେ ସଂଖ୍ୟକ ଲୋକଙ୍କର ହଠାତ ଗୋଟିଏ ଦିନରେ ନାମ କଟିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଘଟଣାରେ ବ୍ୟାପକ ଦୁର୍ନୀତି ଓ ଆର୍ଥିକ ଅନିୟମିତତା ହୋଇଥିବା ଆର୍‌ଟିଆଇ ସୂଚନା ଆଧାରରେ ଜଣାପଡ଼ିଥିବା ଦୁର୍ନୀତି ବିରୋଧୀ ପ୍ରଗତିଶୀଳ ମଞ୍ଚ ପକ୍ଷରୁ ଖବରଦାତା ସମ୍ମିଳନୀ କରି ମଞ୍ଚର ଆବାହକ ଯଜ୍ଞ ପ୍ରସାଦ ସାହୁ ଅଭିଯୋଗ କରିଛନ୍ତି।

ତଥ୍ୟ ଅନୁଯାୟୀ, ଘଷିପୁରା ବ୍ଲକ୍‌ରେ ଗତ ୧୦ବର୍ଷ ମଧ୍ୟରେ ୧୪୧ ଜଣ କୁଷ୍ଠରୋଗରେ ଆକ୍ରାନ୍ତ ହୋଇଥିଲେ। ଚିକିତ୍ସା ପରେ ସମସ୍ତେ ସୁସ୍ଥ ହୋଇଛନ୍ତି। ମାତ୍ର ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ କୁଷ୍ଠ ରୋଗୀଙ୍କ ନାମରେ ଭତ୍ତା ଉଠୁଥିଲା। ଏ ନେଇ ଆର୍‌ଟିଆଇରେ ଆବେଦନ ପରେ ତରବରିଆ ଭାବେ ୨୦୨୫ ଡିସେମ୍ବର ୩୧ ତାରିଖରେ କାଗଜପତ୍ରରୁ ସେମାନଙ୍କ ନାମକୁ ହଟାଇ ଦିଆଯାଇଛି। ଏଥିରେ ତରିମୂଳ ପଞ୍ଚାୟତ ରେକୁଟିଆରେ ୪୯ ଜଣ, କଣ୍ଟାରୋହିରେ ୧୪, ତୁଳସୀପୁରରେ ୭ ଜଣ, ତରିମୂଳ ଗ୍ରାମରେ ସର୍ବାଧିକ ୧୩୫ ଜଣ ରହିଛନ୍ତି। ଉଦାହରଣ ଭାବେ ତରିମୂଳ ଗ୍ରାମର ମିତାରାଣୀ ନାହାକ (୩୦) ଯୋଜନାର ଲାଭ ଉଠାଉଥିବା ସରକାରୀ ତଥ୍ୟ କହୁଛି। ତାଙ୍କର ଅନୁମୋଦନ ସଂଖ୍ୟା ଓଆରଏସ୍-୦୬୬୨୩୯୫୧ ଥିବା ଦର୍ଶାଯାଇଛି। ସେହିପରି ଅନୁମୋଦନ ସଂଖ୍ୟା ଓଆରଏସ୍-୦୬୬୧୪୯୮୨ରେ ଅପର୍ଣ୍ଣା ବଳ(୪୦), ତପନ ଦାସ(୪୫), ବିଷ୍ଣୁ ପ୍ରସାଦ ଦାସ(୪୮), ଅନିଲ ରାଉତ(୪୮)ଙ୍କ ଭଳି ଶତାଧିକ ଏହି ଯୋଜନାର ଲାଭାର୍ଥୀ ଥିଲେ। ଏ ସମସ୍ତଙ୍କୁ ସରକାରଙ୍କ ପକ୍ଷରୁ ମଧୁବାବୁ ପେନ୍‌ସନ୍ ଯୋଜନାରେ ମାସିକ ଏକ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଉଥିବା ଉଲ୍ଲେଖ ଥିଲା। ହଠାତ୍ ହିତାଧିକାରୀଙ୍କ ନାମ ଯୋଜନାରୁ ବାଦ୍ ଦିଆଯାଇଛି। ସେହିପରି ଗୁଞ୍ଜର ମହାରଣା, ଦ୍ରୌପଦୀ ରାଉତ, ମାଗୁ ମଲ୍ଲିକ, ହୃଷୀକେଶ ନାହାକ ଦୀର୍ଘ ବର୍ଷ ପୂର୍ବେ ମୃତ୍ୟୁବରଣ କରିଥିଲେ ମଧ୍ୟ ଯୋଜନାରେ ନାମ ଗଡ଼ି ଚାଲିଥିଲା। ଏମାନେ ଗତ ଡିସେମ୍ବର ୩୧ରେ ଆଉ ଥରେ ମରିଥିବା ସରକାରୀ ତଥ୍ୟ କହୁଛି। ଖବରଦାତା ସମ୍ମିଳନୀରେ ସାମାଜିକକର୍ମୀ ହିମାଂଶୁ ଶେଖର ନାୟକ କହିଛନ୍ତି, ସ୍ୱାସ୍ଥ୍ୟ ବିଭାଗର ରିପୋର୍ଟ କିଛି ଭିନ୍ନ କଥା କହୁଛି। ଘଷିପୁରା ବ୍ଲକ୍‌ରେ ଗତ ୧୦ ବର୍ଷ ମଧ୍ୟରେ ୧୪୧ ଜଣ କୁଷ୍ଠରୋଗୀ ସୁସ୍ଥ ହୋଇଥିଲେ। ହେଲେ ଗୋଟିଏ ପଞ୍ଚାୟତରେ ୨୦୫ ଜଣ ହିତାଧିକାରୀ କେଉଁଠୁ ଆସିଲେ। ଏଥିପାଇଁ ସେମାନେ ଭତ୍ତା ପାଇବାକୁ ଆବେଦନ କରିଥିଲେ କି? ଆବେଦନ ସମୟରେ କୁଷ୍ଠ ରୋଗରୁ ସୁସ୍ଥ ହୋଇଥିବାର ପ୍ରମାଣପତ୍ର ଦାଖଲ କରିଥିଲେ କି ବୋଲି ପ୍ରଶ୍ନ କରିଛନ୍ତି। ମାସିକ ୨ ଲକ୍ଷରୁ ଅଧିକ ଟଙ୍କା ଉକ୍ତ ପଞ୍ଚାୟତରେ ଏହି ଯୋଜନାରେ ପ୍ରଦାନ କରାଯାଉଛି। ଅର୍ଥାତ ବାର୍ଷିକ ୨୪ ଲକ୍ଷରୁ ଅଧିକ ଟଙ୍କା ଆତ୍ମସାତ ହୋଇଥିବା ଅଭିଯୋଗ ହୋଇଛି। ବ୍ଲକ୍‌ର ନିର୍ଦ୍ଦିଷ୍ଟ କିଛି ଅସାଧୁ ଅଧିକାରୀ, ପଞ୍ଚାୟତର ଅସାଧୁ କର୍ମଚାରୀ ଓ ଜନପ୍ରତିନିଧି ଏଥିରେ ସମ୍ପୃକ୍ତ ଅଛନ୍ତି। ସରକାରୀ କର୍ମଚାରୀ ଜାଲ କାଗଜପତ୍ର ପ୍ରସ୍ତୁତ କରି ସରକାରୀ ଅର୍ଥକୁ ଲୁଟିବା ପାଇଁ ଏକ ଗୋଷ୍ଠୀ ଷଡ଼ଯନ୍ତ୍ର କରିଥିବା ହିମାଂଶୁ କହିଛନ୍ତି। ଅଧିକାଂଶ ହିତାଧିକାରୀଙ୍କର ବୟସ ଜାଲିଆତି ହୋଇଛି। ଏପରିକି ବାପର ବୟସ ୭୬ ହୋଇଥିବା ବେଳେ ୨ ପୁଅର ବୟସ ୭୧, ୭୩ ଉଲ୍ଲେଖ କରାଯାଇ ଅର୍ଥ ଆତ୍ମସାତ କରାଯାଇଛି। ତେଣୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ ଆତ୍ମସାତ ହୋଇଥିବା ଅର୍ଥ ସରକାରୀ ତହବିଲକୁ ଫେରାଇ ଆଣିବା ପାଇଁ ଯଜ୍ଞ ପ୍ରସାଦ ସାହୁ ଦାବି କରିଛନ୍ତି। ସେହିପରି ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ନାୟକ ଦାବି କରିଛନ୍ତି।

# ଆଦିବାସୀ କଳା, କଳାବସ୍ତୁର ଲାଇଭ୍ ପ୍ରଦର୍ଶନ



ଶିଳ୍ପୀ ଓ କାରିଗରମାନେ ଆଦିବାସୀ କଳା ଓ କଳାବସ୍ତୁର ଲାଇଭ୍ ପ୍ରଦର୍ଶନ କରୁଛନ୍ତି।

ଭୁବନେଶ୍ୱର,୮।୨(ସୁଚିସ୍ମିତା ସାହୁ)

ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଏସ୍‌ସିଏସ୍‌ଟିଆର୍‌ଆଇଟିଆଇ) ପକ୍ଷରୁ କଳା ଓ କଳାବସ୍ତୁକୁ ନେଇ ଲାଇଭ୍ ପ୍ରଦର୍ଶନ କାର୍ଯ୍ୟକ୍ରମ ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟ ପରିସରରେ ଆରମ୍ଭ ହୋଇଛି। ପାରମ୍ପରିକ ଆଦିବାସୀ କଳାକୁ ପ୍ରୋତ୍ସାହନ, ସଂରକ୍ଷଣ ଏବଂ ପ୍ରଦର୍ଶନ ଉଦ୍ଦେଶ୍ୟରେ ୧୫ଦିନ ବ୍ୟାପୀ ଅର୍ଥାତ୍ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ରାୟଗଡା ଜିଲା ଆଇଟିଡିଏ ଗୁଣୁପୁର ଇଡ୍‌ତାଲ ଏବଂ ସଉରା ଚିତ୍ରକଳାରେ ଦକ୍ଷ ୫ଜଣ କାରିଗରଙ୍କୁ ପ୍ରାୟୋଜିତ କରିଛି, ଏମାନେ କାର୍ଯ୍ୟକ୍ରମ ସମୟରେ ଆଦିବାସୀ କଳାର ଲାଇଭ ପ୍ରଦର୍ଶନ କରିବେ। ସେହିପରି ମୟୂରଭଞ୍ଜ ଜିଲା ଆଇଟିଡିଏ କପ୍ତିପଦା ଉଦଳା ପକ୍ଷରୁ ମାହାଲି ଜନଜାତିର ବାଉଁଶ କାରିଗରରେ ନିପୁଣ ୫ଜଣ ଅଭିଜ୍ଞ ଆଦିବାସୀ କାରିଗରଙ୍କୁ ନିଜ କଳା ପ୍ରଦର୍ଶନ ଲାଗି ବ୍ୟବସ୍ଥା ହୋଇଛି। ଏହି ଅବସରରେ ଏସ୍‌ସିଏସ୍‌ଟିଆରଆଇଟିଆଇ ନିର୍ଦ୍ଦେଶକ ସୁଧାକର ଶବର କହିଛନ୍ତି, ଏହିପରି ଲାଇଭ ପ୍ରଦର୍ଶନ କାର୍ଯ୍ୟକ୍ରମଗୁଡ଼ିକ ଓଡ଼ିଶାର ସମୃଦ୍ଧ ଆଦିବାସୀ ଐତିହ୍ୟର ସୁରକ୍ଷା ଏବଂ ଜନସାଧାରଣଙ୍କ ମଧ୍ୟରେ ଆଦିବାସୀ କଳା ଓ କଳାବସ୍ତୁ ପରମ୍ପରା ବିଷୟରେ ସଚେତନତା ସୃଷ୍ଟି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହି କାର୍ଯ୍ୟକ୍ରମରେ ଛାତ୍ର, ଗବେଷକ, ପର୍ଯ୍ୟଟକ ଏବଂ କଳା ଉତ୍ସାହୀ ଉପକୃତ ହେବେ ବୋଲି ଆଶା କରାଯାଉଛି।

# ପୋଲତଳୁ ହୋମଗାର୍ଡ, ଯୁବକଙ୍କ ମୃତଦେହ ଜବତ

ନନ୍ଦପୁର,୮।୨ (ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର-ହାଣ୍ଡିପୁଟ ସଂଯୋଗୀ ଏମ୍‌ଡିଆର ୫୫ ରାସ୍ତା ଖିଲୁଆ ପେଟିଆବାଡ଼ ପୋଲତଳ ପାଣିରୁ ଥାନାର ହୋମଗାର୍ଡ ଓ ଜଣେ ଯୁବକଙ୍କ ମୃତଦେହ ରବିବାର ଜବତ କରାଯାଇଛି। ଅଗ୍ନିଶମ ବାହିନୀ ସହାୟତାରେ ଏକ ବାଇକ ମଧ୍ୟ ଜବତ କରାଯାଇଛି। ମୃତକମାନେ ହେଲେ ହୋମଗାର୍ଡ ଭଗବାନ ଖରା ଓ ହିକିମପୁଟ ଗ୍ରାମର ଉଗ୍ରସେନ ପାଙ୍ଗି(୩୩)।



ଭଗବାନ ଖରା ଓ ଉଗ୍ରସେନ ପାଙ୍ଗୀ।

ସୂଚନାନୁଯାୟୀ, ଶନିବାର ହୋମଗାର୍ଡ ଭଗବାନ ଡ୍ୟୁଟି ସାରି ରାତି ୮ଟାରେ ନୀଳ ଦୋରାପୁଟ ଘରକୁ ଫେରିବାକୁ ନନ୍ଦପୁର ବସ୍‌ଷ୍ଟାଣ୍ଡରେ ଅପେକ୍ଷା କରିଥିଲେ। ଏହି ସମୟରେ ଉଗ୍ରସେନ ଦାମନଯୋଡ଼ିରୁ କାମ ସାରି ବାଇକ ଯୋଗେ ଫେରୁଥିଲେ। ବସ୍‌ଷ୍ଟାଣ୍ଡରେ କିଛି ଜିନିଷ କିଣୁଥିବା ବେଳେ ଉଭୟଙ୍କ ଦେଖା ହୋଇଥିଲା। ଉଭୟ ବାଇକ ଯୋଗେ ନନ୍ଦପୁରରୁ ବାହାରିଥିଲେ। କିନ୍ତୁ ରାତିରେ ଘରକୁ ନ ଫେରିବାରୁ ପରିବାର ଲୋକେ ରବିବାର ସକାଳୁ ଖୋଜାଖୋଜି କରି ନନ୍ଦପୁର ଥାନାରେ ନିଖୋଜ ଅଭିଯୋଗ କରିଥିଲେ। ପୋଲିସ ଦିନତମାମ ବସ୍‌ଷ୍ଟାଣ୍ଡରୁ ୫ କି.ମି. ଦୂର ହିକିମପୁଟ ଯାଏ ରାସ୍ତାକଡ଼ର ସମସ୍ତ ସିସିଟିଭି ଯାଞ୍ଚ କରିଥିଲା। ଏକାଧିକ ସିସିଟିଭିରେ ଉଭୟ ବାଇକ ଯୋଗେ ଯାଉଥିବା ଦେଖିବାକୁ ମିଳିଥିଲା। ହିକିମପୁଟ ଅଞ୍ଚଳର ସିସିଟିଭିରେ ୨ ନିଖୋଜ ନଜର ନ ଆସିବାରୁ ପୋଲିସ ସନ୍ଦେହ କରି ରାସ୍ତାକଡ ନାଳ ଓ ପୋଲ ତଳ ଯାଞ୍ଚ କରିଥିଲା। ଖିଲୁଆ ପେଟିଆବାଡ ପୋଲ ତଳେ ଏକ ହେଲମେଟ ଭାସୁଥିବା ଦେଖି ଏସ୍‌ଡିପିଓ ଦେବେନ୍ଦ୍ର ମଲ୍ଲିକ, ଥାନାଧିକାରୀ ତ୍ରିନାଥ ତୋଟାପାଡିଆ, ଏସ୍‌ଆଇ ବେଦୋବର ସାହୁ, ଏଏସ୍‌ଆଇ ଗୁପ୍ତେଶ୍ୱର ଗଉଡ, ଅଗ୍ନିଶମ ବାହିନୀ ଏଏସଓ ହେମନ୍ତ କୁମାର ସାମଲଙ୍କ ନେତୃତ୍ୱାଧୀନ ଟିମ୍ ପୋଲତଳ ପାଣି ଭିତରେ ଯାଞ୍ଚ କରିଥିଲେ। ପାଣି ଭିତରୁ ୨ ମୃତଦେହ ଓ ବାଇକ ଜବତ କରାଯାଇଥିଲା। ରାସ୍ତା ଉପରେ ବାଇକର ଭଙ୍ଗା ହେଡଲାଇଟ ମିଳିଥିବାରୁ ଦୁର୍ଘଟଣା ଘଟି ଉଭୟ ପୋଲ ତଳକୁ ଖସି ପଡ଼ିଥିବା ପୋଲିସ ସନ୍ଦେହ କରୁଛି। ମୃତଦେହ ବ୍ୟବଚ୍ଛେଦ ପରେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଥାନାଧିକାରୀ ତୋଟାପାଡ଼ିଆ ସୂଚନା ଦେଇଛନ୍ତି। ୨ ମୃତଦେହ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଶବ ସଂରକ୍ଷିତ ଘରେ ରଖି ତଦନ୍ତ କରାଯାଉଛି। ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଏସ୍‌ଡିପିଓ ମଲ୍ଲିକ ସୂଚନା ଦେଇଛନ୍ତି।

# ରାତିରେ ଖସୁଛି ପାରଦ, ଦିନରେ ତାତି

ଭୁବନେଶ୍ୱର, ୮।୨ (ବନ୍ଦନା ସେଠୀ)

ରାଜ୍ୟରେ ହଠାତ୍ ପାରଦ ତଳମୁହାଁ ହୋଇଛି। ଫଳରେ ଏବେ ରାତିରେ ଶୀତ ଓ ଦିନରେ ଖରାତାତି ଅନୁଭୂତ ହେଉଛି। ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ପ୍ରାୟ ୨ରୁ ୩ ଡିଗ୍ରୀ ହ୍ରାସ ପାଇଛି। ସେହିଭଳି ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ତାପମାତ୍ରା ସ୍ୱାଭାବିକଠାରୁ ପ୍ରାୟ ୫ରୁ ୬ ଡିଗ୍ରୀ ସେଲ୍‌ସିୟସ କମ୍ ଏବଂ ଦକ୍ଷିଣ ଉପକୂଳ ଓଡ଼ିଶାର କିଛି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ସ୍ୱାଭାବିକଠାରୁ ପ୍ରାୟ ୩ ରୁ ୪ ଡିଗ୍ରୀ କମ୍ ରହିଛି। ଗତ ୨୪ ଘଣ୍ଟାରେ ୬ଟି ଅଞ୍ଚଳର ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିଲା। ଜି.ଉଦୟଗିରିରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୫.୬ ଡିଗ୍ରୀ ଓ ପାରଳାଖେମୁଣ୍ଡିରେ ସର୍ବାଧିକ ୩୩.୬ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିଲା। ତେବେ ଆସନ୍ତା ୪/ ୫ ଦିନ ମଧ୍ୟରେ ସର୍ବନିମ୍ନ ତାପମାତ୍ରା ୨ରୁ ୪ ଡିଗ୍ରୀ ବୃଦ୍ଧି ପାଇବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲାରେ ହାଲୁକାରୁ ମଧ୍ୟମ ଧରଣର କୁହୁଡି ଦେଖାଦେବା ନେଇ ପୂର୍ବାନୁମାନ କରାଯାଇଛି। ସୋମବାର ଖୋର୍ଦ୍ଧା, ଗଜପତି, ଗଞ୍ଜାମ, କଟକ, ପୁରୀ, କେନ୍ଦ୍ରାପଡ଼ା ଏବଂ ଜଗତ୍‌ସିଂହପୁର ଜିଲାର ବିଭିନ୍ନ ସ୍ଥାନରେ କୁହୁଡ଼ି ଦେଖାଦେବ। ସେହିପରି ମଙ୍ଗଳବାର ଗଜପତି, ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, ପୁରୀ, କଟକ, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଏବଂ ବୁଧବାର ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, ପୁରୀ, କଟକ, ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାରେ କୁହୁଡ଼ି ଦେଖାଦେବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# କାର୍ -ଟ୍ରକ୍ ମୁହାଁମୁହିଁ ଧକ୍କା: ରୋଗୀଙ୍କ ସମେତ ୨ ମୃତ, ୫ ଗୁରୁତର

ଟିକିଟି,୮।୨(ପ୍ରକାଶ ଚନ୍ଦ୍ର ସାହୁ)

ଜଣେ ଗୁରୁତର ରୋଗୀଙ୍କୁ ପରିବାର ଲୋକେ ବ୍ରହ୍ମପୁର ବଡ଼ ମେଡିକାଲରୁ କାର୍‌ରେ ବିଶାଖାପାଟଣା ନେଉଥିବା ବେଳେ ଟ୍ରକ୍ ସହ ମୁହଁମୁହିଁ ଧକ୍କା ହୋଇଛି। ଏଥିରେ ରୋଗୀ ଓ ଅନ୍ୟ ଜଣଙ୍କର ମୃତ୍ୟୁ ଘଟିଛି। କାର୍ ଡ୍ରାଇଭରଙ୍କ ସମେତ ୫ ଜଣ ଗୁରୁତର ହୋଇଛନ୍ତି। ରବିବାର ଅପରାହ୍ନ ପ୍ରାୟ ୩ଟାରେ ଆନ୍ଧ୍ର ସୀମାନ୍ତ ପଲାସା-ଟାକେଲି ମଧ୍ୟସ୍ଥ ନନ୍ଦିଗାଁ ନିକଟରେ ଏହି ଦୁର୍ଘଟଣା ହୋଇଛି। ୨ ମୃତକ ହେଲେ ଡବ୍ଲ୍ୟୁ. ଡାଲେଆ (୪୦) ଓ ଡବ୍ଲ୍ୟୁ. ମଇନା (୪୫)। ଡବ୍ଲ୍ୟୁ. ମୁଡିଆମା (୩୮), ଡବ୍ଲ୍ୟୁ. ନୀଳାଦ୍ରି(୨୫), ଡି. ରାମା ରାଓ (୩୦), ବି. ଚନ୍ଦ୍ର ମଣି (୩୩) ଏବଂ ଡ୍ରାଇଭର ପି. ଏଙ୍କେଟେସ (୪୦) ଗୁରୁତର ହୋଇଛନ୍ତି। ଏହି ଦୁର୍ଘଟଣା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି।

ପାତି ସୁନପୁର ଗ୍ରାମର ଡାଲେଆ ଅସୁସ୍ଥ ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆଯାଇଥିଲା। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ଅନ୍ୟ ମେଡିକାଲ ନେବା ପାଇଁ ପରାମର୍ଶ ଦେଇଥିଲେ। ପରିବାର ଲୋକେ ଏକ କାର୍ ଭଡାକରି ତାଙ୍କୁ ବିଶାଖାପାଟଣାସ୍ଥିତ ଏକ ଘରୋଇ ମେଡିକାଲକୁ ନେଉଥିଲେ। ବାଟରେ ନନ୍ଦିଗାଁ ନିକଟରେ ଉକ୍ତ କାର୍ ସହ ଟ୍ରକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ରୋଗୀ ଡାଲେଆ ଓ ତାଙ୍କ ପରିବାରର ମଇନାଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ଗୁରୁତର ଆହତମାନଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିବା ଜଣାପଡିଛି। ଟାକେଲି ପୋଲିସ ଦୁର୍ଘଟଣାଗ୍ରସ୍ତ କାର ଓ ଟ୍ରକ୍‌କୁ ଜବତ କରିବା ସହ ୨ ମୃତଦେହ ବ୍ୟବଚ୍ଛେଦ ପାଇଁ ମେଡିକାଲକୁ ପଠାଇଛି।

# ରାଜନୈତିକ ଉଦ୍ଦେଶ୍ୟ ରଖି ଫସାଇ ଦିଆଯାଇଛି: ବିକ୍ରମ

## ପୀତବାସ ପଣ୍ଡା ହତ୍ୟା ମାମଲା

### ଏମ୍‌କେସିଜିରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଜେଲ ଫେରିଲେ ପୂର୍ବତନ ବିଧାୟକ

ବ୍ରହ୍ମପୁର,୮।୨(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁରର ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ହୋଇ ବ୍ରହ୍ମପୁର ଜେଲରେ ଥିବା ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କୁ ରବିବାର ଏମ୍‌କେସିଜି ମେଡିକାଲକୁ ଅଣାଯାଇଥିଲା। ତାଙ୍କୁ ପୋଲିସର କଡ଼ା ସୁରକ୍ଷା ବଳୟରେ ମେଡିକାଲ ଆଉଟଡୋର୍‌କୁ ଅଣାଯାଇଥିଲା। ତାଙ୍କର ଉଚ୍ଚ ରକ୍ତଚାପ, ଅର୍ଶ ଓ ଗଲ ବ୍ଲାଡରରେ ଚିକିତ୍ସା ଆବଶ୍ୟକ ପଡୁଥିବା ଓପିଡିରେ ଡାକ୍ତର ପରାମର୍ଶ ଦେଇଥିଲେ। ପ୍ରଥମେ ମେଡିସିନ ବିଭାଗ ଡାକ୍ତର ଓ ପରେ ସର୍ଜରୀ ଏବଂ ଦନ୍ତ ବିଭାଗ ଡାକ୍ତର ବିକ୍ରମଙ୍କ ଚିକିତ୍ସା କରିଥିଲେ। ଚିକିତ୍ସା ପରେ ତାଙ୍କୁ ପୋଲିସ ଭ୍ୟାନକୁ ନିଆଯାଉଥିବା ବେଳେ ସେ କହିଛନ୍ତି, ମୁଁ ନିର୍ଦ୍ଦୋଷ, ମୋତେ ଫସାଇ ଦିଆଯାଇଛି। ବିଜେଡିକୁ ବଦନାମ କରିବାକୁ ଷଡ଼ଯନ୍ତ୍ର କରାଯାଇଛି। ମାମଲାରେ ରାଜନୈତିକ ସମ୍ପୃକ୍ତି ରହିଛି। ନ୍ୟାୟିକ ବ୍ୟବସ୍ଥାରେ ବିଶ୍ୱାସ ରହିଛି, ମୋତେ ନିଶ୍ଚୟ ନ୍ୟାୟ ମିଳିବ। ମହାପ୍ରଭୁ ଜଗନ୍ନାଥ ମୋ ସହ ଅଛନ୍ତି ବୋଲି ସେ କହିଛନ୍ତି। କିଏ ଫସାଇଛନ୍ତି, ଜନସାଧାରଣ ସବୁ ଜାଣିଛନ୍ତି ବୋଲି ଖବରଦାତାଙ୍କ ପ୍ରଶ୍ନରେ ଉତ୍ତର ଦେଇ ବିକ୍ରମ କହିଛନ୍ତି।



ଏମ୍‌କେସିଜି ମେଡିକାଲରେ ବିକ୍ରମ ପଣ୍ଡା।

ତେବେ ବିକ୍ରମ ପୂର୍ବରୁ ୨ ଥର କୋର୍ଟରେ ହାଜର ହେବା ସମୟରେ କୌଣସି ପ୍ରତିକ୍ରିୟା ରଖି ନ ଥିବା ବେଳେ ଏବେ ଗଣମାଧ୍ୟମରେ ବିସ୍ଫୋରକ ବୟାନ ଦେବା ପରେ ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ପୀତବାସ ହତ୍ୟା ମାମଲାରେ ବିକ୍ରମଙ୍କ ସମେତ ବ୍ରହ୍ମପୁରର ପୂର୍ବତନ ମେୟର ଶିବ ଶଙ୍କର ଦାଶ ଓରଫ ପିଣ୍ଟୁଙ୍କ ସମେତ ୧୬ ଜଣଙ୍କୁ ପୋଲିସ ପର୍ଯ୍ୟାୟକ୍ରମେ ଗିରଫ କରିବା ପରେ ସେମାନଙ୍କୁ ଜେଲ ପଠାଯାଇଛି।

ପୂର୍ବରୁ ଅଭିଯୁକ୍ତମାନେ କୋର୍ଟରେ ଜାମିନ ଆବେଦନ କରିଥିବା ବେଳେ ତାହା ଖାରଜ ହୋଇସାରିଛି। ଆସନ୍ତା ୯ ତାରିଖରେ ସମସ୍ତ ଅଭିଯୁକ୍ତ ଜିଲା ଜଜ୍ କୋର୍ଟରେ ହାଜର ହେବା ପାଇଁ କୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି। ପରେ ଏହି ମାମଲାର ବିଚାର ଏଡିଜେ-୩ କୋର୍ଟରେ ହେବା ସହ ଚାର୍ଜଫ୍ରେମ ହୋଇ ବିଚାର ଆରମ୍ଭ ହେବ ବୋଲି ଜଣାପଡିଛି।

10001/23/2526



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଫାଇଲେରିଆ ନିରାକରଣ ନିମନ୍ତେ ସାମୂହିକ ଔଷଧ ସେବନ

୧୦ - ୧୯ ଫେବୃଆରୀ ୨୦୨୬

ଏଥର ବଲାଙ୍ଗିର, ବରଗଡ଼, ଗଞ୍ଜାମ, ଢ଼େଙ୍କାନାଳ ଓ ଯାଜପୁର ଆଦି ୫ଟି ଜିଲ୍ଲାର ୭ଟି ବ୍ଲକ୍/ସହରାଞ୍ଚଳରେ ଏହି କାର୍ଯ୍ୟକ୍ରମ ହେବ

- ଫାଇଲେରିଆ ନିରୋଧକ ଏବଂ କୃମିନାଶକ ଔଷଧ ସେବନ ବ୍ୟକ୍ତିର ସୁସ୍ୱାସ୍ଥ୍ୟ ସୁନିଶ୍ଚିତ କରିବା ସହ ସମାଜରୁ ଫାଇଲେରିଆ ରୋଗ ଦୂର କରିବା ପାଇଁ ଗୋଟିଏ ପାଦ ଆଗକୁ ବଢ଼ାଏ
- ଫାଇଲେରିଆ ନିରୋଧକ ଔଷଧ ସହ କୃମିନାଶକ ଔଷଧ ମଧ୍ୟ ଏକସଙ୍ଗେ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦିଆଯିବ
- ଗର୍ଭବତୀ ମହିଳା, ୨ ବର୍ଷରୁ କମ୍ ବୟସର ଶିଶୁ ଏବଂ ଗୁରୁତର ଅସୁସ୍ଥ ଥିବା ବ୍ୟକ୍ତିଙ୍କୁ ଏ ଔଷଧ ଖାଇବା ମନା
- ଆଶାକର୍ମୀ କିମ୍ବା ତାଲିମ୍ ପ୍ରାପ୍ତ ସ୍ୱେଚ୍ଛାସେବୀମାନେ ଘର, ସ୍କୁଲ, କଲେଜ ଓ ଅଫିସ୍‌କୁ ଆସି ଏହି ଔଷଧ ଖୁଆଇବେ

OIPR-10001/10003/2/25-26/0013

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/

ଧରିତ୍ରୀ 52 Years

# ଧରିତ୍ରୀ
DHARITRI







କଟକ ବାଲିଯାତ୍ରା ଉପର ପଡ଼ିଆରେ ଚାଲିଥିବା ବାରବାଟୀ ଶିଶିର ମେଳାରେ ମୁଖ୍ୟ ଆକର୍ଷଣ ସାଜିଥିବା 'ଜଳପରୀ'। **(ଫଟୋ: ରାଜକିଶୋର ମହାନ୍ତି)**

## ପ୍ଲସ୍‌୨ ପରୀକ୍ଷା: କପି ରୋକିବାକୁ ଦୁଇସ୍ତରୀୟ କଡ଼ା ଯାଞ୍ଚ

ଭୁବନେଶ୍ୱର,୮।୨(ସୁଚିସ୍ମିତା ସାହୁ)

ପ୍ଲସ୍ ୨ ପରୀକ୍ଷାରେ କପିକୁ ଆଦୌ ପ୍ରଶ୍ରୟ ଦିଆଯିବ ନାହିଁ। ପ୍ରବେଶ ପଥରେ ହିଁ ଛାତ୍ରୀଛାତ୍ରଙ୍କୁ ଦୁଇସ୍ତରରେ କଡାକଡି ଭାବେ ଯାଞ୍ଚ କରାଯିବ। ପରୀକ୍ଷା କେନ୍ଦ୍ର ଭିତରକୁ ଯେପରି ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଯାଇ ନ ପାରିବ ସେଥିପାଇଁ ପରୀକ୍ଷାର୍ଥୀଙ୍କ ଶରୀର ଯାଞ୍ଚ ଉପରେ ଗୁରୁତ୍ୱ ଦିଆଯାଇଛି। ସ୍ୱତନ୍ତ୍ର କପଡ଼ା ତିଆରି କୋଠରୀରେ ଛାତ୍ରୀଙ୍କୁ ପୁରୁଷ ଓ ଛାତ୍ରୀଙ୍କୁ ମହିଳା ପରୀକ୍ଷା ନିରୀକ୍ଷକମାନେ ଯାଞ୍ଚ କରିବେ। ପରୀକ୍ଷା ସହିତ ଜଡ଼ିତ ନ ଥିବା କୌଣସି ବ୍ୟକ୍ତି ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରିପାରିବେ ନାହିଁ। ପରୀକ୍ଷା ଆରମ୍ଭର ଅଧଘଣ୍ଟା ପୂର୍ବରୁ ପରୀକ୍ଷାର୍ଥୀମାନେ ହଲ୍‌କୁ ପ୍ରବେଶ କରିବେ। ୧୫ ମିନିଟ ପୂର୍ବରୁ ହିଁ ପିଲାମାନେ ନିଜ ସିଟ୍‌ରେ ବସିବେ ବୋଲି କଡା ନିର୍ଦ୍ଦେଶନାମା ଜାରି କରାଯାଇଛି। ସେହିପରି ପରୀକ୍ଷା ସମୟରେ ସୁରକ୍ଷା ପାଇଁ ବ୍ୟାପକ ପୋଲିସ୍ ମୁତୟନ ହେବେ। ହବ୍‌ରେ ପ୍ରଶ୍ନପତ୍ର ସୁରକ୍ଷା ପାଇଁ ୨୪ ଘଣ୍ଟିଆ ବନ୍ଧୁକଧାରୀ ପୋଲିସ ରହିବେ। ହବ୍‌ରୁ ପ୍ରଶ୍ନପତ୍ର ବାହାରି ପରୀକ୍ଷା କେନ୍ଦ୍ରକୁ ପହଞ୍ଚାଇବା ସମୟରେ ମଧ୍ୟ ପୋଲିସ କଡ଼ା ସୁରକ୍ଷା ପ୍ରଦାନ କରିବ। ହବଗୁଡିକ ସହିତ ପରୀକ୍ଷା କେନ୍ଦ୍ରର ସୁରକ୍ଷା ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ।




# ଟ୍ରେଡ୍ ଡିଲ୍‌କୁ ବିରୋଧ, ୧୨ରେ 'ଭାରତ ବନ୍ଦ'

ଆମେରିକା ସହ ଭାରତର ବହୁପ୍ରତୀକ୍ଷିତ ଟ୍ରେଡ୍ ଡିଲ୍ ମାର୍ଚ୍ଚ ଶେଷ ସୁଦ୍ଧା ସମ୍ପନ୍ନ ହେବାକୁ ଯାଉଛି। ଉଭୟ ପକ୍ଷ ଶନିବାର ଏକ ମିଳିତ ଘୋଷଣାନାମାରେ ଏହାର ରୂପରେଖ ଜାରି କରିଛନ୍ତି। ଉକ୍ତ ବୁଝାମଣା ଦ୍ୱାରା ଭାରତୀୟ ବଜାରକୁ ପୁଞ୍ଜିନିବେଶର ସୁଅ ଛୁଟିବା ସହ ଦେଶରେ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ କହି କେନ୍ଦ୍ର ଯୁକ୍ତି ବାଢୁଥିବାବେଳେ ଏହା ଏକ ଟ୍ରେଡ୍ ଡିଲ୍ ନୁହେଁ, ବରଂ ଆମେରିକା ଚାପରେ ସରକାରଙ୍କ 'ସମ୍ପୂର୍ଣ୍ଣ ଆତ୍ମସମର୍ପଣ' ବୋଲି କୃଷକ ସଙ୍ଗଠନଗୁଡ଼ିକ ଅଭିହିତ କରିଛନ୍ତି। ଏହି ଡିଲ୍‌ରେ ଭାରତୀୟ ଚାଷୀ ଓ ଶ୍ରମିକମାନଙ୍କ ସ୍ୱାର୍ଥକୁ ବଳି ପକାଯାଇଥିବା ଅଭିଯୋଗ ଆଣି କୃଷକ ସଙ୍ଗଠନ ଏବଂ ଟ୍ରେଡ୍ ୟୁନିୟନ୍‌ଗୁଡ଼ିକ ପକ୍ଷରୁ ଫେବୃଆରୀ ୧୨ରେ 'ଭାରତ ବନ୍ଦ' ଡାକରା ଦିଆଯାଇଛି। ଏହି ଦିନ ଦେଶବ୍ୟାପୀ ଧର୍ମଘଟ ସହ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶ ପୁତ୍ତଳିକା ଦାହ କରାଯିବ ବୋଲି ରବିବାର ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍‌କେଏମ୍), ଅଲ୍ ଇଣ୍ଡିଆ କିଷାନ ସଭା (ଏଆଇକେଏସ୍) ଓ ଅନ୍ୟ ସଙ୍ଗଠନଗୁଡ଼ିକ ଏକ ବିବୃତିରେ ସୂଚନା ଦେଇଛନ୍ତି।

- **ଆମେରିକା ସହ ବାଣିଜ୍ୟ ଚୁକ୍ତି କେନ୍ଦ୍ରର ସମ୍ପୂର୍ଣ୍ଣ ଆତ୍ମସମର୍ପଣ: କୃଷକ ସଙ୍ଗଠନ**
- **୫୦୦ ବିଲିୟନ୍ ଡଲାର ମୂଲ୍ୟର ଆମଦାନୀ ଲକ୍ଷ୍ୟ ବଡ଼ ନୁହେଁ: ଗୋୟଲ**

ନୂଆଦିଲ୍ଲୀ,୮।୨(ଏଜେନ୍ସି)

ଭାରତୀୟ ଚାଷୀମାନେ ଏମ୍.ଏସ୍. ସ୍ୱାମୀନାଥନ୍ କମିଟି ସୁପାରିସ ଅନୁସାରେ ଦୀର୍ଘବର୍ଷ ଧରି ନିଜ ଉତ୍ପାଦିତ ସବୁ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ପ୍ରଦାନର ଆଇନଗତ ଗ୍ୟାରେଣ୍ଟି ସହ କୃଷିଋଣ ଛାଡ଼ ପାଇଁ ଦାବି କରିଆସୁଛନ୍ତି। ସେହିପରି ଶିଳ୍ପ ପାଇଁ ଜମି ଅଧିଗ୍ରହଣ, ଚାଷ ଖର୍ଚ୍ଚ ବୃଦ୍ଧିକୁ ନେଇ ଚିନ୍ତିତ ଚାଷୀକୁଳ ଫସଲ ନଷ୍ଟ ହେଲେ ଅଧିକ କ୍ଷତିପୂରଣ ଦେବାକୁ ମଧ୍ୟ ଦାବି କରୁଛନ୍ତି। ଏଭଳି ସମୟରେ ଭାରତ ଓ ଆମେରିକା ମଧ୍ୟରେ ଆସନ୍ତା ମାର୍ଚ୍ଚ ଶେଷ ସୁଦ୍ଧା ଅନ୍ତରୀଣ ବାଣିଜ୍ୟିକ ଚୁକ୍ତି ସମ୍ପନ୍ନ ହେବାକୁ ଯାଉଛି। କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଏହି ଡିଲ୍‌କୁ କୃଷକଙ୍କ ସ୍ୱାର୍ଥ ପରିପନ୍ଥୀ ବୋଲି ଅଭିହିତ କରିଛନ୍ତି। ଆମେରିକାରୁ ଭାରତକୁ ଆସିବାକୁ ଥିବା କୃଷି ଉତ୍ପାଦଗୁଡ଼ିକ ଉପରେ ନୂଆଦିଲ୍ଲୀ ଆଦୌ ଆମଦାନୀ ଶୁଳ୍କ କଷିବ ନାହିଁ। ଏପରି ହେଲେ ଆମେରିକୀୟ ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକ ଭାରତୀୟ ବଜାରରେ ଅନାୟାସରେ ପ୍ରବେଶ କରିବେ। ଫଳରେ ଘରୋଇ ବଜାରରେ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବ ଏବଂ ଦେଶର ଚାଷୀ ସେମାନଙ୍କ ଖାଦ୍ୟଶସ୍ୟ, ଦୁଗ୍ଧଜାତ ସାମଗ୍ରୀ, ସୋୟାବିନ୍ ଅଏଲ୍ ଆଦି କମ୍ ଦାମରେ ବିକ୍ରି କରିବାକୁ ବାଧ୍ୟ ହେବେ ବୋଲି ବିରୋଧୀ

☞ପୃଷ୍ଠା-୪

# ଥାର୍ ପରେ ଆମ୍ବୁଲାନ୍ସ ଦୁର୍ନୀତି

**ଖୁବ୍‌ଶୀଘ୍ର ତଦନ୍ତ ହେବ: ସ୍ୱାସ୍ଥ୍ୟମନ୍ତ୍ରୀ**

ଭୁବନେଶ୍ୱର,୮।୨(ରବିନାରାୟଣ ଜେନା)

ରାଜ୍ୟରେ ଏବେ ଗୋଟିଏ ପରେ ଗୋଟିଏ ଗାଡ଼ି କିଣା ଦୁର୍ନୀତି ଲୋକଲୋଚନକୁ ଆସୁଛି। କିଛିଦିନ ପୂର୍ବରୁ ଜଙ୍ଗଲ ଓ ପରିବେଶ ବିଭାଗରେ ଥାର୍ ଗାଡ଼ି କିଣାରେ ଦୁର୍ନୀତି ଅଭିଯୋଗ ନେଇ ମହାଲେଖାକାର (ଏଜି)ଙ୍କ ପକ୍ଷରୁ ତଦନ୍ତ ପ୍ରକ୍ରିୟା ଜାରି ରହିଥିବାବେଳେ ଏବେ ସ୍ୱାସ୍ଥ୍ୟବିଭାଗରେ ଆମ୍ବୁଲାନ୍ସ କିଣାରେ ମହାଦୁର୍ନୀତି ଅଭିଯୋଗ ଆସିଛି। ତେବେ ଏହି ଦୁର୍ନୀତି ଟିକେ ପୁରୁଣା, ପୂର୍ବ ସରକାର ସମୟରେ ଯେଉଁ ଆମ୍ବୁଲାନ୍ସ ଗୋଟାକ ୨୬ଲକ୍ଷରୁ ଊର୍ଦ୍ଧ୍ୱ ତଥା ୩୦ଲକ୍ଷ ଟଙ୍କାରେ କିଣାଯାଇଥିଲା, ତାହା ଏବେ ପ୍ରାୟ ୨୨ଲକ୍ଷ ଟଙ୍କାରେ କିଣା ଯାଇଛି। ବିଭାଗରେ ଏଭଳି ବ୍ୟତିକ୍ରମକୁ ନେଇ ପାୱାର କରିଡରରେ ଚର୍ଚ୍ଚା ଜୋର ଧରିଛି।

ରାଜ୍ୟବାସୀଙ୍କୁ ହାତ ପାଆନ୍ତାରେ ସ୍ୱାସ୍ଥ୍ୟସେବା କିଭଳି ମିଳିବ ତାକୁ ନେଇ ସ୍ୱାସ୍ଥ୍ୟ ବିଭାଗରେ ମାଳ ମାଳ ଯୋଜନା। 'ଖୁସି'ଠାରୁ ଆରମ୍ଭ କରି ଜରୁରିକାଳୀନ ସେବା ଆମ୍ବୁଲାନ୍ସ ପର୍ଯ୍ୟନ୍ତ ବହୁବିଧ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ହେଲେ ଯୋଜନା ନାଁରେ ପୂର୍ବ ସରକାର କିଭଳି ଆର୍ଥିକ ଅନିୟମିତତା କରିଛନ୍ତି ତା'ର ଏକ ଜ୍ୱଳନ୍ତ ପ୍ରମାଣ ହାତରେ ଲାଗିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ୧୩ ବର୍ଷ ମଧ୍ୟରେ ୩୫୫କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଆମ୍ବୁଲାନ୍ସ କିଣା ଯାଇଛି। ହେଲେ ପୂର୍ବବର୍ଷରେ ଆମ୍ବୁଲାନ୍ସ ଯେଉଁ ଦରରେ କିଣା ଯାଉଥିଲା ତାହା ଏବେ ଏକଚତୁର୍ଥାଂଶ କମ୍ ଦରରେ କିଣା ଯାଇ ପାରୁଛି। ଗୋଟିଏ ପଟେ ଡଲାର ମୂଲ୍ୟ ୧ଟଙ୍କା ତୁଳନାରେ ୯୦ରୁ ଊର୍ଦ୍ଧ୍ୱ ଟଙ୍କା ରହୁଥିବାବେଳେ ସ୍ୱାସ୍ଥ୍ୟ ବିଭାଗରେ କିଭଳି ବିପୁଳ ପରିମାଣର ଆର୍ଥିକ ଅନିୟମିତତା ହୋଇଛି ସେନେଇ ବିଭାଗର ଜଣେ ବରିଷ୍ଠ ଅଧିକାରୀ ନିଜ ନାମ ଗୋପନ ରଖି ଅଭିଯୋଗ କରିଛନ୍ତି।

ତଥ୍ୟ ଅନୁଯାୟୀ, ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୩ରୁ ଆମ୍ବୁଲାନ୍ସ କିଣା ପ୍ରକ୍ରିୟା ଆରମ୍ଭ ହୋଇଛି। ଉକ୍ତ ବର୍ଷ ୨୮୦ଟି ଆମ୍ବୁଲାନ୍ସ ପ୍ରଥମ ପର୍ଯ୍ୟାୟରେ କିଣାଯାଇଥିଲା। ବିଭାଗ ପକ୍ଷରୁ

☞ପୃଷ୍ଠା-୪



# ଆଜି କ'ଣ କେଉଁଠି

## କଟକ

- ୭୪ତମ ରାଜ୍ୟ ପୋଲିସ ଆଥ୍ଲେଟିକ ଚାମ୍ପିୟନଶିପ୍-୨୦୨୬ର ଦ୍ୱିତୀୟ ଦିବସ, ସ୍ଥାନ: ବକ୍ସିବଜାରସ୍ଥିତ ରିଜର୍ଭ ପୋଲିସ ଗ୍ରାଉଣ୍ଡ, ସମୟ: ପୂର୍ବାହ୍ନ ୮ଟା ୩୦।
- ରେଭେନ୍ସା ବିଶ୍ୱବିଦ୍ୟାଳୟର ୧୯ତମ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟନ, ସ୍ଥାନ: ବିଶ୍ୱବିଦ୍ୟାଳୟ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୯ଟା ୩୦।
- କଟକ ଜିଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି, ସ୍ଥାନ: ନିଶ୍ଚିନ୍ତକୋଇଲି ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସାବିତ୍ରୀ ମ୍ୟୁଜିକ ପକ୍ଷରୁ ଅଡିଓ ଉନ୍ମୋଚନ ଉତ୍ସବ, ସ୍ଥାନ: ପଞ୍ଚମୁଖୀ ହନୁମାନ ମନ୍ଦିର ପ୍ରାଙ୍ଗଣ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ବାବା ବୁଖାରୀ ଉର୍ସ କମିଟି ପକ୍ଷରୁ ବାର୍ଷିକ ଉର୍ସ ଉତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: ବାବା ବୁଖାରୀ ପୀଠ, ସମୟ: ଅପରାହ୍ନ ୪ଟା।
- ଚତୁର୍ଦ୍ଦଶ ଶିଶିର ମେଳାର ପଞ୍ଚମ ଦିବସ, ସ୍ଥାନ: ବାଲିଯାତ୍ରା ଉପର ପଡ଼ିଆ, ସମୟ: ଅପରାହ୍ନ ୫ଟା।
- ଜିଲା ପ୍ରଶାସନ ପକ୍ଷରୁ ସ୍ୱଦେଶୀ ଓ ସୁଭଦ୍ରା ଶକ୍ତିମେଳାର ଚତୁର୍ଥ ଦିବସ, ସ୍ଥାନ: ବାଲିଯାତ୍ରା ଉପର ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ପିଏମ୍‌ଶ୍ରୀ ମଣିଭଦ୍ର ସରକାରୀ ଉଚ୍ଚବିଦ୍ୟାଳୟ, ଗୋପାଳପୁର, ବାହାନଗା, ସମୟ: ସକାଳ ୯ଟା ୩୦।
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ରେମୁଣା, ସମୟ: ପୂର୍ବାହ୍ନ ୧୦ଟା।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୦ଟା।
- ସୁବର୍ଣ୍ଣ ଜୟନ୍ତୀ ସମାରୋହର ତୃତୀୟ ଦିବସ, ସ୍ଥାନ: ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ, ଜାମଶୂଳି, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଭାଗବତ କଥାମୃତ ପ୍ରବଚନ ସଭା, ସ୍ଥାନ: ଗୋଚ୍ଛାୟତ କମ୍ପ୍ଲେକ୍ସ, ରୂପ୍‌ସା, ସମୟ: ସନ୍ଧ୍ୟା ୬ଟା।
- ବାରିଙ୍ଗିଆ ମହୋତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ବାରିଙ୍ଗିଆ ଗ୍ରାମ ପଡ଼ିଆ, ଖଇରା, ସମୟ: ସନ୍ଧ୍ୟା ୬ଟା।
- ରୂପ୍‌ସା ମହୋତ୍ସବର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ପୋଡାଡିହା ମହୋତ୍ସବ ପଡ଼ିଆ, ରୂପ୍‌ସା, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ହସନାବାଦ ପଞ୍ଚାୟତ କଲ୍ୟାଣ ମଣ୍ଡପ, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ

- ବିଶାଳ ହିନ୍ଦୁ ସମ୍ମିଳନୀ,ସ୍ଥାନ:ଚିତ୍ରଡ଼ା ଜଗନ୍ନାଥ ମନ୍ଦିର ପଡ଼ିଆ, ମୋରଡ଼ା, ସମୟ: ସକାଳ ୮ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ: ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ରାଇରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।
- ମେଘାସନୀ ମହୋତ୍ସବ ଓ ସୁଭଦ୍ରା ଶକ୍ତି ମେଳା,ସ୍ଥାନ: କଲେଜ ପଡ଼ିଆ ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ବାଥୁଡ଼ି ସାଂସ୍କୃତିକ ସମାଜର ଦୁଇ ଦିବସୀୟ ବାର୍ଷିକ ଉତ୍ସବ,ସ୍ଥାନ: ପାଟପୁର ଗ୍ରାମ ପଡ଼ିଆ, ଉଦଳା,ସମୟ:ଅପରାହ୍ନ ୪ ଟା।

## ଗଞ୍ଜାମ

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ବୁଗୁଡ଼ା ପଞ୍ଚାୟତ ସମିତି କାର୍ଯାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ବୁଦ୍ଧଖୋଲ କବିତା ଆସର, ସ୍ଥାନ: ବୁଗୁଡ଼ା ବୁଦ୍ଧଖୋଲ ମହୋତ୍ସବ ମଣ୍ଡପ,ସମୟ: ପୂର୍ବାହ୍ନ ୧୦ଟା।
- ବଳଦେବଜୀଉ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସର, ବୁଗୁଡା, ସମୟ: ପୂର୍ବାହ୍ନ ୧୧ ଟା।

## ଢେଙ୍କାନାଳ

- କଲ୍ୟାଣ ଜୁଏଲର୍ସ ସୋ'ରୁମ ଉଦ୍‌ଘାଟନ, ସ୍ଥାନ: ଗୁଡିଆନାଳୀ (ପେଟ୍ରୋଲ ପମ୍ପ ପାଖ), ସମୟ: ଅପରାହ୍ନ ସାଢେ ୪ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କଙ୍କଡ଼ାହାଡ଼ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର

- ବାଲିକୁଦା ବ୍ଲକ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବାଲିକୁଦା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- ଜିଲାସ୍ତରୀୟ ପ୍ରଶାସନିକ ଜନଶୁଣାଣି ଶିବିର, ସ୍ଥାନ:ପଞ୍ଚାୟତ ସମିତି କାର୍ଯ୍ୟାଳୟ, ମହାକାଳପଡା, ସମୟ:ପୂର୍ବାହ୍ନ ୧୦ଟା ।
- ହିନ୍ଦୁ ସମ୍ମିଳନୀ, ସ୍ଥାନ:ଶ୍ରୀରାମ ମନ୍ଦିର ପ୍ରାଙ୍ଗଣ, ପଚ୍ଚାମୁଣ୍ଡାଇ, ଅମରେଶ୍ୱର ମନ୍ଦିର ପ୍ରାଙ୍ଗଣ, ଗୋପ, କେନ୍ଦ୍ରାପଡା ସହର, ସମୟ: ସକାଳ ୯ଟା।
- ଯୁବ ଓଡ଼ିଶା ପକ୍ଷରୁ ଗରଦପୁର ଯୁବ ମହୋତ୍ସବ, ସ୍ୱଦେଶୀ ମେଳା ଓ ପ୍ରଦର୍ଶନୀ, ସ୍ଥାନ: ତହସିଲ ପଡିଆ, ଗରଦପୁର, ସମୟ: ସନ୍ଧ୍ୟା ୬ଟା ।
- ଚିତ୍ରୋତ୍ପଳା ମହୋତ୍ସବ, ସ୍ଥାନ: ବିଶ୍ୱେଶ୍ୱର ମହାଦେବ ମନ୍ଦିର, ଗରଦପୁର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ଜିଲାପାଳଙ୍କ ଜନଶୁଣାଣି ଶିବିର, ସ୍ଥାନ-ବରୀ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ଦ୍ୱାଦଶ ବାର୍ଷିକ ନବାହ୍ନ ପାରାୟଣ ମାନସ ପ୍ରବଚନ ଓ ଜ୍ଞାନଯଜ୍ଞର ସପ୍ତମ ଦିବସରେ ସୂର୍ଯ୍ୟପୂଜା ସହ ରାମ ଭରତ ମିଳନ ଓ ସୀତା ହରଣ ଉପରେ ପ୍ରବଚନ, ସ୍ଥାନ:ଖଣ୍ଡପଡା ବ୍ଲକ ମର୍ଦ୍ଦରାଜପୁର ଶ୍ରୀ ଶ୍ରୀ ମୁଣ୍ଡିଆ ହନୁମାନ ପୀଠ ମୁକ୍ତିକ୍ଷେତ୍ର, ଭୋର ୬ଟାରୁ ରାତି ୯ଟା ।
- ଭୈମୀ ଏକାଦଶୀ ମେଳାର ଦ୍ୱାଦଶ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସକାଳ ୭ଟା ।
- ଜାମାଲାଗି ବେଶର ୧୮ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା ।
- ଶ୍ରୀ ଶ୍ରୀ ଶିରିଡି ସାଇ ବାବାଙ୍କ ପ୍ରତିଷ୍ଠା ବାର୍ଷିକ ଉତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ନୟାଗଡ଼ ବ୍ଲକ ତୁଳସୀପୁର ସାଇ ମନ୍ଦିର, ସମୟ:ସକାଳ ୭ଟାରୁ ରାତ୍ର ୯ଟା ।
- ସିରିୟସ ଜୋନ୍ ନୟାଗଡ଼ ପକ୍ଷରୁ ନାଟକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ନିଜ ନିଜର ଆକାଶ, ସ୍ଥାନ: ନୟାଗଡ଼ ପଠାଣୀ ସାମନ୍ତ ଅଡିଟୋରିୟମ୍, ସମୟ: ସନ୍ଧ୍ୟା ୭ଟା ।
- ମଣ୍ଡଳସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ପ୍ରବୋଧନ, ସ୍ଥାନ: ଖଣ୍ଡପଡା ପିଏମ୍‌ଶ୍ରୀ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ,ସମୟ: ପୂର୍ବାହ୍ନ :୧୦ଟା ।
- ମଣ୍ଡଳସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ପ୍ରବୋଧନର ୨ୟ ପର୍ଯ୍ୟାୟ ଆରମ୍ଭ, ସ୍ଥାନ: ନୟାଗଡ଼ ପିଏମ୍‌ଶ୍ରୀ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ,ସମୟ: ପୂର୍ବାହ୍ନ :୧୦ଟା ।

## କୋରାପୁଟ

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ବୋରିଗୁମ୍ମା ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: କସନ୍ଦି ପଞ୍ଚାୟତ କାର୍ଯ୍ୟାଳୟ, ନନ୍ଦପୁର ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି ସଚେତନ ଶିବିର, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ଚାରାଙ୍ଗୁଲ, ସେମିଳିଗୁଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୫ଟା।

## ସମ୍ବଲପୁର

- ଜିଲା ପ୍ରଶାସନର ମିଳିତ ଜନ ଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ : ରେଙ୍ଗାଲି ବ୍ଲକ ପରିସର, ସମୟ : ପୂର୍ବାହ୍ନ ୧୦ଟା।
- ସମ୍ବଲପୁର ଶ୍ରମିକ କର୍ମଚାରୀ ସମନ୍ୱୟ ସମିତିର ଧର୍ମଘଟ ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ହୀରାକୁଦ କ୍ରୀଡା ସଂଘ ଆୟୋଜନରେ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟରେ ଅନୁଗୋଳ ପାତାକା ବନାମ ବରଗଡ଼ ୟୁନାଇଟେଡର ମ୍ୟାଚ, ସ୍ଥାନ : ସୁଭାଷ ମଇଦାନ, ସମୟ : ଅପରାହ୍ନ ୨ଟା।
- ସମ୍ବଲପୁର ଜିଲା ବରିଷ୍ଠ କ୍ରୀଡା ସଂଘ ପକ୍ଷରୁ ତୃତୀୟ ଆନ୍ତଃ ଜିଲା ଫୁଟବଲ ଟୁର୍ନାମେଣ୍ଟରେ ଦେବଗଡ଼ ବନାମ ବଲାଙ୍ଗୀର ଜିଲାର ମ୍ୟାଚ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା।

## ବଲାଙ୍ଗୀର

- ବିଜେଡି ପକ୍ଷରୁ ଗଣବିକ୍ଷୋଭ କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ସରକାରୀ ବସଷ୍ଟାଣ୍ଡ ସମ୍ମୁଖ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସଇଁତଲା, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ।

## ରାଉରକେଲା

- ଉଦ୍‌ଯାପନୀ ସନ୍ଧ୍ୟା,ଏନ୍‌ଆଇଟି ନିଟ୍ରୋତ୍ସବ, ସ୍ଥାନ: ସାକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।
- ଏଫ୍‌ଆଇଏଚ୍ ହକି ପୁରୁଷ ଦଳ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବିର୍ସାମୁଣ୍ଡା ହକି ଷ୍ଟାଡିୟମ୍ ଗେଟ୍ ନଂ. ୫, ସମୟ: ପୂର୍ବାହ୍ନ ୧୨ଟା ୨୦।
- କଥା ପ୍ରବଚନ ଉଦ୍‌ଯାପନୀ, ସ୍ଥାନ: ସେକ୍ଟର-୧୯ ଶିବ ମନ୍ଦିର, ସମୟ: ଅପରାହ୍ନ ୪ଟା।
- କଲ୍ୟାଣୀ କଳା କେନ୍ଦ୍ର ପକ୍ଷରୁ ଆଇ କ୍ୟାନ୍ ଡ୍ୟାନ୍ସ, ସ୍ଥାନ: ସିଭିକସେଣ୍ଟର, ସମୟ: ସନ୍ଧ୍ୟା ୬ଟା।
- ସୁନାଫୁଲ ସାହିତ୍ୟ ସଂସଦର ସଙ୍ଗୀତ ଓ ସାହିତ୍ୟ ସମାରୋହ,ସ୍ଥାନ: ସେକ୍ଟର-୫, ଭଞ୍ଜଭବନ ସମୟ: ସନ୍ଧ୍ୟା ୬ଟା ୩୦।
- ବିଶ୍ରାମୁଣ୍ଡା ହକି ଷ୍ଟାଡିୟମ୍‌ରେ ଇଣ୍ଡିଆ ଓ ବେଲଜିୟମ୍ ଦଳର ଖବରଦାତା ସମ୍ମିଳନୀ, ସ୍ଥାନ: ବିଶ୍ରାମୁଣ୍ଡା ହକି ଷ୍ଟାଡିୟମ, ଛେଣ୍ଡ, ସମୟ: ପୂର୍ବାହ୍ନ ୧୨ଟା ୩୦।

## ବରଗଡ଼

- ସି.କେ ନାଇଡୁ ଟ୍ରଫି, ସ୍ଥାନ:କ୍ରୀଷ୍ଟା ବିକାଶ ଗ୍ରାଉଣ୍ଡ, ବରଗଡ଼,ସମୟ:ସକାଳ ୯ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ଭଟଲି, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: ନର୍ଲା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ କଳାହାଣ୍ଡି ଗସ୍ତ, ସ୍ଥାନ: ଯୋଗମାୟା ସପ୍ତପୀଠ,କେସିଙ୍ଗା, ପୂର୍ବାହ୍ନ ୧୧ଟା।
- ସିଟିଜେନ ଫୋରମର ବାର୍ଷିକ ଦିବସ, ସ୍ଥାନ: ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଥିବା ଋଷି ସାହା ଭବନ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ବୌଦ୍ଧ

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣୀ ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ହରଭଙ୍ଗା ଚାରିଛକ, ସମୟ: ପୂର୍ବାହ୍ନ ୧୦ଟା।

## ସୁବର୍ଣ୍ଣପୁର

- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବିନିକା ବ୍ଲକ ବାଙ୍କିଘିର୍ଡି ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସିନାପାଲି, ସମୟ: ପୂର୍ବାହ୍ନ ୧୦ଟା।
- ୧୯ତମ ଆର୍‌ଏସ୍‌ସିସି କପ୍ କ୍ରିକେଟ ଟୁର୍ନାମେଣ୍ଟ ତୃତୀୟ ଦିବସ, ସ୍ଥାନ: କୋମନା ବ୍ଲକ ତରବୋଡ ସମ୍ଭବ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଗୁରୁକୁଳ ଆମସେନା ୫୯ତମ ବାର୍ଷିକ ମହୋତ୍ସବ ଉଦ୍‌ଯାପନୀ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଆମସେନା ମହାବିଦ୍ୟାଳୟ ଗୁରୁକୁଳ ଆଶ୍ରମ, ସମୟ: ପୂର୍ବାହ୍ନ ୧୦ଟା।
- ବର୍ଦ୍ଧିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସିନାପାଲି ବ୍ଲକ ଝାରବନ୍ଧ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା।

## ଝାରସୁଗୁଡ଼ା

- ରୁଦ୍ରାଭିଷେକ ଏବଂ ମହାମୃତ୍ୟୁଞ୍ଜୟ ମନ୍ତ୍ର ଜପ କାର୍ଯ୍ୟକ୍ରମ, ସ୍ଥାନ: ମହାକାଳ ମନ୍ଦିର, ବାଗଡ଼ିହି, ସମୟ: ସକାଳ ୮ଟା।
- ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଲଖନପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ରାଜସ୍ୱ ମନ୍ତ୍ରୀଙ୍କ ଦ୍ୱାରା ଶିଳାନ୍ୟାସ କାର୍ଯ୍ୟକ୍ରମ, ସ୍ଥାନ: ୧୯ ଖଣ୍ଡ ମୌଜା, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଗାମୀ ମାଙ୍ଗଳିକ କାର୍ଯ୍ୟ ପରିପ୍ରେକ୍ଷୀରେ ପାରିବାରିକ ବନ୍ଧୁମିଳନର ସୂଚନା ରହିଛି। ମାନସିକ ଅସ୍ଥିରତା ଲାଗିରହିଲେ ମଧ୍ୟ ଶାରୀରିକ ସ୍ୱାସ୍ଥ୍ୟ ଭଲ ରହିବ ଏବଂ କୌଣସି କାମ ଅଟକି ରହିବ ନାହିଁ। ଆଲୋଚନାରେ ନିଜର ସୀମା ଭିତରେ ରହିବା ଭଲ। କର୍ମକ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି।

**ବୃଷ** ନିଜ ପରିସରର ବନ୍ଧୁଙ୍କ ସହଯୋଗ ଅଭାବରୁ ଆନୁଷ୍ଠାନିକ କ୍ଷେତ୍ରରେ ବ୍ୟସ୍ତତା ଅନୁଭବ କରିବେ। କଳା ସାହିତ୍ୟ ଓ ସାମ୍ବାଦିକତା, ଚୁକ୍ତିପତ୍ର କ୍ଷେତ୍ରରୁ ସୁଫଳ ମିଳିବ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ପ୍ରତିବନ୍ଧକ ଦୂରେଇଯିବ। ଭଲ ସମ୍ପର୍କ ରହିଥିବା ପଡ଼ୋଶୀଙ୍କ ସହାୟତାରେ କାର୍ଯ୍ୟ ହାସଲ କରିପାରନ୍ତି।

**ମିଥୁନ** ଆଶା କରୁଥିବା ବ୍ୟକ୍ତିବିଶେଷଙ୍କ ନିକଟରୁ ଯଥା ସମୟରେ ଅର୍ଥଲାଭ ହେବ। ବିଭିନ୍ନ ସଂଘର୍ଷମୟସ୍ଥିତି ମଧ୍ୟରେ ଆପଣଙ୍କୁ ଗତି କରିବାକୁ ପଡିପାରେ। ଅତୀତ ଘଟଣାକୁ କେନ୍ଦ୍ରକରି ନିଜର ଲୋକମାନେ ଦୂରେଇ ରହୁଥିବାର ଅନୁଭବ କରିପାରନ୍ତି। ବିବାଦୀୟ ପରିସ୍ଥିତିରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ।

**କର୍କଟ** କାର୍ଯ୍ୟସିଦ୍ଧି ଆଶଙ୍କା କଥା ଚିନ୍ତା ନ କରି କାମ କରିଚାଲନ୍ତୁ କୌଣସି ଅସୁବିଧା ହେବନାହିଁ। କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହିବା ଭଲ। ଯାହା ପାଇବା ସକାଶେ ଚିନ୍ତା କରୁଥିଲେ ଆଜି ତାହା ବିଳମ୍ବରେ ପାଇପାରନ୍ତି। ନିର୍ମାଣ, ଯୋଗାଯୋଗ, ପ୍ରେସ୍, ଆଲୋଚନା ଓ ସଭାସମିତିରେ କାମ ସୁରୁଖୁରୁରେ ସମ୍ପନ୍ନ ହୋଇପାରିବ।

**ସିଂହ** ଆଜିର କର୍ମକ୍ଷେତ୍ରରେ ସହକର୍ମୀଙ୍କ ମତକୁ ବିଚାରକୁ ନ ନେଲେ ପରିସ୍ଥିତି ବଦଳିଯାଇପାରେ। ସମସ୍ତ ସୁବିଧା ଥିଲେ ମଧ୍ୟ ସହଯୋଗ ଅଭାବରୁ ତାହା ମଉଳିଯାଇପାରେ। ବାଣିଜ୍ୟ, ନିର୍ମାଣ, ଯାତ୍ରା, କଚେରି ମାମଲା ସମ୍ପର୍କିତ କ୍ଷେତ୍ରରୁ ଆଶାନୁରୂପ ଫଳ ପାଇବେ। ଅବହେଳା କାରଣରୁ ସୁଯୋଗ ହାତଛଡ଼ା ହୋଇପାରେ।

**କନ୍ୟା** ଆଜିର ଗ୍ରହସ୍ଥିତି ପାଇଁ ବିଶେଷଭାବରେ ପ୍ରତିକୂଳ ରହିବ ନାହିଁ। ପ୍ରାଥମିକ ସ୍ତରରେ ସମସ୍ୟା ଦେଖାଗଲେ ମଧ୍ୟ ପର ମୁହୂର୍ତ୍ତରେ ସବୁ ଠିକ୍ ହୋଇଯିବ। ସଭାସମିତିରେ ନୀରବତା ଅବଲମ୍ବନ କରିବା ଦ୍ୱାରା ଅନ୍ୟମାନେ ଟିକାଟିପ୍ପଣୀ ଦେଇପାରନ୍ତି। ବନ୍ଧୁ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**ତୁଳା** ବନ୍ଧୁଙ୍କ ପରାମର୍ଶରେ ନୂତନ ଯୋଜନାରମ୍ଭ ସକାଶେ ମନ ବଳାଇପାରନ୍ତି। ଶିଳ୍ପ, ବାଣିଜ୍ୟରେ ଉନ୍ନତି ଆପଣଙ୍କ ଅର୍ଥନୈତିକ ସ୍ଥିତିକୁ ଉର୍ଦ୍ଧ୍ୱଗାମୀ କରାଇପାରେ। ବିବାଦୀୟ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧିରୁ ପରିସ୍ଥିତିକୁ ସମ୍ଭାଳି ନେବେ। ସାହିତ୍ୟ, ସାମ୍ବାଦିକତା, ରାଜନୀତି ଓ ଅର୍ଥନୀତି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିବେ।

**ବିଛା** ଆଜିର ଦିନଚର୍ଯ୍ୟା ମଧ୍ୟରେ ଭଲ ସମ୍ପର୍କ ନ ଥିବା ବ୍ୟକ୍ତିମାନେ ନିଜର ଭଳି ଅଭିନୟ କରି ପଛରେ ସମାଲୋଚନା କରିପାରନ୍ତି। ଆପୋସ ଆଲୋଚନା ଦ୍ୱାରା ଘରୋଇ ସମସ୍ୟାର ସମାଧାନ କରିପାରିବେ। ପ୍ରକାଶନ, ପ୍ରଶାସନ, ଚୁକ୍ତିପତ୍ର, ରାଜନୀତି ଓ କଳା ସାହିତ୍ୟରେ ଉନ୍ନତି କରିପାରନ୍ତି। ଆଜି ପ୍ରିୟ ବନ୍ଧୁଟିର ଦେଖା ପାଇବେ ନାହିଁ।

**ଧନୁ** ଯେତେ ସମସ୍ୟା ଆସିଲେ ମଧ୍ୟ ତାହାର ଠିକ୍ ସାମ୍ନା କରିବାରେ ସଫଳତା ପାଇବେ। ବାଣିଜ୍ୟ, ପରିବହନ, ପ୍ରକାଶନ, ନିର୍ମାଣ, ସଭାସମିତି ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। କଠିନ ଶ୍ରମ ଓ ଭ୍ରମଣ ହେତୁକ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। ଆଜିର ଯାତ୍ରାରେ ସଫଳତା ମିଳିବ ଏବଂ ଆଶା ମଧ୍ୟ ପୂରଣ ହୋଇଯିବ।

**ମକର** ଅର୍ଥ ସାହାଯ୍ୟ ଆଶାରେ ବନ୍ଧୁଙ୍କୁ ବିଭିନ୍ନ କଥା କହି କାମ ହାସଲ କରିବେ। ସରକାରୀସ୍ତରରୁ ପ୍ରତୀକ୍ଷା କରିଥିବା କୌଣସି ଖବର ପାଇ ଖୁସି ହେବେ। ଶିଳ୍ପ, ପରିବହନ ଓ ବାଣିଜ୍ୟରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ନିଜର ପ୍ରତିବେଶୀଙ୍କ ସହ ସମ୍ପର୍କ ଯୋଡିବା ସକାଶେ ଆପ୍ରାଣ ଚେଷ୍ଟା କରି ଉପକୃତ ହୋଇପାରନ୍ତି।

**କୁମ୍ଭ** କର୍ମକ୍ଷେତ୍ରରେ ଅଧସ୍ତନ କର୍ମଚାରୀଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ କଷ୍ଟ ସ୍ୱୀକାର କରିବାକୁ ପଡିବ। ଆଲୋଚନା ପରିସରରେ ସମ୍ପର୍କୀୟଙ୍କ ପକ୍ଷପାତିତାକୁ ନାପସନ୍ଦ କରିବେ। ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇ ଶେଷ ମୁହୂର୍ତ୍ତରେ ନାସ୍ତିବାଣୀ ଶୁଣାଇ ପାରନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମ କିମ୍ବା ସଭାସମିତିକୁ ନିମନ୍ତ୍ରିତ ହେବାର ସୌଭାଗ୍ୟଲାଭ କରିବେ।

**ମୀନ** କର୍ମପରିସର ବୃଦ୍ଧି ଯୋଗୁ ବିଭିନ୍ନ କ୍ଷେତ୍ରରେ ଅନୁପ୍ରବେଶ ଅସ୍ଥିରତା ମଧ୍ୟରେ ରଖିପାରେ। ପାରିବାରିକ, ସାମାଜିକ ଓ ଆନୁଷ୍ଠାନିକ କ୍ଷେତ୍ରରେ ବ୍ୟତିକ୍ରମ ଦେଖାଦେବ। ବନ୍ଧୁଙ୍କ ଖାପଛଡ଼ା କଥା ଓ ବେଖାତିର ମନୋଭାବ ଯୋଗୁ ଚିନ୍ତାପ୍ରକଟ କରିବେ। କେତେକ ସ୍ଥାନରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

ଆଜି ଫେବୃଆରୀ ୯ ତାରିଖ, ଫାଲ୍‌ଗୁନ କୃଷ୍ଣପକ୍ଷର କାଳାଷ୍ଟମୀ ସୋମବାର, ରାଶିନକ୍ଷତ୍ର-ବିଶାଖା/ତୁଳା, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬।୨୨ମି. ଗତେ ଘ.୦୭।୪୭ ମି. ମଧ୍ୟେ, ଘ.୧୦।୫୩ମି.ଗତେ ଘ.୦୧।୦୮ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୦୭।୪୭ମି. ଗତେ ଘ.୦୯।୧୧ମି. ମଧ୍ୟେ ରାହୁ କାଳ।

## ପୁଅକୁ ଛୁରି ଭୁସି ...

କଙ୍କଡ଼ାହାଡ଼ ଥାନା ଅଧିକାରୀ କଳ୍ପନା ବେହେରା କହିଛନ୍ତି, ଜମିବାଡ଼ି ବିବାଦକୁ ନେଇ ବିଭୂତି ଓ ତାଙ୍କ ପ୍ରଥମ ସ୍ତ୍ରୀଙ୍କ ପରିବାର ମଧ୍ୟରେ ବିବାଦ ରହିଥିଲା। ଘଟଣା ପରେ ବିଭୂତିଙ୍କୁ ଗିରଫ କରାଯାଇଛି। ହତ୍ୟାକାଣ୍ଡକୁ ନେଇ ଅଭିଯୋଗ ଆସି ନ ଥିବାରୁ ମାମଲା ରୁଜୁ ହୋଇନାହିଁ। ମୃତ କ୍ଷୀରୋଦଙ୍କ ଭଉଣୀ ପ୍ରିୟଙ୍କା ଓ ମା' ରଶ୍ମିତା ଅଭିଯୁକ୍ତ ବାପା ବିଭୂତିଙ୍କୁ ଫାଶୀ ଦିଆଯାଉ ଏବଂ ସେମାନଙ୍କୁ ନ୍ୟାୟ ପ୍ରଦାନ କରାଯାଉ ବୋଲି ଦାବି କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅରକ୍ଷିତକୁ ଦଇବ ସାହା।**

ଅରକ୍ଷିତର କେହି ହେଲେ ସାହା ନ ଥାନ୍ତି। ତା'ର ଜୀବନ, ଖାଦ୍ୟ, ବସ୍ତ୍ର ଓ ସ୍ୱାସ୍ଥ୍ୟ ଆଦି ମୌଳିକ ଆବଶ୍ୟକତା ଦେଖିବାକୁ କେହି ନ ଥାନ୍ତି। ସେମାନେ ବଞ୍ଚି ରହିଥାନ୍ତି ଦଇବଙ୍କ ଆଶ୍ରୟରେ। ସେମାନଙ୍କ ଜୀବନ ରକ୍ଷା ହୋଇଥାଏ ପରମପିତା ଭଗବାନଙ୍କ କୃପା ଦ୍ୱାରା। ଯାହାର କେହି ସାହାଯ୍ୟକାରୀ ନାହାନ୍ତି ତାଙ୍କର ଭଗବାନ ହିଁ ସାହାଯ୍ୟକର୍ତ୍ତା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଭିଆଡ଼ୀ, ଅମଙ୍ଗୁଳା, ନାହିଁ ନାହିଁ ତୁଣ୍ଡି;**
**ଅପାଳକ ମୁଣ୍ଡି, ଖଇଛଡ଼ା ଖୁଣ୍ଟି,**
**ଦାନ୍ତ ନିକୁଟି, ଲେହେକର ମୁଖୀ;**
**ଏ ସାତଙ୍କ ନାଆଁ ଧରନ୍ତେ ରାତି ସଫଳ ପାଆନ୍ତି।**

ଉପରୋକ୍ତ ନାମ ଧାରିଣୀ ନାରୀ ବ୍ରହ୍ମାଙ୍କ ସପ୍ତକନ୍ୟା ଅଟନ୍ତି। ସ୍ତ୍ରୀ ଲୋକମାନେ ରାତିରେ ଶୋଇବା ପୂର୍ବରୁ ଏମାନଙ୍କ ନାମ ଧରି ଉଚ୍ଚାରଣ କଲେ ସୁଫଳ ପାଆନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଅବଶିଷ୍ଟାଂଶ

## ଶୋଷ, ଚାଷ ...

ପ୍ରସାରଣ, ବର୍ଷା ଜଳ ଅମଳ ଇତ୍ୟାଦି ଜରୁରୀ। ରାଜ୍ୟର କୃଷି ଉତ୍ପାଦନର ଏକ ବଡ଼ ଅଂଶ ମୌସୁମୀ ଉପରେ ନିର୍ଭର କରେ, ଯାହା ଜଳବାୟୁ ପରିବର୍ତ୍ତନ ଯୋଗୁ କ୍ରମଶଃ ଅନିଶ୍ଚିତ ହୋଇପଡୁଛି। ସ୍ୱାଭାବିକ ବର୍ଷାରେ ବିଚ୍ୟୁତି ଯୋଗୁ ମରୁଡ଼ି କିମ୍ବା ବନ୍ୟା ସୃଷ୍ଟି ହେଉଛି, ଯାହା କୃଷି, ପାନୀୟ ଜଳ ଏବଂ ଶିଳ୍ପକୁ ବହୁଳ ପ୍ରଭାବିତ କରୁଛି। ସମୁଦ୍ର ଉପକୂଳ ରାଜ୍ୟ ଭାବରେ ଓଡ଼ିଶା ଭାରତର ତୃତୀୟ ସର୍ବାଧିକ ଜଳବାୟୁ ସମ୍ବେଦନଶୀଳ ଅଞ୍ଚଳ ଭାବରେ ସ୍ଥାନ ପାଇଛି, ଯେଉଁଠାରେ ପ୍ରାୟତଃ ଅତି ଖରାପ ପାଣିପାଗ ଘଟଣାମାନ ଘଟୁଛି। ଗତ ୨୫ ବର୍ଷ ମଧ୍ୟରେ ରାଜ୍ୟ ୧୮ଟି ବଡ଼ ବନ୍ୟା, ୧୧ ବର୍ଷ ମରୁଡି ଏବଂ ୧୨ଟି ଘୂର୍ଣ୍ଣିଝଡ଼ ସହ୍ୟ କରିଛି, ଯାହା ଭିତ୍ତିଭୂମିକୁ କ୍ଷତି ପହଞ୍ଚାଇବା ସହ ଜଳ ସୁରକ୍ଷାକୁ ଗୁରୁତର ପ୍ରଭାବିତ କରିଛି। ଯାଜପୁର ଜିଲା ପରିବେଶ ସମିତିର ସମ୍ପାଦକ ଶରତ ଚନ୍ଦ୍ର ସାହୁ କହିଛନ୍ତି, ନଦୀକୂଳରେ ସଭ୍ୟତାର ଆରମ୍ଭ ହୋଇଥିଲା। ହେଲେ ନଦୀଜଳ ଆବଶ୍ୟକ ପରିଚାଳନା ଅଭାବରୁ ପ୍ରଦୂଷିତ ହେବା ସହିତ ଜଳପ୍ରବାହ କ୍ରମଶଃ କ୍ଷୀଣ ହେବାରେ ଲାଗିଛି। ଏହା ପରିବେଶ ପ୍ରତି ବହୁ ବିପଦ ସୃଷ୍ଟି କରିଛି। ଏଥିପାଇଁ ସରକାର ଗୁରୁତ୍ୱର ସହ ଆବଶ୍ୟକ ପଦକ୍ଷେପ ନେବାର ସମୟ ଉପନୀତ ହୋଇଛି।

## ଶତ୍ରୁ ସାଟେଲାଇଟ୍ ...

ସୂର୍ଯ୍ୟାଲୋକ ସ୍ଥିତିରେ ଆଜିସ୍ତା ୨ଟି ଫଟୋ ଉଠାଇବା ଉଦ୍ୟମ କରିଥିଲା। ପ୍ରଥମଟି ପ୍ରାୟ ୩୦୦ କିଲୋମିଟର ଦୂରରେ ହୋଇଥିବାବେଳେ ଦ୍ୱିତୀୟଟି ୨୪୫ କି.ମି. ଦୂରରେ ହୋଇଥିଲା। ଏଏଫ୍‌ଆର୍ ସାଟେଲାଇଟ୍‌ର ସେନ୍‌ସର ଉଭୟ ଉଦ୍ୟମରେ ଦ୍ରୁତ ଗତିଶୀଳ ଆଇଏସ୍‌ଏସ୍‌କୁ ଠିକ୍ ଭାବେ ଟ୍ରାକ୍ କରିଥିଲା ଓ ୨.୨ ମିଟର ଚିତ୍ର ନମୁନାର ମୋଟ ୧୫ଟି ପୃଥକ୍ ଫଟୋ ନେଇଥିଲା। ଉଭୟ ଉଦ୍ୟମ ୧୦୦ ପ୍ରତିଶତ ସଫଳ ହେବା ସହ ଏହାର ଟ୍ରାକିଂ ଆଲେଗୋରିଦିମ୍ ଏବଂ ଇଲେକ୍ଟ୍ରୋ-ଅପ୍ଟିକାଲ ଇମେଜିଂ ପ୍ରିସିସନ୍‌କୁ ସ୍ପଷ୍ଟ କରୁଥିବା କମ୍ପାନୀ ଦାବି କରିଛି।

## ଟ୍ରେଡ୍ ଡିଲ୍‌କୁ...

ସମାଲୋଚନା କରିଛନ୍ତି। ଏହି ପରିପ୍ରେକ୍ଷୀରେ ଏସ୍‌କେଏମ୍, ଏଆଇକେଏସ୍ ଏବଂ ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ୍ (ସିଟିୟୁ) ଆସନ୍ତା ୧୨ ତାରିଖରେ 'ଭାରତ ବନ୍ଦ' ଡାକରା ଦେଇଛନ୍ତି। ଏକ ଖବରଦାତା ସମ୍ମିଳନୀରେ ଏସ୍‌କେଏମ୍ ପକ୍ଷରୁ କୁହାଯାଇଛି ଯେ ଫେବୃଆରୀ ୧୨ରେ ଦେଶର ଗ୍ରାମାଞ୍ଚଳରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶ ପୁତ୍ତଳିକା ଦାହ କରାଯିବ। କୃଷକଙ୍କ ସ୍ୱାର୍ଥକୁ ସୁରକ୍ଷା ଦିଆଯିବ ବୋଲି ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୂଷ ଗୋୟଲ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଯାହା ଦେଖିବାକୁ ମିଳୁଛି, ସେଥିରେ ଚାଷୀକୁଳର ସ୍ୱାର୍ଥସହ ସାଲିସ କରାଯାଇଛି। କେନ୍ଦ୍ରମନ୍ତ୍ରୀ ଗୋୟଲ ମିଥ୍ୟା ପ୍ରଚାର କରି କୃଷକ ଓ ଦେଶବାସୀଙ୍କୁ ପ୍ରତାରିତ କରିଛନ୍ତି। ବିଶ୍ୱାସଘାତକ ଗୋୟଲ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ସେମାନେ ଦାବି କରିଛନ୍ତି।

ଏସ୍‌କେଏମ୍‌ରୁ ଅଲଗା ହୋଇଥିବା ଅଣରାଜନୈତିକ ସଙ୍ଗଠନ ଏଆଇକେଏସ୍ ନେତା କ୍ରିଷ୍ଣା ପ୍ରସାଦ କହିଛନ୍ତି, ଏହି ଡିଲ୍ ଯୋଗୁ ମକା, ବାଜରା ଓ ଡାଲିଜାତୀୟ ଶସ୍ୟ, ଗୋଖାଦ୍ୟ, ସୋୟାବିନ୍ ତେଲ ଆଦି ପାଇଁ ଆମେରିକାର ପ୍ରବେଶପଥ ଉନ୍ମୁକ୍ତ ହୋଇଯିବ। ଏପରି କି ଭାରତର ପାରମ୍ପରିକ ଦୁଗ୍ଧଜାତ ସାମଗ୍ରୀଗୁଡ଼ିକୁ ମଧ୍ୟ ଏହା ପ୍ରଭାବିତ କରିବ। ୟୁରୋପୀୟ ସଂଘ (ଇୟୁ) ସହ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ) ଏବଂ ଆମେରିକା ସହିତ ଅନ୍ତରୀଣ ଟ୍ରେଡ୍ ଡିଲ୍ ଯୋଗୁ ସେହି ଦେଶଗୁଡ଼ିକର ଅଚଳପ୍ରାୟ ଅର୍ଥନୀତିକୁ ବଳ ମିଳିବ। ଏଥିରୁ ଭାରତକୁ କିଛି ଲାଭ ମିଳିବ ନାହିଁ। ସେହିପରି ପଞ୍ଜାବର କ୍ରାନ୍ତିକାରୀ କିଷାନ ୟୁନିୟନ୍ (କେଏସ୍‌ୟୁ) ନେତା ଦର୍ଶନ ପାଲ୍ କହିଛନ୍ତି, ସ୍ୱଳ୍ପ ଆୟକାରୀ ଚାଷୀମାନେ ଋଣଯନ୍ତାରେ ଛନ୍ଦି ହୋଇଯାଇଥିବାବେଳେ ଉକ୍ତ ଡିଲ୍ ସେମାନଙ୍କ ଆର୍ଥିକ ସ୍ଥିତିକୁ ଆହୁରି ସଙ୍ଗିନ କରିଦେବ। ତେଣୁ କେଏସ୍‌ୟୁ ଏହି ଧର୍ମଘଟକୁ ସମ୍ପୂର୍ଣ୍ଣ ସମର୍ଥନ କରି କୁଶପୁତ୍ତଳିକା ଦାହରେ ସାମିଲ ହେବାକୁ ଯାଉଛି। ଭାରତୀୟ କିଷାନ ୟୁନିୟନ୍ ନେତା ରାକେଶ ଟିକାଏତ୍ ଟ୍ରେଡ୍ ଡିଲ୍‌ରୁ କିପରି ଲାଭ ମିଳିବ ବୋଲି ଗାଁ ଲୋକେ ପ୍ରଶ୍ନ କରିବାରେ ଲାଗିଥିବା କହିଛନ୍ତି। ଏଥିଯୋଗୁ କୃଷକମାନେ ପ୍ରଭାବିତ ହେବେ କହି ଆନ୍ଦୋଳନରେ ସାମିଲ ହେବା ପାଇଁ ଟିକାଏତ୍ ସେମାନଙ୍କୁ ଆହ୍ୱାନ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଭାରତ-ଆମେରିକା ମୁକ୍ତ ବାଣିଜ୍ୟ ଚୁକ୍ତିରେ ସ୍ୱାକ୍ଷର କରନ୍ତୁ ନାହିଁ ବୋଲି ଏସ୍‌କେଏମ୍ ଦାବି କରିଛି। ୧୨ରେ ହେବାକୁ ଥିବା ବନ୍ଦ ପାଳନକୁ ସମସ୍ତ ରାଜନୈତିକ ଦଳ, କୃଷକ, କୃଷି ଶ୍ରମିକ ସଙ୍ଗଠନ ଓ ଟ୍ରେଡ୍ ୟୁନିୟନ୍‌ଗୁଡ଼ିକ ସମେତ ସବୁ ବର୍ଗର ଲୋକେ ସମର୍ଥନ କରନ୍ତୁ ବୋଲି ଅପିଲ୍ କରାଯାଇଛି। ଏସ୍‌କେଏମ୍ (ଅଣରାଜନୈତିକ) ଏନେଇ ଏକ ବୈଠକ କରିବାକୁ ଯାଉଛି। ସିଟିୟୁ, ସିଆଇଟିୟୁ, ଆଇଏନ୍‌ଟିୟୁସି, ଏଆଇଟିୟୁସି ଏବଂ ଏଚ୍‌ଏମ୍‌ଏସ୍ ସମେତ ୧୦ ଟ୍ରେଡ୍ ୟୁନିୟନ୍ ନୂଆଦିଲ୍ଲୀରେ ବୈଠକ କରିବା ପରେ ଏହାକୁ ସମର୍ଥନ ଘୋଷଣା କରିଛନ୍ତି। ଭାରତ ବନ୍ଦ ଯୋଗୁ ବ୍ୟାଙ୍କିଙ୍ଗ୍, ପରିବହନ, ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ ଆଦି ବନ୍ଦ ରହିବ। ତେବେ ହସ୍ପିଟାଲ, ଆମ୍ବୁଲାନ୍ସ ଭଳି ଜରୁରୀ ସେବା ଜାରି ରହିବ। ସରକାର ସମର୍ଥିତ ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍) ଏଥିରେ ସାମିଲ ହେବନାହିଁ ବୋଲି ସ୍ପଷ୍ଟ କରିଛି।

ଇତିମଧ୍ୟରେ କେନ୍ଦ୍ରମନ୍ତ୍ରୀ ଗୋୟଲ କହିଛନ୍ତି, ଦ୍ୱିପାକ୍ଷିକ ଚୁକ୍ତି ଅନୁଯାୟୀ ଆଗାମୀ ୫ ବର୍ଷରେ ୫୦୦ ବିଲିୟନ୍ ଡଲାର ମୂଲ୍ୟର ସାମଗ୍ରୀ ଆମେରିକାଠାରୁ କିଣିବାକୁ ଭାରତ ପାଇଁ କଷ୍ଟକର ହେବନାହିଁ। ୩୦ ଟ୍ରିଲିୟନ୍ ଡଲାର ଅର୍ଥନୀତିରେ ପରିଣତ ହେବାକୁ ଲକ୍ଷ୍ୟ ରଖିଥିବା ଭାରତ ପାଇଁ ୫୦୦ ବିଲିୟନ୍ ଡଲାର ଏକ ବୃହତ୍ ରାଶି ନୁହେଁ। ଆମେରିକା ଚାଇନା ଉପରେ ୩୫% ଓ ଅନ୍ୟ ଏସୀୟ ଦେଶଗୁଡ଼ିକ ଉପରେ ୧୯% ଟିକସ କଷୁଥିବାବେଳେ ଭାରତୀୟ ସାମଗ୍ରୀଗୁଡ଼ିକୁ ୧୮% ଆମଦାନୀ ଶୁଳ୍କର ସମ୍ମୁଖୀନ ହେବାକୁ ପଡ଼ିବ। ସେହି ଦୃଷ୍ଟିରୁ ଭାରତ ଅପେକ୍ଷାକୃତ ଭଲ ସ୍ଥିତିରେ ରହିଛି ବୋଲି ଗୋୟଲ ସ୍ପଷ୍ଟ କରିଛନ୍ତି।

## ଥାର୍ ପରେ...

୨୮୦ଟି ଟାଟା ଉଇଙ୍ଗର କିଣା ବାବଦକୁ ୧୮କୋଟି ୩୦ଲକ୍ଷ ୧୭ହଜାର ୩୫ଟଙ୍କା ଖର୍ଚ୍ଚ ହୋଇଥିଲା। ସେହିପରି ରାଜ୍ୟରେ ଜରୁରିକାଳୀନ ସେବାକୁ ଲୋକଙ୍କ ନିକଟତର କରିବାପାଇଁ ୨୦୧୩ ଅକ୍ଟୋବରରେ ୧୪୦ଟି ଆମ୍ବୁଲାନ୍ସ ପୁନର୍ବାର କିଣାଯାଇଥିଲା। ସମାନ ଆମ୍ବୁଲାନ୍ସ ୭ଲକ୍ଷ ୨୫ହଜାର ୪୮୭ଟଙ୍କା ଦରରେ ୧୦କୋଟି ୧୫ଲକ୍ଷ ୬୮ହଜାର ୧୨୯ଙ୍କାରେ କିଣାଯାଇଥିଲା। ସେହିପରି ୨୦୧୭ ଅକ୍ଟୋବରରେ ବିଭାଗ ପୁନର୍ବାର ୯୨ଟି ଟାଟା ଉଇଙ୍ଗର ୯ଲକ୍ଷ ୪ହଜାର ୨୨୯ ଟଙ୍କା ଲେଖାଏ ଦରରେ ୮କୋଟି ୩୧ଲକ୍ଷ ୮୯ହଜାର ୭୯ଟଙ୍କାରେ କ୍ରୟ କରିଥିଲା। ମାତ୍ର ପରିସ୍ଥିତି ଏପରି କ'ଣ ହେଲା ଯେ, ଅପ୍ରତ୍ୟାଶିତ ଭାବେ ୨୦୨୦ରେ ସମାନ ପ୍ରକାରର ଆମ୍ବୁଲାନ୍ସକୁ ସରକାର ଗୋଟାକ ୨୨ଲକ୍ଷ ୬୩ହଜାର ୭୯୦ ଟଙ୍କାରେ ଏକାଥରକେ ୪୨୦ଟି କ୍ରୟ କରିଥିଲେ। ଏ ବାବଦକୁ ସରକାର ୯୫କୋଟି ୬ଲକ୍ଷ ୯୧ହଜାର ୮୦୦ଟଙ୍କା ଖର୍ଚ୍ଚ କରିଥିଲେ। ଏହାପରେ ୨୦୨୧ ଜାନୁଆରୀରେ ସରକାରଙ୍କ ପକ୍ଷରୁ ଗାଡ଼ି ପ୍ରକାରରେ ଟିକେ ପରିବର୍ତ୍ତନ କରାଯାଇଥିଲା। ୮୪ଟି ଫୋର୍ସ ଟ୍ରାଭେଲର୍ସ ୨୬ଲକ୍ଷ ୧୫ହଜାର ଟଙ୍କାରେ ୮୪ଟି ଆମ୍ବୁଲାନ୍ସ ବାବଦକୁ ୨୧କୋଟି ୯୬ଲକ୍ଷ ୬୦ହଜାର ଟଙ୍କାରେ କ୍ରୟ କରିଥିଲେ। ୨୦୨୩ ମାର୍ଚ୍ଚ ଏବଂ ନଭେମ୍ବରରେ ସରକାରଙ୍କ ପକ୍ଷରୁ ପୁନର୍ବାର ଟାଟାଉଇଙ୍ଗର ଦୁଇଟି ପର୍ଯ୍ୟାୟରେ ୩୨୯ଟି କ୍ରୟ କରାଯାଇଥିଲା। ହେଲେ ଗୋଟିଏ ଆମ୍ବୁଲାନ୍ସ ପିଛା ଦର ୩୦ଲକ୍ଷ ୮୫ହଜାର ଟଙ୍କା ରହିଥିଲା। ଏଥିପାଇଁ ବିଭାଗକୁ ୧୦୧କୋଟି ୪୯ଲକ୍ଷ ୬୫ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା।

ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ସରକାର ବଦଳିଲା ପରେ ଏବେ ଆମ୍ବୁଲାନ୍ସ ଗାଡ଼ି ଦରରେ ବିରାଟ ପରିବର୍ତ୍ତନ ହୋଇଛି। ଯେଉଁ ଫୋର୍ସ ଟ୍ରାଭେଲର୍ସ ପୂର୍ବ ସରକାର ୫ବର୍ଷ ତଳେ ୨୬ଲକ୍ଷ ୧୫ହଜାର ଟଙ୍କାରେ କ୍ରୟ କରିଥିଲେ ଏବେ ଭାଜପା ସରକାର ତାକୁ ୪ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା କମ୍ ଅର୍ଥାତ୍ ୨୨ଲକ୍ଷ ୩ହଜାର ୩୮୦ଟଙ୍କାରେ କ୍ରୟ କରିଛନ୍ତି; ଯେଉଁଥିପାଇଁ ରାଜକୋଷକୁ ବିପୁଳ ପରିମାଣର ଲାଭ ପହଞ୍ଚିଛି। ତେବେ ଏହି କମ୍ ଦରରେ ୨୦୨୫ ସେପ୍ଟେମ୍ବରରେ ରାଜ୍ୟ ସରକାର ୪୨୧ଟି ଆମ୍ବୁଲାନ୍ସ କିଣିଛନ୍ତି। ଏ ବାବଦରେ ୯୨କୋଟି ୭୬ଲକ୍ଷ ୨୨ହଜାର ୯୩୪ଟଙ୍କା ଖର୍ଚ୍ଚ ହୋଇଛି। ସମୁଦାୟ ୧୩ବର୍ଷରେ ରାଜ୍ୟ ସରକାର ୩୫୫କୋଟି ୭୨ଲକ୍ଷ ୫୯ହଜାର ୫୭୭ଟଙ୍କାର ଆମ୍ବୁଲାନ୍ସ କ୍ରୟ କରିଛନ୍ତି।

ବିଭାଗ ପକ୍ଷରୁ କିଣା ଯାଇଥିବା ଏହି ଆମ୍ବୁଲାନ୍ସର ଦରକୁ ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି, ଏଭଳି ଏକ ବ୍ୟତିକ୍ରମ ଏବେ ନଜରକୁ ଆସିଛି। ଏହାର ଅଧିକ ଅନୁସନ୍ଧାନ କରାଯାଉଛି। ଆବଶ୍ୟକସ୍ଥଳେ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବ ବୋଲି ମନ୍ତ୍ରୀ ମହାଲିଙ୍ଗ କହିଛନ୍ତି।

# ଜରଉ ଘାଟିରେ ଓଲଟିଲା ଗାଡ଼ି: ୧୮ ଆହତ, ୯ ଗୁରୁତର

ମୋହନା,୮।୨(ମନ୍ମଥ ମିଶ୍ର)



ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ଜରଉ ଘାଟିରେ ରବିବାର ଏକ ଟାଟା ମ୍ୟାଜିକ ଗାଡ଼ି ଓଲଟି ୧୮ ଜଣ ଆହତ ହୋଇଥିବା ବେଳେ ୯ ଜଣ ଗୁରୁତର ହୋଇଛନ୍ତି। ଗୁରୁତର ଆହତମାନେ ବ୍ରହ୍ମପୁର ବଡ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ମୋହନା ପୋଲିସ ପହଞ୍ଚି ଉକ୍ତ ଗାଡିକୁ ଜବତ କରି ତଦନ୍ତ ଜାରି ରଖିଛି।

ସୋରଡ଼ା ଥାନା ଅନ୍ତର୍ଗତ ମଧୁରଆମ୍ବ ଗାଁରୁ ୨୭ ଜଣ ମହିଳା ଓ ପୁରୁଷ ଏକ ଟାଟା ମ୍ୟାଜିକ ଗାଡ଼ିରେ ମୋହନା ଥାନା ଅନ୍ତର୍ଗତ ଖାରିଗୁମା ଗାଁକୁ ଏକ ଧର୍ମ ସଭାରେ ଯୋଗ ଦେବାକୁ ଆସୁଥିଲେ। ଗାଁଠାରୁ ଅଳ୍ପ ଦୂର ଜରଉ ଘାଟି ରାସ୍ତାରେ ଗାଡ଼ିଟି କୌଣସି କାରଣରୁ ଭାରସାମ୍ୟ ହରାଇ ୧୦ ଫୁଟ ରାସ୍ତା ତଳକୁ ଖସି ପଡ଼ିଥିଲା। ଯାହାଫଳରେ ଗାଡ଼ିରେ ବସିଥିବା ଯାତ୍ରୀମାନେ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୯ ଜଣ ଅବସ୍ଥା ଗୁରୁତର ହୋଇଥିବାରୁ ଗଞ୍ଜାମ ଜିଲାର ବଡ଼ଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ୨୭ବର୍ଷ ପରେ ୧୭ଜଣଙ୍କୁ ନ୍ୟାୟ

## ସୁପ୍ରିମକୋର୍ଟଙ୍କ ଛାଟ:ଅବସରପ୍ରାପ୍ତଙ୍କୁ ମିଳିବ ବରିଷ୍ଠ ଓଏଏସ୍ ଦରମା

ଭୁବନେଶ୍ୱର,୮।୨(ରବିନାରାୟଣ ଜେନା)

ସଂରକ୍ଷଣକୁ ନେଇ ଅନେକ ସମୟରେ କଥା ସଡ଼କରୁ ସଂସଦ ପର୍ଯ୍ୟନ୍ତ ଯାଉଛି। କେତେବେଳେ ସରକାର ଏହାକୁ ଶୁଣୁଛନ୍ତି ତ ଆଉ କେତେବେଳେ ଏ ସମ୍ପର୍କିତ ନିଷ୍ପତ୍ତି ଝୁଲିରହୁଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ଏଭଳି ଏକ ଘଟଣା ସାମ୍ନାକୁ ଆସିଛି, ଯାହା ଅତ୍ୟନ୍ତ ରୋମାଞ୍ଚକର। ତତ୍କାଳୀନ ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଯୋଗୁ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍)ରୁ ବଞ୍ଚିତ ଅଧିକାରୀମାନେ ଏବେ ତାଙ୍କ ହକ୍ ପାଇଛନ୍ତି। ୧୭ଜଣଙ୍କୁ ନ୍ୟାୟ ମିଳିଥିବାବେଳେ ସେଥିମଧ୍ୟରୁ ୨ଜଣ ଅବସରପ୍ରାପ୍ତ ଅଧିକାରୀଙ୍କୁ ମଧ୍ୟ ଓଏଏସ୍ ଅଧିକାରୀ ଭାବେ ନୋସନାଲୀ ପେନ୍‌ସନ ଦେବାକୁ ରାଜସ୍ୱ ବିଭାଗ ପକ୍ଷରୁ ଶନିବାର ବିଜ୍ଞପ୍ତିନାମା ଜାରି ହୋଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ୧୯୯୯ ମସିହାରେ ଓଏଏସ୍‌ରୁ ବଞ୍ଚିତ ଥିବା ୧୫ଜଣ ବିଭିନ୍ନ କ୍ୟାଡର୍‌ର ଅଧିକାରୀଙ୍କୁ ଓଏଏସ୍ କ୍ୟାଡର୍‌ରେ ଫିକ୍ସଡ କରାଯାଇଛି। ବରିଷ୍ଠତା ଦୃଷ୍ଟିରୁ କିଏ କେଉଁଠାରେ ରହିବେ ସେନେଇ ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି।

ରାଜସ୍ୱ ବିଭାଗର ନିର୍ଦ୍ଦେଶନାମା ଅନୁଯାୟୀ, ଅବସର ନେଇଥିବା ଶ୍ୟାମ ପ୍ରସାଦ ରାଉତ ଏବଂ ସିଦ୍ଧାର୍ଥ ଶଙ୍କର ପାଣି ଏବେ ନୋସନାଲୀ ଓଏଏସ୍ ପେନ୍‌ସନ ପାଇବେ। ସେହିପରି ଓଏଫ୍‌ଏସ୍ ଅଧିକାରୀ ପୀୟୂଷ କାନ୍ତ ପାଣିଙ୍କୁ ପଦୋନ୍ନତି ଦିଆଯାଇ ବରିଷ୍ଠ ଓଏଏସ୍ ଅଧିକାରୀ ପ୍ରକାଶ ଚନ୍ଦ୍ର ମହାନ୍ତିଙ୍କ ତଳେ ଏବଂ ସରୋଜ ସାହୁଙ୍କ ଉପରେ ଫିକ୍ସଡ୍ କରାଯାଇଛି। ଏହାସହିତ ସବୀର କୁମାର ପଣ୍ଡା(ଓସିଏସ୍), ସତ୍ୟନାରାୟଣ ପଣ୍ଡା(ଓଏଫ୍‌ଏସ୍), ସୁଶାନ୍ତ କୁମାର ପଣ୍ଡା(ଓଏଫ୍‌ଏସ୍), ଗାୟତ୍ରୀ ପଟ୍ଟନାୟକ (ଓସିଏସ୍), ଫାଲଗୁନୀ ସହାୟ ନାୟକ (ଓଇଏସ୍), ଶ୍ରୀକାନ୍ତ କୁମାର ବେହୁରା (ସବ୍‌ରେଜିଷ୍ଟ୍ରାର), ସ୍ମିତା ମହାନ୍ତି (ସବ୍‌ରେଜିଷ୍ଟ୍ରାର), ରମେଶଚନ୍ଦ୍ର ପଣ୍ଡା (ସବ୍‌ରେଜିଷ୍ଟ୍ରାର), ସୁରଜ କୁମାର ପଟ୍ଟନାୟକ (ସବ୍‌ରେଜିଷ୍ଟ୍ରାର) ରହିଛନ୍ତି। ସେହିପରି ସୁଚେତା ମହାପାତ୍ର (ଓଏସ୍‌ସିଏସ୍), ହରପ୍ରିୟା ଦାସ (ଓଏସ୍‌ସିଏସ୍), ପ୍ରିୟବ୍ରତ ପାଢ଼ୀ (ଓଏସ୍‌ସିଏସ୍), ଅମୀୟ କୁମାର ରାଉତ (ଓଏସ୍‌ସିଏସ୍) ଓ ବିଜୟଲକ୍ଷ୍ମୀ ପାଟଶାଣୀ ପ୍ରମୁଖ ରହିଛନ୍ତି। ରାଜସ୍ୱ ବିଭାଗର ଏହି ବିଜ୍ଞପ୍ତିକୁ ନେଇ ଏବେ ଓଏଏସ୍ ଅଫିସର ମହଲରେ ଭିନ୍ନ ପ୍ରତିକ୍ରିୟା ସୃଷ୍ଟି ହୋଇଛି। ଆଗାମୀ ଦିନରେ ଯେଉଁ ଓଏଏସ୍‌ମାନେ ଏଭଳି ସରକାରଙ୍କ ରୋଷର ସମ୍ମୁଖୀନ ହୋଇଛନ୍ତି ସେମାନଙ୍କ କଥାକୁ ସରକାର କି ପ୍ରକାର ବିଚାର କରୁଛନ୍ତି ତାହା ଦେଖିବାର ରହିଛି।

# ‘ଦକ୍ଷତା ପ୍ରତିପାଦନର ସୁଯୋଗ ଦିଏ କ୍ରୀଡ଼ା’

## ୭୪ତମ ରାଜ୍ୟ ପୋଲିସ ଆଥ୍ଲେଟିକ ଚାମ୍ପିୟନଶିପ୍ ଉଦ୍‌ଘାଟିତ

କଟକ,୮।୨(କାର୍ତ୍ତିକ ସାହୁ)

ଓଡ଼ିଶା ପୋଲିସ ପକ୍ଷରୁ ୭୪ତମ ରାଜ୍ୟ ପୋଲିସ ଆଥ୍‌ଲେଟିକ ଚାମ୍ପିୟନଶିପ୍-୨୦୨୬ କଟକ ବକ୍ସିବଜାରସ୍ଥିତ ରିଜର୍ଭ ପୋଲିସ ଗ୍ରାଉଣ୍ଡରେ ରବିବାରଠାରୁ ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତା ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ମୁଖ୍ୟ ଅତିଥି ଭାବେ କ୍ରାଇମବ୍ରାଞ୍ଚ ଡିଜିପି ବିନୟତୋଷ ମିଶ୍ର ଯୋଗଦେଇ ଚାମ୍ପିୟନଶିପ୍‌କୁ ଉଦ୍‌ଘାଟନ କରି ଏହା ଓଡ଼ିଶା ପୋଲିସର ଶୃଙ୍ଖଳା, ସଂଯମତା ଓ ସହନଶୀଳତାର ପ୍ରତୀକ ବୋଲି କହିଛନ୍ତି। ଏହି ରାଜ୍ୟସ୍ତରୀୟ କ୍ରୀଡ଼ା ମାଧ୍ୟମରେ ଓଡ଼ିଶା ପୋଲିସରେ କାର୍ଯ୍ୟରତ କର୍ମଚାରୀମାନେ ନିଜ ଶାରୀରିକ ଓ ମାନସିକ ଦକ୍ଷତାକୁ ପ୍ରତିପାଦିତ କରିବାର ଏକ ସୁଯୋଗ ବୋଲି ସେ କହିଥିଲେ। ଚଳିତବର୍ଷ ପ୍ରତିଯୋଗିତାରେ ମହିଳା କ୍ରୀଡ଼ାବିତ୍‌ଙ୍କ ସଂଖ୍ୟା ପୂର୍ବାପେକ୍ଷା ବୃଦ୍ଧିପାଇଥିବାରୁ ସେ ଖୁସିବ୍ୟକ୍ତ କରିଥିଲେ।



ଚାମ୍ପିୟନଶିପ୍ ଉଦ୍‌ଘାଟନୀ ଉତ୍ସବରେ କ୍ରାଇମବ୍ରାଞ୍ଚ ଡିଜିପି ବିନୟତୋଷ ମିଶ୍ର ଅଭିବାଦନ ଗ୍ରହଣ କରୁଛନ୍ତି। **(ଫଟୋ: ରାଜକିଶୋର ମହାନ୍ତି)**

କ୍ରାଇମବ୍ରାଞ୍ଚ ଡିଜିପି ମିଶ୍ର ଆହୁରି କହିଲେ, ବିଗତ ଦିନରେ ଓଡ଼ିଶା ପୋଲିସର କ୍ରୀଡ଼ାବିତ୍‌ମାନେ ଜାତୀୟ ଏବଂ ଅନ୍ତର୍ଜାତୀୟ ପୋଲିସ କ୍ରୀଡ଼ା ପ୍ରତିଯୋଗିତାରେ ଅସାଧାରଣ ସଫଳତା ହାସଲ କରି ରାଜ୍ୟ ତଥା ପୋଲିସ ବିଭାଗର ଗୌରବ ବୃଦ୍ଧି କରିଛନ୍ତି। ଆଗାମୀ ଦିନରେ ଏହି ଚାମ୍ପିୟନ୍‌ଶିପ୍‌ରୁ ସଫଳ ପ୍ରତିଯୋଗୀମାନେ ସର୍ବଭାରତୀୟ ପୋଲିସ ଆଥ୍‌ଲେଟିକ ଚାମ୍ପିୟନଶିପ୍ ସମେତ ଅନ୍ୟାନ୍ୟ ବଡ଼ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଓଡ଼ିଶା ପୋଲିସକୁ ଗର୍ବିତ କରିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଏଭଳି ଚାମ୍ପିୟନଶିପ୍ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି, ଅନୁଶାସନ ତଥା କର୍ତ୍ତବ୍ୟ ପ୍ରତି ଉତ୍ସର୍ଗୀକୃତ ମନୋଭାବ ବୃଦ୍ଧି ପାଇଥାଏ। ରାଜ୍ୟ, ଜିଲା, ରେଞ୍ଜ ସ୍ତରର ଖେଳାଳିମାନେ ଏଥିରେ ସାମିଲ ହୋଇଥିବାରୁ ପରସ୍ପର ମଧ୍ୟରେ ଉତ୍ତମ ସମନ୍ୱୟ ସୃଷ୍ଟିହେବ ବୋଲି ସେ ମତବ୍ୟକ୍ତ କରିଥିଲେ। ଚାମ୍ପିୟନଶିପ୍ ଆୟୋଜନ ଓ ପରିଚାଳନା ନିମନ୍ତେ ସେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କୁ ଧନ୍ୟବାଦ ଜଣାଇଥିଲେ।


ଏହି ଚାମ୍ପିୟନଶିପ୍‌ରେ ସମଗ୍ର ରାଜ୍ୟର ବିଭିନ୍ନ ରେଞ୍ଜ ଏବଂ ବାଟାଲିୟନରୁ ୩୬ଟି ପୋଲିସ ଟିମ୍‌ର ମୋଟ ୫୦୨ ଜଣ ଖେଳାଳି ସାମିଲ ହୋଇଛନ୍ତି। ତନ୍ମଧ୍ୟରେ ୪୨୭ ପୁରୁଷ ଓ ୭୫ ମହିଳା ଅଛନ୍ତି। ଚାମ୍ପିୟନଶିପ୍‌ର ଅଧ୍ୟକ୍ଷ ତଥା ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତି, ଆଇଜିପି (କାର୍ମିକ) ଏସ୍. ପ୍ରବୀଣ କୁମାର, ଆଇଜିପି (ଏସ୍‌ଏପି) ଗଜଭିଏ ସତୀଶ କୁମାର, ଆଇଜିପି (ଗୋଇନ୍ଦା) ଜୟ ନାରାୟଣ ପଙ୍କଜ, ଡିଆଇଜି (ପ୍ରୋଭିଜନିଂ) ଚରଣ ସିଂ ମିନା, ଡିସିପି (କଟକ) ଖିଲାରୀ ଋଷିକେଶ ଦ୍ୟାନଦେଓ ଏବଂ ଷଷ୍ଠ ବାଟାଲିୟନ କମାଣ୍ଡାଣ୍ଟ ସୂର୍ଯ୍ୟନାରାୟଣ ମଲ୍ଲିକଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।



# ଆଙ୍କୁଲା ଛକରେ ସୃଷ୍ଟିହେଲା କୃତ୍ରିମ ବନ୍ୟା

ଯାଜପୁରଟାଉନ,୮।୨(ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର-ପାଣିକୋଇଲି ରାସ୍ତାର ଆଙ୍କୁଲା ଛକରେ ରବିବାର ଭୋର ୩ଟା ସମୟରେ ଦେଖିବାକୁ ମିଳିଛି କୃତ୍ରିମ ବନ୍ୟା। ରାସ୍ତା ପାର୍ଶ୍ୱରେ ଥିବା କେନାଲରୁ ପାଣି ଉଛୁଳି ଆଙ୍କୁଲା ଛକରେ ପ୍ରବାହିତ ହୋଇଥିଲା। ପାଖାପାଖି ୪ ଫୁଟ୍ ଉଚ୍ଚର ପାଣି କେତେଜଣ ଲୋକଙ୍କ ଘର, ଦୋକାନ ଗୃହରେ ପଶିଯାଇଥିବାବେଳେ ଆଉ କିଛି ପାଣି ଚାଷ ଜମିରେ ମାଡ଼ି ଯାଇଥିଲା। ସହରର ମୁଖ୍ୟ କେନାଲର ଉପରମୁଣ୍ଡରେ ଗେଟ୍ ଖୋଲାଥିବାବେଳେ ତଳ ମୁଣ୍ଡରେ ଗେଟ୍ ବନ୍ଦ ରହିଥିଲା। ଫଳରେ ପାଣି ତଳ ମୁଣ୍ଡରେ ଯାଇ ନ ପାରି ଉଛୁଳି ବନ୍ଧ ଡେଇଁ ରାସ୍ତା ଉପରେ ପ୍ରବାହିତ ହୋଇଥିଲା। ଖବର ପାଇ ଜଳ ସମ୍ପଦ ବିଭାଗର କର୍ମଚାରୀ ଆସି ତଳମୁଣ୍ଡରେ ଥିବା ଗେଟ୍‌କୁ ଖୋଲିବା ପରେ ପାଣି ତଳ ମୁଣ୍ଡରେ ପ୍ରବାହିତ ହୋଇଥିଲା। ଏହାପରେ ପାଣି ହ୍ରାସ ପାଇଥିଲା।






❝ ଆମର ଏଇ ସାଧାରଣ ମାନବୀୟ ସ୍ତରରୁ ଉର୍ଦ୍ଧ୍ୱକୁ ଉଠିଥିବା ଯେକୌଣସି ମହାନ୍ ମଣିଷ ଆମକୁ ଏହି ପ୍ରତ୍ୟୟ ଦିଅନ୍ତି ଯେ– ମଣିଷ ପକ୍ଷରେ ଏକ ଦିବ୍ୟ ଜୀବନ ବଞ୍ଚିବାର ସମ୍ଭାବନା ଅଛି। ଏବଂ ଯେକୌଣସି ମନୁଷ୍ୟ ମଧ୍ୟ ଇଚ୍ଛା ବା ସଂକଳ୍ପ କଲେ– ଦିବ୍ୟ ଆଲୋକ ଓ ଦିବ୍ୟଶକ୍ତି ପ୍ରାପ୍ତ ହୋଇପାରିବ। **–ଶ୍ରୀଅରବିନ୍ଦ**

# ଦୋଳି ଦୁର୍ଘଟଣା

ପ୍ରମୋଦ ଉଦ୍ୟାନ କିମ୍ବା ମନୋରଞ୍ଜନର ଖୋରାକ ଯୋଗାଉଥିବା କୌଣସି ମେଳାକୁ ବୁଲିଯିବା ବେଳେ ଆନନ୍ଦ ଲାଭ କରିବା ଥାଏ ମୂଳ ଲକ୍ଷ୍ୟ। କିନ୍ତୁ ତାହା ନିରାନନ୍ଦ ବା ଦୁଃସ୍ୱପ୍ନ ପାଲଟିଗଲେ କଥା ସରିଲା। ମେଳା ଭିତରେ ଭଳିକିଭଳି ଦୋଳି ପିଲା ସହ ବୟସ୍କଙ୍କୁ ମଧ୍ୟ ଆକର୍ଷିତ କରେ। ଅନେକ ସମୟରେ ଭାରତରେ ଦେଖାଯାଉଛି ମେଳାରେ ଖଞ୍ଜାଯାଇଥିବା ଦୋଳି ବା ଚିତ୍ତବିନୋଦନ ଯୋଗାଉଥିବା ସାଧନରେ ତ୍ରୁଟି ଥିବାରୁ ଅସ୍ୱାଭାବିକ ସ୍ଥିତି ଉପୁଜୁଛି। ଏପରିକି ମଣିଷର ଜୀବନ ଯିବା ଭଳି ଘଟଣା ଦେଖାଯାଉଛି। ହରିୟାଣାର ଫରିଦାବାଦରେ ଚାଲିଥିବା ସୂରଜକୁଣ୍ଡ ମେଳାରେ ୭ ଫେବୃଆରୀରେ ଏକ ବଡ଼ ଦୋଳି ଖସିପଡ଼ିବାରୁ ୫୯ ବର୍ଷୀୟ ଜଣେ ପୋଲିସ ଇନ୍ସପେକ୍ଟରଙ୍କ ମୃତ୍ୟୁ ଘଟିଛି। ଏଥିରେ ୧୩ ଜଣ ଗୁରୁତର ଆହତ ହୋଇଛନ୍ତି। ଟିକେ ପଛକୁ ଫେରିଲେ ୧୯ ଜାନୁଆରୀ ୨୦୨୬ରେ ମଧ୍ୟପ୍ରଦେଶର ଝାବୁଆ ସହରରେ ଦୋଳିରେ ବସିଥିବା ଏକ ସରକାରୀ ବିଦ୍ୟାଳୟର ୧୪ ଜଣ ପିଲା ଗୁରୁତର ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୧୩ ଜଣ ଛାତ୍ରୀ ଥିଲେ। ୨ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ୨୦୨୫ ଏପ୍ରିଲ ୩ରେ ଦିଲ୍ଲୀରେ ଜଣେ ୨୪ ବର୍ଷୀୟା ମହିଳା ତାଙ୍କ ସିଟ୍ ବେଲ୍ଟ ଖରାପ ହୋଇଯିବାରୁ ସେ ରୋଲର କୋଷ୍ଟରରୁ ଖସି ପଡ଼ି ପ୍ରାଣ ହରାଇଥିଲେ। ଓଡ଼ିଶାରେ କଟକ ବାଲିଯାତ୍ରାରେ ମଧ୍ୟ ଅଘଟଣ ଘଟିବାର ଦୃଷ୍ଟାନ୍ତ ରହିଛି। ୧୨ ନଭେମ୍ବର ୨୦୨୫ରେ ବାଲିଯାତ୍ରା ତଳପଡ଼ିଆରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ୫୦ ଫୁଟ ଉପରେ ଦୋଳି ଅଟକିଯିବାରୁ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ୮ ଜଣ ଡରି ଚିତ୍କାର କରିଥିଲେ। ଅଗ୍ନିଶମ ବାହିନୀ ସେମାନଙ୍କୁ ଉଦ୍ଧାର କରିଥିଲା। ଏଭଳି ଅସ୍ୱାଭାବିକ ଘଟଣା ଖୋଜିଲେ ତାଲିକା ଲମ୍ବିଚାଲିବ।

ଅନେକ ସମୟରେ ସୁରକ୍ଷା ଦିଗକୁ ଗୁରୁତ୍ୱ ଦିଆଯାଉ ନ ଥିବାରୁ ଅସ୍ୱାଭାବିକ ସ୍ଥିତି ଉତ୍ପନ୍ନ ହେଉଛି। ସାଧାରଣତଃ ଯାଞ୍ଚକାରୀ ସଂସ୍ଥା ଦୋଳିର ସ୍ଥିତିକୁ ଅନୁଧ୍ୟାନ କରି ନ ଥାଆନ୍ତି। ଅଘଟଣ ଘଟିବା ପରେ ସେଥିରେ ସମ୍ପୃକ୍ତ ଜଣେ ଦୁଇ ଜଣ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରି ଲୋକଦେଖାଣିଆ କାର୍ଯ୍ୟାନୁଷ୍ଠାନ ନେଇଥାଏ। ମେଳା ଆୟୋଜକମାନେ ଲାଭକୁ ସବୁକିଛି ଧରିନେଉଥିବାରୁ ସେମାନଙ୍କ ପାଇଁ ଦର୍ଶକଙ୍କ ନିରାପତ୍ତା ବିଶେଷ ଗୁରୁତ୍ୱ ରଖୁନାହିଁ। ପ୍ରଶାସନ, ପୋଲିସ ଓ ଆୟୋଜନକାରୀଙ୍କର ଲୋକଙ୍କ ପ୍ରତି ଉତ୍ତରଦାୟିତ୍ୱ ରହୁ ନ ଥିବାରୁ ସବୁକିଛି ବେଢଙ୍ଗରେ ଚାଲୁଥିବା ଭଳି ମନେହେଉଛି। ଏହି ପରିପ୍ରେକ୍ଷୀରେ ପର୍ଯ୍ୟଟନସ୍ଥଳୀ ବିଶେଷକରି ପରିବେଶ ପର୍ଯ୍ୟଟନସ୍ଥଳୀକୁ ଦେଖିଲେ ସ୍ଥିତି ଦିନକୁ ଦିନ କିଭଳି ବିଗିଡ଼ି ଯାଉଛି ଲକ୍ଷ୍ୟ କରିବା କଥା। ନିଜ ଗାଁ କିମ୍ବା ସହରଠାରୁ ଭିନ୍ନ ସ୍ଥାନକୁ ଭ୍ରମଣରେ ଯିବା ଉଦ୍ଦେଶ୍ୟ ରଖି ପ୍ରକୃତିପ୍ରେମୀମାନେ ବଣଜଙ୍ଗଲ, ପାହାଡ଼, ଝରଣା ଆଦିକୁ ବୁଲି ଅବସର ସମୟ କଟାଇବାକୁ ଚାହିଁଥାଆନ୍ତି। ପ୍ରକୃତି କୋଳରେ କିଛି ସମୟ ବିତାଇଲେ ସେମାନେ ଅଫୁରନ୍ତ ଆନନ୍ଦ ପାଇଥାଆନ୍ତି। ମାତ୍ର ଦେଖାଯାଉଛି ପ୍ରାକୃତିକ ପରିବେଶକୁ ଲାଭ ଅର୍ଜନର କେନ୍ଦ୍ର କରିବା ସକାଶେ ସରକାରୀ ଓ ବେସରକାରୀ ସ୍ତରରେ ଗୋଟେ ଜୋରଦାର ଉଦ୍ୟମ ହେଉଛି। ଅତ୍ୟଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲାଗି ପାହାଡ଼ ତାଡ଼ି ରାସ୍ତା, କୋଠାବାଡ଼ି ତିଆରି କରାଯାଉଛି। ଫଳରେ ଭଙ୍ଗୁର ଅବସ୍ଥାରେ ଥିବା ପରିସଂସ୍ଥାନ ଦୁର୍ବଳ ହୋଇଯାଉଛି। ଉତ୍ତରାଖଣ୍ଡରେ ଚାରଧାମ ସଡ଼କ ପ୍ରକଳ୍ପ ପାଇଁ ଅପର୍ଯ୍ୟାପ୍ତ ଗଛ କଟାଯିବା ସହ ଅନିୟନ୍ତ୍ରିତ ନିର୍ମାଣ ସମ୍ପୃକ୍ତ ଅଞ୍ଚଳର ପରିବେଶକୁ ସମ୍ପୂର୍ଣ୍ଣ ବିଗାଡ଼ି ଦେଲାଣି। ଏ ନେଇ ପରିବେଶପ୍ରେମୀଙ୍କଠାରୁ ସ୍ଥାନୀୟ ଲୋକେ ସ୍ୱର ଉଠାଉଥିଲେ ମଧ୍ୟ ସୁଫଳ ମିଳୁନାହିଁ।

ଆମୋଦପ୍ରମୋଦର କେନ୍ଦ୍ର କୁହାଯାଉଥିବା ଆକର୍ଷଣୀୟ ମେଳାର ଦୋଳି ହେଉ ବା ପର୍ଯ୍ୟଟନସ୍ଥଳୀରେ ରୋପ୍ ୱେ ସୁରକ୍ଷିତ ରହିବା ନିତାନ୍ତ ଦରକାର। ଅନ୍ୟ ଦେଶଗୁଡ଼ିକ ପରିବେଶକୁ ଅକ୍ଷୁଣ୍ଣ ରଖି ସେମାନଙ୍କ ପର୍ଯ୍ୟଟନକୁ ବିକଶିତ କରିବା ସହ ସୁରକ୍ଷା ଦିଗକୁ ସର୍ବାଧିକ ଗୁରୁତ୍ୱ ଦେଇଥାଆନ୍ତି। ହେଲେ ଭାରତରେ ବେପରୁଆ ଭାବେ ସବୁକିଛି ଚାଲିଛି। ଏଥିସହିତ କୁହାଯାଇପାରେ ଯେ, ପ୍ଲାଷ୍ଟିକ୍‌ର ବହୁଳ ବ୍ୟବହାର ପ୍ରକୃତିକୁ ଅତିଷ୍ଠ କଲାଣି। ପର୍ଯ୍ୟଟନସ୍ଥଳୀଗୁଡ଼ିକରେ କୁଡ଼ କୁଡ଼ ପଲିଥିଲିନ୍ ବ୍ୟବହାର କରାଯାଇ ସେହିଠାରେ ତାହାକୁ ଛାଡ଼ି ଚାଲିଆସିବାର କୁଫଳ ଭୋଗିବା ଆରମ୍ଭ ହୋଇଥିଲେ ମଧ୍ୟ ସେଥିପ୍ରତି କାହାରି ନିଘା ରହୁନାହିଁ। ଜନସାଧାରଣ ନିଜର ବ୍ୟକ୍ତିଗତ ସୁରକ୍ଷା ପାଇଁ ଯେତେବେଳେ ଚିନ୍ତା କରୁନାହାନ୍ତି ସେତେବେଳେ ଲାଭକୁ ଆଖିଆଗରେ ରଖି କାର୍ଯ୍ୟ କରୁଥିବା ବ୍ୟକ୍ତି ବା ସଂସ୍ଥା ମନମୁଖି କାର୍ଯ୍ୟ କରିବା ସ୍ୱାଭାବିକ। ସେଭଳି ସ୍ଥଳେ ଯାଞ୍ଚ ବା ସ୍ଥିତି ପରିଖିବାର ପ୍ରଶ୍ନ ଉଠି ନ ଥାଏ। ଗହଳି ଦେଖିବା ସତ୍ତ୍ୱେ ଥୋକେ ତା' ଭିତରକୁ ମାଡ଼ିଯିବାକୁ ଆଗଭର। ଉଦ୍ଦେଶ୍ୟ ନିଜେ କିଭଳି ଆଗକୁ ଯାଇ ମଜା ନେଇଯିବେ। କେବଳ ଦୋଳି ଦୁର୍ଘଟଣା ନୁହେଁ, ମେଳା ମଉଛବରେ ଅତ୍ୟଧିକ ଭିଡ଼ ଅନେକ ସମୟରେ ଦଳାଚକଟାଜନିତ ମୃତ୍ୟୁର କାରଣ ପାଲଟିଥାଏ। ଏହି ପରିପ୍ରେକ୍ଷୀରେ ସାଧାରଣ ଲୋକ ତା' ଚିନ୍ତନରେ ପରିବର୍ତ୍ତନ ଆଣିବା ଦରକାର। କାରଣ ମନୋରଞ୍ଜନ ଯେତିକି ଗୁରୁତ୍ୱ ରଖୁଛି, ବ୍ୟକ୍ତିଗତ ସୁରକ୍ଷା ତତୋଽଧିକ ଗୁରୁତ୍ୱପୂର୍ଣ୍ଣ।

> **ଗହଳି ଦେଖିବା ସତ୍ତ୍ୱେ ଥୋକେ ତା' ଭିତରକୁ ମାଡ଼ିଯିବାକୁ ଆଗଭର। ଉଦ୍ଦେଶ୍ୟ ନିଜେ କିଭଳି ଆଗକୁ ଯାଇ ମଜା ନେଇଯିବେ। କେବଳ ଦୋଳି ଦୁର୍ଘଟଣା ନୁହେଁ, ମେଳା ମଉଛବରେ ଅତ୍ୟଧିକ ଭିଡ଼ ଅନେକ ସମୟରେ ଦଳାଚକଟାଜନିତ ମୃତ୍ୟୁର କାରଣ ପାଲଟିଥାଏ। ଏହି ପରିପ୍ରେକ୍ଷୀରେ ସାଧାରଣ ଲୋକ ତା' ଚିନ୍ତନରେ ପରିବର୍ତ୍ତନ ଆଣିବା ଦରକାର। କାରଣ ମନୋରଞ୍ଜନ ଯେତିକି ଗୁରୁତ୍ୱ ରଖୁଛି, ବ୍ୟକ୍ତିଗତ ସୁରକ୍ଷା ତତୋଽଧିକ ଗୁରୁତ୍ୱପୂର୍ଣ୍ଣ।**

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | 9 | | 1 | | | | |
| 4 | 1 | | 2 | | | | | |
| | | | 6 | | 3 | | | 1 |
| 6 | | | 3 | | 1 | | 4 | |
| 5 | 4 | 8 | | | | 2 | | |
| | | | 8 | | | | 5 | 7 |
| | 7 | | | | 8 | 5 | 3 | 9 |
| | 5 | | 1 | 3 | | 8 | | 4 |
| | | 4 | | | | 1 | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 8 | 5 | 2 | 4 | 9 | 3 | 6 | 1 |
| 4 | 9 | 3 | 1 | 7 | 6 | 2 | 8 | 5 |
| 6 | 1 | 2 | 8 | 3 | 5 | 7 | 4 | 9 |
| 3 | 6 | 4 | 9 | 1 | 8 | 5 | 2 | 7 |
| 9 | 7 | 8 | 4 | 5 | 2 | 1 | 3 | 6 |
| 2 | 5 | 1 | 7 | 6 | 3 | 4 | 9 | 8 |
| 5 | 4 | 6 | 3 | 9 | 1 | 8 | 7 | 2 |
| 1 | 2 | 7 | 6 | 8 | 4 | 9 | 5 | 3 |
| 8 | 3 | 9 | 5 | 2 | 7 | 6 | 1 | 4 |

ଗତକାଲିର ଉତ୍ତର

# ଉଠିବା ଦରକାର, ଉଡ଼ିବା ପଛକଥା



ଡ. ସାରଦା ପ୍ରସାଦ କର

ପ୍ରଥମ ବିଶ୍ୱଯୁଦ୍ଧ ସମୟର ଇଟାଲୀୟ ଆମ୍ବୁଲାନ୍ସ ଚାଳକ, ପରବର୍ତ୍ତୀ ସମୟରେ ଗୁରୁତର ଆହତ ଅର୍ନେଷ୍ଟ ହେମିଂୱେଙ୍କ କଥା ଆଜି ବି ପାସୋରି ପାରି ନାହାନ୍ତି ଅର୍ଥନୈତିକ ବିଶାରଦଗଣ। ୧୯୫୪ରେ ନିଜ ପୁସ୍ତକ 'ଫାରୱେଲ ଟୁ ଆର୍ମସ' ପାଇଁ ନୋବେଲ ପୁରସ୍କାର ନେଉଥିବା ଦୃଶ୍ୟଟିରୁ ଲାଗେ ଯେମିତି ନିଜ ଆହତ ଶରୀରକୁ ଯୁଦ୍ଧଭୂମିରୁ ବୋହି ନେଉଛନ୍ତି ନିଜ ଆମ୍ବୁଲାନ୍ସରେ। ଆଖିଦେଖା କଥାକୁ ଲେଖାରେ ପ୍ରକାଶ କଲେ ସେ– 'ଦ ୱାର୍ଲ୍ଡ ବ୍ରେକ୍ସ ଏଭ୍ରିୱାନ, ଆଣ୍ଡ ଆଫ୍ଟରୱାର୍ଡ, ମେନି ଆର୍ ଷ୍ଟ୍ରଙ୍ଗ ଆଟ୍ ଦ ବ୍ରୋକନ ପ୍ଲେସେସ୍'। ସେହି ଏକା ସମୟରେ ଗୁରୁତର ହୋଇଥିବା ଫ୍ରାନ୍ସର ଉତ୍ତରପୂର୍ବ ଶିଳ୍ପାଞ୍ଚଳ ପୁଣି ଛିଡ଼ାହେଲା, ୧୯୨୪ ବେଳକୁ ଦୁଇପାଦ ଆଗରେ ଥିଲା। ନିଜ ଦେଶରେ ଯୁଦ୍ଧ ନ ହୋଇ ମଧ୍ୟ ମାନବ ସମ୍ବଳ ଆଉ ଆର୍ଥିକ କ୍ଷତି ଆମେରିକାରେ ସର୍ବାଧିକ। ତଥାପି ଜଲ୍‌ଦି ସୁସ୍ଥ ହୋଇ ବିଶ୍ୱ ନେତୃତ୍ୱରେ ଅଗ୍ରଣୀ ଭୂମିକା ନେଇଗଲା। ଫିନ୍‌ଲାଣ୍ଡ ୧୯୧୭–୧୮ରେ ରୁଷିଆଠାରୁ ସ୍ୱାଧୀନତା ପାଇଲା ବେଳେ ଗୃହଯୁଦ୍ଧରେ ଘାଇଲା। ପରବର୍ତ୍ତୀ ସମୟରେ କେହି ବି ସେ ଦେଶକୁ ଗଲେ ବୁଝି ପାରିବନି ଯେ ସେଠାରେ ଦିନେ ସାମାଜିକ ଆର୍ଥିକ ପ୍ରଗତି ଯୁଦ୍ଧ ଘନଘଟାର ସୁନାମିରେ ପୋତି ହୋଇ ପଡ଼ିଥିଲା।

ହେମିଂୱେଙ୍କ ବାର୍ତ୍ତା ଆଜି ଆମ ଦେଶର ଅର୍ଥନୀତି ଶ୍ରେଣୀ ପାଠକଙ୍କୁ ବଡ଼ ଉତ୍ସାହ। ଆମେ କେତେ ଶିଖିଲେ ଆଉ କେତେ କାମରେ ଲଗେଇଛେ ସେସବୁର ସମୀକ୍ଷା କମ୍। ଯାହାହେଉ ଦେଶର ଶୀର୍ଷ ନେତୃତ୍ୱ ଆମକୁ ଆଶ୍ୱସ୍ତ କରନ୍ତି ଯେ ଆମେ ଦିନେ ବିଶ୍ୱଗୁରୁ ହେବୁ। ବାଇଶରେ ହବୁ, ତିରିଶରେ ହବୁ, ଅଣଚାଶରେ ହବୁ ପୁଣି ଏବେ କହିଲେଣି ଷାଠିଏ ବେଳକୁ ଆମକୁ କେହି ଚିହ୍ନି ପାରିବେନି। ହାସ୍ୟାସ୍ପଦ...। ଅପେକ୍ଷାର ଅନ୍ତ ଘଟେଇବା ଆମ ଭଳି ମୂଢ଼ଙ୍କ ପକ୍ଷରେ ଅସମ୍ଭବ ଯେମିତି। ବିକାଶର ଯାନରେ ବସିଲୁ ବୋଲି ଦେଶର ବଜେଟ ଅଧିବେଶନ ଦିନ ତିନି ବାଜାବାଲା, ସରକାର, କର୍ପୋରେଟ ଆଉ ମିଡିଆ କାନ ଫଟେଇ ଶୁଣେଇବେ। ହେମିଂୱେଙ୍କ ବାର୍ତ୍ତା ଏମିତି ଶସ୍ତା ଲୋକପ୍ରିୟତା ନ ଥିଲା। ଆହତର ସ୍ୱର ଭିତରୁ ଆଗକୁ ବଢ଼ିବାର ଉତ୍କଣ୍ଠା, ତୁର୍କୀର ଓଟୋମାନ ସାମ୍ରାଜ୍ୟର ପ୍ରତିଫଳନକୁ ସ୍ୱୀକାର କରିଗଲେ ଆମେ ପାପ ପୁଷ୍କରିଣୀରେ ପଡ଼ିଯିବା ନାହିଁ। ଦୁର୍ଗତିର ଆଲୋଚନା ନ ହେବା ଯାଏ 'ଅଚ୍ଛେ ଦିନ' ମହଙ୍ଗାହୋଇ ଚାଲିଥିବ। 'ଦ ୱାର୍ଲ୍ଡ ବ୍ରେକ୍ସ ଏଭ୍ରିୱାନ', ସମାଜ ଉନ୍ନତି କଲ୍ପେ ପାହାଡ ଭଙ୍ଗା ଚାଲିଛି ଭଲକଥା, ହେଲେ ପଥର ତଳେ ଶୁଭୁଥିବା ସ୍ୱରକୁ ଏଥର ଶୁଣିବା ହେଉ।

ସର୍ବାଧିକ ଋଣ ବୋଝ ମୁଣ୍ଡେଇଥିବା ରାଜ୍ୟ ଭିତରେ ମହାରାଷ୍ଟ୍ର ପଛକୁ ତାମିଲନାଡୁ। ଗରିବୀ ରେଖାତଳେ ୧୫.୬୮ ପ୍ରତିଶତ ସହ ସପ୍ତମ ସ୍ଥାନରେ ଓଡ଼ିଶା ବୋଲି 'ନୀତି ଆୟୋଗ' କହିବାରେ ଆମେ ଗରିବୀକୁ ସ୍ୱୀକାର କରି କେନ୍ଦ୍ରକୁ ସ୍ୱତନ୍ତ୍ର ଦାବି ରଖିପାରିବା। ତେବେ କେତେଦିନ ଆମେ ରତ୍ନଗର୍ଭା



ଓଡ଼ିଶାରୁ ଖଣିଜ ଦେବା ସହ ନିଜପାଇଁ ଋଣ ଯନ୍ତାଟି ମୁଣ୍ଡେଇ ବୁଲିବା? ଦୁଇ ହଜାର ମସିହା ବେଳକୁ ଓଡ଼ିଶା ରାଜ୍ୟ ଋଣଭାର ଅଠର ହଜାର କୋଟିରୁ ୨୦୨୪ ମସିହା ବିଜେଡି ସରକାରଙ୍କ ବିଦାୟ ବେଳକୁ ଛୟାନବେ ହଜାର ତିନିଶହ ଦଶ କୋଟିର ଶିଖର ଛୁଇଁବାରେ ବିକାଶର ସ୍ପଷ୍ଟ ଅନୁଭୂତି ଆମେ ପାଇଥିଲୁ। ଭାଜପା ସରକାର ଆସୁଆସୁ ଆଉ ୪୨୪୯.୫ କୋଟି ଟଙ୍କାର ଅଧିକ ଋଣକରି ପାହାଡ଼ଟାଏ ଛିଡା କରେଇଲେ। ଏବେ ପୁଣି ଏକ ଲକ୍ଷ ତିରିଶ ହଜାର କୋଟି ପାର ହେବାରେ ଡବଲ ଇଞ୍ଜିନ ଧାରଣାରେ ଗଡୁଛି, ଆମେ ଦିଶାହୀନ ହୋଇନାହୁଁ ବୋଲି ପାଞ୍ଚ ବର୍ଷ ପରେ ଜଣାପଡିବ। କିନ୍ତୁ ସରକାର ଯେଉଁ ହାତୀ ଘୋଡ଼ା ପ୍ରତିଶ୍ରୁତି ଦେଇଥିବେ ତାକୁ ପୂରଣ କରିବା ପାଇଁ ଅର୍ଥର ଆବଶ୍ୟକତା ବଢ଼ିବ। ୧୫ତମ ଅର୍ଥ ଆୟୋଗ ଆର୍ଥିକ ଦାୟିତ୍ୱ ଓ ଋଣ ପରିଚାଳନା ଆଇନ–୨୦୦୫, ସରକାରଙ୍କ ଉଧାର ୨୦୨୫ ସେପ୍ଟେମ୍ବରରେ ଏକ ଲକ୍ଷ ଛବିଶ ହଜାର କୋଟି ପାରି ହେଲାଦିନ ଆମେ ବିଦେଶୀ ଫୁଲସଜା ଦାମୀ ପୋଡିୟମରୁ ଏକ ଦୀକ୍ଷାନ୍ତ ଭାଷଣ ଦେଇଥିଲୁ। ଓଡ଼ିଶାର ଋଣ ଶୁଝିବା ବାବଦରେ ଗଚ୍ଛିତ ରାଶିକୁ ସମୁଦାୟ ରାଜ୍ୟ ଘରୋଇ ଉତ୍ପାଦର ୨୫ ପ୍ରତିଶତ ମଧ୍ୟରେ ସୀମିତ ରଖିବାକୁ ଉପଦେଶ ଦେଇଥିଲେ। ପ୍ରାପ୍ତ ରାଜସ୍ୱରୁ ସୁଧ ଦେୟର ଅନୁପାତ ୧୫ ପ୍ରତିଶତ ମଧ୍ୟରେ ରଖିବା କଥା କହିଲେ। ଆମେ ଶୁଣିବୁନି ତ ଦୁର୍ଗତି ଧରାବନ୍ଧା।

ପଚାଶ ବର୍ଷ ତଳେ ଓଡ଼ିଶା ଏକ ବାତ୍ୟା, ବନ୍ୟା, ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳ ବୋଲି ଆମେ ରଚନା ଲେଖୁଥିଲୁ। ଏବେ ସେଇଆ ଲେଖୁଛୁ। ବନ୍ୟା ଦୁର୍ଗତ କେରଳ କି ଆସାମର ଉପରମୁହାଁ ଅର୍ଥନୀତିକୁ ଦେଖିପାରୁନୁ। ପର୍ଯ୍ୟଟନ ଶିଳ୍ପରୁ ସୁଇଜରଲାଣ୍ଡ ମୁଖ୍ୟ ଆୟ ଅନ୍ନ ସାଉଁଟିବା ବେଳେ ଆମପାଖରେ ଯେମିତି ପାହାଡ଼, ଜଙ୍ଗଲ କି ବେଳାଭୂମି ନାହିଁ! ହେମିଂୱେଙ୍କ କଥାଟି ପ୍ରଯୁଜ୍ୟ ଏଠାରେ – 'ଦ ୱାର୍ଲ୍ଡ ବ୍ରେକ୍ସ ଏଭ୍ରିୱାନ, ଆଣ୍ଡ ଆଫ୍ଟରୱାର୍ଡ, ମେନି ଆର୍ ଷ୍ଟ୍ରଙ୍ଗ ଆଟ୍ ଦ ବ୍ରୋକନ ପ୍ଲେସେସ'। ହେଲେ ଅସୁବିଧା ଭିତରୁ ଛିଡ଼ାହୋଇ ଦେଖେଇଦେବା ପାଇଁ ଆମ ପାଖରେ ଇଚ୍ଛା ନାହିଁ ଯେମିତି। ସତକଥା ହେଲା ଆମପାଖରେ ମାଳମାଳ ଯୋଜନା ଅଛି, ଯୋଜନାର ରୂପରେଖ ଦେବାପାଇଁ ମାନବ ସମ୍ବଳ, ବୈଷୟିକ ସମ୍ବଳ ଅଛି, ପୁଞ୍ଜି ମଧ୍ୟ ପର୍ଯ୍ୟାପ୍ତ ଖଟା ଯାଉଛି ହେଲେ ଜାତୀୟ ଲକ୍ଷ୍ୟ ପୂରଣ ହେଉନି। ଭ୍ରଷ୍ଟାଚାର ଭଳି କୃଷ୍ଣଗର୍ତ୍ତର ଆଁ ଭିତରେ ସବୁ ଗଳିପଡୁଛି। ପୁଞ୍ଜିପତିଙ୍କ ସଂଖ୍ୟା ବଢ଼ିବାରୁ ଆମେ ଅଯଥା ଉତ୍ସାହିତ ହେଉଛୁ।

ଦେଶର ଜାତୀୟ କି ଆଞ୍ଚଳିକ ଋଣକର୍ତ୍ତାଙ୍କୁ ପଚାରିଲେ ସେହି ଗୋଟିଏ କଥା କହିବେ ଯେ ବିକାଶ ଆସିବ। ବିକାଶର ମହାକୁମ୍ଭଟି ୨୦୬୦କୁ ଦେଖେଇଲା ବେଳେ ରାଜନୈତିକ ପଣ୍ଡିତଙ୍କ ଚତୁରତା ସ୍ପଷ୍ଟ ଅନୁମେୟ। ଜିଡିପି ଆଉ ସମୁଦାୟ କରରୁ ଆମେ ସୁଧ ଗଣି ନୟାନ୍ତ ବେଳେ ଆମେରିକା, ଜାପାନର ଉଦାହରଣ ଥୋଇବୁ, ହେଲେ ବିକାଶକୁ ଦୂର ଦିଗ୍‌ବଳୟ ତଳେ ଦେଖେଇବୁ। ୨୦୧୯ ଜିଡିପିର ୨୬୦ ପ୍ରତିଶତ ପବ୍ଲିକ ଋଣ ୨୦୨୫ ବେଳକୁ ୨୧୧ ପ୍ରତିଶତରେ ପହଞ୍ଚିଥିବା ଇଜିପ୍ଟିଆ ପରି ଆମେ ବାଟବଣା ନୁହଁ ତ? ଆମେରିକାର ୩୫ କୋଟି ଲୋକଙ୍କ ପାଇଁ ୩୮ ଟ୍ରିଲିଅନ ଡଲାର କି ଚାଇନାର ୨୦ ଟ୍ରିଲିଅନ ଡଲାର ଅର୍ଥନୀତିକୁ ଟପିବା ଲକ୍ଷ୍ୟରେ ଆମ ଗୋଡହାତ ଭାଙ୍ଗିଲେ ଦେଶର ହିତ ହେବନି। ଦେଶକୁ ଉଠିବା ଦରକାର, ଉଡିବା ପଛକଥା। ଯୁବକଙ୍କ ଲାଗି ନିଯୁକ୍ତି, ମହିଳାଙ୍କ ସୁରକ୍ଷା ଓ ବିଳମ୍ବିତ ନ୍ୟାୟ ବ୍ୟବସ୍ଥାରେ ସୁଧାର ଆଣିପାରନ୍ତେ ସରକାର। ପୂର୍ବ ରିଜର୍ଭ ବ୍ୟାଙ୍କ ଗଭର୍ନର ତଥା ଅର୍ଥନୈତିକ ଉପଦେଷ୍ଟା ପରିଷଦ ଅଧ୍ୟକ୍ଷ ସି. ରଙ୍ଗରାଜନ 'ଇନ୍‌ଷ୍ଟିଚ୍ୟୁଶନାଲ ଫ୍ଲ' ବା 'ସଂସ୍ଥାଗତ ତ୍ରୁଟି' କହିବାରୁ ଅକଳରେ ପଡିଲେ। ସରକାର ଏବେ ଯୁଦ୍ଧଭୂମିର ଆହତ ଅଭିଜ୍ଞମାନଙ୍କ କଥା ଶୁଣନ୍ତୁ।

ମହାରାଷ୍ଟ୍ର, ତାମିଲନାଡୁ ଆଉ ଓଡ଼ିଶା ମୁଣ୍ଡଉଥିବା ଋଣକୁ ଆମେ ଗ୍ରୀସ କି ଇଟାଲୀ ସ୍ତରରେ ଦେଖିବା ନା ଇଜିପ୍ଟିଆର ଦୁଃଖ ପରି ହଜମ କରିବା? ଉତ୍ପାଦନ, ଆୟ ଆଉ ଖର୍ଚ୍ଚର ସାରଣୀରୁ ଆମେ ଯୋଉ ୭ ପ୍ରତିଶତ ଜିଡିପି ଗଣନା କରୁଛୁ ସେଥିରେ ୧ ପ୍ରତିଶତ ପୁଞ୍ଜିପତିଙ୍କ ମେଶିନରୁ ବାହାରୁଥିବା ୮୦ ପ୍ରତିଶତ ବାସ୍ତବ ଆୟ ସାମିଲ ନୁହେଁ। ଖଣି ଖାଦାନରୁ ସିଧାସଳଖ ଯୋଡି ହେଉଥିବା ଆୟକୁ ୨ କିମ୍ବା ୨.୫ ପ୍ରତିଶତ ତା'ର ଠିକ୍ ନୁହେଁ। ହେଲେ ଏହା ସତ୍ୟ ଯେ ଖଣିଜ ସମ୍ପତ୍ତି ସରିଆସୁଛି। ରତ୍ନଗର୍ଭା ଭୂଗର୍ଭ ରକ୍ତହୀନ ହେଉଛି। ଏବେ ଖଣିଜଭରା ଓଡ଼ିଶା ସେମିକଣ୍ଡକ୍ଟର ଆଉ ସଫ୍ଟୱେର ପାର୍କ କରି ବେକାରି ହଟେଇବା ସ୍ୱପ୍ନ ଦେଖୁଛି। ଏମ୍‌ଓୟୁ ଦସ୍ତଖତ କରି ପୁଞ୍ଜିପତି ସହ ହାତ ମିଳେଇବାରୁ ଯେମିତି ଏ ଦେଶର ଭୋକିଲାଙ୍କ ସୁରାଟ ଗସ୍ତକୁ ରୋକିପାରିବ! ଖଣିଜ ସମୃଦ୍ଧ ଝାଡ଼ଖଣ୍ଡୀ, ବିହାରୀ ପିଲା ଅନ୍ୟ ରାଜ୍ୟରେ ବେଠି ବେଗାରି ଆୟରେ ସନ୍ତୁଷ୍ଟ। ଭାରତ ୨୦୩୦ ବେଳକୁ ଏକ ନିଅଣ୍ଟିଆ ଦୁର୍ଗତି ଭିତରକୁ ଟାଣି ହୋଇଯାଉଛି ଯାହାକୁ ସରକାର ମାନିବା ଲାଗି ଅନିଚ୍ଛୁକ। ଜିଡିପିର ୮୦ ପ୍ରତିଶତ ଋଣକୁ ପଚାଶ ପ୍ରତିଶତ କରିବୁ କହିବା ନିର୍ମଳା ସୀତାରାମନଙ୍କ ଘରୋଇ ବିଚାର। ପାକିସ୍ତାନ ତା' ଆୟର ୭୦ପ୍ରତିଶତ ଋଣ ଶୁଝିବାରେ ଯାଉଛି କହିବା ଆମ ଦେଶାତ୍ମବୋଧ। ଦେଶର ଚାକିରିଆଙ୍କ ଦରମା ପାଇଁ ଆମକୁ ଓଭର ଡ୍ରାଫ୍ଟ ସମ୍ମୁଖୀନ ହେବାରୁ କେମିତି ବଞ୍ଚିହବ ଏବେଠୁ ସରକାର ଚିନ୍ତାକରିବା ବିଧେୟ।

**ଡାକବଙ୍ଗଳା ଛକ, ଭୁବନେଶ୍ୱର**
**ମୋ:୮୨୪୯୮୨୭୧୪୮**

# ଦୁଃଖ ଖୋଜୁଥିବା ମଣିଷ



ଡ. ଦ୍ୟୁତି ଚନ୍ଦ୍ର ସାହୁ

କିଛି ଏମିତି ଅଜବ ଲୋକ ଅଛନ୍ତି, ଆପଣ ବି ଭେଟିଥିବେ କେଉଁଠି କେତେବେଳେ। ଜଞ୍ଜାଳମୁକ୍ତ ହୋଇ ପରିବାରକୁ ନେଇ ନିଜ ଭିତରେ ସୁଖୀ ଥିବା ମଣିଷଟି ସମସ୍ତଙ୍କୁ ଦେଖେଇ ହେଲା ଭଳି ଅନେକ କଥା କହେ। ବିଶେଷକରି ଦୁଃଖୀ ମଣିଷ ନିକଟରେ ମିଥ୍ୟା ବିଳାପ କରେ। ବସି ବସି ବିରକ୍ତ ଲାଗୁଛି। କିଛି କାମଧନ୍ଦା ନାହିଁ କ'ଣ କରିବି। ଘରେ ବସି ବସି ଖାଉଛି। ପୁଅ ବୋହୂ ଯେ ଯା ରାସ୍ତାରେ ଖୁସି ଅଛନ୍ତି। ଝିଅ ଭାରି ଦେଖାଶୁଣା କରୁଛି। ସ୍ତ୍ରୀ ଖୁବ୍ ଦାୟିତ୍ୱ ନେଉଛି। ଭଗବାନ୍‌ଙ୍କ ଦୟାରୁ ଚଳିବାକୁ କିଛି ଅଭାବ ନାହିଁ। ସୁଖରେ ସଂସାର ଚାଲୁଛି। ତଥାପି କାହିଁକି କେଜାଣି ଭଲ ଲାଗୁନି। ଏଭଳି ମଣିଷମାନେ ସବୁ ସୁଖକୁ ଜାବୁଡ଼ି ଧରିବା ପରେ ସୁଖକୁ ଅନ୍ୟ ଆଗରେ ଭିନ୍ନ ଢଙ୍ଗରେ ପ୍ରକାଶ କରି ମଉଜ ନିଅନ୍ତି। ଅନ୍ୟ ସମ୍ମୁଖରେ ଯେଉଁଭଳି ହାବଭାବ ପ୍ରଦର୍ଶନ କରନ୍ତି, ଲାଗେ ଅସରାଏ ଦୁଃଖ ଆସି ଅଜାଡ଼ି ହୋଇପଡ଼ନ୍ତା କି? ସୁଖରେ ଥାଇକି ଦୁଃଖ ଖୋଜୁଥିବା ଏମିତି ମଣିଷମାନେ ସଦାକାଳେ ଅନ୍ୟର ଉତ୍ତରଣକୁ ସହ୍ୟ କରିପାରନ୍ତିନି। ନିଜଠାରୁ ଅଧିକ ସୁଖ ଭୋଗ କରୁଥିବା ମଣିଷଙ୍କୁ ଦେଖିଲେ ନିଜ ଭିତରେ ଶଢ଼ିଯାଆନ୍ତି। ନିଜଠାରୁ ଅପେକ୍ଷାକୃତ କମ୍ ଷ୍ଟାଟସ୍‌ର ହୋଇ ବି ଦୁଃଖକଷ୍ଟରେ ସାମାନ୍ୟ ଖୁସିରେ ବଞ୍ଚୁଥିବା ଲୋକଙ୍କୁ ଦେଖିଲେ ଈର୍ଷାଳୁ ହୋଇଯାଆନ୍ତି ଅକାରଣରେ। ଭାବନ୍ତି ନିଜେ ଭଲ। ବାକି ସଂସାର ଖରାପ। ତା'ପରେ କୁତ୍ସା ରଟନା କରିବା ଆରମ୍ଭ କରିଦିଅନ୍ତି। ଏହା ସ୍ୱଭାବ ପାଲଟିଯାଏ ନିଜ ଅଜାଣତରେ। କାରଣ ନିଜ ପାଖରେ ଢେର ସମୟ ଥାଏ। ବଞ୍ଚୁଥିବା ବାକି ସମୟରେ ସେହି ମଣିଷମାନେ ଦେଖାଣିଆ ଢଙ୍ଗରେ ଦୁଃଖକୁ ଦରାଣ୍ଡି ବୁଲନ୍ତି। କିନ୍ତୁ ଅନ୍ୟର ଖୁସି ସେମାନଙ୍କ ପାଇଁ ଦୁଃଖ ପାଲଟିଯାଏ।

ଦୁଃଖକୁ ଖୋଜୁଥିବା ସୁଖୀ ମଣିଷମାନେ ଅନେକ କଥା ଭୁଲି ଯାଆନ୍ତି। ସେମାନେ ମନେରଖିବା ଉଚିତ୍ ଦୁଃଖ ବାହାରୁ କେବେ ଆସୁନାହିଁ। ଏହା ଆମ ଭିତରୁ ଜନ୍ମ ନେଉଛି। ଆମର ତୁଳନା, ଆମର ଅହଂକାର, ଆମର ଆସକ୍ତି, ଆମର ବଡ଼ପଣିଆ ଏସବୁ ମିଶି ଦୁଃଖର ଜାଲ ବୁଣୁଛି। ଆମେ ଅନ୍ୟଙ୍କ ସଫଳତାକୁ ଦେଖି ଅସନ୍ତୋଷରେ ଜଳୁଛୁ। ନିଜର ବିଫଳତାକୁ ଦେଖି ହତାଶ ହେଉଛୁ। ଯେପରି ସୁଖ ଏକ ପ୍ରତିଯୋଗିତାର ପୁରସ୍କାର। କିନ୍ତୁ ସୁଖ କୌଣସି ପଦକ ନୁହେଁ, ଏହା ମନର ଅବସ୍ଥା। ଆମେ ମାଗଣାରେ କିଣି ଆଣୁଛୁ। ଜୀବନକୁ ଯଦି ଅନୁଶୀଳନ କରିବା, ତେବେ ଦେଖାଯାଏ ଯେ ମଣିଷ ସୁଖରେ ଥାଇ ବି ଅଧିକ ସୁଖ ଖୋଜୁଛି। ଅଜାଣତେ ଦୁଃଖକୁ ନିଜେ ଆମନ୍ତ୍ରଣ କରୁଛି। ଜୀବନର ଏହି ବିରୋଧାଭାସ ମଣିଷତ୍ୱର ସବୁଠାରୁ ଗଭୀର ରହସ୍ୟ। ସେ ସୁଖ ପାଇଁ ଧାଉଁଛି। ଅଥଚ ତାହାର ଚିନ୍ତାଧାରା, ଆସକ୍ତି ଓ ଅହଂକାର ତାକୁ ଦୁଃଖରେ ବାନ୍ଧି ରଖୁଛି। ମଣିଷ ଯେତେବେଳେ ଆସକ୍ତିରେ ଧନ୍ଦି ହୁଏ, ସେତେବେଳେ ଦୁଃଖ ତା'ର ନିୟତି ହୁଏ।

ଆମେ ଯାହାକୁ ଭଲପାଉଛୁ, ତାହାକୁ ହରାଇବାର ଭୟ ଆମ ମନରେ ଦୁଃଖ ଜନ୍ମାଏ। ଯାହାକୁ ଚାହୁଁଛୁ ନ ପାଇଲେ ମନ କ୍ଷୁବ୍ଧ ହୁଏ। ଏହି ଆସକ୍ତି ଓ ଆକାଂକ୍ଷା ହେଉଛି ଦୁଃଖର ମୂଳ କାରଣ। ଏହି କାରଣରୁ ମଣିଷକୁ



'ଦୁଃଖ ଖୋଜୁଥିବା ପ୍ରାଣୀ' ବୋଲି କୁହାଯାଇପାରେ। ଆଧୁନିକ ସମାଜରେ ଆପଣ ଯାହାକୁ ବି ପ୍ରଶ୍ନ କରିବେ– ଆପଣ ସୁଖୀ କି? ତା'ର ଉତ୍ତର ଅନେକ ଢଙ୍ଗରେ ଆସିବ। ଏସବୁ ଦୁଃଖ ଅଧିକ ସ୍ପଷ୍ଟ। ପ୍ରତିଯୋଗିତା ଦୌଡ଼ରେ ମଣିଷ ନିଜକୁ ହରାଇଦେଇଛି। ଅନ୍ୟଙ୍କ ସହିତ ତୁଳନା କରି ସେ ନିଜ ସୁଖକୁ ମାପୁଛି। ଅନ୍ୟଙ୍କ ସଫଳତା ତା'ର ମନରେ ଈର୍ଷା ଜନ୍ମାଉଛି। ଏହି ତୁଳନା ମନୋଭାବ ମଣିଷକୁ ନିଜେ ଦୁଃଖରେ ଫଳେଇଦେଉଛି। ସେ ବାହ୍ୟ ଜଗତକୁ ବଦଳାଇବାକୁ ଚେଷ୍ଟା କରୁଛି, କିନ୍ତୁ ନିଜ ମନକୁ ଦେଖୁନାହିଁ କି ନିଜେ ବଦଳିବାକୁ ଚେଷ୍ଟା କରୁନି।

ଦୁଃଖର ଆଉ ଏକ କାରଣ ହେଉଛି ଅହଂକାର। 'ମୁଁ' ଓ 'ମୋର' ଭାବନା ମଣିଷକୁ ଦୁଃଖରେ ବାନ୍ଧି ରଖେ। ଯେତେବେଳେ କେହି ତା'ର ଅହଂକାରକୁ ଆଘାତ କରେ ସେ ମାନସିକ ଯନ୍ତ୍ରଣା ଭୋଗେ। ଯେଉଁ ମଣିଷ ଅହଂକାରକୁ ତ୍ୟାଗ କରିପାରେ, ତା'ର ଅଧିକାଂଶ ଦୁଃଖ ଦୂର ହୋଇଯାଏ। ତେବେ ଦୁଃଖ ମଣିଷର ଶତ୍ରୁ ନୁହେଁ, ବରଂ ଗୁରୁ। ଦୁଃଖ ଆମକୁ ଜୀବନର ସତ୍ୟ ଶିଖାଏ। ସୁଖରେ ଆମେ ଅସାବଧାନ ହେଉ। ଦୁଃଖ ଆମକୁ ଚିନ୍ତା କରିବାକୁ ବାଧ୍ୟ କରେ। ଦୁଃଖ ମଣିଷକୁ ପରିପକ୍ୱ କରେ। ତା'ର ମନକୁ ଗଭୀର କରେ। ଅନେକ କବି, ଦାର୍ଶନିକ ଓ ସନ୍ଥମାନେ ଦୁଃଖରୁ ନିଜ ଜ୍ଞାନର ଆଲୋକ ପାଇଛନ୍ତି। ସେହିପରି ଦୁଃଖକୁ ଅସ୍ୱୀକାର କରିବା ନୁହେଁ, ତାକୁ ବୁଝିବା ଆବଶ୍ୟକ।

ଚିନ୍ତା, ଭୟ, ସନ୍ଦେହ, ଆଶା ଆଶଙ୍କା ଏହିସବୁ ମନର ତରଙ୍ଗ। ମନ ଶାନ୍ତ ହୁଏ ତ ଦୁଃଖ ନଷ୍ଟ ହୋଇଯାଏ। ସତ୍ୟ ସୁଖ ବାହ୍ୟ ଜଗତରେ ନୁହେଁ, ଆତ୍ମାରେ ଅଛି। ଯେତେବେଳେ ମଣିଷ ନିଜ ସ୍ୱରୂପକୁ ଜାଣିପାରେ, ସେ ଦୁଃଖରୁ ମୁକ୍ତ ହୁଏ। ସେ ବୁଝିପାରେ ଯେ, ସୁଖ ଓ ଦୁଃଖ ଦୁହେଁ କ୍ଷଣିକ। ଜୀବନ ଏକ ପ୍ରବାହ। କେବେ ଆନନ୍ଦ, କେବେ ବିଷାଦ। ଏହାକୁ ସମଭାବରେ ଗ୍ରହଣ କରିବାରେ ହିଁ ଜୀବନର ସାର୍ଥକତା। ମଣିଷ ଯଦି ଦୁଃଖକୁ ଖୋଜିବା ବନ୍ଦ କରି ନିଜକୁ ଖୋଜିବା ଆରମ୍ଭ କରେ, ତେବେ ସେ ସତ୍ୟ ସୁଖକୁ ପାଇପାରିବ। ଆସକ୍ତି ଛାଡ଼ିବା, ଅହଂକାର ତ୍ୟାଗ କରିବା, ନିଷ୍କାମ କର୍ମ କରିବା ଓ ଆତ୍ମଚିନ୍ତନରେ ଲୀନ ହେବା ହେଉଛି ମୁକ୍ତିର ପଥ।

ଆଜିର ଯୁଗରେ ଦୁଃଖ ଅଧିକ ସୂକ୍ଷ୍ମ ହୋଇଯାଇଛି। ସୋସିଆଲ୍ ମିଡିଆରେ ହସୁଥିବା ମୁହଁଗୁଡ଼ିକୁ ଦେଖି ଆମେ ଭାବୁ ସେମାନେ ସବୁଠି ସୁଖୀ, କେବଳ ମୁଁ ଜଣେ ଦୁଃଖୀ। ଏହି ଭ୍ରମ ଆମକୁ ଭିତରୁ ଖାଇଯାଏ। ଆମେ ଅନ୍ୟଙ୍କ ଜୀବନକୁ ଦେଖି ନିଜ ଜୀବନକୁ ମୂଲ୍ୟହୀନ କରୁ। ଲାଇକ୍ ଓ ଅଦରକାରୀ ମତାମତରେ ଜୀବନର ବାସ୍ତବତାକୁ ମାପ କରୁ। ସୁଖରେ ଥାଇ ଦୁଃଖ ଖୋଜୁଥିବା ମଣିଷମାନେ ପ୍ରକାରାନ୍ତରେ ଅଯଥା ଦୁଃଖକୁ ଆବୋରି ବସନ୍ତି। ନିଜ ଭିତରେ ନିଜେ ଶଢ଼ିବା ଆରମ୍ଭ କରନ୍ତି। ଦୁଃଖ ଖୋଜି ଖୋଜି ଦୁନିଆ ପାଇଁ ଏକଲା ମନେହୁଅନ୍ତି। ନିଜ ପାଇଁ କିଛି ଲୋଡ଼ା ନାହିଁ ବୋଲି ଅନେକ କିଛି ଖୋଜିବାର ମାନସିକତା ହେତୁ ସାପ ପରି ନିଜ ଚାରିପଟେ ଗୋଡ଼େଇ ହୋଇ ରହେ ଅଶାନ୍ତି। ବାସ୍ତବରେ ଏଭଳି ମଣିଷ ଦୁଃଖ ଖୋଜନ୍ତିନି ବରଂ ତାଙ୍କ ଅଜ୍ଞାନତା ଓ ମୂଢ଼ପଣ ଆପଣାର ସମାଧିକୁ ସହଜରେ ତିଆରି କରନ୍ତି।

**ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା**
**ମୋ: ୯୪୩୭୯୦୯୬୭୧**

## ଏଇ ଭାରତରେ

ଅଜିମ ପ୍ରେମଜୀ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଏକ ଟିମର ବର୍ଜ୍ୟପରିଚାଳନା ଅତ୍ୟନ୍ତ ପ୍ରଶଂସନୀୟ। କର୍ନାଟକ ବେଙ୍ଗାଲୁରୁ ନିକଟରେ ଥିବା ବିଲାପୁରା ଗାଁକୁ ସମ୍ପୂର୍ଣ୍ଣ ବର୍ଜ୍ୟମୁକ୍ତ କରାଯାଇପାରିଛି। ଦେଖିବାକୁ ଗଲେ ଏହି ଗୋଟିଏ ଗାଁକୁ ନେଇ ବିଲାପୁରା ପଞ୍ଚାୟତ ଗଠନ କରାଯାଇଛି ଏବଂ ଏହାର ଲୋକସଂଖ୍ୟା ୧୨,୦୦୦। ଏହି ଗାଁରେ ମଧ୍ୟ ଅଜିମ ପ୍ରେମଜୀ ବିଶ୍ୱବିଦ୍ୟାଳୟ ରହିଛି। ଗାଁର ଶେଷ ମୁଣ୍ଡରେ ସବୁବେଳେ ବର୍ଜ୍ୟ ଠୁଳ ହୋଇ ରହୁଥିଲା। ବର୍ଜ୍ୟ ସଫା କରିବାରେ ଛାତ୍ରଙ୍କ ଟିମ୍ ସହ ସ୍ଥାନୀୟ ପଞ୍ଚାୟତ ମିଶି କାର୍ଯ୍ୟ କରୁଛି, ଯାହା୨୧ ସେପ୍ଟେମ୍ବର ୨୦୨୪ରୁ ଆରମ୍ଭ ହୋଇଥିଲା। ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକମାନେ ମଧ୍ୟ ଏ ଦିଗରେ ଛାତ୍ରଙ୍କୁ ସହଯୋଗ କରୁଛନ୍ତି। ଏବେ ବର୍ଜ୍ୟ ସଂଗ୍ରହ କରି ତାହାର ପୃଥକୀକରଣ ସକାଶେ ୬ ମହିଳାଙ୍କୁ ନିଯୁକ୍ତ କରାଯାଇଛି। ସେମାନଙ୍କୁ ପିପିଇ କିଟ୍ ମଧ୍ୟ ଯୋଗାଇ ଦିଆଯାଉଛି। ପ୍ରତ୍ୟେକ ଦିନ ଗାଡ଼ି ଦ୍ୱାରା ବର୍ଜ୍ୟ ସଂଗ୍ରହ କରାଯାଉଛି ଏବଂ ଏସ୍‌ଏସ୍‌ଜି ଗ୍ରୁପ ମହିଳାମାନେ ଏହି ଗାଡ଼ି ଚଳାଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୯ ଫେବୃଆରୀ ୧୯୭୭

- ରାଜ୍ୟର ୩ଟି ପ୍ରକଳ୍ପ ସମେତ ୭୦ଟି ରାସ୍ତା ଓ ପୋଲ ନିର୍ମାଣ ପ୍ରକଳ୍ପ ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୨ କୋଟି ଟଙ୍କା ମଞ୍ଜୁର।
- ହିମାଚଳ ପ୍ରଦେଶର ଜ୍ୱାଳାମୁଖୀଠାରେ ତୈଳ ଓ ପ୍ରାକୃତିକ ବାଷ୍ପ କମିଶନ ପକ୍ଷରୁ ପୁନଃ ତୈଳ ଖନନ କାର୍ଯ୍ୟ ଆରମ୍ଭ।
- ଦୁଇଜଣ ମହାକାଶଚାରୀଙ୍କୁ ନେଇ ସୋଭିଏତ୍ ରୁଷିଆ ପୁଣି ଏକ ମହାକାଶଯାନ ଆକାଶକୁ ଉତ୍କ୍ଷେପଣ କରିଛି।

## ଚିରନ୍ତନୀ

ଆଖିର ଧରମ ହେବାକୁ ଚିର
ଛଳନାମୟ
ସହଜ ଗତିରେ ଚାହିଁବା ତା'ର
ଲାଗଇ ଭୟ।
–(ପ୍ରାଚୀନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଆୟୁଷମାନ କାର୍ଡ ଠିକ୍ ଭାବେ ବଣ୍ଟାଯାଉନି

ମହାଶୟ,

ଆୟୁଷମାନ ସ୍ୱାସ୍ଥ୍ୟ ବୀମା କାର୍ଡ ବଣ୍ଟନ ଠିକ ଭାବେ ହୋଇପାରୁନାହିଁ। କାର୍ଡ ବଣ୍ଟନ ଦାୟିତ୍ୱରେ ଥିବା ଅଧିକାରୀମାନେ ତାହାକୁ ନ ବାଣ୍ଟି ନିଜ ନିଜ ଘରେ ମାସ ମାସ ଧରି ପକାଇ ରଖିବା ଦେଖାଯାଉଛି। ଫଳରେ ସରକାରୀ ଜନହିତକର ଯୋଜନାକୁ ଖୋଲାଖୋଲି ଭାବେ ଅବମାନନା କରାଯାଉଛି। ଏଥିସହ ଯଦି କେହିଜଣେ କାର୍ଡ ବଣ୍ଟନକାରୀ କର୍ମୀଙ୍କ ଘରେ ପହଞ୍ଚି କାର୍ଡ ମାଗୁଛନ୍ତି, ତେବେ ସେମାନଙ୍କଠାରୁ ଉତ୍କୋଚ ରାଶି ମଗାଯାଉଛି ବୋଲି ଅଭିଯୋଗ ଆସୁଛି। ନଚେତ୍ କାର୍ଡ ଆସିନାହିଁ ବୋଲି କୁହାଯାଉଛି। ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଓ ମାଗଣାରେ ଚିକିତ୍ସା ଉପଲବ୍ଧ ବ୍ୟବସ୍ଥାରେ ଆସିଥିବା ଆୟୁଷମାନ କାର୍ଡ ସବୁକୁ ଘରକୁ ଘର ବୁଲି ବଣ୍ଟିବା ପାଇଁ ସରକାରୀ ନିର୍ଦ୍ଦେଶ ରହିଛି। ଏହାସତ୍ତ୍ୱେ କାର୍ଡ ବଣ୍ଟନରେ ଆନ୍ତରିକତା ସହ ସାଧୁତା ତଥା ସହଯୋଗ ପ୍ରଦର୍ଶନ ନ କରିବା ଦୁର୍ଭାଗ୍ୟଜନକ। ଏହା ନୈତିକ ମୂଲ୍ୟବୋଧର ଅବକ୍ଷୟ ଏବଂ ଆଇନତଃ ଏକ ଧର୍ତ୍ତବ୍ୟ ଅପରାଧ। ଏଣୁ ଏଭଳି ଅବ୍ୟବସ୍ଥା ଦୂର କରିବା ସକାଶେ ପ୍ରଶାସନ ପଦକ୍ଷେପ ନେବା ଜରୁରୀ।

**– ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଭାଷା, ସଂସ୍କୃତି ଜାତିକୁ ସମୃଦ୍ଧ କରେ: ମନ୍ତ୍ରୀ

## ଭଣ୍ଡାରିପୋଖରୀ ସାହିତ୍ୟ ସଂସଦର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଯାପିତ



ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଅନ୍ୟ ଅତିଥିମାନେ।

ଭଣ୍ଡାରିପୋଖରୀ,୮।୨(ରାଜେନ୍ଦ୍ର ଶତପଥୀ)

ଭାଷା ଓ ସଂସ୍କୃତି ଜାତିକୁ ସମୃଦ୍ଧ କରେ। ସାହିତ୍ୟ ସମାଜକୁ ପଥ ପ୍ରଦର୍ଶନ କରୁଥିବାରୁ ସମାଜ ଗଠନରେ ସାହିତ୍ୟିକମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଭଣ୍ଡାରିପୋଖରୀ ସାହିତ୍ୟ ସଂସଦର ସୁବର୍ଣ୍ଣ ଜୟନ୍ତୀ ସମାରୋହର ରବିବାର ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଉଚ୍ଚଶିକ୍ଷା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ସଂସଦର ସଭାପତି ଡ. ସୁରେନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ମନ୍ତ୍ରୀ ଉଦ୍‌ଘାଟନ କରି ଭାଷା ଓ ସଂସ୍କୃତିର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ବିଶିଷ୍ଟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ମୁଖ୍ୟବକ୍ତା 'ସୁବାର୍ତ୍ତା'ର ସମ୍ପାଦକ ପ୍ରଦ୍ୟୁମ୍ନ ଶତପଥୀ, ଅନ୍ୟତମ ଅତିଥି ଭାବେ କବି ବିଜୟ ମହାପାତ୍ର, ବ୍ରଜ କିଶୋର ନାୟକ, ଅବନୀ ପ୍ରଧାନ, ସଞ୍ଜିତ ବଳ, ସୁଧାଂଶୁ ଶେଖର ନାୟକ, ବଦ୍ରିନାରାୟଣ ଧଳ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ପବନ ନାୟକଙ୍କ 'ଚିଡିରି ମିଡିରି ଭିତିରି କଥା', ଝୁରଣବାଳା ଖୁଣ୍ଟିଆଙ୍କ 'କୁଞ୍ଜି କଳିକା', ମନୋରଞ୍ଜନ ନାୟକଙ୍କ 'ବଡ଼ ମଣିଷ ହେବା', କେଶବ ସେଠୀଙ୍କ 'ମନମର୍ମର' ଓ ରାଖାଲ ସ୍ୱାଇଁଙ୍କ 'କୁମ୍ଭୀର ପିଠିରେ ପଦ୍ମ' ପୁସ୍ତକ ଉନ୍ମୋଚିତ ହୋଇଥିଲା। ପୁରୁଷୋତ୍ତମ ଧଳ ଓ ପ୍ରୀତିପଦ୍ମା ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। ସାହିତ୍ୟ ଓ ସଂସ୍କୃତି ପାଇଁ ଉତ୍ସର୍ଗୀକୃତ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପୁସ୍ତକ, ଚିତ୍ରକଳା ପ୍ରଦର୍ଶନୀ ଓ ପୁରୁଣା ସାମଗ୍ରୀ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ପ୍ରକାଶ ମହାପାତ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

ସଂସଦର ଉପସଭାପତି ଶରତ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ମୁଖ୍ୟବକ୍ତା ଇଂ. ଅଭୟ ସୂତାର, ଅନ୍ୟତମ ଅତିଥି ଭାବେ ଡ. କ୍ଷୀରୋଦ ସାମଲ, ପ୍ରାଧ୍ୟାପକ ସୁରଞ୍ଜନ ପଣ୍ଡା, ରତିକାନ୍ତ ବେହେରା, ପୁରୁଷୋତ୍ତମ ଧଳ ଓ ଅଧ୍ୟାପକ ଭରତ ଚନ୍ଦ୍ର କରଣ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପବନ କୁମାର ନାୟକ ସ୍ୱାଗତ ଭାଷଣ ଓ ନିର୍ମଳ ସେନାପତି ଅତିଥି ପରିଚୟ ଦେଇଥିବା ବେଳେ ଅଧ୍ୟାପକ ଅନାଦି ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାରେ ଭଣ୍ଡାରିପୋଖରୀ କଲ୍‌ଚରାଲ ଏକାଡେମୀ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସଂସଦର କର୍ମକର୍ତ୍ତା ଦୁଇଦିନିଆ ଉତ୍ସବକୁ ପରିଚାଳନା କରିଥିଲେ।

# ଶେଷ ସନ୍ଧ୍ୟାରେ ନାଟକ 'କୁହୁଡ଼ି' ମଞ୍ଚସ୍ଥ


ମଞ୍ଚସ୍ଥ ନାଟକର ଏକ ଦୃଶ୍ୟ।

ଭଦ୍ରକ,୮।୨(ସନାତନ ରାଉତ)

## ନାଟ୍ୟ ମହୋତ୍ସବ ଉଦ୍‌ଯାପିତ

ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ସଙ୍ଗୀତ ନାଟକ ଏକାଡେମୀର ମିଳିତ ସହଯୋଗରେ ଭଦ୍ରକ ଟାଉନ ହଲ୍‌ରେ ନଟରାଜ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ୪ ଦିନ ଧରି ଚାଲିଥିବା ନାଟ୍ୟ ମହୋତ୍ସବ ଶନିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଶେଷ ସନ୍ଧ୍ୟାରେ ଭୁବନେଶ୍ୱରର ନାଟ୍ୟ ସଂସ୍ଥା ଦିବ୍ୟା କନକ ପକ୍ଷରୁ ନାଟ୍ୟକାର ଗୋପୀନାଥ ବାରିକଙ୍କ ରଚିତ ଓ ଅବକାଶ ମିଶ୍ରଙ୍କ ନିର୍ଦ୍ଦେଶିତ ନାଟକ 'କୁହୁଡ଼ି' ମଞ୍ଚସ୍ଥ ହୋଇଥିଲା। ନଟରାଜ ଅନୁଷ୍ଠାନର ସଭାପତି ନାଟ୍ୟକାର ଡ. ସୁଧାଂଶୁ ନାୟକଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ବରେଣ୍ୟ ଅତିଥି ଭାବେ ଓଡ଼ିଶା ନାଟ୍ୟ ସଂଘର ସଭାପତି ତଥା ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଅଣନାତି ମିହିର ମେହେର ଯୋଗ ଦେଇଥିଲେ। କଳା, ସଂସ୍କୃତିର ମାଟି ଭଦ୍ରକରେ କଳାକୁ ବଞ୍ଚାଇ ରଖିବା ପାଇଁ ନଟରାଜ ସାଂସ୍କୃତିକ ଅନୁଷ୍ଠାନର ପ୍ରୟାସକୁ ପ୍ରଶଂସା କରିଥିଲେ। ଆଗାମୀ ଦିନରେ ଦର୍ଶକଙ୍କ ଆଦୃତ ହେବା ଭଳି ନାଟକ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ କିପରି ପରିବେଷଣ ହୋଇପାରିବ ସେନେଇ ଅତିଥିମାନେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଭାବେ ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ବନ୍ତ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ ଓ ଭଣ୍ଡାରିପୋଖରୀ ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ ଯୋଗଦେଇ ନାଟ୍ୟ ମହୋତ୍ସବ ବିଷୟରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅନୁଷ୍ଠାନର ପୂର୍ବତନ ସଭାପତି ସ୍ୱର୍ଗତ ରମାନନ୍ଦ ମହାପାତ୍ରଙ୍କ ଉଦ୍ଦେଶ୍ୟରେ ମରଣୋତ୍ତର ସମ୍ମାନ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ଉପସଭାପତି ଶିବ ପ୍ରସାଦ ମହାନ୍ତି, ସମ୍ପାଦକ ଦେବବ୍ରତ ମହାନ୍ତି, ପ୍ରଦୀପ ବାରିକ, କମଳ ଲୋଚନ ପଣ୍ଡା, ବୃନ୍ଦାବନ ସାହୁ, କାଳନ୍ଦୀ ମଲ୍ଲିକ, ଶୁଭେନ୍ଦୁ ସାହୁ, ନିର୍ମଳ ପରିଡ଼ା ପ୍ରମୁଖ କର୍ମକର୍ତ୍ତା ସହଯୋଗ କରିଥିଲେ।

# ଦୃଢ଼ ଇଚ୍ଛାଶକ୍ତି, ଉଦ୍ୟମ ବଳରେ ସଫଳତା ସମ୍ଭବ

ବନ୍ତ,୮।୨(ହରିନାରାୟଣ ମହାନ୍ତି)

ଦୃଢ଼ ଇଚ୍ଛାଶକ୍ତି ଓ ଉଦ୍ୟମ ବଳରେ ଛାତ୍ରୀଛାତ୍ର ସଫଳତାର ଶୀର୍ଷରେ ପହଞ୍ଚିପାରିବେ ବୋଲି ଶନିବାର ସନ୍ଧ୍ୟାରେ ବନ୍ତସ୍ଥିତ ଡିଗିପୋଖରୀ ପଡ଼ିଆରେ ଲିଟିଲ ସ୍କଇରେଲ୍ସ ପବ୍ଲିକ ସ୍କୁଲର ୪ର୍ଥ ବାର୍ଷିକ ଉତ୍ସବରେ ଅତିଥିମାନେ କହିଥିଲେ। ସ୍କୁଲ ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ଅଧ୍ୟକ୍ଷ ସମରେନ୍ଦ୍ର କୁମାର ବିଶ୍ୱାଳ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଏବିଇଓ ଭାଗୀରଥି ପାତ୍ର, ମୁଖ୍ୟବକ୍ତା ଶିକ୍ଷାବିତ୍ ତଥା ସାହିତ୍ୟିକ ନାରାୟଣ ଚନ୍ଦ୍ର ଲେଙ୍କା, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ସଞ୍ଜୟ କୁମାର ମଜୁମଦାର ଓ ଶିକ୍ଷକ ସୁକାନ୍ତ କୁମାର ବେହେରା ଯୋଗ ଦେଇଥିଲେ। ଆୟେଶା ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷୟିତ୍ରୀ ମୌସୁମୀ ଭୋଇ ଓ ସବ୍‌ନମ୍ ଖାତୁନ୍ ମଞ୍ଚ ସଂଯୋଜନା କରିଥିଲେ। ଏହି ଅବସରରେ ସମସ୍ତ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ କୁନି କୁନି ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ସାହୁ, ଜନ୍‌ତୁନ୍ ଖାତୁନ୍, ମନ୍ଦାକିନୀ ନାଥ, ଲୋପାମୁଦ୍ରା ରଣା, ସୁପ୍ରଭା ମହାରାଜ, ଶିକ୍ଷକ ନୟନ ସାହୁ, ସଞ୍ଜୟ ସାହୁ, ଶିକ୍ଷା କର୍ମଚାରୀ କଳ୍ପନା ନାୟକ, ଭାରତୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ନିଖୋଜ ସାର୍ଥକଙ୍କ ପରିବାରକୁ ଭେଟିଲା ଜିଲା ପ୍ରଶାସନ

ଭଦ୍ରକ,୮।୨(ସନାତନ ରାଉତ)

ଜାହାଜରେ ମରିସସ୍‌ରୁ ଚାଇନା ଫେରୁଥିବା ବେଳେ ନିଖୋଜ ହୋଇଯାଇଥିବା ଓଡ଼ିଶାର ମର୍ଚ୍ଚାଣ୍ଟ ନାଭି କ୍ୟାଡେଟ୍ ଭଦ୍ରକ ବ୍ଲକ କେଶପୁର ପଞ୍ଚାୟତ ଗୋପାଳବିନ୍ଧା ଗ୍ରାମର ସାର୍ଥକ ମହାପାତ୍ରଙ୍କ ପରିବାରକୁ ଶନିବାର ଅପରାହ୍ଣରେ ଜିଲା ପ୍ରଶାସନ ଭେଟିଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲାପାଳ ସରୋଜ କୁମାର ଦତ୍ତ, ଶ୍ରମ ଆୟୁକ୍ତ ସଚ୍ଚିଦାନନ୍ଦ ଜେନା ଓ ଜିଲା ଶ୍ରମ ଅଧିକାରୀ ପ୍ରେମ ମଞ୍ଜରୀ ନାୟକ ଭୁବନେଶ୍ୱରସ୍ଥିତ ବାସଭବନରେ ତାଙ୍କ ପରିବାରକୁ ଭେଟି ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ ପ୍ରଦାନ କରିବାକୁ ଆଶ୍ୱାସନା ଦେଇଛନ୍ତି। ଅଧିକାରୀମାନେ ସାର୍ଥକଙ୍କ ନିଖୋଜ ବାବଦରେ ସମସ୍ତ ବିଷୟ ପଚାରି ବୁଝିଥିଲେ। ଏହି ଘଟଣାରେ ଜିଲା ପ୍ରଶାସନ ପକ୍ଷରୁ ସବୁପ୍ରକାର ସହଯୋଗ କରାଯିବ ବୋଲି ସାର୍ଥକଙ୍କ ପରିବାର ଉଦ୍ଦେଶ୍ୟରେ ଜିଲାପାଳ ଦେଇଥିବା ବାର୍ତ୍ତା ଅତିରିକ୍ତ ଜିଲାପାଳ ଶୁଣାଇଥିଲେ।


ଅତିରିକ୍ତ ଜିଲାପାଳ ସରୋଜ କୁମାର ଦତ୍ତ ଓ ଅନ୍ୟ ଅଧିକାରୀ ମର୍ଚ୍ଚାଣ୍ଟ ନାଭି କ୍ୟାଡେଟ୍ ସାର୍ଥକ ମହାପାତ୍ରଙ୍କ ପରିବାରକୁ ଭେଟୁଛନ୍ତି।

# କଳିଙ୍ଗ କଳାକାର ସଂଘର ବାର୍ଷିକୋତ୍ସବ


ଉତ୍ସବରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ କଳାକାର।

ତିହିଡ଼ି,୮।୨(ସଞ୍ଜିତ ବଳ)

କଳାକାର ନିଜର ଦୁଃଖ ନିଜ ଭିତରେ ଚାପି ରଖନ୍ତି। ଅଭିନୟ ମାଧ୍ୟମରେ ଦର୍ଶକଙ୍କୁ ଖୁସି ବାଣ୍ଟିବା ବେଳେ ସେ ନିଜର ଦୁଃଖକୁ ପାଶୋରି ଦେଇଥାନ୍ତି। କଳାକାର ଦୁଃଖ ବାଣ୍ଟିବାରେ ହିଁ ସୁଖ ପାଇଥାନ୍ତି ବୋଲି ରବିବାର ପୂର୍ବାହ୍ଣରେ ତିହିଡ଼ି ବ୍ଲକ କଳିଙ୍ଗ କଳାକାର ସଂଘର ବାର୍ଷିକୋତ୍ସବରେ ମୁଖ୍ୟଅତିଥି ଜିଲାପାଳ ଦିଲୀପ ରାଉତରାଏ କହିଛନ୍ତି। ତିହିଡ଼ିସ୍ଥିତ ମନ୍ଦୋଦରୀ କଲ୍ୟାଣ ମଣ୍ଡପରେ ସଂଘର ସଭାପତି କବି ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟବକ୍ତା ନାଟ୍ୟକାର ବିଜୟ ଦାସ ଏବଂ ବରେଣ୍ୟ ଅତିଥି ଭାବେ ବିଡିଓ ନିରଞ୍ଜନ ବାରିକ ଯୋଗଦେଇ ପ୍ରତିଭା ସମ୍ପନ୍ନ ନ ହେଲେ କଳାରେ ପ୍ରତିଷ୍ଠା ପାଇବା ସମ୍ଭବ ନୁହେଁ ବୋଲି କହିଥିଲେ। ଏହି ଅବସରରେ ଲୋକନାଟ୍ୟ ମୋଗଲ ତାମସା ପାଇଁ ଗୌରାଙ୍ଗ ବାରିକ, ପାଲା ପରିବେଷଣ ପାଇଁ ଗଣେଶ ଦାସ, ସଂକୀର୍ତ୍ତନ ଲାଗି ନିରଞ୍ଜନ ଦାସ, ଦୁର୍ଗାଚରଣ ନାୟକ ଏବଂ ହାସ୍ୟ ଅଭିନେତା କୁଳମଣି ସାବତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର ଉପଦେଷ୍ଟା ବସନ୍ତ କୁମାର ଦାସ, ଉପେନ୍ଦ୍ର ସାହୁ, ଜଗବନ୍ଧୁ ମହାନ୍ତି, ଇନ୍ଦ୍ରମଣି ଗାହାଣ, ନାରାୟଣ ଦେବ, ରତିକାନ୍ତ ସାହୁ, ବାବାଜୀ ଦାସ, ବୀରେନ୍ଦ୍ର ପାଣ୍ଡବ, ହରିହର ମହାଲିକ, ସନାତନ ସାହୁ, ପ୍ରଫୁଲ୍ଲ ନାୟକ, ହରେକୃଷ୍ଣ ପଣ୍ଡା, ଅମୂଲ୍ୟ ବେହେରା, ରବୀନ୍ଦ୍ର ଜେନା ପ୍ରମୁଖ ଯୋଗ ଦେଇଥିଲେ। ଉପସଭାପତି ବାବୁରାମ ରାଉତ ବିବରଣୀ ପାଠ କରିଥିଲେ। ସମ୍ପାଦକ ମନମୋହନ ସାହୁ ଅତିଥି ପରିଚୟ, ଅବସରପ୍ରାପ୍ତ ଅଧ୍ୟାପକ ହେମନ୍ତ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ ଏବଂ ସାଧାରଣ ସମ୍ପାଦକ ସୁରେନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଭରତ ଚନ୍ଦ୍ର ସାହୁ, ରାମଚନ୍ଦ୍ର ଜେନା, ଶଶିକାନ୍ତ ଜେନା, ନୀଳାମ୍ବର ସେଠୀ ପ୍ରମୁଖ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଧାମନଗର କଲେଜ ଇତିହାସ ବିଭାଗର ଜାତୀୟ ପାଠଚକ୍ର

ଧାମନଗର,୮।୨(ଦେବେନ୍ଦ୍ର ଆଡିଆ)

ଭାରତର ସ୍ୱାଧୀନତା ସଂଗ୍ରାମରେ ମହାତ୍ମା ଗାନ୍ଧୀଙ୍କ ସତ୍ୟାଗ୍ରହ ମାର୍ଗ ଏବଂ ତାଙ୍କର ଗଠନମୂଳକ କାର୍ଯ୍ୟକ୍ରମର ମହତ୍ତ୍ୱ ଅନେକ। ଗାନ୍ଧିଜୀଙ୍କ ପରିକଳ୍ପନାରେ ସ୍ୱାଧୀନତାର ଅର୍ଥ କେବଳ ରାଜନୈତିକ ଶକ୍ତି ଓ କ୍ଷମତାର ପରିବର୍ତ୍ତନ ନୁହେଁ ବରଂ ସମସ୍ତ ଭାରତୀୟମାନଙ୍କର ସାମାଜିକ ଏବଂ ଅର୍ଥନୈତିକ ଉତ୍ଥାନର ଲକ୍ଷ୍ୟ ହେବା ଉଚିତ। ଐତିହାସିକ ଦୃଷ୍ଟିକୋଣରୁ 'ଏକବିଂଶ ଶତାବ୍ଦୀରେ ମହାତ୍ମା ଗାନ୍ଧୀଙ୍କ ଗଠନମୂଳକ କାର୍ଯ୍ୟକ୍ରମର ମହତ୍ତ୍ୱ ଏବଂ ପ୍ରାସଙ୍ଗିକତା' ଶୀର୍ଷକ ଉପରେ ଧାମନଗର ଡିଗ୍ରୀ କଲେଜ ପରିସରରେ ସ୍ନାତକ ଇତିହାସ ବିଭାଗ ଆନୁକୂଲ୍ୟରେ ଶନିବାର ଅନୁଷ୍ଠିତ ଜାତୀୟ ପାଠଚକ୍ରରେ ଅତିଥିମାନେ ଏହି ମତବ୍ୟକ୍ତ କରିଛନ୍ତି। ଅଧ୍ୟକ୍ଷ ଅଜୟ କୁମାର ବେଜଙ୍କ ପୌରୋହିତ୍ୟରେ ଆୟୋଜିତ ପାଠଚକ୍ରରେ ଅତିଥି ଭାବେ ବିଭାଗୀୟ ମୁଖ୍ୟ ଆଶିଷ କୁମାର ସ୍ୱାଇଁ, ଭଦ୍ରକ ମହିଳା ମହାବିଦ୍ୟାଳୟର ଅଧ୍ୟାପକ ଡ. ମନୋଜ କୁମାର ସାହୁ, ଉତ୍କଳ ବିଶ୍ୱବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ରମେଶ ଚନ୍ଦ୍ର ମହାନ୍ତି ଏବଂ ଅରୁଣାଚଳ ପ୍ରଦେଶର ରାଜୀବ ଗାନ୍ଧୀ ବିଶ୍ୱବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ଡ.ସୁଶାନ୍ତ କୁମାର ନାୟକ ଯୋଗ ଦେଇଥିଲେ। ଅଧ୍ୟାପକ ବୈରାଗଞ୍ଜନ ଦାଶ ଅତିଥି ପରିଚୟ ଓ ସତ୍ୟନ କୁମାର ଜେନା ବିଷୟର ଆଭିମୁଖ୍ୟ ପ୍ରଦାନ କରିଥିଲେ। ବିଭାଗୀୟ ଅଧ୍ୟାପକମାନେ ବିଷୟ ପ୍ରସଙ୍ଗଭିତ୍ତିକ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ର ତୃତୀୟ ବର୍ଷର ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ। ଛାତ୍ରୀ ପ୍ରଜ୍ଞାପରମିତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।


**Gangadhar Meher University,**
Amruta Vihar, Sambalpur, Odisha-768001
Corrigendum. No. 498 /GMU, Date 7.2.2026

**Corrigendum**

In continuation of the Expression of Interest (EOI) published vide **Advertisement No.121/GMU, date 13.01.2026** for engagement of State PSU / Central PSU / Departmental Undertaking as Project Management Consultant (PMC) for construction of different buildings at Gangadhar Meher University, Sambalpur, it is hereby notified that modifications / clarifications are made to the said EOI. Please visit -www.gmuniversity.ac.in for details.

**Sd./- Registrar**

**OFFICE OF THE PANCHAYAT SAMITI, JAMDA**
e-mail : ori-jamada@nic.in

**Notice No: 02** **Date: 06.02.2026**

**No.19001/16/2526** : Sealed Tenders are invited from Registered Contractors towards Const. of VC Hall at Jamda Block Office that may be downloaded from the district website **https://mayurbhanj.odisha.gov.in**. The tender paper along with detail terms and conditions will be downloaded during office hour from **07.02.2026 to 19.02.2026**.

1. Sale of Tender Papers: - **07.02.2026 to 19.02.2026 up to 5.00 PM.**
2. Last Date of receipt of tender paper: - **19.02.2026 up to 5.00 PM.**
3. Date of opening of tender papers AT Block meeting Hall: - **20.02.2026 at 11.00 AM.**
4. Mode of receipt: **Through speed post/Registry post only** to **Block Development Officer, Jamda, At/Po- Jamda, Dist-Mayurbhanj Pin-757045**.
5. Envelope should be **super-scribed** with the name of the works for which tender paper is being submitted **otherwise will be rejected**.
6. The tender paper **received after due date or time** will liable for **rejection**.

Authority reserves the right to reject all or any of the tender without assigning any reasons thereof. Again the authority will not held responsible for any postal delay.

**Sd./- Block Development Officer, Jamda Mayurbhanj**

OIPR-19001/19274/1/25-26/0001

ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
କ୍ଷୁଦ୍ର ଜଳସେଚନ ବିଭାଜନ, ଆନନ୍ଦପୁର

**OFFICE OF THE SUPERINTENDING ENGINEER, M.I. DIVISION, ANANDAPUR**
At/P.O : Salapada, Dist.-Keonjhar, Pin Code-758020

**e-Procurement Notice**
**Bid Identification No.-18/MIDA/2025-26**
E-mail ID : mianandapur@yahoo.co.in, eemidanandapur@gmail.com
**No.328 Date 05.02.2026**

**No.32001/36/2526** : The Superintending Engineer, Minor Irrigation Division Anandapur on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | | |
|---|---|---|
| Name of the work | : | Construction of 01(One) no. Check Dam (In-sream storage structures) under MATY scheme and 01 no. of Repair in ERM scheme |
| No. of Works | : | 02 (Two) Nos only |
| Estimated Cost | : | Varies from 23.83 lakhs to 36.60 lakh (Approximately) |
| Cost of Tender Paper | : | 6000/- (Non-refundable |
| Period of Completion | : | 4 (Four) Calendar months |
| Availablity of bid documents for sale and receipt through on-line | : | From dt.12.02.2026, 10.00 A.M. to dt.20.02.2026, up to 5.00 P.M. |
| Last date/Time of receipt of bids in the portal | : | 20.02.2026 (5.00PM) |
| Date of Technical bid opening through online | : | On dt.21.02.2026 at 10.00 A.M. in the Office of the S.E., M.I. Division, Anandapur |
| Mode of payment of Bid Cost | : | Online |
| Digital Signature Certificate of Bidder | : | The Bidder must possess compatible Digital Signature Certificate (DSC) |
| The detail tender call notice can also be seen in the DOWR website http:/dowrorissa.gov.in | | |
| Name & Address of the OIT | : | Superintending Engineer, Minor Irrigation Division, Anandapur, At/P.O/District - Keonjhar Email ID : mianandapur@yahoo.co.in |

Further details can be seen from the e-Procurement market place http://tendersorissa.gov.in

**Sd./- Superintending Engineer, M.I. Division, Anandapur**

OIPR-32001/32108/1/25-26/0001


# ବିନା ଶ୍ରମିକରେ ହୋଇଛି ଏମ୍‌ଜିଏନ୍‌ଆରଇଜିଏସ୍ କାମ

## ରାସ୍ତା ନିର୍ମାଣରେ ଦୁର୍ନୀତି

ବାସୁଦେବପୁର,୮।୨(କାଳିପଦ ରାୟ)

ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ସାହାଡ଼ା ପଞ୍ଚାୟତର ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ଦୁର୍ନୀତି ନେଇ ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ହରିପୁର ଗ୍ରାମର ଲୋକେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ୨୦୨୫ରେ ଗ୍ରାମର ହରିପୁର ସ୍କୁଲଠାରୁ ହଳଧର ପାଣିଗ୍ରାହୀ ଜମି ପର୍ଯ୍ୟନ୍ତ ମାଟି ରାସ୍ତା ୪ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଛି। ହେଲେ ଏହି ରାସ୍ତା ନିର୍ମାଣ ପାଇଁ ଜଣେ ବି ଶ୍ରମିକ କାର୍ଯ୍ୟ କରିନାହାନ୍ତି। ଗ୍ରାମର ଅନ୍ୟ ସ୍ଥାନରୁ ମାଟି ଖୋଳି ଟ୍ରାକ୍ଟର ସାହାଯ୍ୟରେ ଆଣି ପୂର୍ବରୁ ଥିବା ରାସ୍ତା ଉପରେ ପକାଇ ବିଲ୍ କରାଇ ନିଆଯାଇଛି। ଏହି ରାସ୍ତା ଉପରେ ଗ୍ରାମର ଶତାଧିକ ଚାଷୀ ଚାଷ କାର୍ଯ୍ୟ ପାଇଁ ନିର୍ଭର କରୁଥିବା ବେଳେ ରାସ୍ତା ନିମ୍ନମାନର ହୋଇଛି। ଗ୍ରାମର ଚନ୍ଦନ ପାଣିଗ୍ରାହୀ, ରମାକାନ୍ତ ପାଣିଗ୍ରାହୀ, ସନ୍ତୋଷ ପାଣିଗ୍ରାହୀ, ହେମନ୍ତ ପାଣିଗ୍ରାହୀ, ଅମରେନ୍ଦ୍ର ପାଣିଗ୍ରାହୀ, ସୁନୀଲ ପାଣିଗ୍ରାହୀ ପ୍ରମୁଖ ବିଡିଓ ରଶ୍ମି ରଞ୍ଜନ ମଲ୍ଲିକଙ୍କ ନିକଟରେ ଅଭିଯୋଗ କରିଥିଲେ। ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଡିଓ କହିଥିଲେ। ଅଭିଯୋଗ କରିବାର ୫ଦିନ ବିତିଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।



ହରିପୁର ଗ୍ରାମରେ ରାସ୍ତା ନିର୍ମାଣ ପାଇଁ ଲାଗିଥିବା ଫଳକ।

# ପୁରାତନ ବିଦ୍ୟାର୍ଥୀଙ୍କ ବନ୍ଧୁମିଳନ, ଗୁରୁପୂଜନ

ଧୁଷୁରୀ, ୮।୨(ଦୀପ୍ତିରଞ୍ଜନ ନାୟକ)

ଚାନ୍ଦବାଲି ବ୍ଲକର ଆରଡ଼ି ଆଖଣ୍ଡଳମଣି ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ପୂର୍ବାହ୍ଣରେ ୧୯୯୪ ମ୍ୟାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ ଓ ଗୁରୁ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତତ୍କାଳୀନ ଛାତ୍ର ଆଶିଷ ପାତ୍ରୀ ଓ ବିଭୁଦତ୍ତ ପାତ୍ରୀଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବାବାଜୀ ଚରଣ ପଣ୍ଡା, ଅବସରପ୍ରାପ୍ତ ସହକାରୀ ଶିକ୍ଷକ କଳାକାର ନାୟକ, ଅବସରପ୍ରାପ୍ତ ଶିକ୍ଷକ ଅର୍ଜୁନ ଚରଣ ପଲାଇ, ବଂଶୀଧର ପାତ୍ରୀ, ଉମାକାନ୍ତ ମିଶ୍ର, ପ୍ରଧାନଶିକ୍ଷକ ଇନ୍ଦ୍ରଜିତ ସ୍ୱାଇଁ ପ୍ରମୁଖ ଯୋଗଦେଇ ଶାନ୍ତି, ମୈତ୍ରୀ, ପ୍ରେମ ଓ ଏକତାର ସମନ୍ୱୟ ବନ୍ଧୁମିଳନ ବୋଲି କହିଥିଲେ। ପୁରାତନ ଛାତ୍ର ଦିଲୀପ କୁମାର ସାହୁ, ନିରଞ୍ଜନ ସାହୁ, ପ୍ରକାଶ ହୋତା, ପଞ୍ଚାନନ ପଣ୍ଡା, ତ୍ରୈଲୋଚନ ନାୟକ, ବିନୋଦ ଭଞ୍ଜ, ଦେବକାନ୍ତ ବାରିକ, ପ୍ରଦୀପ ନାୟକ, ରକ୍ଷାକର ପାତ୍ରୀ, ପ୍ରଶାନ୍ତ ବିଶ୍ୱାଳ, ଦିଗ୍‌ବିଜୟ ନାୟକ, ପୁଷ୍ପମିତ୍ର ନାୟକ, ପ୍ରସନ୍ନ ବିଶ୍ୱାଳ, ପୁରାତନ ଛାତ୍ରୀ ମଧୁସ୍ମିତା ମହାନ୍ତି, ପ୍ରୀତିପୁଷ୍ପା ପାତ୍ରୀ, ଜ୍ୟୋତ୍ସ୍ନାରାଣୀ ଭଞ୍ଜ, ମନୋରମା ନାୟକ, ଶୈଳବାଳା ପାତ୍ରୀ ପ୍ରମୁଖ ଉପସ୍ଥିତ ରହି ୩୨ ବର୍ଷର ଅନୁଭୂତି ସାଉଣ୍ଟିଥିଲେ। 'ରେ ସମୟ ବୟସକୁ ମୋର ଦେ ଫେରାଇ' ଗୀତର ତାଳେ ତାଳେ ଝୁମିଥିଲେ।


**GOVERNMENT OF ODISHA** No.32001/34/2526
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**KHURDA IRRIGATION DIVISION, KHURDA**
Dist. : Khurda, Odisha-752056, Tel/Fax : 06755-796308, Mail id : eekhurdairrigationdivision@gmail.com

**'e'-Procurement Notice No.KHD-06 OF 2025-26, Dtd.04.02.2026**

1. Nam of the work : 17 (Seventeen) nos. of Civil Work, 2. Tender Cost : Varies from Rs.12.33 Lakhs to Rs.49.99 Lakhs, 3. Bid Document Cost : Rs.6000/-, 4. Bid Security : Varies from Rs.12,400/- to Rs.50,000/-, 5. Class of Contractor : B, C & D, 6. Period of Completion : 2 (two) & 4 (four) calendar months, 7. Other details are as follows.

| Procurement Officer | Bid Identification No. | Availability of Tender On-line for bidding | | Date of Opening of Bid |
|---|---|---|---|---|
| | | From | To | |
| Superintending Engineer, Khurda Irrigation Division, Khurda | KHD 06-01 of 2025-26 to KHD 06-17 of 2025-26 | 10.02.2026 at 11.00 A.M. | 19.02.2026 up to 5.00 P.M. | 20.02.2026 at 11.00 A.M. |

8. e-mail Id : **eekhurdairrigationdivision@gmail.com**
9. Date of lottery - **24.02.2026 at 11.00 A.M.**
Further detail conditions can be seen from the Govt. website www.tendersodisha.gov.in

**Sd/- Superintending Engineer Khurda Irrigation Division, Khurda**

OIPR-32001/32078/1/25-26/0020

## ଧାର୍ଯ୍ୟ ସମୟରେ ପ୍ରକଳ୍ପ କାମ ନ ସରିଲେ

# କଳାତାଲିକାଭୁକ୍ତ ହେବେ ଠିକାଦାର

- ୧୫ ସୁଦ୍ଧା ସମସ୍ତ ନଳକୂଅ ମରାମତି କରିବାକୁ ନିର୍ଦ୍ଦେଶ
- ମୟୂରଭଞ୍ଜ ଜିଲାରେ ପାନୀୟ ଜଳ ଯୋଗାଣକୁ ଗୁରୁତ୍ୱ

ବାରିପଦା,୮।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ସହର ତଥା ଆଖପାଖ ଅଞ୍ଚଳରେ ପାନୀୟ ଜଳର ସମସ୍ୟା ବଢ଼ିବାରେ ଲାଗିଛି। ଦିନର ତାପମାତ୍ରା ୨୮ଡିଗ୍ରୀ ଛୁଇଁବାକୁ ବସିଥିବା ବେଳେ ରାତିରେ ତାପମାତ୍ରା ହ୍ରାସ ପାଉଛି। ଏପରିକି ଜିଲାରେ ଜଳସ୍ତର ଦ୍ରୁତ ଗତିରେ ହ୍ରାସ ପାଇବାରେ ଲାଗିଛି। ଫଳରେ ତାତିକୁ ନେଇ ସହରବାସୀଙ୍କ ମଧ୍ୟରେ ଭୟ ପ୍ରକଟ ହୋଇଥିବା ବେଳେ ପାନୀୟ ଜଳ ସଙ୍କଟର ସମାଧାନ ଦିଗରେ ବିଭାଗ ପକ୍ଷରୁ ପ୍ରୟାସ ଜାରି ରହିଛି। ଗ୍ରାମ୍ୟ ଜଳ ଯୋଗାଣ ଏବଂ ପରିମଳ ବିଭାଗ ଓ ପୌରପରିଷଦ ପାନୀୟ ଜଳ ଯୋଗାଣକୁ ଅଗ୍ରାଧିକାର ଦେଇ ନିରନ୍ତର କାର୍ଯ୍ୟ ଜାରି ରଖିଛନ୍ତି। ଡିସେମ୍ବର ମାସ ସୁଦ୍ଧା ମେଗା ଜଳ ଯୋଗାଣ ପ୍ରକଳ୍ପ ଶେଷ କରିବାକୁ ପରାମର୍ଶ ଦିଆଯାଇଛି। ଠିକାଦାରଙ୍କ ମନମୁଖି କାର୍ଯ୍ୟକୁ ନେଇ ବିଭାଗ ପକ୍ଷରୁ ତାଗିଦା କରାଯିବା ସହ ଧାର୍ଯ୍ୟ ସମୟ ମଧ୍ୟରେ ପ୍ରକଳ୍ପ ଶେଷ ନ ହେଲେ କଳାତାଲିକାଭୁକ୍ତ କରାଯିବ ବୋଲି କଡ଼ା ଚେତାବନୀ ଦିଆଯାଇଛି।

ସୂଚନାଯୋଗ୍ୟ, ଜିଲା ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ପକ୍ଷରୁ ବାରିପଦା ଡିଭିଜନ ଅଧୀନରେ ଥିବା ୧୪ଟି ବ୍ଲକ୍‌ର ୨୪୯ଟି ଗ୍ରାମ ପଞ୍ଚାୟତରେ ୨୨୫୦ଟି ଗ୍ରାମ ରହିଛି। ସେଥିରେ ୨୦ହଜାର ୭୭୪ଟି ନଳକୂପ ରହିଥିବା ବେଳେ ୧୩ ହଜାର ୭୨୬ଟି ନଳକୂପର ମରାମତି କରାଯାଇ ପାନୀୟ ଜଳ ବ୍ୟବହାର ଉପଯୋଗୀ ହୋଇଛି। ସେହିପରି ଜଳଜୀବ ମିଶନ ଅଧୀନରେ ୧୮୫୪ଟି ସୋଲାର ଚାଳିତ ପମ୍ପରୁ ୧୧୯୯ଟି ମରାମତି କରାଯାଇଥିବା ବେଳେ ବସୁଧା ଯୋଜନାରେ ୭୧୪ଟି ଓଭରହେଡ୍ ଟାଙ୍କି ମଧ୍ୟରୁ ୪୧୩ଟି କାର୍ଯ୍ୟକ୍ଷମ ରହିଛି । ଜିଲାର ୧୪ଟି ମେଗା ପାନୀୟ ଜଳଯୋଗାଣ ପ୍ରକଳ୍ପ ମଧ୍ୟରୁ ବାରିପଦା ଡିଭିଜନ ଅଧୀନରେ ୯ଟି ରହିଥିବା ବେଳେ ରାଇରଙ୍ଗପୁର ଡିଭିଜନରେ ୫ଟି ରହିଛି। ଏହି ୯ଟି ପ୍ରକଳ୍ପ ମଧ୍ୟରେ ସାରସକଣା ଓ ଶାମାଖୁଣ୍ଟାରେ ୨ଟି ଲେଖାଏ, ଜିବିନଗର, କୁଳିଅଣା, ବାଙ୍ଗିରିପୋଷି, କପ୍ତିପଦା ଓ ଖୁଣ୍ଟା ବ୍ଲକ୍‌ରେ କାର୍ଯ୍ୟ ଜାରି ରହିଛି। ଏଗୁଡ଼ିକ ଶେଷ ହେଲେ ୨୬ଟି ଗ୍ରାମ ପଞ୍ଚାୟତର ୨୧୬ ଗ୍ରାମର ଲୋକେ ଉପକୃତ ହୋଇପାରିବେ। ଏଗୁଡ଼ିକର କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବାରୁ ପ୍ରକଳ୍ପ କାର୍ଯ୍ୟ ଖୁବ୍‌ଶୀଘ୍ର ଶେଷ କରିବାକୁ ତାଗିଦା କରାଯାଇଛି।

ତେବେ ବାରିପଦା ଡିଭିଜନରେ ଏହି ସବୁ ଜଳ ଯୋଗାଣ ପ୍ରକଳ୍ପର ରକ୍ଷଣାବେକ୍ଷଣ ପାଇଁ ୨୨ଟି ଓ ରାଇରଙ୍ଗପୁର ଡିଭିଜନରେ ୧୫ଟି ମୋବାଇଲ ୟୁନିଟ ଗଠନ କରାଯାଇଛି। ପ୍ରତି ୟୁନିଟରେ ୪ଜଣ କର୍ମଚାରୀ ସାମିଲ ହୋଇ ତ୍ୱରିତ ଜଳ ଯୋଗାଣ ଉପରେ ଗୁରୁତ୍ୱାରୋପ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଦିନକୁ ଦିନ ଜିଲାରେ ଜଳସ୍ତର ହ୍ରାସ ପାଉଥିବାରୁ ଜଳସଙ୍କଟ ବୃଦ୍ଧି ପାଇବାରେ ଲାଗିଛି। ଅତ୍ୟଧିକ ଜଳ ଅପଚୟ ଓ ବୋର୍ ୱେଲ୍ ଯୋଗୁ ଜଳସ୍ତର ନିମ୍ନଗାମୀ ହେଉଥିବା ନେଇ ସର୍ଭେରୁ ଜଣାପଡ଼ିଛି। ବୃଦ୍ଧି ପାଉଥିବା ତାପମାତ୍ରା ଏବଂ ଅନିୟମିତ ବର୍ଷା ଯୋଗୁ ଭୂଗର୍ଭ ଜଳସ୍ତରକୁ ପ୍ରଭାବିତ କରିବାରେ ଲାଗିଛି। ଜଳ ଓ ଜଙ୍ଗଲ ସଂରକ୍ଷଣ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆ ନ ଗଲେ ବିଗତ ବର୍ଷ ଭଳି ବିଶ୍ୱର ତୃତୀୟ ଓ ଦେଶର ଦ୍ୱିତୀୟ ଉତ୍ତପ୍ତ ସହର ଭାବେ ରେକର୍ଡଭୁକ୍ତ ବାରିପଦା ସହର ଆଗ୍ନେୟସହର ଭାବେ ପରିଚିତ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ବିଗତ ବର୍ଷ ବାରିପଦାରେ ସର୍ବୋଚ୍ଚ ତାପମାତ୍ରା ୪୪.୬ଡିଗ୍ରୀ ସେଲସିୟସ ହୋଇଥିବା ବେଳେ ଅଗ୍ନିବର୍ଷାକୁ ନେଇ ଜିଲାବାସୀ ଭୟଭୀତ ହୋଇପଡ଼ିଛନ୍ତି। ତେବେ ଗ୍ରୀଷ୍ମ ଋତୁର ମୁକାବିଲା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଉଥିବା ବେଳେ ପାନୀୟ ଜଳ ଯୋଗାଣକୁ ଅଧିକ ଗୁରୁତ୍ୱାରୋପ କରାଯାଇଥିବା ବିଭାଗୀୟ ଅଧୀକ୍ଷଣଯନ୍ତ୍ରୀ ଜ୍ଞାନେନ୍ଦ୍ର କୁମାର ନାୟକ ପ୍ରକାଶ କରିଛନ୍ତି। ଏପରିକି ଫେବୃଆରୀ ୧୫ସୁଦ୍ଧା ସମସ୍ତ ନଳକୂଅ ମରାମତି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପାନୀୟ ଜଳ ଯୋଗାଣରେ କୌଣସି ଅସୁବିଧା ହେବ ନାହିଁ ବୋଲି ଅଧୀକ୍ଷଣଯନ୍ତ୍ରୀ କହିଛନ୍ତି। ଜଳଶକ୍ତି ଅଭିଯାନ ମାଧ୍ୟମରେ ସରକାରୀ ବାସଭବନ, ସରକାରୀ ଓ ବେସରକାରୀ ଅନୁଷ୍ଠାନ, ସ୍କିଲ ଓ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକରେ ଜଳ ସଂରକ୍ଷଣ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯିବା ନେଇ ଯୋଜନା କରାଯାଉଛି। ସେହିପରି ଜଳସେଚନ ବିଭାଗ ପକ୍ଷରୁ ଆବଶ୍ୟକତା ଅନୁଯାୟୀ ଜଳର ବ୍ୟବହାର କରିବାକୁ ଜନସଚେତନତା କରାଯାଉଥିବା ସୂଚନା ମିଳିଛି।

## ଚିତ୍ରଡ଼ା ମହାବିଦ୍ୟାଳୟର ବାର୍ଷିକୋତ୍ସବ



ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥିମାନେ।

ମୋରଡ଼ା,୮।୨ (ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୂର୍ବାହ୍ନ ୧୧ଟାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ବିଶ୍ୱଜିତ ମହାନ୍ତଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରମୋଦ କୁମାର ଶତପଥୀ, ମୁଖ୍ୟ ବକ୍ତା ତହସିଲଦାର ଶୁଭମ ଦାସ, ସମ୍ମାନିତ ଅତିଥି ମହାବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ପୁତ୍ରବଧୂ ସଂଯୁକ୍ତା ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଅଧ୍ୟାପକ ବୁଦ୍ଧିରାମ ସିଂ ଅତିଥି ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଉତ୍ତମ ଶିକ୍ଷା ଦ୍ୱାରା ଛାତ୍ରୀଛାତ୍ରମାନେ ସଂସ୍କାରି ହେବା ସହିତ ଆଗାମୀ ଦିନରେ କିପରି ସୁନାମ ଅର୍ଜନ କରି ଦେଶର ଭବିଷ୍ୟତ ଗଢ଼ିବେ ସେ ନେଇ ଅତିଥିମାନେ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ବାର୍ଷିକ ଉତ୍ସବ ଉପଲକ୍ଷେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସି ବିବରଣୀ ପାଠ କରିଥିବା ବେଳେ କାମଦେବ ପାଠୀ, ଅର୍ଚ୍ଚନା ପ୍ରଧାନ ଏବଂ ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ

ମୋରଡ଼ା,୮।୨(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍ ଅଧୀନ ଗଡ଼ିଗାଁ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଦୁଇଦିନିଆ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନ ବିଭିନ୍ନ ବିଭାଗର ବିଶେଷଜ୍ଞମାନେ ଯୋଗଦେଇ ଛାତ୍ରୀଛାତ୍ର, ଅଭିଭାବକମାନଙ୍କୁ ଭବିଷ୍ୟତରେ କେଉଁ ପାଠ୍ୟକ୍ରମ ଅଧ୍ୟୟନ କଲେ କେଉଁ କ୍ୟାରିୟର ସୁଯୋଗ ମିଳିପାରିବ, ସେଥିପାଇଁ ବିସ୍ତୃତ ଭାବେ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ଆଇଟି ଇଞ୍ଜିନିୟର ପୁଷ୍ପେନ୍ଦୁ ଜେନା, ମୋଟିଭେଶନାଲ ସ୍ପିକର ଅମର ଭଞ୍ଜ, ମାନସ ବିଶ୍ୱାଳ, ରାକେଶ କୁମାର କର, ଭୋକେଶନାଲ ଟ୍ରେନର ଜମିନୀକାନ୍ତ ମହାନ୍ତ, ରାଜରଞ୍ଜିତ ପାତ୍ର ଓ ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ହିନ୍ଦୀ ଶିକ୍ଷକ ହୃଷୀକେଶ ପାତ୍ର ପରିଚାଳନା କରିଥିଲେ। ଶନିବାର ଦ୍ୱିତୀୟ ଦିନ ଛାତ୍ରୀଛାତ୍ରମାନେ ବସ୍‌ଯୋଗେ ଏକ ଘରୋଇ ଇଞ୍ଜିନିୟରିଂ କଲେଜକୁ ଶିକ୍ଷାମୂଳକ ଭ୍ରମଣରେ ଯାଇଥିଲେ। ସେଠାରେ ଇଞ୍ଜିନିୟରିଂ ବିଭାଗର ବିଭିନ୍ନ ଶାଖା ପରିଦର୍ଶନ କରିଥିଲେ।

# ‘ସଂସ୍କାର ଶିକ୍ଷାର ମୂଳମନ୍ତ୍ର’



ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

## ଆର୍‌ଡିଏସ୍ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ଉଦଳା,୮।୨ (ସନ୍ତୋଷ କୁମାର ବାଛିନୀ)

ଉଦଳା ବ୍ଲକ ତଥା ଶିମିଳିପାଳ ପାଦଦେଶରେ ଅବସ୍ଥାପିତ କୁଣ୍ଡାବାଇ ଆର୍‌ଡିଏସ୍ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାର ମୂଳମନ୍ତ୍ର ହେଉଛି ଆଚାର,ବ୍ୟବହାର ଏବଂ ସଂସ୍କାର। ଶିକ୍ଷା ହିଁ ପରିବର୍ତ୍ତନର ଅସଲି ଚାବିକାଠି। ଆଜିର ଏହି ଦୁନିଆରେ ପାଠ ସହିତ କିପରି ନିଜର ବୁଦ୍ଧିମତ୍ତାକୁ ବ୍ୟବହାର କରି ସମାଜକୁ ଆଗକୁ ନେଇ ସମାଜର ଉନ୍ନତି ସାଧନ କରାଯାଇପାରିବ ସେ ବାବଦରେ ମଞ୍ଚାସୀନ ଅତିଥି ବକ୍ତବ୍ୟ ମାଧ୍ୟମରେ କହିଥିଲେ। ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ଗିରିଙ୍କ ସଭାପତିତ୍ୱରେ ଅତିଥି ଭାବେ ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ପଶ୍ଚିମବଙ୍ଗ ଢୋଲା ମହାବିଦ୍ୟାଳୟର ପ୍ରଫେସର ଡ.ମାନବୀ ବନ୍ଦୋପାଧ୍ୟାୟ,ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡ.ସୁବ୍ରତ କୁମାର ରଣା,ଉପଜିଲାପାଳ ତଥା ପରିଚାଳନା କମିଟିର ସଭାପତି ସୁଶାନ୍ତ କୁମାର ବାରିକ, ସିଏଚଏସଇ ନର୍ଥଜୋନ ବାରିପଦାର ଡ. ରାଜେଶ କୁମାର ପ୍ରଧାନ, ଆଇଆଇସି ବନମାଳୀ ବାରିକ ପ୍ରମୁଖ ମଞ୍ଚାସୀନ ହୋଇ ଉପାନ୍ତ ଇଲାକାରେ ଉଚ୍ଚ ଶିକ୍ଷା ଲାଭ ପାଇଁ ମହାବିଦ୍ୟାଳୟର ଗାରିମାକୁ ନେଇ ବେଶ ପ୍ରଶଂସା କରିଥିଲେ। ଜୁନିୟର ମହାବିଦ୍ୟାଳୟ ଅଧ୍ୟକ୍ଷ ଅରବିନ୍ଦ ମୁଦୁଲି ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିମାନଙ୍କ ଦ୍ୱାରା ମହାବିଦ୍ୟାଳୟର ସ୍ମରଣିକା ଦେବକୁଣ୍ଡ – ଏଟ ଏ ଗ୍ଲାନ୍ସ ଓ ଅଧ୍ୟାପକ ସୁଧାଂଶୁ ଶେଖର ମଙ୍ଗରାଜଙ୍କ ଦ୍ୱାରା ଲିଖିତ ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। ଏହା ବ୍ୟତୀତ କଳା ବିଜ୍ଞାନରେ ମହାବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ପ୍ରାପ୍ତ ଛାତ୍ରୀଛାତ୍ର ଓ ଅଣୁଜୀବ ବିଜ୍ଞାନର ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଥିବା ଛାତ୍ରୀଙ୍କୁ ଅତିଥିମାନେ ମାନପତ୍ର ଓ ଉପଢୌକନ ସହିତ ଅର୍ଥରାଶି ପ୍ରଦାନ କରିଥିଲେ। ନୂତନ ଛାତ୍ରୀ ନିବାସ ଓ ବିଜ୍ଞାନଗାର ନୂତନ ବିଲଡିଂ ଅତିଥିମାନଙ୍କ କରକମଳରେ ଉଦ୍‌ଘାଟିତ କରାଯାଇଥିଲା। ସଭା କାର୍ଯ୍ୟ ପ୍ରାରମ୍ଭରେ ଅଧ୍ୟାପକ ଡ. ଅକ୍ଷୟ କୁମାର ଗିରି ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବା ବେଳେ ଅଧ୍ୟାପିକା ସୁନିତା ଲେଙ୍କା ଧନ୍ୟବାଦ ଦେଇଥିଲେ। ସଭାକାର୍ଯ୍ୟ ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ସୀମାନ୍ତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ଖାରପୋଖରିଆ,୮।୨ (ସୁଧୀର କୁମାର ମହାନ୍ତ)

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ୍ ଅଧୀନ ଖାରପୋଖରିଆସ୍ଥିତ ସୀମାନ୍ତ ମହାବିଦ୍ୟାଳୟର ୪୪ ତମ ବାର୍ଷିକ ଉତ୍ସବ ଶନିବାର ମହାବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରହଲ୍ଲାଦ ଅଗସ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସ୍ଥାନୀୟ ବିଧାୟକ ଭାଦବ ହାଁସଦା ମୁଖ୍ୟଅତିଥି,ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତଥା ଉପ ଜିଲାପାଳ ଡ.ଦୟାସିନ୍ଧୁ ପରିଡ଼ା ମୁଖ୍ୟବକ୍ତା ଏବଂ ସମ୍ମାନୀତ ଅତିଥି ଭାବେ ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ଅନିଲ କୁମାର ଝା, ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ପ୍ରଦ୍ୟୁମ୍ନ କୁମାର ବଶା, ଅଧ୍ୟାପିକା ଧରିତ୍ରୀ ବେହେରା, ଅଧ୍ୟାପକ ବିଶ୍ୱନାଥ ମହାନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ଅଧ୍ୟାପକ ଶିଶିର କୁମାର ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଶାସନିକ ଅଧିକାରୀ ଝା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ କୃତି ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଅଧ୍ୟାପକ ନିହାର ରଞ୍ଜନ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ପରିତ୍ୟକ୍ତ ପୋଖରୀରେ ମହିଳାଙ୍କ କ୍ଷତାକ୍ତ ମୃତଦେହ

ବେତନଟୀ,୮।୨(ଧରଣୀ ଧର ମହାନ୍ତି)

ମୟୂରଭଞ୍ଜ ଜିଲା ବେତନଟୀ ଥାନା ସଠିଲୋ ପଞ୍ଚାୟତ ପୁରୁଣାପାଣି ଗ୍ରାମର କେନାଲ କଡ଼ ଏକ ପରିତ୍ୟକ୍ତ ପୋଖରୀରୁ ରବିବାର ସକାଳେ ଜଣେ ମହିଳାଙ୍କ କ୍ଷତାକ୍ତ ମୃତଦେହ ପୋଲିସ ଜବତ କରିଛି। ମୃତକଙ୍କ ପରିଚୟ ମିଳିପାରି ନ ଥିବା ବେଳେ ତାଙ୍କ ବୟସ ୫୫ରୁ ୬୦ ଭିତରେ ହେବା ନେଇ ଅନୁମାନ କରାଯାଇଛି। ମହିଳାଙ୍କ ବେକ ଓ ଛାତିରେ ଗଭୀର ଆଘାତ ଦେଖିବା ପରେ ଏହା ଏକ ସୁପରିକଳ୍ପିତ ହତ୍ୟା ବୋଲି ସନ୍ଦେହ କରାଯାଇଛି। ସକାଳେ କେତେଜଣ ବ୍ୟକ୍ତି ପୋଖରୀକୁ ଶୌଚ ପାଇଁ ଯାଇଥିବା ସମୟରେ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ଖବରପାଇ ବେତନଟୀ ପୋଲିସ ଓ ଦମକଳ ବାହିନୀ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ମୃତ ଦେହଟିର ଅବସ୍ଥା ଦେଖି ଏହା ପାଣିରେ ୨/୩ ଦିନ ପୂର୍ବରୁ ପଡିରହିଥିବା ଅନୁମାନ କରାଯାଇଛି। ପୋଖରୀ କୂଳରେ ପଡ଼ିଥିବା ବୁରା ଓ ପଲିଥିନ ଦେଖି ବାହାରୁ କେହି ହତ୍ୟା କରି ଏହି ପୋଖରୀରେ ଆଣି ଫିଙ୍ଗି ପଳାଇଥିବା ସନ୍ଦେହ କରାଯାଉଛି। ପୋଲିସ ମୃତଦେହକ ବ୍ୟବଚ୍ଛେଦ ପାଇଁ ପଠାଇ (ନଂ.୫୫/୨୬)ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ‘ଗୁରୁଜନ ସମାଜର ଶ୍ରେଷ୍ଠ ସମ୍ପଦ’

## ଡିହିରାକୁଲ ଗ୍ରାମରେ ଗୁରୁଜନ ପୂଜନ ଉତ୍ସବ

ଉଦଳା,୮।୨(ସନ୍ତୋଷ କୁମାର ବାଛିନୀ)

ଉଦଳା ବ୍ଲକ ଅଧୀନ ଡିହିରାକୁଲ ଗ୍ରାମ ଦୋଳ ମଣ୍ଡପରେ ରବିବାର ଗୁରୁଜନ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ଭାସ୍କର ଚନ୍ଦ୍ର ମଢେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାୟକ, ଉପଜିଲାପାଳ ସୁଶାନ୍ତ କୁମାର ବାରିକ, ଏନଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ଅବସରପ୍ରାପ୍ତ ଭଦ୍ରକ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଥାନା ଅଧିକାରୀ ବନମାଳୀ ବାରିକ, ଉଦଳା ଏନଏସି ଉପନଗରପାଳ ଲିଲି ଭୋଳ, ମୟୂରଭଞ୍ଜ ଜିଲା ବରିଷ୍ଠ ନାଗରିକ ସଂଘ ସଭାପତି ପ୍ରଦୀପ୍ତ କିଶୋର ପଣ୍ଡା, ସମ୍ପାଦକ ଡ. ଶ୍ୟାମ ସୁନ୍ଦର ଦାସ ପ୍ରମୁଖ ଯୋଗଦେଇ ଗୁରୁଜନମାନେ ଆମ ସମାଜ ପାଇଁ ବୋଝ ନୁହଁନ୍ତି ସେମାନଙ୍କୁ ଅବହେଳା ଓ ଉପେକ୍ଷା କଲେ ଆମ ଭବିଷ୍ୟତ କେବେ ମଙ୍ଗଳମୟ ହେବ ନାହିଁ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଗୁରୁଜନ ସମାଜର ଶ୍ରେଷ୍ଠ ସମ୍ପଦ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଉତ୍ସବରେ ଗ୍ରାମରେ ଥିବା ୬୦ ବର୍ଷରୁ ଊର୍ଦ୍ଧ୍ୱ ଶତାଧିକ ମହିଳା ପୁରୁଷ ଗୁରୁଜନ ଏବଂ କପ୍ତିପଦା ଉପଖଣ୍ଡର ବିଭିନ୍ନ ପ୍ରାନ୍ତରୁ ଗୁରୁଜନମାନେ ଯୋଗଦାନ କରିଥିଲେ। ଗୁରୁଜନ ପୂଜନ କମିଟି ସଦସ୍ୟମାନେ ଗୁରୁଜନମାନଙ୍କ ପାଦ ଧୋଇବା ସହିତ ପୁଷ୍ପ ଚନ୍ଦନ, ଫୁଲ ଆଦି ଦେଇ ପୂଜା କରିବା ସହିତ ଉପଢୌକନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ କମିଟିର ବରିଷ୍ଠ ସଦସ୍ୟ ତଥା ସଂଯୋଜକ ରମେଶ ଚନ୍ଦ୍ର ପୃଷ୍ଟି ପରିଚାଳନା କରିଥିଲେ। ସଦସ୍ୟ ସର୍ବେଶ୍ୱର ହାତୀ, ପ୍ରଦୀପ କୁମାର ବେହେରା, ନାରାୟଣ ପୃଷ୍ଟି, ରମାକାନ୍ତ ପାତ୍ର, ଜୟନ୍ତ କୁମାର ବେହେରା, ମଧୁସୂଦନ ହାତୀ, ଦୟାନିଧି ପୃଷ୍ଟି, ପ୍ରମୋଦ ସାହୁ, ସତ୍ୟପ୍ରିୟ ସାହୁ, ପିନାକୀ ବେହେରାଙ୍କ ସମେତ ଗ୍ରାମରେ ଥିବା ମହିଳାମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ସଫଳ କରାଇଥିଲେ।

## ସରିଲା ବଡ଼ଯୋଡ଼ ହରିହାଟ ମେଳା

ବେତନଟୀ,୮।୨(ଧରଣୀଧର ମହାନ୍ତି)

ବେତନଟୀ ଥାନା ଅଧୀନ ବଡ଼ଯୋଡ଼ଠାରେ ହରିହାଟ ସାଂସ୍କୃତିକ ଟ୍ରଷ୍ଟ ଆନୁକୂଲ୍ୟରେ ୧୫୮ତମ ବଡ଼ଯୋଡ଼ ହରିହାଟ ମେଳା ଉଦ୍‌ଯାପିତ ହୋଇଯାଇଛି। ଅଗ୍ନିପୂର୍ଣ୍ଣିମାଠାରୁ ଏହି ମହୋତ୍ସବ ଆରମ୍ଭ ହୋଇଥିବା ବେଳେ ଚଳିତମାସ ୧ତାରିଖରେ ଘଟୋତ୍ତଳନ, ୨ତାରିଖରେ ସାମୁହିକ ପ୍ରସାଦ ସେବନ ନିମିତ୍ତ ଅନ୍ନଛତ୍ର ଏବଂ ୪ ଦିନବ୍ୟାପୀ ହରିନାମ ସଂକୀର୍ତ୍ତନ ଚାଲିଥିବା ବେଳେ ଗୁରୁବାର ନାମସଂକୀର୍ତ୍ତନ ସମପାନ ହୋଇଥିଲା। ଏହି ଅବସରରେ ଏକ ମେଳାର ଆୟୋଜନ କରାଯାଇଥିବା ବେଳେ ଏଥିରେ ନିଶାଦ୍ରବ୍ୟ କାରବାରଠାରୁ ଆରମ୍ଭକରି ଜୁଆଖେଳ ଭଳି ସମସ୍ତ ପ୍ରକାର ଅନୈତିକ କାର୍ଯ୍ୟକଳାପକୁ ନିଷିଦ୍ଧ କରାଯାଇଥିଲା। ଘଟୋତ୍ତଳନଠାରୁ ଆରମ୍ଭକରି ନାମ ସମାପନ ପର୍ଯ୍ୟନ୍ତ ଗାଁକୁ ଆମିଷ ପ୍ରବେଶ ଉପରେ ନିଷେଧାଦେଶ ଜାରି କରାଯାଇଥିଲା। ଯାହାକୁ ଗ୍ରାମବାସୀ ଅତ୍ୟନ୍ତ ଶ୍ରଦ୍ଧା ଏବଂ ନିଷ୍ଠାପର ଭାବରେ ଅନୁପାଳନ କରିଥିଲେ। ଉଦଳା ବିଧାୟକ ଭାସ୍କରଚନ୍ଦ୍ର ମଢେଇ, ବାରିପଦା ସଦର ବିଧାୟକ ପ୍ରକାଶ ସୋରେନ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଦିବସରେ ଆୟୋଜିତ ସଂସ୍କୃତିକ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ମହାରାଜା ପ୍ରବୀଣଚନ୍ଦ୍ର ଭଞ୍ଜଦେଓ ଏବଂ ମୟୂରଭଞ୍ଜ ଜିଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବା ଡ. ଲକ୍ଷ୍ମୀକାନ୍ତ ପତି ପ୍ରମୁଖ ଅତିଥିଗଣ ମଞ୍ଚାସୀନ ଥିଲେ। ଆୟୋଜକ ବଡଯୋଡ ହରିହାଟ ସାଂସ୍କୃତିକ ଟ୍ରଷ୍ଟ ପକ୍ଷରୁ ଚେୟାରମ୍ୟାନ ଦୈତାରୀ ନାଏକ, ଉପାଧ୍ୟକ୍ଷ ବିଜୟ ନାଏକ, କୃଷ୍ଣଚନ୍ଦ୍ର ନାଏକ ପ୍ରମୁଖ ମଧ୍ୟ ମଞ୍ଚାସୀନ ଥିଲେ। ପୂର୍ବତନ ଜିଲାପରିଷଦ ସଦସ୍ୟ ତଥା ବଡ଼ଯୋଡ ପଞ୍ଚାୟତର ପୂର୍ବତନ ସରପଞ୍ଚ କାଳୀଚରଣ ନାଏକଙ୍କ ସଂଯୋଜନା ଏବଂ ପରିଚାଳନାରେ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମରେ ପରିଚାଳନାରେ ଆୟୋଜକ କମିଟିର ଯୁଗ୍ମ ସମ୍ପାଦକ ହେମନ୍ତ କର, କୋଷାଧ୍ୟକ୍ଷ କାଳୀଚରଣ ନାଏକଙ୍କ ସମେତ ସମସ୍ତ ସଦସ୍ୟାସଦସ୍ୟ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।

## ମେଘାସନୀ ମହୋତ୍ସବରେ ରକ୍ତଦାନ ଶିବିର

ବାରିପଦା,୮।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମେଘାସନୀ ମହୋତ୍ସବ ପାଳନ ଅବସରରେ ବାରିପଦାସ୍ଥିତ ଛଉ ପଡ଼ିଆ-କଲେଜ ପଡିଆ ପରିସରରେ ଜିଲା ପ୍ରଶାସନ ତତ୍ତ୍ୱାବଧାନରେ ଓରମାସ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ବାରିପଦା ରକ୍ତ ଭଣ୍ଡାରର ଅଧିକାରୀ ଡା. ସୌମ୍ୟ ରଞ୍ଜନ ନାୟକଙ୍କ ତତ୍ତ୍ୱାବଧାନରେ ଅନ୍ୟାନ୍ୟ ସହକର୍ମୀ ଡା. ନୀଲେଶ ଦାସ, ରୁଚିକା ଖୁରାନା, ସବିତା ଶେଜପଡା, ଭାଗ୍ୟବତୀ ସିଂ ଓ ଶକୁନ୍ତଳା ମହାନ୍ତଙ୍କ ସହଯୋଗରେ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିରରେ ବାରିପଦା ଉପଜିଲାପାଳ ଡ.ଦୟାସିନ୍ଧୁ ପରିଡା, ଓରମାସର ଡେପୁଟି ସିଇଓ ଭାଗ୍ୟଲକ୍ଷ୍ମୀ ରାଉତ, ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, ବାରିପଦା ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶିଶିର କୁମାର ମୁଣ୍ଡୁୟା, ଜିଲା ରେଡ୍‌କ୍ରସ ଶାଖାର ଆଜୀବନ ସଦସ୍ୟ ତଥା ରକ୍ତଦାତା ଅମର କୁମାର ସେଠୀ ପ୍ରମୁଖଙ୍କ ସମେତ ଓରମାସର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଉକ୍ତ ଶିବିରରୁ ସମୁଦାୟ ୨୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।

**Gangadhar Meher University,**
**Amruta Vihar, Sambalpur, Odisha-768001**
**Corrigendum. No. 498 /GMU, Date 7.2.2026**

**Corrigendum**

In continuation of the Expression of Interest (EOI) published vide **Advertisement No.121/GMU, date 13.01.2026** for engagement of State PSU / Central PSU / Departmental Undertaking as Project Management Consultant (PMC) for construction of different buildings at Gangadhar Meher University, Sambalpur, it is hereby notified that modifications / clarifications are made to the said EOI. Please visit -www.gmuniversity.ac.in for details.

**Sd./- Registrar**

**OFFICE OF THE PANCHAYAT SAMITI, JAMDA**
e-mail : ori-jamada@nic.in

**Notice No: 02** **Date: 06.02.2026**

**No.19001/16/2526** : Sealed Tenders are invited from Registered Contractors towards Const. of VC Hall at Jamda Block Office that may be downloaded from the district website **https://mayurbhanj.odisha.gov.in**. The tender paper along with detail terms and conditions will be downloaded during office hour from **07.02.2026 to 19.02.2026**.

1. Sale of Tender Papers: - **07.02.2026 to 19.02.2026 up to 5.00 PM.**
2. Last Date of receipt of tender paper: - **19.02.2026 up to 5.00 PM.**
3. Date of opening of tender papers AT Block meeting Hall: - **20.02.2026 at 11.00 AM.**
4. Mode of receipt: **Through speed post/Registry post only** to **Block Development Officer, Jamda, At/Po- Jamda, Dist-Mayurbhanj Pin-757045**.
5. Envelope should be **super-scribed** with the name of the works for which tender paper is being submitted **otherwise will be rejected**.
6. The tender paper **received after due date or time** will liable for **rejection**.

Authority reserves the right to reject all or any of the tender without assigning any reasons thereof. Again the authority will not held responsible for any postal delay.

**Sd./- Block Development Officer, Jamda Mayurbhanj**
**OIPR-19001/19274/1/25-26/0001**

ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
କ୍ଷୁଦ୍ର ଜଳସେଚନ ବିଭାଜନ, ଆନନ୍ଦପୁର
**OFFICE OF THE SUPERINTENDING ENGINEER, M.I. DIVISION, ANANDAPUR**
At/P.O : Salapada, Dist.-Keonjhar, Pin Code-758020
**e-Procurement Notice**
**Bid Identification No.-18/MIDA/2025-26**
**E-mail ID : mianandapur@yahoo.co.in, eemidanandapur@gmail.com**
**No.328 Date 05.02.2026**

**No.32001/36/2526** : The Superintending Engineer, Minor Irrigation Division Anandapur on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | | |
|---|---|---|
| Name of the work | : | Construction of 01(One) no. Check Dam (In-sream storage structures) under MATY scheme and 01 no. of Repair in ERM scheme |
| No. of Works | : | 02 (Two) Nos only |
| Estimated Cost | : | Varies from 23.83 lakhs to 36.60 lakh (Approximately) |
| Cost of Tender Paper | : | 6000/- (Non-refundable |
| Period of Completion | : | 4 (Four) Calendar months |
| Availablity of bid documents for sale and receipt through on-line | : | From dt.12.02.2026, 10.00 A.M. to dt.20.02.2026, up to 5.00 P.M. |
| Last date/Time of receipt of bids in the portal | : | 20.02.2026 (5.00PM) |
| Date of Technical bid opening through online | : | On dt.21.02.2026 at 10.00 A.M. in the Office of the S.E., M.I. Division, Anandapur |
| Mode of payment of Bid Cost | : | Online |
| Digital Signature Certificate of Bidder | : | The Bidder must possess compatible Digital Signature Certificate (DSC) |
| The detail tender call notice can also be seen in the DOWR website http:/dowrorissa.gov.in | | |
| Name & Address of the OIT | : | Superintending Engineer, Minor Irrigation Division, Anandapur, At/P.O/District - Keonjhar Email ID : mianandapur@yahoo.co.in |

Further details can be seen from the e-Procurement market place http://tendersorissa.gov.in

**Sd./- Superintending Engineer, M.I. Division, Anandapur**
**OIPR-32001/32108/1/25-26/0001**

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**KHURDA IRRIGATION DIVISION, KHURDA**
**No.32001/34/2526**
Dist. : Khurda, Odisha-752056, Tel/Fax : 06755-796308, Mail id : eekhurdairrigationdivision@gmail.com
**'e'-Procurement Notice No.KHD-06 OF 2025-26, Dtd.04.02.2026**

1. Nam of the work : 17 (Seventeen) nos. of Civil Work, 2. Tender Cost : Varies from Rs.12.33 Lakhs to Rs.49.99 Lakhs, 3. Bid Document Cost : Rs.6000/-, 4. Bid Security : Varies from Rs.12,400/- to Rs.50,000/-, 5. Class of Contractor : B, C & D, 6. Period of Completion : 2 (two) & 4 (four) calendar months, 7. Other details are as follows.

| Procurement Officer | Bid Identification No. | Availability of Tender On-line for bidding | | Date of Opening of Bid |
|---|---|---|---|---|
| | | From | To | |
| Superintending Engineer, Khurda Irrigation Division, Khurda | KHD 06-01 of 2025-26 to KHD 06-17 of 2025-26 | 10.02.2026 at 11.00 A.M. | 19.02.2026 up to 5.00 P.M. | 20.02.2026 at 11.00 A.M. |

8. e-mail Id : eekhurdairrigationdivision@gmail.com
9. Date of lottery - **24.02.2026 at 11.00 A.M.**

Further detail conditions can be seen from the Govt. website www.tendersodisha.gov.in

**Sd/- Superintending Engineer Khurda Irrigation Division, Khurda**
**OIPR-32001/32078/1/25-26/0020**

# ବିନା ସୂଚନାଫଳକରେ ନିର୍ମାଣ ଚାଲିଛି ବିଜୁ ସେତୁ

**ଖଇରା,୮।୨(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଅଚ୍ୟୁତପୁର-ରଟିଣା ରାସ୍ତାର ଅଚ୍ୟୁତପୁର ଗ୍ରାମ ନିକଟସ୍ଥ ତଳନଈ ବିଜୁ ସେତୁ ନିର୍ମାଣରେ ଅନିୟମିତତା ହେଉଥିବା ନେଇ ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତ। ବିନା ଡାଇଭର୍ସନ ଓ ବିନା ସୂଚନା ଫଳକରେ ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ଗ୍ରାମବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । କାର୍ଯ୍ୟ କଛପ ଗତିରେ ଚାଲୁଥିବାରୁ ବର୍ଷାଦିନ ପୂର୍ବରୁ ସରିବା ନେଇ ଅନିଶ୍ଚିତତା ଦେଖାଦେଇଛି। ଉକ୍ତ କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ମୁଣିଦା, ନଛିପୁର, ଓହଡ଼ ଓ ଅଚ୍ୟୁତପୁର ଆଦି ଗ୍ରାମର ଅଧିବାସୀ ଦାବି କରିଛନ୍ତ।


ବିଜୁ ସେତୁ ପାଇଁ ଖୋଳି ଛାଡ଼ି ଦିଆଯାଇଥିବା ଗର୍ତ୍ତ।

ଉକ୍ତ ପୋଲ ନିର୍ମାଣ ପାଇଁ ୨କୋଟି ୨୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ରାସ୍ତା ନିର୍ମାଣ କାର୍ଯ୍ୟ ୨୦୨୫ ଫେବୃଆରୀ ମାସରେ ଆରମ୍ଭ ହୋଇଥିଲା। ୧ବର୍ଷ ଅତିକ୍ରମ କରିସାରିଥିବା ବେଳେ ମାତ୍ର ୪୦ଭାଗ କାର୍ଯ୍ୟ ଶେଷ ହୋଇଛି। ପୋଲପାଇଁ ଗାତ ଖୋଳି ଛାଡ଼ି ଦିଆଯାଇଥିବାରୁ ଏବେ ଏହା ମଣିଷ ଓ ଜୀବଜନ୍ତୁଙ୍କ ପାଇଁ ଘାତକ ସାବ୍ୟସ୍ତ ହୋଇଛି। ସାଧାରଣତଃ କୌଣସୀ ବଡ଼ ପୋଲ ନିର୍ମାଣ ବେଳେ ଗାଡ଼ିମୋଟର ଯାତାୟାତ ପାଇଁ ଡାଇଭର୍ସନର ବ୍ୟବସ୍ଥା କରାଯାଇଥାଏ। ହେଲେ ସେଭଳି କିଛି ବ୍ୟବସ୍ଥା ହୋଇ ନ ଥିବାରୁ ମୁଣିଦା ଓ ନଛିପୁରରୁ ବିଭିନ୍ନ ହାଇସ୍କୁଲ ଓ କଲେଜରେ ପଢୁଥିବା ଛାତ୍ରୀଛାତ୍ରମାନେ ବିପଦ ସଙ୍କୁଳ ଅବସ୍ଥାରେ ଗାଡ ଖୋଳାଯିବା ଯାଗାର କଡ଼େ କଡ଼େ ଯିବାକୁ ବାଧ ହେଉଛନ୍ତି। ସେହିଭଳି ଠିକାଦାର ଗୋଟିଏ ପାର୍ଶ୍ୱର ଆପ୍ରୋଚ ରୋଡ୍ ଶେଷ କରି ସାରିଥିବାବେଳେ ସୁଚନା ଫଳକ ନ ଲଗାଇ ସାଧାରଣ ଲୋକଙ୍କୁ ଅନ୍ଧାରରେ ରଖିଛନ୍ତି। ଯେଉଁଥିପାଇଁ ଗ୍ରାମବାସୀ କଞ୍ଚାମାଲର ଭାଗମାପ ସମ୍ପର୍କରେ ଅଜ୍ଞ। ସେହିଭଳି ପୋଲପାଇଁ ଖୋଳା ଯାଇଥିବା ଗାଡ ମଧ ଅଣଓସାରିଆ ଏବଂ ବର୍ଷାଋତୁରେ ଜଳନିଷ୍କାସନରେ ବାଧା ସୃଷ୍ଟି କରିବ ବୋଲି ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ସାମନ୍ତଙ୍କୁ ପଚାରିବାରୁ ଡାଇଭର୍ସନ ନିର୍ମାଣ ଓ ସୂଚନା ଫଳକ ଲଗାଇବାକୁ ଠିକଦାରଙ୍କୁ କୁହାଯାଇଥିବା ସେ କହିଛନ୍ତି ।

# 'ବିଭାଗ ମଧ୍ୟରେ ଠିକ୍ ସମନ୍ୱୟ ଜରୁରୀ'


ବୈଠକରେ ଉପସ୍ଥିତ ଅତିରିକ୍ତ ଜିଲାପାଳ ସୁଧାକର ନାଏକ ଓ ଅନ୍ୟ ଅଧିକାରୀ।

## ଜନଗଣନା ପାଇଁ ପ୍ରଶାସନିକ ପ୍ରସ୍ତୁତି

**ବାଲେଶ୍ୱର,୮।୨(ବାଞ୍ଛାନିଧି ଦେ)**

ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟର ଅଡିଟୋରିୟମ୍ ହଲ୍‌ରେ ରବିବାର ଜନଗଣନା ସମ୍ବନ୍ଧରେ ତାଲିମ କାର୍ଯ୍ୟକ୍ରମ ସହ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ(ସାଧାରଣ) ତଥା ଜିଲା ନୋଡାଲ ଅଧିକାରୀ ସୁଧାକର ନାଏକ ଏଥିରେ ଅଧ୍ୟକ୍ଷତା କରି ଜନଗଣନା ସମ୍ପର୍କିତ ପ୍ରଶାସନିକ ପ୍ରସ୍ତୁତି ନିୟମାବଳୀ ଉପରେ ଆଲୋକପାତ କରିଥିଲେ। ଜନଗଣନାର ପ୍ରସ୍ତୁତିମୂଳକ କାର୍ଯ୍ୟକ୍ରମ ବିଷୟରେ ଏକ ବିସ୍ତୃତ ପାୱାରପଏଣ୍ଟ ଉପସ୍ଥାପନ କରିଥିଲେ। ଏହି ଜନଗଣନାର ଉଦ୍ଦେଶ୍ୟ, ଏହାର ଗୁରୁତ୍ୱ, ଜିଲା ଓ କ୍ଷେତ୍ରସ୍ତରରେ ଗ୍ରହଣୀୟ ବିଭିନ୍ନ ପ୍ରସ୍ତୁତିମୂଳକ ପଦକ୍ଷେପ ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥିଲା। ଅତିରିକ୍ତ ଜିଲାପାଳ ନାଏକ ପ୍ରଶ୍ନୋତ୍ତର ମାଧ୍ୟମରେ ସମସ୍ତ ଦ୍ୱନ୍ଦ୍ୱାତ୍ମକ ପ୍ରଶ୍ନର ସନ୍ତୋଷଜନକ ସ୍ପଷ୍ଟୀକରଣ ପ୍ରଦାନ କରିଥିଲେ। ଏଥିସହ ସମୟାନୁବର୍ତ୍ତୀ ସହକାରେ ସମ୍ପୃକ୍ତ ବିଭାଗଗୁଡ଼ିକ ମଧ୍ୟରେ ଠିକ୍ ସମନ୍ୱୟ ଏବଂ ଜନଗଣନା ସମ୍ବନ୍ଧୀୟ ଦାୟିତ୍ୱ ପ୍ରତି ସମସ୍ତ ଅଧିକାରୀଙ୍କର ଠିକ୍ ବୁଝାମଣା ଦିଗରେ ସେ ଗୁରୁତ୍ୱାରୋପ କରିଥିଲେ। ନୀଳଗିରି ଉପଜିଲାପାଳ ଶୁଭଶ୍ରୀ ରଥଙ୍କ ସମେତ ଡେପୁଟି କଲେକ୍ଟର(ସାଧାରଣ ଓ ବିବିଧ), ସମସ୍ତ ପୌରପାଳିକା ଓ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ, ତହସିଲଦାର, ଅତିରିକ୍ତ ତହସିଲଦାର ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ।

# ମାର୍ବଲ ବସା କାର୍ଯ୍ୟରେ ଅନିୟମିତତା

**ହଳଦୀପଦା ରେଳ ଷ୍ଟେଶନ**

- କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ ଚେତାବନୀ

**ବସ୍ତା,୮।୨(ହରିଶଙ୍କର ପାଢ଼ୀ)**

ଦକ୍ଷିଣପୂର୍ବ ରେଳପଥ ଖଡଗପୁର ଡିଭିଜନ୍ ଅନ୍ତର୍ଗତ ବାଲେଶ୍ୱର ଜିଲା ହଳଦୀପଦା ରେଳ ଷ୍ଟେଶନରେ ମରାମତି କାର୍ଯ୍ୟ ଚାଲଛି। ଏହି ନିର୍ମାଣ କାର୍ଯ୍ୟରେ ଗୁଣାତ୍ମକ ମାନ ପ୍ରତି ବିଭାଗୀୟ କର୍ମକର୍ତ୍ତା ନଜର ଦେଉ ନ ଥିବା ଅଭିଯୋଗ ହୋଇଛି। ଷ୍ଟେଶନ ୨ ନମ୍ବର ଓ ୩ ନମ୍ବର ପ୍ଲାଟ୍‌ଫର୍ମର ଫୁଟ୍ ଓଭରବ୍ରିଜ୍‌ରେ ମାର୍ବଲ ବସାଯିବା କାର୍ଯ୍ୟ ଚାଲୁଥିବା ବେଳେ ଏଥିରେ ସିମେଣ୍ଟ ଓ ଅନ୍ୟାନ୍ୟ ସାମଗ୍ରୀ ମିଶ୍ରଣରେ ଅନିୟମିତତା ନେଇ ଅଭିଯୋଗ ହୋଇଛି। ଫଳରେ ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ହଳଦୀପଦା ପ୍ରଗତି ମଞ୍ଚର ସଭାପତି ବିଶ୍ୱଜିତ ସାମଲ, ପୂର୍ବତନ ସଭାପତି ରବୀନ୍ଦ୍ର ନାଥ ମହାନ୍ତି, ପୂର୍ବତନ ସରପଞ୍ଚ ରାଧାକୃଷ୍ଣ ଜେନା, କର୍ମକର୍ତ୍ତା ସୁଦର୍ଶନ ନାୟକ, ବୃହସ୍ପତି ଦାଶ ପ୍ରମୁଖ ଷ୍ଟେଶନ ପରିଦର୍ଶନ କରି ଏହି କାର୍ଯ୍ୟରେ ଅନିୟମିତତା ହେଉଥିବା ଦେଖିବାକୁ ପାଇଥିଲେ। ସେମାନେ ଏ ସମ୍ପର୍କରେ ଗତ ୩ ତାରିଖରେ ରେଳ ବିଭାଗ ଭିଜିଲାନ୍ସ ଏସ୍‌ପିଙ୍କୁ ଲିଖିତ ଭାବେ ଅବଗତ କରାଇ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ହେଲେ ଅଦ୍ୟାବଧି ବିଭାଗ ପକ୍ଷରୁ କୌଣସି ତଦନ୍ତ ହୋଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ପ୍ରଗତି ମଞ୍ଚ ପକ୍ଷରୁ ରବିବାର ଚେତାବନୀ ଦିଆଯାଇଛି।

# ଭବିଷ୍ୟତକୁ ଦୃଷ୍ଟିରେ ରଖି କର୍ମ କଲେ ସଫଳତା ମିଳେ: ବିଧାୟକ



ଅତିଥିଙ୍କ ଗହଣରେ ସ୍ୱାଗତ ସଂଗୀତ ଗାନ କରୁଛନ୍ତି ଛାତ୍ରୀମାନେ।

**ବାଲେଶ୍ୱର,୮।୨(ବାଞ୍ଛାନିଧି ଦେ)**

**କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟର ବାର୍ଷିକୋତ୍ସବ**

ବାଲେଶ୍ୱର ସହରସ୍ଥିତ କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟର ୬୬ତମ ବାର୍ଷିକୋତ୍ସବ ଏବଂ ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତଙ୍କ ୧୨୬ତମ ଜୟନ୍ତୀ ସମାରୋହ ରବିବାର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡ. ଝାନ୍‌ସୀ ଜେନା ସଭାରେ ପୌରୋହିତ୍ୟ କରିବା ସହ ସ୍ୱାଗତ ଅଭିଭାଷଣ ରଖିଥିଲେ। ମୁଖ୍ୟ ଅତିଥି ଭାବେ ସଦର ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇ ସମୟର ସଦୁପଯୋଗ କରିବା ଲାଗି ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଯେଉଁ ମଣିଷ ଆଗାମୀ ଭବିଷ୍ୟତକୁ ଦୃଷ୍ଟିରେ ରଖି କର୍ମ କରନ୍ତି, ସେ ସଫଳତା ଲାଭ କରିଥାନ୍ତି ବୋଲି ବିଧାୟକ କହିଥିଲେ। ମୁଖ୍ୟବକ୍ତା ସ୍ତମ୍ଭକାର ଅଭୟ ଦ୍ୱିବେଦୀ ସଂକଳ୍ପ ନେଇ ସାଧନା ଜାରି ରଖିବାକୁ ଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ। ଛାତ୍ରୀ ପରିଷଦର ଉପସଭାପତି ଅଧ୍ୟାପକ ସଞ୍ଜୟ ସ ଅତିଥି ପରିଚୟ ପ୍ରଦାନ ଓ ଅଧ୍ୟାପିକା ମହାଶ୍ୱେତା ପାଣ୍ଡେ ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଜେନା ବାର୍ଷିକ ବିବରଣୀ ପାଠ କରିବା ସହ କଲେଜର ଭିତ୍ତିଭୂମି ସମସ୍ୟା ସମ୍ପର୍କରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଧ୍ୟାପକ ରାଜକିଶୋର ପଣ୍ଡିତ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ନାଟ୍ୟକାର ପ୍ରଦୀପ ଭୌମିକଙ୍କ ନାଟକ 'ତୁଳସୀ ଗଛ' ମଞ୍ଚସ୍ଥ ହୋଇଥିଲା। ଶ୍ୟାମପଦ ମଣ୍ଡଳ, ଅଧ୍ୟାପକ ପଣ୍ଡିତ ଓ ଅମିତ୍ ବର୍ଦ୍ଧନ ନାଟ୍ୟ ନିର୍ଦ୍ଦେଶନା ଦେଇଥିଲେ।

# ଟ୍ରାକ୍ଟରରୁ ଖସି ଜଣେ ମୃତ

**ନୀଳଗିରି,୮।୨(ପ୍ରଶାନ୍ତ କୁମାର ବିଶ୍ୱାଳ)**

ବାଲେଶ୍ୱର ଜିଲା ନୀଳଗିରି ଥାନା ପୁରୁଣାଗାଁ ସୋନ ନଦୀରୁ ଚୋରାରେ ବାଲିଚାଲାଣ ବେଳେ ଟ୍ରାକ୍ଟରରୁ ଖସି ପଡ଼ିବାରୁ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ନୀଳଗିରି ବ୍ଲକ୍‌ର ନରସିଂହପୁର ପଞ୍ଚାୟତ ପୁରୁଣା ଗାଆଁର ସ୍ୱର୍ଗତ ସାହିବ ନାୟକଙ୍କ ପୁଅ ସଞ୍ଜୟ (୪୦)। ସୂଚନା ଅନୁଯାୟୀ, ରବିବାର ସକାଳ ପ୍ରାୟ ୮ଟା ସମୟରେ ଏକ ଟ୍ରାକ୍ଟର (ଓଡି୦୧ ଏପି୭୬୯୮)ରେ ସୋନ ନଦୀରୁ ବାଲି ଲୋଡ୍ କରି ଘାଟ ଉପରକୁ ଉଠୁଥିଲା। ବେପରୁଆ ଗାଡ଼ି ଚାଳନା ଯୋଗୁ ଚାଳକ ସଞ୍ଜୟ ଟ୍ରାକ୍ଟର ତଳକୁ ଖସି ପଡ଼ିଥିଲେ। ଟ୍ରାକ୍ଟର ଡଲାରେ ସଞ୍ଜୟଙ୍କ ମୁଣ୍ଡ ବାଜି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ନୀଳଗିରି ମେଡିକାଲରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଟ୍ରାକ୍ଟର ଜବତ କରିଛନ୍ତି। ମୃତକଙ୍କ କକା ହରି ମୋହନ ନାୟକ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା(ନଂ.୬୧/୨୬)ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ କରୁଛି।

# ବ୍ଲକ୍, କୋର୍ଟ କର୍ମଚାରୀଙ୍କ ମଧ୍ୟରେ ଏକଦିବସୀୟ କ୍ରିକେଟ୍ ମ୍ୟାଚ୍

**ଔପଦା,୮।୨(ଧରିତ୍ରୀ ପଣ୍ଡା)**

ବାଲେଶ୍ୱର ଜିଲା ଔପଦା ବ୍ଲକ୍ ଓ କୋର୍ଟ କର୍ମଚାରୀଙ୍କ ମଧ୍ୟରେ ଏକଦିବସୀୟ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ ସ୍ଥାନୀୟ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ମ୍ୟାଚ୍‌କୁ ଆମ୍ପାୟାର ଭାବେ ଆଦିତ୍ୟ ନାରାୟଣ ବେହେରା ପରିଚାଳନା କରିଥିଲେ। ଟସ୍ ଜିତି ବ୍ଲକ୍‌ର ଖେଳାଳିମାନେ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୧୧୪ ରନ କରିଥିଲେ। କୋର୍ଟ କର୍ମଚାରୀମାନେ ୮ ଓଭରରେ ୧୧୫ ରନ କରି ବିଜୟୀ ହୋଇଥିଲେ। ବ୍ଲକ୍ ପକ୍ଷରୁ କର୍ମଚାରୀ ଦୁର୍ଯ୍ୟୋଧନ ନାୟକ, ଜଗବନ୍ଧୁ ମାଝୀ, ବିଜୟ ସେଠୀ, ମାନସ ଦାଶ, ସଞ୍ଜୟ ଦାଶ, ହେମନ୍ତ ମଲ୍ଲିକ, ରାଜେନ୍ଦ୍ର ମାହୁନ୍ତ, ରତ୍ନାକର ଲେଙ୍କା, ବିଜୟ ମହାପାତ୍ର କୋର୍ଟ ପକ୍ଷରୁ ଗଣେଶ ପ୍ରସାଦ ମହାନ୍ତି, ବିକାଶ ବାରିକ, ପ୍ରିୟବ୍ରତ ପ୍ରଧାନ, କୃଷ୍ଣଚନ୍ଦ୍ର ସାହୁ, ନିରଞ୍ଜନ ଜେନା, ପବିତ୍ର ବାରିକ, ବିଜୟ ଜେନା, ସୁରେଶ ବିଶ୍ୱାଳ, ଦିଲ୍ଲୀପ ବାରିକ, ପଞ୍ଚାନନ ନାୟକ ପ୍ରମୁଖ ସାମିଲ ଥିଲେ।


ମ୍ୟାଚ୍ ପୂର୍ବରୁ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

# ସେନା ପାଇଁ ଉତ୍ସର୍ଗୀକୃତ ହେଲା ମଞ୍ଚ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ସୋର, ୮।୨ (ଜନ୍ମେଜୟ ମିଶ୍ର)**

**ସୋର ମହୋତ୍ସବର ତୃତୀୟ ସନ୍ଧ୍ୟା**

ସୋର କାଳୀ ପଡ଼ିଆରେ ଚାଲିଥିବା ସୋର ମହୋତ୍ସବର ତୃତୀୟ ସନ୍ଧ୍ୟା ମହୋତ୍ସବ କମିଟି ସଭାପତି ଗୌରୀ ଶଙ୍କର ଘଡେଇଙ୍କ ସଭାପତିତ୍ୱରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭା ମଞ୍ଚକୁ ଅନୁଷ୍ଠାନ ତରଫରୁ ଦେଶର ବୀର ଯବାନଙ୍କ ପାଇଁ ଉତ୍ସର୍ଗୀକୃତ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ସେନା ଅଧିକାରୀ ରାଧାକୃଷ୍ଣ ମହାପାତ୍ର, କ୍ୟାପଟେନ କରୁଣାକର ପାଢ଼ୀ,କାହ୍ନୁଚରଣ ମିଶ୍ର, ଗଜାନନ ପୋଇ, ଦୈତାରୀ ଓଝା, ଭ୍ରମରବର ରାଉତ, ଦିଲ୍ଲୀପ କୁମାର କର, ସୁରେନ୍ଦ୍ର କୁମାର ବିଶ୍ୱାଳ, ପ୍ରଫୁଲ୍ଲ ସ ଏବଂ ଶହୀଦ ଯବାନଙ୍କ ମା' ସତ୍ୟଭାମା ମିଶ୍ର, ମହୋତ୍ସବ କମିଟି ଅଧ୍ୟକ୍ଷ ଶଶି କୁମାର ସାହୁ, ଚଳଚ୍ଚିତ୍ର ଅଭିନେତା ସବ୍ୟସାଚୀ ମିଶ୍ର, ଅଭିନେତ୍ରୀ ସସ୍ମିତା ସାହୁ, ଆଇନଜୀବୀ ସଞ୍ଜୟ ଦାସ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କୃତି ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସଭାପତି ଘଡେଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ମହୋତ୍ସବ କମିଟିର ସମ୍ପାଦକ ଅଜିତ କୁମାର ନାୟକ ଧନ୍ୟବାଦ ଦେଇଥିଲେ। ସଭାକାର୍ଯ୍ୟ ପରେ କଣ୍ଠଶିଳ୍ପୀ ଶକ୍ତି ମିଶ୍ର ଏବଂ ଚଳଚ୍ଚିତ୍ର ଅଭିନେତା ସବ୍ୟସାଚୀ ମିଶ୍ର ଏବଂ ଅଭିନେତ୍ରୀ ସସ୍ମିତା ସାହୁଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବରିପଦା ସମବାୟ ସମିତିରେ ଧାନକିଣା ବନ୍ଦ

**ବାହାନଗା,୮।୨(ଅରୂପ କୁମାର ଦାସ)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ବରିପଦା ସେବାସମବାୟ ସମିତିରେ ସରକାର ଧାନ କିଣିବା ପାଇଁ ମଣ୍ଡି ଖୋଲିଛନ୍ତି। ମାତ୍ର ସମିତିରେ ବର୍ତ୍ତମାନ ଧାନ କିଣା ଯାଉନାହିଁ। ୭ରୁ ୮ ଦିନ ହେଲାଣି ମଣ୍ଡିରେ ଧାନ କିଣା ବନ୍ଦ ରହିଛି। ଏନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ଏହି ମଣ୍ଡିରେ ୧୧୧୯ ଜଣ ଚାଷୀ ଧାନ ବିକ୍ରି ପାଇଁ ଅନଲାଇନ ପଞ୍ଜୀକରଣ କରିଥିଲେ। ସେହି ଅନୁଯାଇ ସରକାର ୩୪ ହଜାର କୁଇଣ୍ଟାଲ ଧାନ କିଣିବା ପାଇଁ ଟାର୍ଗେଟ ଦେଇଛନ୍ତି। ଏଥିନିମନ୍ତେ ପ୍ରଥମ ପର୍ଯ୍ୟାୟରେ ୨ ମିଲରଙ୍କୁ ମଣ୍ଡିରୁ ଧାନ ନେବା ପାଇଁ ଦାୟିତ୍ୱ ଦିଆଯାଇଥିଲା। ସେହି ଅନୁଯାଇ ଯଶୋଦା ରାଇସ ମିଲକୁ ସାଢେ ୪ ହଜାର କୁଇଣ୍ଟାଲ, ପୂଜା ରାଇସ ମିଲକୁ ୫ ହଜାର କୁଇଣ୍ଟାଲ ଧାନ କିଣିବା ପାଇଁ ଜିଲା ପ୍ରଶାସନ ଟାର୍ଗେଟ ଦେଇଛି। ମାତ୍ର ଯଶୋଦା ରାଇସ ମିଲର ଟାର୍ଗେଟ ପୂରଣ ହେବାପରେ ତାକୁ ଆଉ ଅଧିକ ଟାର୍ଗେଟ ଦେଉ ନ ଥିବାରୁ ସେ ମିଲ ଧାନ ନେଉନାହିଁ। ସେହିପରି ପୂଜା ଧାନ ରଖିବା ପାଇଁ ଗୋଦାମରେ ଜାଗା ନ ଥିବାରୁ ସେ ମଧ ଧାନ କିଛିଦିନ କିଣିବା ପରେ ଆଉ ମଣ୍ଡିକୁ ଧାନ କିଣିବା ପାଇଁ ଆସୁନାହିଁ। ତେବେ ଯେଉଁ ଚାଷୀ ସିଧାସଳଖ ମିଲକୁ ଧାନ ନେଉଛନ୍ତି ସେମାନଙ୍କର ଅଧିକ ମନଇଚ୍ଛା କଟନୀ ଛଟନୀ କରୁଛନ୍ତି। ପ୍ରତିବାଦ କଲେ ଧାନ ନେବେନାହିଁ, ଫେରାଇନିଅ କହି ଚାଷୀକୁ ହଇରାଣ କରୁଥିବା ଅଭିଯୋଗ ହେଉଛି। ଏବାବଦରେ ସମିତିର ସମ୍ପାଦକ ସନ୍ଦୀପ କୁମାର ପାଢ଼ୀଙ୍କୁ ପଚାରିବାରୁ ପୂଜା ମିଲର ଦୁଇଦିନ ପରେ ଧାନ ନେବାପାଇଁ ଆସିବ। ଏବେ ଆଉ ୧୫୦୦ କୁଇଣ୍ଟାଲ ଧାନ କିଣିବା ପାଇଁ ଯଶୋଦାକୁ ଟାର୍ଗେଟ ଦିଆଯାଇଛି ବୋଲି ସେ ପ୍ରକାଶ କରିଥିଲେ। ସେହିପରି ସିଭିଲ ସପ୍ଲାଏ ଅଫିସର(ସିଏସଓ) ନୃସିଂହ ପଣ୍ଡା କୁହନ୍ତି ଆମେ ମିଲରମାନଙ୍କୁ ଡାକି ଲେଖାପଡା କରିଛୁ ଆଉ କିଛି ଅସୁବିଧା ହେବନାହିଁ। ସେମାନେ ସବୁ ମଣ୍ଡିକୁ ଯାଇ ଏବେ ଧାନ କିଣିବେ। ମୁଖ୍ୟ ଜିଲା ସିଭିଲ ସପ୍ଲାଏସ ଅଫିସର(ସିସିଏସଓ) ପୁଷ୍ପିତା ନାୟକ କୁହନ୍ତି ଆମେ ସବୁ ଠିକ କରିଦେଇଛୁ। ଆଉ ଗୋଟେ ମିଲରକୁ ପଠାଇଛୁ ସେମଧ ଏବେ ଧାନ କିଣିବାକୁ ମଣ୍ଡିକୁ ଯିବ।

# ଭାଜପା ପକ୍ଷରୁ ପ୍ରଶିକ୍ଷଣ ଶିବିର

**ବାଲେଶ୍ୱର,୮।୨(ବାଞ୍ଛାନିଧି ଦେ)**

ବାଲେଶ୍ୱର ଖାନନଗରସ୍ଥିତ ଭାଜପା ଜିଲା ମୁଖ୍ୟ କାର୍ଯ୍ୟାଳୟରେ ରବିବାର ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ରେମୁଣା ବ୍ଲକ ବିରୁଆଁ ପଞ୍ଚାୟତର ସରପଞ୍ଚ ସୁମନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ମଣ୍ଡଳ ସଭାପତି ରଘୁନାଥ ପରିଡ଼ା ପ୍ରାରମ୍ଭିକ ସୂଚନା ଦେଇଥିଲେ। ମୁଖ୍ୟ ଅତିଥି ଭାବେ ସରକାରୀ ଉପ ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଓ ମୁଖ୍ୟବକ୍ତା ଭାବେ ଜିଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା ଯୋଗଦେଇ ଏଭଳି କାର୍ଯ୍ୟକ୍ରମ ଦ୍ୱାରା ସଂଗଠନ କେବଳ ବଳଶାଳୀ ହୁଏନାହିଁ, ବରଂ ଅଧିକ ପରିପୁଷ୍ଟତା ଲାଭ କରେ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟତଃ ୩ଟି ବିଷୟ ଉପରେ କର୍ମୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ବ୍ୟକ୍ତିତ୍ୱ ଓ ଆଚାର ବ୍ୟବହାରର ପ୍ରଶିକ୍ଷକ ଭାବେ ସତ୍ୟଜିତ ମିଶ୍ର, ଭାଜପାର ଇତିହାସ ଓ ବିକାଶ ଯାତ୍ରା ବିଷୟକ ପ୍ରଶିକ୍ଷକ ଭାବେ ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ, ସରକାରୀ ଯୋଜନା ଓ ଏହାର ରୂପାୟନ ପ୍ରଶିକ୍ଷକ ଭାବେ ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ଶିବିରରେ ଯୋଗଦେଇ ଉପସ୍ଥିତ ୨ ଶହରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ କର୍ମୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ସମିତିସଭ୍ୟା ଅଞ୍ଜନା ନାଥ ଓ କାଉନସିଲର ହେମବତୀ ବେହେରା ମଞ୍ଚାସୀନ ଥିଲେ। ଶେଷରେ ବିରୁଆଁ ପଞ୍ଚାୟତ ସଭାପତି ଶୁଭ୍ରଜୀତ ବାରିକ୍ ଧନ୍ୟବାଦ ଅର୍ପଣ କରିଥିଲେ।



ଶିବିରରେ ସରକାରୀ ଉପ ମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ଉଦ୍‌ବୋଧନ ଦେଉଛନ୍ତି।

# 'ସକାରାତ୍ମକ ଚିନ୍ତାଧାରା ଆଗକୁ ବଢ଼ିବାରେ ସହାୟକ ହୋଇଥାଏ'

**ପିଏମ୍‌ଶ୍ରୀ ଉତ୍ସବ**

**ସିମୁଳିଆ, ୮।୨(ସନ୍ତୋଷ ନାୟକ)**

ସିମୁଳିଆ ବ୍ଲକ ଅଧୀନ ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ବରି ପରିସରରେ ରବିବାର 'ପିଏମ୍‌ଶ୍ରୀ ଉତ୍ସବ' ଅନୁଷ୍ଠିତ ହୋଇଯାଇଛି। ଏହି ବିଦ୍ୟାଳୟର ୩୦ଜଣ ଛାତ୍ରୀଛାତ୍ର ସ୍ମାର୍ଟ ଭିଲେଜ, କ୍ରୀଡ଼ା, ବୈଷୟିକ ଜ୍ଞାନ କୌଶଳ, ଗ୍ରାମୀଣ ହାଟ, ସ୍ୱାସ୍ଥ୍ୟ, ବ୍ୟାଙ୍କ, ଜୀବନ ବୀମା, କଳା ଓ ସଂସ୍କୃତି, ସାହିତ୍ୟ ସୃଜନୀ ଇତ୍ୟାଦି ବିଭିନ୍ନ ସଚେତନାତ୍ମକ ଷ୍ଟଲ ପ୍ରଦର୍ଶନ କରିଥିଲେ। ବିଇଓ ସୁଧାଂଶୁ ଶେଖର ଜେନା ଏହି ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ବିଧାୟକ ପଦ୍ମଲୋଚନ ପଣ୍ଡା ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ବିଶ୍ୱରଞ୍ଜନ ନାୟକ ଯୋଗଦେଇ ଛାତ୍ରୀଛାତ୍ର ମାନେ କେବଳ ଡାକ୍ତର, ଇଞ୍ଜିନିୟର, ବୈଜ୍ଞାନିକ ନ ହୋଇ ପ୍ରଥମେ ଜଣେ ଭଲ ମଣିଷ ହେବା ଉପରେ ଗୁରୁତ୍ୱାରୋପ କରିବା ସହିତ ଦୃଢ଼ମନା ଓ ପ୍ରତ୍ୟେକ କର୍ମରେ ସକାରାତ୍ମକ ଚିନ୍ତାଧାରା ରଖିଲେ ଉନ୍ନତି ହେବ ବୋଲି କହିଥିଲେ। ଅନ୍ୟତମ ଅତିଥି ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଚତୁର୍ଭୁଜ ପାଣିଗ୍ରାହୀ ହାଇସ୍କୁଲ ଉନ୍ନତି ପାଇଁ ସମସ୍ତଙ୍କର ସହଯୋଗ ରହିଛି ବୋଲି କହିଥିଲେ। ପ୍ରାକ୍ତନ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାରଣା, ତହସିଲଦାର ନିତ୍ୟାନନ୍ଦ ସେଠୀ, ଡା. ସୋନାଲି ପତି, ସ୍ଥାନୀୟ ସରପଞ୍ଚ ବିମଳ ଲୋଚନ ଲେଙ୍କା, ପୁରାତନ ଛାତ୍ର ସଂସଦର ସଭାପତି ରାଧାରମଣ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ହିତେଶ ସାମଲ ଓ ମନୋରମା ସାହୁ ମଞ୍ଚ ଆହ୍ୱାନ, ଶିକ୍ଷୟିତ୍ରୀ ରଶ୍ମିରେଖା ଦାସ ବିବରଣୀ ପାଠ ଓ ବିପଦ ଭଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ଦୁଇଟି ଗୃହର ଶିଳାନ୍ୟାସ, ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତଃ ବଙ୍କିମ ଚନ୍ଦ୍ର ମହାରଣାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଷଷ୍ଠରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ମାନଙ୍କ ଦ୍ୱାରା ରଚିତ ହସ୍ତଲିଖନ ପତ୍ରିକା ବୃନ୍ତ, କଳିକା, ନନ୍ଦିକା ଓ ପଲ୍ଲୀପୁଷ୍ପ ଅତିଥି ମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା ।


ଅତିଥିମାନେ ହସ୍ତଲିଖନ ପତ୍ରିକା ଉନ୍ମୋଚନ କରୁଛନ୍ତି।

# ଧୂଳିରେ ବସ୍ତିବାସିନ୍ଦା ଅସ୍ତବ୍ୟସ୍ତ

## ରାସ୍ତା ମରାମତି, ପ୍ରଦୂଷଣ ରୋକିବା ଦାବିରେ ରାସ୍ତାରୋକୋ

ଯୋଡ଼ା,୮।୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ରାଜ୍ୟ ରାଜପଥ ନଂ. ୨ର ବାଂଶପାଣି ଅଞ୍ଚଳରେ ପ୍ରବଳ ଧୂଳି ଯୋଗୁ ସ୍ଥାନୀୟ ବସ୍ତି ବାସିନ୍ଦା ଅସ୍ତବ୍ୟସ୍ତ ହୋଇପଡୁଛନ୍ତି। ବିଭିନ୍ନ ଖଣିରୁ ଭାରିଯାନ ଚଳାଚଳ ଯୋଗୁ ରାସ୍ତା ଅବସ୍ଥା ଶୋଚନୀୟ ହୋଇ ଧୂଳି ଉଠୁଛି। ମାତ୍ର ସ୍ଥାନୀୟ ପ୍ରଶାସନ କିମ୍ବା ଖଣି କମ୍ପାନୀ ରାସ୍ତା ମରାମତି ଓ ପ୍ରଦୂଷଣ ରୋକିବାକୁ ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଲୋକେ ରବିବାର ରାସ୍ତାରୋକୋ କରିଛନ୍ତି।

ଅଭିଯୋଗ ମୁତାବକ, ବିଭିନ୍ନ ଖଣିରୁ ବାଂଶପାଣି ରେଳ ସାଇଡିଂ ଓ ବିଭିନ୍ନ ସ୍ଥାନକୁ ଦିବାରାତ୍ର ଅନେକ ହଜାର ସଂଖ୍ୟାରେ ଖଣିଜ ବୋଝେଇ ଟ୍ରକ୍ ଯାତାୟାତ କରୁଛି। ଫଳରେ ରାସ୍ତା ଶୋଚୋନୀୟ ହୋଇପଡ଼ିଛି। ରାସ୍ତାରୁ ପ୍ରବଳ ଧୂଳି ଉଡ଼ିବା ଯୋଗୁ ସ୍ଥାନୀୟ ବସ୍ତିବାସିନ୍ଦା ଧୂଳିର ଆସ୍ତରଣରେ ଅଣ ନିଃଶ୍ୱାସୀ ହୋଇପଡୁଛନ୍ତି। ରାସ୍ତା ମରାମତି ପ୍ରତି ପୂର୍ତ୍ତ ବିଭାଗ ଆଦୌ ଦୃଷ୍ଟି ଦେଉ ନ ଥିବାରୁ ପ୍ରଦୂଷଣର ଶିକାର ହେଉଥିବା ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଖଣି କମ୍ପାନୀ ମଧ୍ୟ କୌଣସି ପଦକ୍ଷେପ ନେଉନାହିଁ। ଧୂଳି ଧୂଆଁକୁ ପ୍ରତିହତ କରିବା ପାଇଁ ଜଳ ସିଞ୍ଚନ ପ୍ରତି କେହି ଦୃଷ୍ଟି ଦେଉନାହାନ୍ତି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏହା ସହିତ ରାସ୍ତାକଡ଼ରେ ସ୍ଲରୀ ପାଇପ୍‌ଲାଇନ ଖୋଳା କାର୍ଯ୍ୟ ଯୋଗୁ ରାସ୍ତାକଡ଼ରେ ମାଟି ପଡ଼ି ରହୁଛି। ସମ୍ପୃକ୍ତ କମ୍ପାନୀ ତାହାକୁ ସମତୁଲ ନ କରି ଛାଡ଼ି ଦେଉଛନ୍ତି। ଏଥିରୁ ଧୂଳି ଉଡ଼ି ଅଞ୍ଚଳ ପ୍ରଦୂଷିତ ହେଉଛି। ଦୀର୍ଘ ୨ ଘଣ୍ଟା ଧରି ରାସ୍ତାରୋକୋ ପରେ ଯାନବାହାନ ଚଳାଚଳରେ ବ୍ୟାଘାତ ସୃଷ୍ଟି ହୋଇଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ବୁଝାଶୁଝା କରି ରାସ୍ତାରେ ଜଳ ସିଞ୍ଚନର ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ଏ ସମ୍ପର୍କରେ ଯୋଡ଼ା ଥାନା ଆଇଆଇସି ପ୍ରଶାନ୍ତ ସାମଲ କହିଛନ୍ତି, ସୋମବାରଠାରୁ ରାସ୍ତାରେ ଜଳ ସିଞ୍ଚନର ବ୍ୟବସ୍ଥା କରାଯାଇଛି। ଏହା ନିୟମିତ ଭାବେ କରାଯିବ ବୋଲି ସେ କହିଥିଲେ।



ସ୍ଥାନୀୟ ଲୋକେ ରାସ୍ତାରେ ବସି ପ୍ରତିବାଦ କରୁଛନ୍ତି।

# ଠାକୁର ଅନୁକୂଳଚନ୍ଦ୍ରଙ୍କର ଆବିର୍ଭାବ ମହୋତ୍ସବ



ଶୋଭାଯାତ୍ରାରେ ଠାକୁରଙ୍କୁ ସହର ପରିକ୍ରମା କରାଯାଉଛି।

ଯୋଡ଼ା,୮।୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସତ୍‌ସଙ୍ଗ ବିହାର ପରିସରରେ ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ୧୩୮ ତମ ପୁଣ୍ୟ ଆବିର୍ଭାବ ମହା ମହୋତ୍ସବ ଓ ଯୋଡ଼ା ସତସଙ୍ଗ ବିହାରର ୧୯ ତମ ବାର୍ଷିକ ଶୁଭ ଉଦବୋଧନୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ରଥାରୂଢ଼ ଶ୍ରୀ ଶ୍ରୀ ଠାକୁରଙ୍କ ବିଗ୍ରହ ସତସଙ୍ଗ ବିହାର ନିକଟରୁ ବାହାରି ଏନ୍‌ଏସି ଗେଟ, ଯୋଡ଼ା ବସ୍‌ଷ୍ଟାଣ୍ଡ, ଯୋଡ଼ା ମାର୍କେଟ, ବନେଇକଳା ବସ୍ତି ସହ ସମଗ୍ର ଯୋଡ଼ା ନଗର ପରିକ୍ରମା କରିଥିଲା। ସତସଙ୍ଗ ବିହାର ପରିସରରେ ପହଞ୍ଚିବା ପରେ ସତସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ କେନ୍ଦୁଝର ସତସଙ୍ଗ ବିହାରର ରିତିକ କାଶୀନାଥ ତ୍ରିପାଠୀ, ରିତିକ ପ୍ରଶାନ୍ତ ସିଂହ, ରିତିକ ମଦନ ମୋହନ ବାରିକ ଓ ରିତିକ ନାରାୟଣ ପ୍ରସାଦ ଯୋଗଦେଇଥିଲେ। ଏହି ଅବସରରେ ସତ୍‌ସଙ୍ଗ ବିହାର ପରିସରରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଡ. ଅନୁରାଧା ମହାପାତ୍ର ଓ ଷ୍ଟାଫ୍ ନର୍ସ ସୁଜାତା ଜେନା ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପ୍ରାୟ ୧୬୦ରୁ ଊର୍ଦ୍ଧ୍ୱ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ନିଃଶୁଳ୍କ ଔଷଧ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳରୁ ୩ ହଜାରରୁ ଊର୍ଦ୍ଧ୍ୱ ଅନୁଗାମୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ କର୍ମୀ ଅନନ୍ତ ନାୟକ, ପ୍ରଫୁଲ୍ଲ ରାଉତ, ଗୁରୁଭାଇ କାର୍ତ୍ତିକ କରୁଆ, ଭଗବାନ ଗିରି, ସୁଧାନନ୍ଦ ଗିରି, ମନୀନ୍ଦ୍ର ସୁନ୍ଦର ବାରିକ, ଉମେଶ ଜେନା, ଧୀରେନ୍ଦ୍ରନାଥ ସାମଲଙ୍କ ସହ ଅନ୍ୟମାନେ ପରିଚାଳନା କରିଥିଲେ।

# ପୋଲିସ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି

କେନ୍ଦୁଝର,୮।୨
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସହରସ୍ଥିତ ନରସିଂହ ସ୍ୱାଇଁ ପୋଲିସ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ରବିବାର ପ୍ରଥମ ପ୍ରସ୍ତୁତି ବୈଠକ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିବ ରାଠୋରଙ୍କ ନେତୃତ୍ୱରେ ବୈଠକରେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ବେଳା ଓ ପୂର୍ବତନ ଶିକ୍ଷକ ସଞ୍ଜୟ ସାମଲ ଓ ୬୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ଯୋଗଦେଇ ଜୟନ୍ତୀ ପାଳନ ନେଇ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ସ୍କୁଲର ୫୦ତମ ପ୍ରତିଷ୍ଠା ଦିବସକୁ ଡିସେମ୍ବରରେ ସୁବର୍ଣ୍ଣ ଜୟନ୍ତୀ ରୂପେ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ପ୍ରତି ମାସରେ ଗୋଟିଏ ଲେଖାଏ ସେମିନାର ଓ କାର୍ଯ୍ୟକ୍ରମ କରି ଜୟନ୍ତୀକୁ ସଫଳ କରିବାକୁ ସମସ୍ତେ ମତବ୍ୟକ୍ତ କରିଛନ୍ତି। ସମସ୍ତ ପୁରାତନ ଛାତ୍ରୀଛାତ୍ରଙ୍କୁ ଏକାଠି କରି ବିଭିନ୍ନ କମିଟି ଗଠନ କରି ଦାୟିତ୍ୱ ନେଇ ଏକ ଆଦର୍ଶ ସୁବର୍ଣ୍ଣ ଜୟନ୍ତୀ ପାଳନ କରିବାକୁ ମତ ପ୍ରକାଶ ପାଇଥିଲା। ପୁରାତନ ଛାତ୍ର ରାଜିବ ଆଚାର୍ଯ୍ୟ, ଭାଗୀରଥି ସାହୁ, ବିନୟ ଭୂଷଣ ପଟ୍ଟନାୟକ, ରଶ୍ମି ରଞ୍ଜନ ମହାନ୍ତି, ପୁରୁଷୋତ୍ତମ ବେହେରା, ଅନନ୍ତ ନନ୍ଦ, ସୁନେସ ଧିର, ସୁଜିତ ମହାନ୍ତି, ମାମୀ ଦାସ ପ୍ରମୁଖ ଛାତ୍ରୀଛାତ୍ର ନିଜର ମତବ୍ୟକ୍ତ କରିଥିଲେ। ଅତୀତର ସ୍ମୃତି ଓ ଅନୁଭୂତିକୁ ନେଇ ଏକ ସୋଭେନର ପ୍ରସ୍ତୁତ କରିବା ପାଇଁ ଆଲୋଚନା ହୋଇଥିଲା। ସର୍ବ ସମ୍ମତିରେ କ୍ରମେ ମାର୍ଚ୍ଚ ମାସର ୧୪ –୧୫ ତାରିଖରେ ଏକ ସେମିନାର କରିବା ପାଇଁ ପ୍ରସ୍ତାବ ଦିଆଯାଇଛି। ଶେଷରେ ପୁରାତନ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଓ ଶିକ୍ଷକମାନେ ଉତ୍ସାହର ସହ ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ଶପଥ ନେଇଥିଲେ।

# ପିକ୍‌କ ପକ୍ଷରୁ ଇକୋ–ଭେଞ୍ଚର କ୍ୟାମ୍ପ



ପିକ୍‌କ କର୍ମକର୍ତ୍ତା, ବନ କର୍ମଚାରୀଙ୍କ ସହ କ୍ୟାମ୍ପରେ ଯୋଗଦେଇଥିବା ଯୁବତୀ, ଯୁବକ।

ପାଟଣା,୮।୨(ବୀର କିଶୋର ଦାଶ)

ଓଡ଼ିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପିପୁଲ୍ସ କଲଚରାଲ ସେଣ୍ଟର (ପିକ୍‌କ) ପକ୍ଷରୁ ଆଡଭ୍ୱନସେଣ୍ଡ୍ରମର ସହଯୋଗରେ ଫେବୃଆରୀ ୫ ରୁ ୮ ତାରିଖ ପର୍ଯ୍ୟନ୍ତ କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍‌କପୁଣ୍ଡିସ୍ଥିତ ରୁରାଲ ଲାଇଭଲିହୁଡ ଟ୍ରେନିଂ ସେଣ୍ଟରରେ ଚାରି ଦିନିଆ ଇକୋ–ଭେଞ୍ଚର କ୍ୟାମ୍ପ ଆୟୋଜିତ ହୋଇଯାଇଛି। କ୍ୟାମ୍ପରେ ବିଭିନ୍ନ ଜିଲାରୁ ଆସିଥିବା ଇକୋସେଭର୍ସ ୟୁଥ୍ ନେଟ୍‌ୱାର୍କର ୬୦ ଯୁବତୀ, ଯୁବକ ସକ୍ରିୟ ଭାବେ ଅଂଶଗ୍ରହଣ କରି ତାଲିମ ଗ୍ରହଣ କରିଥିଲେ। ଯୁବତୀ, ଯୁବକଙ୍କ ମଧ୍ୟରେ ପରିବେଶ ସୁରକ୍ଷା ସମ୍ପର୍କରେ ଜ୍ଞାନ ଓ ସଚେତନତା ବୃଦ୍ଧି କରିବା ସହିତ ସେମାନଙ୍କ ମଧ୍ୟରେ ନେତୃତ୍ୱର ବିକାଶ, ଦଳଗତ କାର୍ଯ୍ୟ ଓ ପ୍ରକୃତି ପ୍ରତି ଦାୟିତ୍ୱ ବୋଧକୁ ସୁଦୃଢ଼ କରିବା କାର୍ଯ୍ୟକ୍ରମର ଲକ୍ଷ ବୋଲି ସଂସ୍ଥାର ସମ୍ପାଦକ ରଞ୍ଜନ ମହାନ୍ତି କହିଛନ୍ତି। ଅନ୍ତିମ ଦିବସରେ ତାଲିମ ପ୍ରାପ୍ତ ଯୁବତୀ, ଯୁବକଙ୍କୁ ପାଟଣା ରେଞ୍ଜ ଅଟେଇ ସଂରକ୍ଷିତ ଜଙ୍ଗଲ ପିଛୁଲା ବେଢ଼ା ଜଙ୍ଗଲ ପରିଦର୍ଶନ କରିବା ସହ ବିଭିନ୍ନ ଔଷଧୀୟ ବୃକ୍ଷର ଉପକାରିତା ସନ୍ଦର୍ଭରେ ପାଟଣା ବନପାଳ ନିରଞ୍ଜନ ସେଠୀଙ୍କଠାରୁ ବୁଝିଥିଲେ। କାର୍ଯ୍ୟକ୍ରମରେ ପିକ୍‌କର ସମ୍ପାଦକ ରଞ୍ଜନ ମହାନ୍ତି, କାର୍ଯ୍ୟକାରୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି, କୋଷାଧ୍ୟକ୍ଷ ରତ୍ନା ଦାଶ, ପ୍ରୋଜେକ୍ଟ ନେତ୍ରୀ ରଶ୍ମି ରେଖା ସାହୁ, ଜିଲା ସଂଯୋଜକ ସତ୍ୟନାରାୟଣ ମହାନ୍ତ ପ୍ରମୁଖ ସାମିଲ ହୋଇଥିଲେ। ପିକ୍‌କର ପୂଜା ପଣ୍ଡା, ରଶ୍ମିରେଖା ସାହୁ, ଅନିତା ବାରିକ, ଉପମା ମହାନ୍ତି, ବିଷ୍ଣୁପ୍ରିୟା ମହାପାତ୍ର, ବାମଦେବ ଜେନା, ଦ୍ରୌପଦୀ ବେଜ, ଶୁଭଲକ୍ଷ୍ମୀ ପଣ୍ଡା ଏବଂ ନାରାୟଣ ଦାସ ପରିଚାଳନା କରିଥିଲେ।

# ଏସିଆନ ଶୁଟିଂ ଚାମ୍ପିୟନଶିପ୍‌ରେ ଚମକିଲେ ମାନ୍ୟତା

କେନ୍ଦୁଝର,୮।୨(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଜିଲା ଉଦୟପୁର ଗ୍ରାମର କନ୍ୟା ମାନ୍ୟତା ସିଂହ ନିୟୁଦିଲ୍ଲୀଠାରେ ଅନୁଷ୍ଠିତ ୧୦ ମିଟର ଏୟାର ରାଇଫଲ ମହିଳା ଜୁନିଅର ଇଭେଣ୍ଟ ଏସିଆନ ଶୁଟିଂ ଚାମ୍ପିୟନସିପ୍ ୨୦୨୬ରେ ପ୍ରଥମ ପଦାର୍ପଣରେ ସମୁଦାୟ ୨୪୯. ୭ ପଏଣ୍ଟ ହାସଲ କରି ଦେଶ ପାଇଁ ରୌପ୍ୟ ପଦକ ଅର୍ଜନ କରିଛନ୍ତି। ସଫଳତାରେ ଗ୍ରାମ ଉଦୟପୁର, କେନ୍ଦୁଝର ଜିଲା, ସମଗ୍ର ଓଡ଼ିଶା ତଥା ଦେଶ ପାଇଁ ଗର୍ବ ବଢ଼ାଇଛନ୍ତି। ମାନ୍ୟତାଙ୍କ ପିତା ସର୍ବଦମନ ସିଂହ ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ଡିଏଭି ସ୍କୁଲରେ ଶିକ୍ଷକତା କରୁଥିବା ବେଳେ ମାତା ସ୍ମିତା ଦାସ ମଧ୍ୟ କଟକ ବିଡାନାସୀସ୍ଥିତ ଡିଏଭି ସ୍କୁଲରେ ଶିକ୍ଷୟିତ୍ରୀ ଅଛନ୍ତି। ଦେଶ ପାଇଁ ଗର୍ବ ଓ ଗୌରବ ଆଣିଥିବା ଝିଅ ମାନ୍ୟତା ଭୁବନେଶ୍ୱର କିଟ୍‌ସରେ ଇନଟିଗ୍ରେଟେଡ଼ ଲ କରିବା ସହ କଳିଙ୍ଗ ଷ୍ଟାଡ଼ିୟମ ଆଦିତ୍ୟ ବିର୍ଲା ଗଗନ ନାରଙ୍ଗ ସୁଟିଂ ଏକାଡେମୀରେ ନିଜର ଅଭ୍ୟାସ ଜାରି ରଖିଛନ୍ତି। ସର୍ବଦମନ ସିଂହଙ୍କ ସୁପୁତ୍ରୀ ମାନ୍ୟତା ସିଂହଙ୍କ ଏହି ଐତିହାସିକ ସଫଳତା କେବଳ ତାଙ୍କ ପରିବାର ପାଇଁ ନୁହେଁ, ସମଗ୍ର ଉଦୟପୁର ଗ୍ରାମ, କେନ୍ଦୁଝର ଜିଲା ଓ ରାଜ୍ୟ ଏବଂ ଦେଶ ପାଇଁ ଅପାର ଗର୍ବ ଓ ଗୌରବର କଥା।



ମାନ୍ୟତା ସିଂହ।

# ନେଟ୍ସ ଖେଳିବେ ୧୪ ବର୍ଷରୁ କମ କ୍ରିକେଟର ଆଦିଦେବ

କେନ୍ଦୁଝର,୮।୨ (ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

ଓଡ଼ିଶା କ୍ରିକେଟ୍ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ୧୪ବର୍ଷରୁ କମ କ୍ରିକେଟ୍‌ରେ କେନ୍ଦୁଝରର ଏକମାତ୍ର ଖେଳାଳୀଭାବେ ଆଦିଦେବ ସାହୁ ନେଟ୍ସ ଖେଳିବା ପାଇଁ ମନୋନୀତ ହୋଇଛନ୍ତି। ସେ ବାରବାଟୀ ଷ୍ଟାଡ଼ିୟମରେ ଅନୁଷ୍ଠିତ ଆନ୍ତଃ ଜିଲା ୧୪ ବର୍ଷରୁ କମ କ୍ରିକେଟ୍‌ରେ ନିଜର ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଥିଲେ। ଫେବୃଆରୀ ୯ରୁ କିଟ୍ ଷ୍ଟାଡ଼ିୟମରେ ଆୟୋଜିତ ନେଟ୍ସରେ ସେ କେନ୍ଦୁଝରର ଏକମାତ୍ର ଖେଳାଳିଭାବେ ସ୍ଥାନ ପାଇଥିବା ଜିଲା କ୍ରୀଡ଼ା ସଂସ୍ଥାର ସମ୍ପାଦକ ସଂଗ୍ରାମ କେଶରୀ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଆଦିଦେବ କେନ୍ଦୁଝର ଟେଲିଫୋନ ଏକ୍ସଚେଞ୍ଜ ନିକଟରେ ରହୁଥିବା ପିତା ସତ୍ୟନାରାୟଣ ସାହୁ ଓ ମାତା ଶଶୀକଳା ସାହୁଙ୍କ ପୁଅ। ସେ ସେଣ୍ଟ ଜାଭିୟର ସ୍କୁଲରୁ ପ୍ରତିନିଧିତ୍ୱ କରୁଥିବା ବେଳେ ଫେମସ କ୍ଲବ୍‌ରୁ ସେ ନିୟମିତ ଖେଳୁଛନ୍ତି। ଦୀପକ କୁମାର ମୁଖିଙ୍କ ନିକଟରୁ ପ୍ରଶିକ୍ଷଣ ନେଉଥିବା ବେଳେ ଗିରିଶ ଚନ୍ଦ୍ର ହୋତାଙ୍କ ପ୍ରେରଣାରେ ଅଭ୍ୟାସ କରିଥାନ୍ତି। ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯିବା ସହ ଭବିଷ୍ୟତରେ ଅଧିକ ଉତ୍ତମ ଖେଳ ପ୍ରଦର୍ଶନ ପାଇଁ କାମନା କରିଛନ୍ତି।



ଆଦିଦେବ ସାହୁ।

# ବଜେଟ ଉପରେ ଭାଜପାର ବୁଦ୍ଧିଜୀବୀ ସମ୍ମିଳନୀ

କେନ୍ଦୁଝର,୮।୨ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଭାଜପା ଜିଲା କାର୍ଯ୍ୟାଳୟରେ ରବିବାର କେନ୍ଦ୍ରୀୟ ବଜେଟ୍ ଉପସ୍ଥାପନ ୨୦୨୬–୨୭ ଉପରେ ଏକ ବୁଦ୍ଧିଜୀବୀ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଭାଜପା ଜିଲା ସଭାପତି ଶୁକଦେବ ମହାନ୍ତଙ୍କ ନେତୃତ୍ୱରେ ମୁଖ୍ୟ ଅତିଥିଭାବେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଓ ଶ୍ରମ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଯୋଗଦେଇ ଉପସ୍ଥିତ ବୁଦ୍ଧିଜୀବୀ ଓ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ମୋଦୀ ସରକାରଙ୍କ କେନ୍ଦ୍ରୀୟ ବଜେଟ ଉପସ୍ଥାପନ ୨୦୨୬–୨୭ କିଭଳି ସବୁ ବର୍ଗର ଜନତାଙ୍କ ବିକାଶ ପାଇଁ ଉର୍ଦ୍ଦିଷ୍ଟ ସେ ସମ୍ପର୍କରେ ଅବଗତ କରିଥିଲେ। ସମ୍ମିଳନୀରେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡା. ଫକୀର ମୋହନ ନାଏକ ମଞ୍ଚାସିନ ହୋଇ ବଜେଟକୁ ପ୍ରଶଂସା କରିଥିବା ବେଳେ ରାଜ୍ୟ ଭାଜପା ସମ୍ପାଦିକା ମମତା ସିଂ, ଚମ୍ପୁଆ ବିଧାନସଭା ନେତା ମୁରଲୀ ମନହର ଶର୍ମା, ଘସିପୁରା ବିଧାନସଭା ନେତା ତଥା କେନ୍ଦ୍ରୀୟ ବଜେଟ ୨୦୨୬–୨୭ କାର୍ଯ୍ୟକ୍ରମର ଜିଲା ସଂଯୋଜକ ଡ. ଶମ୍ଭୁନାଥ ରାଉତ, କେନ୍ଦୁଝରଗଡ଼ ପୌରାଧ୍ୟକ୍ଷା ନିକୁ ସାହୁ, ବଡ଼ବିଲ ପୌରପାଳିକାର ପୂର୍ବତନ ପୌରାଧ୍ୟକ୍ଷ ଦିଲ୍ଲୀପ ମିଶ୍ର, ବିରଜା ମିଶ୍ର, ପୂର୍ବତନ ଜିଲା ସଭାପତି ରାଧାକାନ୍ତ ମହାନ୍ତ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା କିରଣବାଳା ନାୟକ ପ୍ରମୁଖ କେନ୍ଦ୍ରୀୟ ବଜେଟ୍‌କୁ ସ୍ୱାଗତ କରିଥିଲେ। ଜିଲା ଉପସଭାପତି ଦେବପ୍ରସାଦ ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ଜିଲା ସାଧାରଣ ସମ୍ପାଦିକା ଯଶସ୍ୱିନୀ ବଳ ଧନ୍ୟବାଦ ପ୍ରଦାନ କରିଥିଲେ।



ଭାଜପା ନେତୃମଣ୍ଡଳୀ।

# ବିଶାଳ ହିନ୍ଦୁ ସମ୍ମିଳନୀ

ବଉଳା,୮।୨(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ହାଟଡ଼ିହୀଠାରେ ପଞ୍ଚଘଟ ଆୟୋଜକ ସମିତି ପକ୍ଷରୁ ବିଶାଳ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ପ୍ରଥମେ ଗାଁ ମହିଳାମାନେ ୧୦୮ କଳସ ପୋଖରୀରୁ ଆଣି ହାଟଡ଼ିହୀ ଓ ଜଳକଳଙ୍କ ଗ୍ରାମ ପରିକ୍ରମା କରିଥିଲେ। ପରେ ମା' ପଞ୍ଚଘଟ ମନ୍ଦିର ନିକଟରେ କଳସ ସ୍ଥାପନ କରାଯାଇଥିଲା। ପୂଜକ ମାନସ ପଣ୍ଡା ଓ ଦେବବ୍ରତ ପଣ୍ଡା ରିତିନିତି ଅନୁଯାୟୀ ପୂଜାପାଠ କରିଥିଲେ। ଗୋମାତା ପୂଜନ ପରେ ହିନ୍ଦୁ ସମ୍ମିଳନୀ ଆରମ୍ଭ ହୋଇଥିଲା। ସମ୍ମିଳନୀରେ ରାମକୃଷ୍ଣ ମିଶନ ଭୁବନେଶ୍ୱରର ଅଧ୍ୟକ୍ଷ ସ୍ୱାମୀ ଆଶ୍ରୟାନନ୍ଦ ସରସ୍ୱତୀ, କେନ୍ଦୁଝର ଜିଲା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ମାର୍ଗଦର୍ଶକ ପ୍ରମୁଖ କମଳାକାନ୍ତ ସୁର୍, ରାଷ୍ଟ୍ରୀୟ ସ୍ୱୟଂ ସେବକ କାର୍ଯ୍ୟକାରିଣୀ ସଦସ୍ୟ ବସନ୍ତ ସାହୁ ଯୋଗଦେଇ ପିଲାମାନେ ବିଦ୍ୟାଳୟକୁ ଯିବା ପୂର୍ବରୁ ମା' ବାପା, ଜେଜେ ମା', ଜେଜେଙ୍କୁ ଆଣ୍ଠୁ ମାଡି ଜୁହାର ହେଲେ ଭବିଷ୍ୟତରେ ସଂସ୍କାରିତ ହୋଇ ସମାଜକୁ ଭଲବାର୍ତ୍ତା ଦେବେ ବୋଲି ମତ ରଖିଥିଲେ। ଆଲୋକ ସେଠୀ, ଜ୍ଞାନ ରଞ୍ଜନ ସାମନ୍ତସିଂହାର, ନିତ୍ୟାନନ୍ଦ ପହି, ସରପଞ୍ଚ ଦିନେଶ ସେଠୀ, ସୁରେନ୍ଦ୍ର କାଣ୍ଡି, ନିକୁଞ୍ଜ ଓଝା, ଭୀମ ପରେଇ, ଦେବାଶିଷ ସେନାପତି, ରୁଦ୍ର ପ୍ରସାଦ ଜେନା, ଦେବାଶିଷ ଦାଶ, କାଳନ୍ଦୀ ବେହେରା, ଗୋପଳ ସେନାପତି, ସାନ୍ତୁନୁ ଖୁଣ୍ଟିଆ, ଜଗନ୍ନାଥ ବାରିକ୍, ବାର୍ଷାରାଣୀ ସାହୁ, ସୁକାନ୍ତି ପାତ୍ର, ଜୟନ୍ତୀ ପାତ୍ର ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ନେଇ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଥିଲା।

# ଆନନ୍ଦପୁର ପ୍ରେସ୍ ପରିଷଦର ବାର୍ଷିକ ଉତ୍ସବ

ଆନନ୍ଦପୁର/ବଞ୍ଚୋ,୮।୨
(ସୁଶାନ୍ତ କୁମାର ସାହୁ/ପ୍ରଦୋଷ ବିଶ୍ୱାଳ)

କେନ୍ଦୁଝର ଜିଲା ଆନନ୍ଦପୁର ପ୍ରେସ ପରିଷଦର ତୃତୀୟ ବାର୍ଷିକ ଉତ୍ସବ ରବିବାର ବ୍ରିଚ୍ଛକସ୍ଥିତ ପୌର କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉପଖଣ୍ଡର ବିଭିନ୍ନ କ୍ଷେତ୍ରର ପ୍ରତିଭା ସମ୍ପନ୍ନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଷଦର ସଭାପତି ନିରାକାର ଦଳେଇଙ୍କ ଅଧ୍ୟକ୍ଷତାରେ ପ୍ରଫେସର ଗଦାଧର ମିଶ୍ର ପରିଚାଳନା କରିଥିଲେ। ଆୟୋଜିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥିଭାବେ ଆନନ୍ଦପୁର ଉପ–ଜିଲାପାଳ ନୀଳମାଧବ ସୁନା, ମୁଖ୍ୟ ବକ୍ତାଭାବେ ଧର୍ମଶାଳା ମହାବିଦ୍ୟାଳୟର ପୂର୍ବତନ ଇଂରାଜୀ ଅଧ୍ୟାପକ ମନୋରଞ୍ଜନ ମହାନ୍ତି, ସମ୍ମାନିତ ଅତିଥିଭାବେ ପୂର୍ବତନ ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ, ପୂର୍ବତନ ପୌରାଧ୍ୟକ୍ଷ ରାମଚନ୍ଦ୍ର ସାହୁ, କଳିଙ୍ଗ ପେଷାଦାର ସାମ୍ବାଦିକ ସଂଘର ସଭାପତି ମନୋଜ ଦାଶ, ସମ୍ପାଦକ ରାଜକିଶୋର ସ୍ୱାଇଁ, ବରିଷ୍ଠ ଖବରଦାତା ପରମେଶର ଦାଶ ପ୍ରମୁଖ ଯୋଗଦେଇଥିଲେ। ଖବରଦାତା କିରଣ ପାଢ଼ୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଷଦର ସମ୍ପାଦକ ହରେକୃଷ୍ଣ ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ପରିଷଦ ପକ୍ଷରୁ ନିଶା ନିବାରଣ ସମାଜ ଓ ସବୁଜ ପୃଥୀ ନିର୍ମାଣରେ ଗଣମାଧ୍ୟମର ଭୂମିକା ଉପରେ ଆଲୋଚନା ଚକ୍ରରେ ଉପସ୍ଥିତ ଅତିଥି ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଖବରକାଗଜ ବିତରଜ, ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବଣ୍ଟନ କରାଯାଇଥିବା ବେଳେ ପୌରାଞ୍ଚଳର ୧୨ ଗୋଟି ଉଚ୍ଚ ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖିଥିବା ୪୦ଜଣ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଉପଖଣ୍ଡର ବିଭିନ୍ନ ପ୍ରତିଭା ସମ୍ପନ୍ନ ବ୍ୟକ୍ତିଙ୍କୁ ପୁଷ୍ପଗୁଚ୍ଛ ସହ ଉପଢ଼ୌକନ ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ରତିକାର ସାହୁ, ପ୍ରଫୁଲ୍ଲ ମହାତି, ଗଣେଶ୍ୱର ମହାତି, ମକରଧଜ ସାହୁ ପ୍ରମୁଖ ସହଯୋଗ କରିଥିଲେ।



ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ।

# ପୋଲ, ରାସ୍ତା ନିର୍ମାଣ ଦାବିରେ ପ୍ରତିବାଦ

## ଝାଳିଆପଡ଼ା ନୂଆସାହି-ସ୍କୁଲସାହି ରାସ୍ତା ମରଣଯନ୍ତା

ପାଟଣା,୮।୨(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଟାଙ୍ଗରପଡ଼ା ପଞ୍ଚାୟତ ଝାଳିଆପଡ଼ା ନୂଆ ସାହିଠାରୁ ଝାଳିଆପଡ଼ା ସ୍କୁଲ ସାହି ପର୍ଯ୍ୟନ୍ତ ମାଟି ରାସ୍ତା ଖାଲଖମାରେ ଭର୍ତ୍ତି ହୋଇ ମରଣଯନ୍ତା ପାଲଟିଛି। ରାସ୍ତା ମଝିରେ ଥିବା ଶୁଆକାଠି ନାଳ ଉପରେ ପୋଲର ହ୍ୟୁମ୍ ପାଇପ୍ ୩ ବର୍ଷ ହେବ ଭାଙ୍ଗି ପଡ଼ିଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ରବିବାର ଝାଳିଆପଡ଼ା ମହାନ୍ତ ସାହିର ଲୋକେ ସ୍ଥାୟୀ ପୋଲ ନିର୍ମାଣ ଓ ଝାଳିଆପଡ଼ା କୀର୍ତ୍ତନ ମଣ୍ଡପଠାରୁ ସ୍କୁଲ ପର୍ଯ୍ୟନ୍ତ ୨ କି.ମି. ରାସ୍ତା ନିର୍ମାଣ ଦାବି କରିଛନ୍ତି। ସମସ୍ୟା ସମାଧାନ ନ ହେଲେ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ସୂଚନା ଅନୁଯାୟୀ, ରାସ୍ତାର ଶୁଆକାଠି ପୋଲ ଭାଙ୍ଗିଯିବା ଫଳରେ ବର୍ଷା ୩ ମାସ ଛାତ୍ରୀଛାତ୍ର ସ୍କୁଲକୁ ଯିବାକୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୧୪ ନମ୍ବର ୱାର୍ଡ ଝାଳିଆପଡ଼ା ମହାନ୍ତ ସାହି, ଗୁଣିଆ ଭାଡି ସାହି ଓ ନୂଆସାହିର ୧୨ଶହରୁ ଊର୍ଦ୍ଧ୍ୱ ଲୋକେ ଘଟଗାଁ ଓ ସଦର ବ୍ଲକ୍‌କୁ ଯିବା ଆସିବା କରିବାରେ ସମସ୍ୟା ଭୋଗନ୍ତି। ଗାଁ ଭିତରକୁ ଜରୁରୀ ସେବା ଗାଡ଼ି ତଥା ଆମ୍ବୁଲାନ୍ସ ଓ ଅଗ୍ନିଶମ ଗାଡ଼ି ମଧ୍ୟ ପ୍ରବେଶ କରିପାରୁନାହିଁ। ବର୍ଷା ଦିନେ ସ୍କୁଲ ପିଲା ବିପଦସଙ୍କୁଳ ଭାବେ ନାଳପାଣିରେ ସାଇକେଲ ଟେକି ପାର ହେଉଛନ୍ତି। ତେବେ ଭଙ୍ଗା ପୋଲ ଉପରେ ଗ୍ରାମର କେତେକ ଯୁବକ ମାଟି ଓ ମୋରମ ପକାଇ ଅସ୍ଥାୟୀ ରାସ୍ତା ନିର୍ମାଣ କରିଛନ୍ତି। ଅତୀତରେ ଏହି ନାଳ ପାର ହେଉଥିବା ବେଳେ ଲୋକେ ଭାସିଯିବାର ମଧ୍ୟ ନଜିର ରହିଛି। ପୋଲ ଓ ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି, ପାଟଣା ବିଧାୟକ, ସ୍ଥାନୀୟ ସରପଞ୍ଚ ଓ ବିଡିଓଙ୍କୁ ଗୁହାରି କରି ଦାବିପତ୍ର ଦେଇଥିଲେ। ମାତ୍ର ସୁଫଳ ମିଳି ନ ଥିବା କହିଛନ୍ତି। ଫଳରେ ଏକତ୍ରିତ ହୋଇ ପ୍ରତିବାଦ କରିଛନ୍ତି। ସମସ୍ୟା ସମାଧାନ ନ ହେଲେ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ବର୍ଜନ କରିବେ ବୋଲି ଗ୍ରାମର ସୁବ୍ରତ ମହାନ୍ତ, ଅର୍ଜୁନ ଚରଣ ମହାନ୍ତ, ସ୍ୱର୍ଣ୍ଣପ୍ରଭା ମହାନ୍ତ ଓ ସଂଯୁକ୍ତା ମହାନ୍ତ ପ୍ରମୁଖ ଚେତାବନୀ ଦେଇଛନ୍ତି।



ପୋଲ ଉପରେ ପ୍ରତିବାଦ କରୁଥିବା ଗ୍ରାମର ମହିଳା, ପୁରୁଷ।

# ହଳଦିଆଟାଙ୍ଗିରୀ ସରକାରୀ ବିଦ୍ୟାଳୟର ବାର୍ଷିକୋତ୍ସବ



ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି ଏବଂ ଶିକ୍ଷୟିତ୍ରୀ ଶିକ୍ଷକ।

କେନ୍ଦୁଝର,୮।୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ହଳଦିଆଟାଙ୍ଗିରୀ ସରକାରୀ ଉ.ପ୍ରା. ବିଦ୍ୟାଳୟର ବାର୍ଷିକୋତ୍ସବ ମଣ୍ଡଳ ଶିକ୍ଷାଧିକାରୀ ଓଁକାର ଅନ୍ୱେଷଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ସାମାଜିକ କର୍ମୀ ଦିଲ୍ଲୀପ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ମାନସ ରଞ୍ଜନ ମିଶ୍ର, କପିଳ ଚନ୍ଦ୍ର ଦାଶ, ତରଣୀସେନ ମୁଣ୍ଡା, ନରଣପୁର ସରପଞ୍ଚ ରୀନା ନାଏକ, ନରଣପୁର ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ପ୍ରଶାନ୍ତ କୁମାର କବି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରେବତୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟ ଓ ଛାତ୍ରାବାସର ପାଚିକା ସହାୟିକାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଦେବଜାନୀ ପଟ୍ଟନାୟକଙ୍କୁ ମଧ୍ୟ ସମ୍ବର୍ଦ୍ଧନା କରାଯାଇଥିଲା। ସଭା ପ୍ରାରମ୍ଭରେ ସିଆରସିସି ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ମନୋଜ କୁମାର ମହାନ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ସହକାରୀ ଶିକ୍ଷୟିତ୍ରୀ ତପସ୍ୱିନୀପ୍ରସ୍ୱାଇଁ ଧନ୍ୟବାଦ ଦେଇଥିଲେ। ସହକାରୀ ଶିକ୍ଷୟିତ୍ରୀ ଅର୍ଚ୍ଚନା ସାହୁ ମଞ୍ଚ ପରିଚାଳନା କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ସ୍ମିତା ମିଶ୍ରଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବାର୍ଷିକ ଉତ୍ସବକୁ ସଫଳ କରିବାପାଇଁ ସହକାରୀ ଶିକ୍ଷୟିତ୍ରୀ ରୀନାବାଳା ପ୍ରଧାନ, ଆସ୍ୱାୟର ଶିକ୍ଷା ସହଯୋଗୀ ବିଦ୍ୟାବତୀ ନାଏକ ଏବଂ ଶିକ୍ଷୟିତ୍ରୀ ସରସ୍ୱତୀ ମହାନ୍ତ ସହଯୋଗ କରିଥିଲେ।


# ୧୪ ଜଣ ହେବେ ସମ୍ମାନିତ

## ସୃଜନ ପୁରସ୍କାର, ସାହିତ୍ୟ ସଖା ସମ୍ମାନ

ଭଦ୍ରକ,୮।୨ (ସନାତନ ରାଉତ)

ଭଦ୍ରକ ସାଳନ୍ଦୀ ସାହିତ୍ୟ ସଙ୍ଗମ ପକ୍ଷରୁ ଚଳିତବର୍ଷ ପାଇଁ ସୃଜନ ପୁରସ୍କାର ରବିବାର ଘୋଷଣା କରାଯାଇଛି। ଭୁବନେଶ୍ୱରସ୍ଥିତ ପ୍ରକାଶନ ସଂସ୍ଥା 'ଟାଇମ୍ ପାସ୍' ପକ୍ଷରୁ ଭଦ୍ରକଠାରେ ଗତ ୩ବର୍ଷ ଧରି ଆୟୋଜିତ ହୋଇଆସୁଥିବା ସାହିତ୍ୟ ଉତ୍ସବର ଚଳିତ ସଂସ୍କରଣରେ ୮ଜଣ ବିଶିଷ୍ଟ ପ୍ରତିଭାଙ୍କୁ ସାଳନ୍ଦୀ ସାହିତ୍ୟ ସଙ୍ଗମ ସୃଜନ ପୁରସ୍କାର ଓ ୬ ବ୍ୟକ୍ତିବିଶେଷଙ୍କୁ ସାହିତ୍ୟ ସଖା ସମ୍ମାନ ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି। ଆସନ୍ତା ୧୪ ଓ ୧୫ ତାରିଖ ଦୁଇଦିନ ଧରି ସାଳନ୍ଦୀ ବାଇପାସ୍‌ସ୍ଥିତ ସଙ୍ଗମ କନଭେନ୍‌ସନଠାରେ ହେବାକୁ ଥିବା ଉତ୍ସବରେ ଭଦ୍ରକର ବରପୁତ୍ରମାନଙ୍କ ନାମରେ ନାମିତ ଏହି ପୁରସ୍କାର ପ୍ରଦାନ କରାଯିବ। 'ଯାଜ୍ଞସେନୀ'ର ଲେଖିକା ଡ. ପ୍ରତିଭା ରାୟଙ୍କୁ ନିତ୍ୟାନନ୍ଦ ମହାପାତ୍ର ଉପନ୍ୟାସ ପୁରସ୍କାର, କବି ଡ. ଅପର୍ଣ୍ଣା ମହାନ୍ତିଙ୍କୁ କବିଶେଖର ଚିନ୍ତାମଣି ମହାନ୍ତି କବିତା ପୁରସ୍କାର, ବରିଷ୍ଠ କଥାଶିଳ୍ପୀ ଦାଶ ବେନହୁରଙ୍କୁ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଗଳ୍ପ ପୁରସ୍କାର, ସମାଲୋଚକ ପ୍ରଫେସର କୈଳାଶ ପଟ୍ଟନାୟକଙ୍କୁ ହରେକୃଷ୍ଣ ମହତାବ ପ୍ରବନ୍ଧ ପୁରସ୍କାର, ଅନୁବାଦକ ପ୍ରଦୀପ କୁମାର ରାୟଙ୍କୁ ଲକ୍ଷ୍ମୀନାରାୟଣ ମହାନ୍ତି ଅନୁବାଦ ପୁରସ୍କାର, 'ଆହେ ନୀଳ ଶଇଳ'ର ନିର୍ଦ୍ଦେଶକ ଲାଲା ବୀରେନ ରାୟଙ୍କୁ ବଂଶୀବଲ୍ଲଭ ଗୋସ୍ୱାମୀ ନାଟକ ପୁରସ୍କାର, କଣ୍ଠଶିଳ୍ପୀ ଶେଖର ଘୋଷଙ୍କୁ ମନମୋହନ ସାବତ ସଙ୍ଗୀତ ପୁରସ୍କାର ଏବଂ 'ରାଣ୍ଡୀପୁଅ ଅନନ୍ତା'ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ରଙ୍କୁ ନୀରଦ ମହାପାତ୍ର ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯିବ। ସେହିପରି ସରୋଜ ରଞ୍ଜନ ମହାନ୍ତି, ଅଜୟ ନାୟକ, ସାହିତ୍ୟ ସଙ୍ଗଠକ ପ୍ରଶାନ୍ତ କୁମାର ଦାସ, ବନୋଜ ତ୍ରିପାଠୀ, ସୁରେଶ ନାୟକ ଏବଂ ବିଶିଷ୍ଟ ପ୍ରଚ୍ଛଦଶିଳ୍ପୀ ଚୂଡ଼ାମଣି ଦାସଙ୍କୁ ସାହିତ୍ୟ ସଖା ସମ୍ମାନରେ ସମ୍ମାନିତ କରାଯିବ ବୋଲି ଉତ୍ସବର ନିର୍ଦ୍ଦେଶକ ଯୁବ ଲେଖକ ସରୋଜ ବଳ ଓ ସଭାପତି କଥାକାର ପବିତ୍ର ପାଣିଗ୍ରାହୀ ରବିବାର ସୂଚନା ଦେଇଛନ୍ତି।

# ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମ ବାର୍ଷିକୀ



ନୀଳଗିରି,୮।୨ (ପ୍ରଶାନ୍ତ କୁମାର ବିଶ୍ୱାଳ)

ବାଲେଶ୍ୱର ନୀଳଗିରି ବାଲିଗୋଡ଼ିସ୍ଥିତ ସତ୍‌ସଙ୍ଗ ବିହାର ପ୍ରାଙ୍ଗଣରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୮ତମ ସର୍ବଭିଜନସ୍ତରୀୟ ଜନ୍ମ ମହା-ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ରବିବାର ପୂର୍ବାହ୍ନରେ ନୀଳଗିରି ଓ ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟାରେ ଗୁରୁଭାଇ ଓ ମାଆମାନେ ଯୋଗଦେଇ ଶ୍ରୀ ଶ୍ରୀ ଠାକୁରଙ୍କର ଗୁଣ କିର୍ତ୍ତନ କରିଥିଲେ। ବିଭିନ୍ନ ମାଙ୍ଗଳିକ କାର୍ଯ୍ୟକ୍ରମରେ ଏହି ଉତ୍ସବ ଆରମ୍ଭ ହୋଇଥିଲା। ଏହି ସତସଙ୍ଗ ସାଧାରଣ ସଭାରେ ବାଲେଶ୍ୱର ସତସଙ୍ଗ ବିହାରରୁ ଆଗତ ସୁରେନ୍ଦ୍ର ନାଥ ପଟ୍ଟନାୟକ ଋତିକ ପରିଚାଳନା କରିଥିବା ବେଳେ ମୁଖ୍ୟ ବକ୍ତାଭାବରେ ଯାଜପୁର ସତସଙ୍ଗ ବିହାରର ବରିଷ୍ଠ ଋତବିକ ଅଚ୍ୟୁତାନନ୍ଦ ପତି ଯୋଗଦାନ କରି ଠାକୁରଙ୍କର ଗୁଣାବଳୀ ଆଲୋଚନା କରିଥିଲେ। ମୁଖ୍ୟଅତିଥିଭାବେ ବାଲେଶ୍ୱର ଏମ୍‌ପିଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ଉପସ୍ଥିତ ଥିଲେ। ନୀଳଗିରି ସତସଙ୍ଗ ବିହାରର ବରିଷ୍ଠକର୍ମୀ ଭାଗବତ ପ୍ରସାଦ ପଣ୍ଡା, ନାରାୟଣ ଚନ୍ଦ୍ର ସାମଲ ଯୋଗଦେଇଥିଲେ। ସତସଙ୍ଗ ବିହାରର ପରିଚାଳକ ଗଙ୍ଗାନାରାୟଣ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟାନ୍ୟ କର୍ମୀ ଆର୍ତ୍ତତ୍ରାଣ ଦାସ, ଗୋକୁଳାନନ୍ଦ ରଣା, ରାମଚନ୍ଦ୍ର ମହାପାତ୍ର, ବସନ୍ତ ନାୟକ, ରବିନାରାୟଣ ସେନାପତି, ଉମାକାନ୍ତ ବୁଗୁଡ଼ାଇ ପ୍ରମୁଖ ସହଯୋଗ କରିଥିଲେ।

# ବାୟୁସେନା ସଂଗଠନର ବାର୍ଷିକ ସମ୍ମିଳନୀ

ବାଲେଶ୍ୱର,୮।୨ (ମୃତ୍ୟୁଞ୍ଜୟ ପଟ୍ଟନାୟକ)

ବାଲେଶ୍ୱର ଜିଲା ବାୟୁସେନା ସଂଗଠନର ବାର୍ଷିକ ସମ୍ମିଳନୀ ରବିବାର ବାଲେଶ୍ୱର-ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସଭାପତି ଶିବ ଦାସ କୁଣ୍ଡୁ ଏଥିରେ ପୌରୋହିତ୍ୟ କରିଥିଲେ। ସମ୍ପାଦକ ମହେଶ୍ୱର ବେହେରା ବାର୍ଷିକ ବିବରଣୀ ଓ କୋଷାଧ୍ୟକ୍ଷ କୃଷ୍ଣବନ୍ଧୁ ମିଶ୍ର ସଂଗଠନର ବାର୍ଷିକ ଆୟବ୍ୟୟ ବିବରଣୀ ପାଠ କରିଥିଲେ। ଉପସଭାପତି ଗୋପୀନାଥ ଦାସ, ସଂଗଠନର ପରାମର୍ଶଦାତା ପ୍ରଦୀପ କୁମାର ମହାନ୍ତି, ମୂରଲୀଧର ପାତ୍ର ପ୍ରମୁଖ ଉଦ୍‌ବୋଧନ ଦେଇ ସଂଗଠନର ସଦସ୍ୟମାନଙ୍କୁ ଏକଜୁଟ ହେବାକୁ ଆହ୍ୱାନ ଦେଇଥିଲେ। ସମ୍ପାଦକ ବେହେରା ଅଭିଭାଷଣରେ ଓଡ଼ିଶା ବାୟୁସେନା ସଂଗଠନ ପକ୍ଷରୁ କିଟ୍ ବିଶ୍ୱବିଦ୍ୟାଳୟ ଓ ସୋଆ ବିଶ୍ୱବିଦ୍ୟାଳୟ ସହ ହୋଇଥିବା ଚୁକ୍ତି ବିଷୟରେ ଉଲ୍ଲେଖ କରିଥିଲେ। ଏହାଦ୍ୱାରା ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ଓ ତାଙ୍କ ପିଲାମାନଙ୍କୁ କିପରି ଶିକ୍ଷା ସହଯୋଗ ମିଳିବ, ତାହା ଉପରେ ସେ କହିଥିଲେ। ଶେଷରେ ଅଶୋକ କୁମାର ଦାଶ ଉପସ୍ଥିତ ସମସ୍ତ କର୍ମକର୍ତ୍ତା ସଦସ୍ୟମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଆରମ୍ଭ ହେଲା ତିହିଡ଼ି ମହୋତ୍ସବ

## ବିଭିନ୍ନ ପୀଠରୁ ଆସିଲା ମଶାଲ

ତିହିଡ଼ି,୮।୨ (ସଞ୍ଜିତ ବଳ)

ତିହିଡ଼ି କାଳୀପଡ଼ିଆରେ ରବିବାର ତିହିଡ଼ି ମହୋତ୍ସବ ଆରମ୍ଭ ହୋଇଛି। ରାଜ୍ୟ ସଂସ୍କୃତି ବିଭାଗ ଓ ଶ୍ୟାମା କ୍ଲବ୍ ପକ୍ଷରୁ ଆୟୋଜିତ ମହୋତ୍ସବକୁ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ, ମହୋତ୍ସବ କମିଟି ସଭାପତି ଶିକ୍ଷାବିତ୍ ସୋମନାଥ ପାଢ଼ୀ, ସମ୍ପାଦକ ଚନ୍ଦ୍ରକାନ୍ତ ମହାନ୍ତି, ଡ. ଲକ୍ଷ୍ମୀଧର ତ୍ରିପାଠୀ, ଏମ୍‌ପିଙ୍କ ପ୍ରତିନିଧି ସୀତାକାନ୍ତ ନାୟକ, ବିଜେଡି ବ୍ଲକ ସଭାପତି ସୁରେନ୍ଦ୍ର ନାୟକ, କଂଗ୍ରେସ ବ୍ଲକ ସଭାପତି ସରୋଜ ଦାସ, ରଘୁନାଥ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପରେ ମହୋତ୍ସବ ସ୍ଥଳରୁ ବିଭିନ୍ନ ଦେବଦେବୀ ପୀଠକୁ ଶୋଭାଯାତ୍ରା ବାହାରିଥିଲା। ସେସବୁ ପୀଠରୁ ଶୋଭାଯାତ୍ରାରେ ମଶାଲ ଅଣାଯାଇ ମହୋତ୍ସବ ସ୍ଥଳରେ ରଖାଯାଇଥିଲା।



ମହୋତ୍ସବ ସ୍ଥଳରେ ମଶାଲ ସ୍ଥାପନ କରାଯାଉଛି।

ବିଭିନ୍ନ ସାମାଜିକ ସଙ୍ଗଠନର କର୍ମକର୍ତ୍ତା ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସାମାଜିକ କର୍ମୀ ଧୀରେନ୍ଦ୍ର ସାହୁ, ଅମୂଲ୍ୟ ସେନାପତି, ମନୋଜ ପାଣିଗ୍ରାହୀ, ମୃତ୍ୟୁଞ୍ଜୟ ଦାସ, ମନୋଜ ସେନାପତି, ଶିକ୍ଷାବିତ୍ ଗିରିଜା ରମଣ ଜେନା, ପ୍ରଭାତ ଜେନା, କୈଳାସ ବେହେରା, ନିରଞ୍ଜନ ବାରିକ, ବିସ୍ମୟ ବିହାରୀ ସାହୁ, ପ୍ରିୟବ୍ରତ ପାଢ଼ୀ, ଦୟାନିଧି ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସର୍ବଭାରତୀୟ ଧର୍ମଘଟ ପାଇଁ ବାମପନ୍ଥୀଙ୍କ ଆଲୋଚନା

ଭୋଗରାଇ,୮।୨ (ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ୍ ସିପିଆଇଏମ୍, ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଏବଂ ଏହି ୨ ଦଳର ବିଭିନ୍ନ ଗଣ ସଂଗଠନ ଫେବୃଆରୀ ୧୨ରେ ସର୍ବଭାରତୀୟ ୧୨ ଘଣ୍ଟିଆ ସାଧାରଣ ଧର୍ମଘଟ ସଫଳ ନିମନ୍ତେ ଆଲୋଚନା ହୋଇଛି। ଶ୍ରମିକ-କର୍ମଚାରୀ ବିରୋଧୀ ଶ୍ରମକୋର୍ଡ଼କୁ ରଦ୍ଦ, ପ୍ରସ୍ତାବିତ ବିଦ୍ୟୁତ୍ ସଂଶୋଧନ ବିଲ୍-୨୦୨୫କୁ ପ୍ରତ୍ୟାହାର, ବର୍ଷକୁ ୨ ଶହ ଦିନର କାମ ଓ ଦୈନିକ ୬୦୦ ଟଙ୍କା ମଜୁରୀ ପ୍ରଦାନ ଓ ରାଷ୍ଟ୍ରାୟତ ଉଦ୍ୟୋଗ ଓ ସରକାରୀ କ୍ଷେତ୍ରର ଘରୋଇକରଣ ବନ୍ଦ, ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ବୃଦ୍ଧି ବନ୍ଦ ଇତ୍ୟାଦି ଦାବିରେ ଧର୍ମଘଟ ହେବ। ଆସନ୍ତା ୧୦ ତାରିଖରେ ଡାକବାଜି ଯନ୍ତ୍ର ଦ୍ୱାରା ଭୋଗରାଇର ସମସ୍ତ ଜନସାଧାରଣଙ୍କୁ ସଚେତନ କରାଯିବାର ସିଦ୍ଧାନ୍ତ ନିଆଯାଇଥିଲା। ୧୨ ତାରିଖ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଥାନାଛକଠାରେ ବିଭିନ୍ନ ଗଣ ସଂଗଠନ ମିଳିତ ହୋଇ କେନ୍ଦ୍ର ସରକାରଙ୍କ ବିରୋଧୀ ଗଣ ଆନ୍ଦୋଳନ ଗଢ଼ି ତୋଳିବାକୁ ନିଷ୍ପତ୍ତି ନିଆଯାଇଥିଲା। ଥାନା ଛକ ସିପିଆଇଏମ ପାର୍ଟି କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ସିଟୁର ଭୋଗରାଇ ବ୍ଲକ୍ ସଭାପତି ଅଧୀର ଗିରି ଗୋସ୍ୱାମୀଙ୍କ ସଭାପତିତ୍ୱରେ କ୍ଷେତ ମଜଦୂର ସଂଘର ଜିଲ୍ଲା ସମ୍ପାଦକ ଦୀପ୍ତିମାନ ଆଚାର୍ଯ୍ୟ, କୃଷକ ସଂଘର ବ୍ଲକ୍ ଆବାହକ ଆଇନ୍‌ଜୀବୀ ବିଶ୍ୱଜିତ୍ ଦାସ, ଇଉଟିୟୁସିର ବ୍ଲକ୍ ସଂଯୋଜିକା କ୍ରିଷ୍ଣାରାଣୀ ସାହୁ, ପାଚିକା ସଂଘର ବ୍ଲକ୍ ସଂଯୋଜକ ଶୁକଦେବ ସାହୁ, ସସ୍ମିତା ମହାନ୍ତି, ଆଦିବାସୀ ଅଧିକାର ମଞ୍ଚର ବ୍ଲକ୍ ସଭାପତି କୃଷ୍ଣମୋହନ ମୁର୍ମୁ, ନିର୍ମାଣ ଶ୍ରମିକର ବ୍ଲକ୍ ସମ୍ପାଦକ ଜଗନ୍ନାଥ ମାଇତି, ମିଟର ରିଡ଼ର ସଂଘର ବ୍ଲକ୍ ସଂଯୋଜକ ଜାହ୍ନବୀ ମଣ୍ଡଳ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ମୟୂରଭଞ୍ଜର ରାଘବପୁର ଏଫ୍‌ସି ଚାମ୍ପିୟନ

## ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

ଭଦ୍ରକ, ୮।୨ (ରବିନାରାୟଣ ଖିଲାର)

ଭଦ୍ରକ ଜିଲା ଯୁବ ଯାଦବ ମହାସଭା ଓ ଚରମ୍ପା ମର୍ନିଷ୍ଟାର ଫୁଟ୍‌ବଲ କ୍ଲବ୍ ପକ୍ଷରୁ ଚରମ୍ପା ରେଲ୍‌ୱେ ପଡ଼ିଆରେ ଚାଲିଥିବା ଅଲ୍ ଓଡ଼ିଶା ଏମ୍‌ଆର୍ ମେମୋରିଆଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ କେନ୍ଦୁଝର ଜିଲାର ଯୋଡ଼ା ଏକ୍ସ ୱାରିୟରକୁ ହରାଇ ମୟୂରଭଞ୍ଜର ରାଘବପୁର ଏଫ୍‌ସି ଚାମ୍ପିୟନ ହୋଇଛି। ଟୁର୍ଣ୍ଣାମେଣ୍ଟରେ ମୋଟ ୮ ଦଳ ଭାଗ ନେଇଥିଲେ। ରେଫରି ଭାବେ ନିକନ ମହାନ୍ତି, ପିଣ୍ଟୁ ବେହେରା ଓ ସୁବାସ ସିଂ ଖେଳ ପରିଚାଳନା କରିଥିଲେ।




ଚାମ୍ପିୟନ ଟିମ୍‌କୁ ପୁରସ୍କୃତ କରାଯାଉଛି।

୨ଖେଳାଳିଙ୍କ ସ୍ମୃତିରେ ସକାଳେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ମୋଟ ୩୩ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୨୦ହଜାର ଟଙ୍କା ଏବଂ ରନରଅପ୍ ଟିମ୍‌କୁ କପ୍ ସହ ୧୫ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ପ୍ରାକ୍ତନ କାଉନସିଲର ଗୋପୀନାଥ ନାୟକ, କାମେଶ ପରିଡ଼ା, କୋଚ୍ କେଭି ପ୍ରସାଦ, କର୍ମକର୍ତ୍ତା କମଳାକାନ୍ତ ବାରିକ, ମନୋଜ ଚୌଧୁରୀ, ରବୀନ୍ଦ୍ର ପ୍ରଧାନ, ଚନ୍ଦନ ରାଉତ, ଗିରିଜା ନନ୍ଦନ ସିଂ, ଦେବରାଜ କିସ୍କୋ, ଗିରିଶ ଚନ୍ଦ୍ର ରାଓ, ଗଙ୍ଗା ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

**GOVERNMENT OF ODISHA**
**REVENUE AND DISASTER MANAGEMENT DEPARTMENT**
**CORRIGENDUM**

**No. RDM-LAA-BLS-0006-2025-47460/R&DM, dated 17 DEC 2025**

**No.III-12** : In inviting a reference to this Department Notification No.22168 dated 19.06.2025 issued u/s 11(1) of the RFCTLA R&R Act, 2013 for acquisition of land measuring to **Ac.1.64** in Village-**Digapada**, P.S.-Balasore Sadar No.43, Tahasil-Remuna of Balasore district for construction of Tribhangapur Distributary and Odangi minor under Subarnarekha Irrigation Project, the following changes/insertion have been made for future reference and necessary action.

| Notification No. & date of Revenue & D.M. Department | For the words occurring in the last paragraph (in page No.2) | To be read as |
|---|---|---|
| No.22168 dated 19.06.2025 | The last line of last paragraph (in page No.2) the word is written as "ମୟୂରଭଞ୍ଜ" | The last line of last paragraph (in page No.2) the word shall be read as "ବାଲେଶ୍ୱର" |

All other entries as mentioned in the Notification No.22168 dated 19.06.2025 shall remain unchanged.

Sd./- (Suranjan Pradhan)
Additional Secretary to Government

OIPR-

Modal Bidding Document
Government of Odisha
Health and Family Welfare Department,Odisha

**OFFICE OF THE DEAN-PRINCIPAL**
**GOVERNMENT MEDICAL COLLEGE HOSPITAL, PHULBANI, DIST: KANDHAMAL**
**QUOTATION/TENDER CALL NOTICE**

**Advt. No. 01/2026** **Dated. 06.02.2026**

**No.10001/22/2526** : Sealed quotation /tenders are invited from interested reputed Travel Agency/Tour Operator/Private individuals for providing 1(no.) of AC petrol/Diesel driven vehicles having sitting capacity not more then 5(five) including driver. Which shall conform to the Terms and condition (Annexure-I & A) for official use in Dean & Principal of monthly rent basis. The application form of quotation/tender containing general Bid information & Terms and condition for Hiring Vehicles etc. will be available with website (https://kandhamal.odisha.gov.in. The Quotation completed in all respect should reach the undersigned on or before **02.03.2026** By the **5.00 PM.** through registered post/courier and shall be opened on **05.03.2026** at **11.30 AM** in presence of bidder or authorized representatives. The undersigned reserves the right to reject any or all the tender(s) without assigning any reason thereof.

Sd./- N.Behera, Dean & Principal
Govt. Medical College & Hospital,
Phulbani, Kandhamal

OIPR-10001/10270/1/25-26/0001

# ଉପକୂଳ ବିକାଶ ପରିଷଦ ପକ୍ଷରୁ ସଫେଇ

କାଳିପଦା,୮।୨ (ରାଜଶ୍ରୀ ପାଣିଗ୍ରାହୀ)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ଉଗରା ବେଳାଭୂମିଠାରେ ଉପକୂଳ ବିକାଶ ପରିଷଦ ପକ୍ଷରୁ ରବିବାର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବା ଓ ବେଳାଭୂମିକୁ ସ୍ୱଚ୍ଛ ସୁନ୍ଦର ବେଳାଭୂମିରେ ପରିଣତ କରିବା ଲକ୍ଷ୍ୟ ନେଇ ଏହି ସଫେଇ କାର୍ଯ୍ୟରେ ପରିଷଦର ୨ଶହରୁ ଊର୍ଦ୍ଧ୍ୱ ସଦସ୍ୟ ଯୋଗ ଦେଇଥିଲେ। ପରେ ବେଳାଭୂମିଠାରେ ଥିବା ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ପରିଷଦର ସଭାପତି ମନୋରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବେଳାଭୂମି ପର୍ଯ୍ୟଟନର ମାନ୍ୟତା ପାଇଥିଲେ ମଧ୍ୟ ସରକାରଙ୍କର ବୈମାତୃକ ମନୋଭାବ ଯୋଗୁ ବଡ଼ ଗୁମୁଟି ଛକଠାରୁ ବେଳାଭୂମି ପର୍ଯ୍ୟନ୍ତ ୨ କିଲୋମିଟର ରାସ୍ତା, ପାନୀୟ ଜଳ, ଶୌଚାଳୟ, ପାନ୍ଥନିବାସ, ଆଲୋକୀକରଣ, ମେରାଇନ ଥାନା ଆଦି ଦାବି ପ୍ରତି ଦୃଷ୍ଟି ଦେଉନାହାନ୍ତି। ଫଳରେ ଧୀରେ ଧୀରେ ଓଡ଼ିଶା ଓ ଅନ୍ୟ ରାଜ୍ୟରୁ ଛୁଟି ଆସୁଥିବା ପର୍ଯ୍ୟଟକମାନେ ବେଳାଭୂମିରୁ ମୁହଁ ଫେରାଉଛନ୍ତି ବୋଲି ପରିଷଦର ଉପସଭାପତି ସାର୍ଥକ ରଣଜିତ, ସମ୍ପାଦକ ନିତ୍ୟାନନ୍ଦ ଜେନା, ସହସମ୍ପାଦକ ସନ୍ତୋଷ ଗିରି, ସଦସ୍ୟ ସୁଶାନ୍ତ ପାତ୍ର, ହରିହର ଜେନା ପ୍ରମୁଖ କହିଛନ୍ତି। ଆଗାମୀ ଦିନରେ ସରକାର ବେଳାଭୂମିର ବିକାଶ ପାଇଁ ବିହିତ ପଦକ୍ଷେପ ଗ୍ରହଣ ନ କଲେ ପରିଷଦ ପକ୍ଷରୁ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି କୋଷାଧ୍ୟକ୍ଷ ଅଶ୍ୱିନୀ କୁମାର ପାତ୍ର ଚେତାବନୀ ଦେଇଛନ୍ତି। ଆଗାମୀ ଦିନରେ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସହ ୨୨ ତାରିଖରେ ପ୍ରତାପପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**ମଧୁପାଟଣା ଶାଖା**
ଶ୍ରମିକ ଭବନ, ନିଶାମଣୀ ରେଷ୍ଟୁରାଣ୍ଟ ନିକଟ, କଟକ-୭୫୩୦୧୨, ଇ-ମେଲ୍: ubin0551422@unionbankofindia.bank

**ଗାଡି ନିଲାମ ବିକ୍ରୟ ବିଜ୍ଞପ୍ତି**

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**ର ଆର୍ଥିକ ସହାୟତା ନିମ୍ନଲିଖିତ ଗାଡିକୁ ପ୍ରଦାନ କରାଯାଇଥିଲା ଏବଂ ଋଣ ପ୍ରଦାନ କରିବାରେ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା ଖିଲାପ କରିଥିବାରୁ ଏହାକୁ ବ୍ୟାଙ୍କ ପକ୍ଷରୁ ଜବତ କରାଯାଇ ବିକ୍ରୟ ପାଇଁ ଉପଲବ୍ଧ ରହିଛି। କ୍ରୟ କରିବାକୁ ଚାହୁଁଥିବା ଆଗ୍ରହୀ ବ୍ୟକ୍ତି ଗାଡିର ଭୌତିକ ଯାଞ୍ଚ ଏବଂ ସବିଶେଷ ତଥ୍ୟ ନିମନ୍ତେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଯୋଗାଯୋଗ କରିପାରିବେ। ଆଗ୍ରହୀ କ୍ରେତାମାନେ ପ୍ରସ୍ତାବ ସହ ଅମାନତ ରାଶି ନିମନ୍ତେ ଭରଣାଯୋଗ୍ୟ / ଫେରସ୍ତଯୋଗ୍ୟ **ଟ.୪୩,୦୦୦/- (ତେୟାଳିଶ ହଜାର ଟଙ୍କା ମାତ୍ର)**ର ପେ ଅର୍ଡର କିମ୍ବା ବ୍ୟାଙ୍କର୍ସ ଚେକ୍ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** ସପକ୍ଷରେ ଏବଂ **କଟକ**କୁ ପେଠ ଦର୍ଶାଇ ଦାଖଲ କରିବେ।

ଆଗ୍ରହୀ କ୍ରେତାମାନେ ସେମାନଙ୍କର ପ୍ରସ୍ତାବକୁ ମୁଦ ଲଫାପାରେ ରଖି ଲଫାପା ଉପରେ **"ଗାଡି ନଂ.: OD 05 BQ 5963** କ୍ରୟ ନିମନ୍ତେ କୋଟେସନ୍" ଉଲ୍ଲେଖ କରି ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ **ତା.୦୯.୦୨.୨୦୨୬ରିଖ ଅପରାହ୍ନ ୪.୦୦ ଘଟିକା** ସୁଦ୍ଧା ପହଞ୍ଚାଇବା ଆବଶ୍ୟକ। ମୁଦ ପ୍ରସ୍ତାବଗୁଡିକ **ତା.୧୦.୦୨.୨୦୨୬ରିଖ ମଧ୍ୟାହ୍ନ ୧୨.୦୦ ଘଟିକା** ସମୟରେ ଖୋଲାଯିବ ଏବଂ ପ୍ରସ୍ତାବ ଦାଖଲ କରିଥିବା ଆଗ୍ରହୀ କ୍ରେତାମାନେ ସେହି ସମୟରେ ଉପସ୍ଥିତ ରହିବା ଆବଶ୍ୟକ।

ସଫଳ କ୍ରେତା କୋଟେସନ୍ ଖୋଲାଯିବା ତାରିଖ ଠାରୁ **୧୦ (ଦଶ)**ଟି କାର୍ଯ୍ୟ ଦିବସ ମଧ୍ୟରେ ସମ୍ପୂର୍ଣ୍ଣ ମୂଲ୍ୟ ଦାଖଲ କରିବେ କିମ୍ବା ବ୍ୟାଙ୍କ ଦ୍ୱାରା ବର୍ଦ୍ଧିତ ସମୟସୀମା ମଧ୍ୟରେ ଦାଖଲ କରିବେ ଅନ୍ୟଥା ଅମାନତ ରାଶି ବାଜ୍ୟାପ୍ତି କରାଯିବ ଏବଂ ଗାଡିକୁ ପରେ ବିକ୍ରୟ କରାଯିବ।

ଗାଡିଟି **"ଯେଉଁଠାରେ ଯେପରି ଅଛି"** ଏବଂ **"ସେଠାରେ ଯାହା ଅଛି"** ଭିତ୍ତିରେ ବିକ୍ରୟ କରାଯିବ। ବ୍ୟାଙ୍କ ଦ୍ୱାରା ଧାର୍ଯ୍ୟ ସଂରକ୍ଷିତ ମୂଲ୍ୟଠାରୁ କମ୍ ମୂଲ୍ୟରେ ଗାଡି ବିକ୍ରୟ କରାଯିବ ନାହିଁ। ନିମ୍ନ ସ୍ୱାକ୍ଷରକାରୀ କୌଣସି କାରଣ ନଦର୍ଶାଇ ଯେକୌଣସି କିମ୍ବା ସମସ୍ତ ପ୍ରସ୍ତାବକୁ ଗ୍ରହଣ କିମ୍ବା ରଦ୍ଦ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି।

| କ୍ର. ନଂ. | ଗାଡ଼ିର ବିବରଣୀ | ପଞ୍ଜିକୃତ ନଂ. | ସଂରକ୍ଷିତ ମୂଲ୍ୟ / ଅମାନତ ଜମା |
|---|---|---|---|
| ୧. | Maruti Suzuki Swift VXI 2023 | OD 05 BQ 5963 | ଟ.୪,୩୦,୦୦୦/- / ଟ.୪୩,୦୦୦/- |

ସ୍ଥାନ: କଟକ
ତାରିଖ: ୦୭.୦୨.୨୦୨୬

କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

**OFFICE OF THE DIVISIONAL FOREST OFFICER, NAYAGARH DIVISION**

Phone/Fax: 06753-252226, Mob-9437052226, E-Mail: dfo.nayagarh@odisha.gov.in

No.8001/24/2526

**TENDER NOTICE**

Last date for sale of tender papers : **11.02.2026 (05.30 PM)**
Last date for submission of tender papers : **13.02.2026 (01.30 PM)**

Sealed tenders are invited by the undersigned from the "D & C" class Contractors for cutting, logging and dragging of Car timbers approximate 11106.37 Cft. of Lord Jagannath, Puri for 2026 Car festival from different Forest block of Nayagarh Forest Division, Khurdha Forest Division, Ghumusar South Division, Ghumusar North Division, Boudh Division, Bamra WL Division, Sonpur Division & Redhakhol Division. **The last date for submission of tender paper in this office is dt. 13.02.2026 up to 01.30 PM.** The tender received after **01.30 PM** on **dt.13.02.2026** will be rejected. The tender paper will be opened on the same day at **4.00 PM.** The tender paper can be obtained from this office @ Rs.1000/- per each paper from the date of publication of this advertisement in all working days up to **13.02.2026 (5.30 PM)**. The tenderers are required to submit E.M.D. in shape of Bank Draft worth of Rs. 1,00,000/- (Rupees one lakh) only drawn in any Nationalised Bank **in favour of the Divisional Forest Officer, Nayagarh** payable at State Bank of India, Main Branch, Nayagarh only alongwith the tender paper. Tender paper without E.M.D. will be rejected. For further details, the undersigned may be contacted during office hours of working days. The undersigned reserves the right to cancel any or all tender without assigning any reason thereof.

**TENTATIVE LIST OF CAR TIMBER TO BE SUPPLIED FOR CAR FESTIVAL, PURI 2026**

| Species | Length & Girth | No. of log | Approximate volume in Cft. |
|---|---|---|---|
| 1 | 2 | 3 | 4 |
| Asan | 12' x 3' | 220 logs | 1485.00 |
| Dhaura | 12' x 3' | 214 logs | 1444.50 |
| Asan | 20' x 3' | 90 logs | 1012.50 |
| Dhaura | 20' x 3' | 101 logs | 1136.25 |
| Dhaura | 20' x 4' | 12 logs | 240.00 |
| Dhaura | 20' x 6' | 06 logs | 270.00 |
| Asana | 40' x 3' | 30 logs | 675.00 |
| Dhaura | 40' x 3' | 43 logs | 967.50 |
| Dhaura | 40' x 3.6" | 21 logs | 1273.12 |
| Dhaura | 40' x 4' | 06 logs | 240.00 |
| Phasi | 14' x 6' | 72 logs | 2268.00 |
| Simili | 14' x 6' | 03 logs | 94.50 |
| | **Total :** | **818 Logs** | **11106.37** |

Sd./- Divisional Forest Officer
Nayagarh Division

OIPR-8001/8026/1/25-26/0002

# ପାଲା ଓ ଲୋକକଳା ମହୋତ୍ସବ

ବାସୁଦେବପୁର,୮।୨ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁରର ପ୍ରସନ୍ନଦେବଙ୍କ ପୀଠରେ ପ୍ରସନ୍ନ ବାସୁଦେବ ପାଲା ମଣ୍ଡଳ ଆନୁକୂଲ୍ୟରେ ତଥା ପ୍ରସନ୍ନଦେବ ସେନାଙ୍କ ମିଳିତ ସହଯୋଗରେ ଚାଲିଥିବା ୧୦ମ ବାର୍ଷିକ ପାଲା ଓ ଲୋକକଳା ମହୋତ୍ସବର ରବିବାର ଥିଲା ୨ୟ ଦିବସ। ପୂର୍ବାହ୍ନରେ କଳାକାରମାନେ ଦାସକାଠି, ଖଞ୍ଜଣୀ, ଭଜନ, କେନ୍ଦରା ଓ ବିଭିନ୍ନ ଲୋକକଳା ପ୍ରଦର୍ଶନ କରିଥିଲେ। ଅପରାହ୍ନରେ ମୁଖ୍ୟ ଅତିଥି ଭାବେ ବିଧାୟକ ଅଶୋକ କୁମାର ଦାସ ଯୋଗଦେଇ ଏହି ଲୋକକଳା କାର୍ଯ୍ୟକ୍ରମକୁ ମଞ୍ଚ ତଳେ ବସି ଦେଖିଥିଲେ। କଳାକାରମାନଙ୍କୁ ସେ ଉତ୍ସାହିତ କରିବା ସହ କଳାକାରଙ୍କ ସହ ଭାବ ଆଦାନ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ କାଉନସିଲର ସନ୍ତୋଷ ସାହୁ ଓ ଯୁବନେତା ସୁଶାନ୍ତ ମହାକୁଡ଼ ଯୋଗ ଦେଇଥିଲେ। ପାଲା ମଣ୍ଡଳ ସଭାପତି ସନାତନ ପୁରୀ, ସମ୍ପାଦକ କପିଳନାଥ ଶର୍ମା, ସଙ୍ଗଠନ ସମ୍ପାଦକ କୈଳାସ ମହାନ୍ତି ପ୍ରମୁଖ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

इंडियन बैंक Indian Bank
इलाहाबाद ALLAHABAD

**ଇଣ୍ଡିଆନ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ,**
**ଇଣ୍ଡିଆନ୍ ବ୍ୟାଙ୍କ ବିଲ୍ଡିଂ, ବି-୨ (ପୂର୍ବ),**
**ଶହୀଦ ନଗର, ଭୁବନେଶ୍ୱର- ୭୫୧୦୦୭**

**ଦଖଲ ନୋଟିସ୍**
**(ସ୍ଥାବର ସମ୍ପତ୍ତି ନିମନ୍ତେ)**

**ଇଣ୍ଡିଆନ ବ୍ୟାଙ୍କ** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ଏବଂ ୯ ଅନୁଯାୟୀ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା ତାଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ଅନ୍ତର୍ଗତ ରୁଲ୍ ୮ ଏବଂ ୯ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ଆକାଉଣ୍ଟର ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି।

ଏତଦ୍ ଦ୍ୱାରା ବିଶେଷ କରି ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ନିମନ୍ତେ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ।

***ଏତଦ୍ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।***

| ଇନ୍‌ଫୋସିଟି ଶାଖା / ଋଣଗ୍ରହୀତାଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଡ଼ିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ପରିମାଣ |
|---|---|---|---|---|
| **ଋଣଗ୍ରହୀତା: ଶ୍ରୀ ବିକ୍ରମ କେଶରୀ ଜେନା,** ପିତା: ଶ୍ରୀ ବିଦ୍ୟୁତ କୁମାର ଜେନା, ବର୍ତ୍ତମାନ ଠିକଣା: ବୈଷ୍ଣବ ବିହାର, ଫ୍ଲାଟ ନଂ.୨୦୧, ବ୍ଲକ-ସି, ବମିଖାଲ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, ସ୍ଥାୟୀ ଠିକଣା: ସା- କାନପୁର, ଥାନୁଆଲ, ଯାଜପୁର, ଓଡିଶା, ପିନ୍-୭୫୫୦୨୪। | **ଶ୍ରୀ ବିକ୍ରମ କେଶରୀ ଜେନା** ଙ୍କ ନାମରେ ଥିବା ଗୃହ / ଫ୍ଲାଟ ନଂ.୧୭୦୨, ୩ ବିଏଚ୍‌କେ, ନିର୍ମାଣ ଏରିଆ ୧୨୧୯ ବର୍ଗଫୁଟ (ନିର୍ମାଣ ଅଧିନ) ସହିତ ସମୁଦାୟ ଏରିଆ ମଧ୍ୟରୁ ୯୪୫ ବର୍ଗଫୁଟ ୟୁଡିଏସ୍ ଜମି ଯାହାର ଡୋର୍ ନଂ., ଫ୍ଲାଟ ନଂ,୩୦୬ ଏବଂ ଅନ୍ୟ, ବ୍ଲକ ବି, ପଟିଆ, ଭୁବନେଶ୍ୱର, ପିନ୍-୭୫୧୦୨୪, ଏବଂ ସର୍ଭେ ନଂ. ଖାତା ନଂ.୪୭୪, ପଟିଆ ଗ୍ରାମ, ପଟିଆ ତାଲୁକ, ସବ୍ ରେଜିଷ୍ଟ୍ରେସନ ଭୁବନେଶ୍ୱର ଏବଂ ରେଜିଷ୍ଟ୍ରେସନ ଜିଲ୍ଲା ଖୋର୍ଦ୍ଧାରେ ଅବସ୍ଥିତ, ଚାରିପାର୍ଶ୍ୱରେ: ପୂର୍ବ- ଫ୍ଲାଟ ନଂ.୧୭୦୩, ପଶ୍ଚିମ- ଫ୍ଲାଟ ନଂ.୧୭୦୧, ଉତ୍ତର- ଖୋଲା ଯାଗା, ଦକ୍ଷିଣ- ବାରଣ୍ଡା / ଫ୍ଲାଟ ନଂ.୧୭୦୮। | ୦୬.୧୧.୨୦୨୫ | ୦୨.୦୨.୨୦୨୬ | ଟ.୭୮,୦୮,୨୮୩/- + ସେବାବଦ ସୁଧ, ଖର୍ଚ୍ଚଏବଂ ଅନ୍ୟାନ୍ୟ ଦେୟ |

ସ୍ଥାନ-ଭୁବନେଶ୍ୱର, ତାରିଖ-୦୭.୦୨.୨୦୨୬

କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

**ODISHA STATE CIVIL SUPPLIES CORPORATION LTD. KENDRAPARA**

e-mail : cso.kendrapada@gmail.com

**Tender Call Notice No. 257** **Dt.31.01.2026**

**No.7001/5/2526** : In pursuance of instructions communicated vide letter No.1403 dtd. 22.01.2026 of OSCSC Ltd, Bhubaneswar, the undersigned invites sealed tender / quotation from interested reputed Travel Agencies / Tour Operators or Private individuals for providing 2 (two) nos. of Non AC / AC vehicles one Petrol driven (Honda Amaze / Tata Altros / Maruti Celerio / Maruti Desires / Tata Tiago / Bolt / (Petrol Driven Vehicle for Official Purpose and another Diesel driven is Bolero & Ertiga etc.) for Paddy Procurement Operation for the KMS-2025-2026 (Only commercial registered vehicles are allowable). The tender selection programme will be as follows.

The Tender documents with terms and conditions and other details are also available in the District website at www.kendrapara.nic.in.

| Particulars of tender process | Programme Date |
|---|---|
| 1. Publication of tender notice in 02 (two) local edition of a leading Oriya daily of the state | By Dt.02.02.2026 |
| 2. Sale of tender paper (all working days) | From Dt. 02.02.2026 to 20.02.2026 (1 P.M.) |
| 3. Receipt of tender paper | From Dt. 02.02.2026 to 20.02.2026 (02 P.M.) |
| 4. Opening of tender paper & selection of tenders | 20.02.2026 at 4 P.M. in the Office Chamber of the ADM (Gen.) Kendrapara |

By Order of Collector, Kendrapara
Sd./- CSO-cum-District Manager
OSCSC Ltd., Kendrapara

OIPR-7001/7039/1/25-26/0002



ବେଙ୍ଗାଲୁରୁର ପ୍ୟାଲେସ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ରବିବାର କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ, କର୍ନାଟକ କୃଷିମନ୍ତ୍ରୀ ଏନ୍. ଚଲୁଭରାୟା ସ୍ୱାମୀ ଓ ଅନ୍ୟମାନେ ଯୋଗ ଦେଇଛନ୍ତି।

# ପାକ୍ ଏଜେଣ୍ଟ ସହ ଗୌରବ, ତାଙ୍କ ସ୍ତ୍ରୀଙ୍କ ନିବିଡ଼ ସମ୍ପର୍କ: ହିମନ୍ତ

ଗୁଆହାଟୀ,୮।୨(ପି.ଟି.)

## ସି ଗ୍ରେଡ୍ ସିନେମାଠାରୁ ଅଧିକ ଖରାପ: ଗୌରବ





ହିମନ୍ତ ବିଶ୍ୱଶର୍ମା ଗୌରବ ଗୋଗୋଇ

ଆସାମ କଂଗ୍ରେସ ସଭାପତି ତଥା ଏମ୍‌ପି ଗୌରବ ଗୋଗୋଇ ଏବଂ ତାଙ୍କ ସ୍ତ୍ରୀ ଏଲିଜାବେଥ କୋଲବର୍ନଙ୍କର ପାକିସ୍ତାନ ସହ ନିବିଡ଼ ସମ୍ପର୍କ ରହିଥିବା ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ରବିବାର ଅଭିଯୋଗ କରିଛନ୍ତି। ଉକ୍ତ ଦମ୍ପତି ଓ ପାକିସ୍ତାନୀ ନାଗରିକ ଅଲି ତୌକିର ଶେଖ୍‌ଙ୍କ ମଧ୍ୟରେ ଗଭୀର ସମ୍ପର୍କ ରହିଛି। ସେମାନଙ୍କ ଜରିଆରେ ଗୋଇନ୍ଦା ବ୍ୟୁରୋର ସୂଚନା ଗୋପନରେ ପଡ଼ୋଶୀ ଦେଶକୁ ଯାଉଥିବା ହିମନ୍ତ ଅଭିଯୋଗ କରିଛନ୍ତି। ଆସାମ ବିଧାନସଭା ନିର୍ବାଚନ ପୂର୍ବରୁ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧନ କରି ହିମନ୍ତ କହିଛନ୍ତି, କୋଲବର୍ନ ଭାରତରେ କାମ କରୁଥିବାବେଳେ ଶେଖ୍ ତାଙ୍କୁ ବେତନ ପ୍ରଦାନ କରିବା ବିଦେଶୀ ଅବଦାନ ନିୟନ୍ତ୍ରଣ ଆଇନ (ଏଫ୍‌ସିଆର୍‌ଏ) ନିୟମାବଳୀର ଉଲ୍ଲଂଘନ। ୨୦୧୩ରେ ଗୋଗୋଇ ଅତ୍ୟନ୍ତ ଗୋପନରେ ପାକିସ୍ତାନ ଗସ୍ତ କରିଥିଲେ। ସେଠାରେ ସେ କୌଣସି ତାଲିମ ନେଇଥିବା ବିଶ୍ୱାସ କରାଯାଉଛି। ତେଣୁ କଂଗ୍ରେସ ନେତା ନିଜର ଉକ୍ତ ଗସ୍ତକୁ ସ୍ୱଚ୍ଛ ପ୍ରମାଣିତ କରନ୍ତୁ, ନଚେତ ରାଷ୍ଟ୍ରଦ୍ରୋହ ଅଭିଯୋଗର ସମ୍ମୁଖୀନ ହେବେ ବୋଲି ଆସାମ ମୁଖ୍ୟମନ୍ତ୍ରୀ କହିଛନ୍ତି।

ଅନ୍ୟପକ୍ଷରେ ପାକିସ୍ତାନ ସହ ସମ୍ପୃକ୍ତି ନେଇ ହିମନ୍ତଙ୍କ ଅଭିଯୋଗକୁ ଆସାମ କଂଗ୍ରେସ ସଭାପତି ଥିବା ଗୋଗୋଇ ଖଣ୍ଡନ କରିବା ସହ ଏହାକୁ ମୂର୍ଖତା ଓ ଜାଲ୍ ବୋଲି କହିଛନ୍ତି। ସେ ଉକ୍ତ ଅଭିଯୋଗକୁ ସି ଗ୍ରେଡ୍ ସିନେମାଠାରୁ ଅଧିକ ଖରାପ ସୁପର ଫ୍ଲପ୍ ଭାବେ ଅଭିହିତ କରିଛନ୍ତି।

ହିମନ୍ତ କହିଥିଲେ, ଗୋଗୋଇ, କୋଲବର୍ନ ଏବଂ ଶେଖ୍‌ଙ୍କ ମଧ୍ୟରେ ଘନିଷ୍ଠ ସମ୍ପର୍କ ରହିଛି। କୋଲବର୍ନ ଓ ଶେଖ୍ ଅନ୍ତର୍ଜାତୀୟ ଷଡ଼ଯନ୍ତ୍ରର ଅଂଶବିଶେଷ ବୋଲି ବିଶ୍ୱାସ କରାଯାଉଛି। ସେମାନେ ଭାରତ ସରକାରଙ୍କୁ ଅଣଦେଖା କରି ଏକ ସ୍ଥାନୀୟ ମ୍ୟୁନିସିପାଲ ଏଜେନ୍ସି ସହ କାମ କରୁଛନ୍ତି ଏବଂ ଆସାମ ପୋଲିସ ଦ୍ୱାରା ଏହାର ତଦନ୍ତ ହୋଇପାରୁ ନାହିଁ। ତେଣୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦ୍ୱାରା ଜାତୀୟ ସ୍ତରର ତଦନ୍ତ ପାଇଁ ସୁପାରିସ କରାଯାଇଥିବା ହିମନ୍ତ କହିଛନ୍ତି। ଭାରତ ବଦଳି ହେବା ପୂର୍ବରୁ ଶେଖ୍‌ଙ୍କ ପରିଚାଳିତ ଏଲ୍‌ଇଏଡି ପାକିସ୍ତାନ ନାମକ ସଂଗଠନରେ କୁଲବର୍ନ କାର୍ଯ୍ୟ କରୁଥିଲେ। ଭାରତରେ ସେ ଉକ୍ତ ଗ୍ରୁପ୍ ସହ କାର୍ଯ୍ୟ କରୁଥିବାବେଳେ ଏଲ୍‌ଇଏଡି ପାକିସ୍ତାନ ଏଲ୍‌ଇଏଡି ଇଣ୍ଡିଆକୁ ଟଙ୍କା ପଠାଇବା ପରେ ବେତନ ପାଇଥାନ୍ତି। ଏହା ଏଫ୍‌ସିଆର୍‌ଏ ନିୟମାବଳୀର ଉଲ୍ଲଂଘନ ବୋଲି ହିମନ୍ତ ଅଭିଯୋଗ କରିଛନ୍ତି।

# ୬ ବର୍ଷୀୟା ବାଳିକାଙ୍କୁ ବଳାତ୍କାର ପରେ ହତ୍ୟା

ପାଟନା,୮।୨

ବିହାର ଦରଭଙ୍ଗା ସହରର ୟୁନିଭର୍ସିଟି ଥାନା ଅଞ୍ଚଳରେ ଜଣେ ୬ ବର୍ଷୀୟା ବାଳିକାଙ୍କୁ ରବିବାର ବଳାତ୍କାର ପରେ ହତ୍ୟା କରାଯାଇଛି। ସୂତ୍ର ଅନୁଯାୟୀ, ବାଳିକା ଜଣକ ଅନ୍ୟ ୨ ଜଣଙ୍କ ସହ ଖେଳିବା ପାଇଁ ଶନିବାର ସନ୍ଧ୍ୟାରେ ଘରୁ ବାହାରି ଆସି ଆଉ ଫେରି ନ ଥିଲେ। ଘରଲୋକେ ଓ ସମ୍ପର୍କୀୟମାନେ ତାଙ୍କ ସୁରକ୍ଷାକୁ ନେଇ ଚିନ୍ତିତ ହୋଇପଡ଼ିବା ସହ ଚାରିଆଡ଼େ ଖୋଜାଖୋଜି କରିଥିଲେ। ରବିବାର ଭୋର ସମୟରେ ଏକ ପୁଷ୍କରିଣୀ ନିକଟରେ କୁକୁର ଭୁକିବା ଶବ୍ଦ ଶୁଣି ଗାଁ ଲୋକେ ସେଠାକୁ ଧାଇଁଯାଇ ବାଳିକା ଜଣକର ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ପୋଲିସ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଦରଭଙ୍ଗାର ବରିଷ୍ଠ ଏସ୍‌ପି ଯଦୁନାଥ ରେଡ୍ଡୀଙ୍କ ତତ୍ତ୍ୱାବଧାନରେ ତଦନ୍ତ ଜାରି ରହିଛି। ବାଳିକାଙ୍କୁ ଅପହରଣ କରିଥିବା ଅଭିଯୁକ୍ତଙ୍କୁ ଅନ୍ୟ ୨ ବାଳିକା ଚିହ୍ନିଥିବା କହିବାରୁ ପୋଲିସ ସେମାନଙ୍କୁ ସିସିଟିଭି ଫୁଟେଜ୍ ଦେଖାଇଥିଲା। ସେଥିରୁ ବିକାଶ ମାହାତୋ ନାମକ ଉକ୍ତ ଅଞ୍ଚଳର ଜଣେ ଯୁବକଙ୍କୁ ସେମାନେ ଚିହ୍ନଟ କରିଥିଲେ। ପୋଲିସ ବିକାଶଙ୍କୁ ଗିରଫ କରିଛି।

# ବଡ଼ ଯୋଜନାରେ ଖର୍ଚ୍ଚ ହୋଇଛି ବଜେଟର ୪୦%



ନୂଆଦିଲ୍ଲୀ,୮।୨

ଚଳିତ ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ବଜେଟରେ ସର୍ବବୃହତ୍ ଯୋଜନାଗୁଡ଼ିକ ନିମନ୍ତେ ଯେଉଁ ଅର୍ଥ ବ୍ୟୟବରାଦ ହୋଇଥିଲା, ସରକାର ୯ ମାସ ମଧ୍ୟରେ ତାହାର ମାତ୍ର ୪୦ ପ୍ରତିଶତରୁ ସାମାନ୍ୟ ଅଧିକ ବ୍ୟୟ କରିଥିବା ଜଣାପଡ଼ିଛି। ତେଣୁ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଆବଣ୍ଟିତ ଅର୍ଥର ୭୫ ପ୍ରତିଶତରୁ କମ୍ ବ୍ୟୟ ହୋଇପାରେ ବୋଲି ଆଶା କରାଯାଉଛି। ରାଜ୍ୟଗୁଡ଼ିକ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଏହି ବଜେଟ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅନୁମୋଦିତ ଭାଗ ଅନୁଯାୟୀ ପାଣ୍ଠି ବ୍ୟବସ୍ଥା କରିଥାନ୍ତି।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଅଧୀନରେ ଭିତ୍ତିଭୂମି ପରିଚାଳନା ଯୋଜନା, ଇନ୍ଦିରା ଗାନ୍ଧୀ ଜାତୀୟ ବିଧବା ଭତ୍ତା ଯୋଜନା ଏବଂ ଅନୁସୂଚିତ ଜାତି ଓ ଅନ୍ୟମାନଙ୍କ ପାଇଁ ମାଟ୍ରିକ୍ ପରବର୍ତ୍ତୀ ଛାତ୍ରବୃତ୍ତି ଯୋଜନାରେ ସଂଶୋଧିତ ଆକଳନ ବଜେଟ ବ୍ୟୟବରାଦ ସହ ସମାନ ରହିଛି। ଅନ୍ୟ ୩ଟି ଯୋଜନା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍), ଅନୁସୂଚିତ ଜନଜାତିଙ୍କ ପାଇଁ ମାଟ୍ରିକ୍ ପରବର୍ତ୍ତୀ ଛାତ୍ରବୃତ୍ତି, ପ୍ରାକୃତିକ କୃଷି ଜାତୀୟ ମିଶନରେ ସଂଶୋଧିତ ଆକଳନ ବଜେଟ ଆକଳନର ୧୦୦ ପ୍ରତିଶତରୁ ଅଧିକ ହୋଇଛି। ଅବଶିଷ୍ଟ ୪୭ଟି ଯୋଜନାରେ ସଂଶୋଧିତ ଆକଳନ ବଜେଟ ବ୍ୟୟବରାଦଠାରୁ କମ୍ ରହିଛି। ପିଏମ୍ କୃଷି ସିଞ୍ଚାଇ ଯୋଜନା ପାଇଁ ବଜେଟରେ ୮୫୦ କୋଟି ଟଙ୍କା ରଖାଯାଇଥିବାବେଳେ ସଂଶୋଧିତ ଆକଳନରେ ତାହା ୧୫୦ କୋଟି ଟଙ୍କା ରହିଛି। ଅର୍ଥାତ୍ ବଜେଟ ବ୍ୟୟବରାଦର ୬ ଭାଗରୁ ଭାଗେ।

୫୩ଟି ଯୋଜନା ପାଇଁ ବଜେଟରେ ୫ ଲକ୍ଷ କୋଟି ଟଙ୍କାରୁ ଅଧିକ ଆକଳନ କରାଯାଇଥିବାବେଳେ ସଂଶୋଧିତ ଆକଳନ ୩.୮ ଲକ୍ଷ କୋଟି ଟଙ୍କା ବା ବଜେଟ ଆବଣ୍ଟନର ୭୪.୪ ପ୍ରତିଶତ। ଡିସେମ୍ବର ୩୧ରେ ଶେଷ ହୋଇଥିବା ୯ ମାସ ସୁଦ୍ଧା ୨ ଲକ୍ଷ କୋଟିରୁ ଅଧିକ ଅର୍ଥ ଛଡ଼ାଯାଇଛି, ଯାହାକି ବଜେଟ ମଞ୍ଜୁରୀର ମାତ୍ର ୪୧.୨ ପ୍ରତିଶତ ଏବଂ ସଂଶୋଧିତ ଆକଳନର ୫୫.୪ ପ୍ରତିଶତ। ପିଏମ୍‌କେଏସ୍‌ୱାଇ- ନିୟନ୍ତ୍ରିତ ଅଞ୍ଚଳ ବିକାଶ ଓ ଜଳ ପରିଚାଳନା, ପିଏମ୍ ଇବସ୍ ସେବା, ଧରତି ଆବା ଜନଜାତିୟା ଗ୍ରାମ ଉତ୍କର୍ଷ ଅଭିଯାନ, ଜଳ ଜୀବନ ମିଶନ/ଜାତୀୟ ଗ୍ରାମୀଣ ପାନୀୟ ଜଳ ମିଶନ, ପ୍ରାଥମିକ କୃଷି ଋଣ ସୋସାଇଟିଗୁଡ଼ିକର କମ୍ପ୍ୟୁଟରୀକରଣ ଏବଂ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) ପାଇଁ ସଂଶୋଧିତ ଆକଳନ ବଜେଟ ଅଟକଳର ୪୦ ପ୍ରତିଶତରୁ କମ୍ ରହିଛି। ସେଥିରୁ ୬ଟି ଯୋଜନାରେ ବଜେଟର ୧୦ ପ୍ରତିଶତରୁ କମ୍ ଅର୍ଥ ଛଡ଼ାଯାଇଛି। ଜଳଜୀବନ ମିଶନ ବା ଜାତୀୟ ଗ୍ରାମୀଣ ପାନୀୟ ଜଳ ମିଶନ ପାଇଁ ବଜେଟରେ ୬୭ ହଜାର କୋଟି ଟଙ୍କା ବ୍ୟୟବରାଦ ହୋଇଥିବାବେଳେ ୯ ମାସରେ ଖର୍ଚ୍ଚ ହୋଇଛି ୩୧ ହଜାର କୋଟି। ବିକଶିତ ଭାରତ ପାଇଁ ପିଏମ୍ ସ୍କୁଲ୍ସ ଯୋଜନା ପାଇଁ ବଜେଟରେ ୭,୫୦୦ ବ୍ୟୟବରାଦ ହୋଇଥିବାବେଳେ ଖର୍ଚ୍ଚ ହୋଇଛି ମାତ୍ର ୪୭୩ କୋଟି ଟଙ୍କା। ସେହିପରି ପ୍ରଧାନମନ୍ତ୍ରୀ ଅନୁସୂଚିତ ଜାତି ଅଭ୍ୟୁଦୟ ଯୋଜନାରେ ୨,୧୪୦ କୋଟି ବଜେଟ ଅର୍ଥରୁ ଖର୍ଚ୍ଚ ହୋଇଛି ମାତ୍ର ୪୦ କୋଟି ଟଙ୍କା।

# ଘରୋଇ ବିମାନ ଦୁର୍ଘଟଣାରେ ୨ ଆହତ



ନୂଆଦିଲ୍ଲୀ,୮।୨

କର୍ଣ୍ଣାଟକର ବିଜୟପୁରା ଜିଲାରେ ରବିବାର ଅପରାହ୍ନରେ ଏକ ଘରୋଇ ପ୍ରଶିକ୍ଷଣ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ୨ ଆସନ ବିଶିଷ୍ଟ ଉକ୍ତ ବିମାନରେ ପାଇଲଟ ଓ ଅନ୍ୟ ଜଣେ ଥିବାବେଳେ ସେମାନଙ୍କୁ ଆହତ ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣାରେ ବିମାନଟି ଖଣ୍ଡ ଖଣ୍ଡ ହୋଇଯାଇଛି। ରେଡବାର୍ଡ ଫ୍ଲାଇଙ୍ଗ୍ ଟ୍ରେନିଂ ଏକାଡେମୀ ଲିମିଟେଡ୍ ଉକ୍ତ ବିମାନ ଚଳାଉଥିଲା। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ସୂଚନା ଅନୁଯାୟୀ, ସେସ୍‌ନା୧୭୨ ନାମକ ଉକ୍ତ ବିମାନକୁ ବେଙ୍ଗାଲୁରୁଠାରୁ ପୂର୍ବରେ ୧୦୦ କି.ମି. ଦୂର ବଗାଲକୋଟ ନିକଟରେ ଅବତରଣ ପାଇଁ ବାଧ କରାଯାଇଥିଲା। ବିମାନଟି କାଲାବୁରାଗିରୁ ବେଲଗାଭି ଯାଉଥିଲା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ପ୍ରାରମ୍ଭିକ ସୂଚନାରୁ ଜଣାପଡ଼ିଛି।

# ଜାପାନ ନିର୍ବାଚନ: ଶାସକ ମେଣ୍ଟ ବିଜୟୀ ହେବ

ଟୋକିଓ,୮।୨

## ଏକ୍‌ଜିଟ୍ ପୋଲ୍ ରିପୋର୍ଟ

ଜାପାନ ପାର୍ଲାମେଣ୍ଟର ନିମ୍ନ ସଦନ ପାଇଁ ରବିବାର ଅନୁଷ୍ଠିତ ନିର୍ବାଚନରେ ପ୍ରଧାନମନ୍ତ୍ରୀ ସାନାଏ ଟାକାଇଚିଙ୍କ ମେଣ୍ଟ ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ବିଜୟୀ ହେବା ଏକପ୍ରକାର ନିଶ୍ଚିତ ବୋଲି ଏକ୍‌ଜିଟ୍ ପୋଲ୍‌ରେ ପୂର୍ବାନୁମାନ କରାଯାଇଛି। ନିମ୍ନ ସଦନର ୪୬୫ ଆସନ ମଧ୍ୟରୁ ଲିବେରାଲ ଡେମୋକ୍ରାଟିକ୍ ପାର୍ଟି ନେତୃତ୍ୱରେ ଶାସକ ମେଣ୍ଟ ଦୁଇ-ତୃତୀୟାଂଶରୁ ଅଧିକ ଆସନ ଜିତିପାରେ ବୋଲି କୁହାଯାଉଛି। ବୃହତ୍ ଜନାଦେଶ ଫଳରେ ଟାକାଇଚି ଅର୍ଥନୀତି ଏବଂ ସାମରିକ ସାମର୍ଥ୍ୟ ବୃଦ୍ଧି ଦିଗରେ ବଡ଼ ପଦକ୍ଷେପ ନେବା ସୁଯୋଗ ପାଇବେ। ଚାଇନା ସହ ଜାପାନର ଉତ୍ତେଜନା ବଢ଼ିଥିବାରୁ ଟାକାଇଚି ଆମେରିକା ସହ ସମ୍ପର୍କ ବଢ଼ାଇବାକୁ ଉଦ୍ୟମ ଚଳାଇଛନ୍ତି।

# ଦୋଳି ଖସି ଇନ୍ସପେକ୍ଟର ମୃତ, ୧୩ ଆହତ

ଚଣ୍ଡିଗଡ଼,୮।୨

## ଅପରେଟରଙ୍କ ସମେତ ୨ ଗିରଫ

ହରିୟାଣାର ଫରିଦାବାଦରେ ଚାଲିଥିବା ସୁରଜକୁଣ୍ଡ ମେଳାରେ ରବିବାର ସୁନାମି ସ୍ୱିଙ୍ଗ(ଦୋଳି) ଖସିପଡ଼ିବାରୁ ଜଣେ ପୋଲିସ ଇନ୍ସପେକ୍ଟରଙ୍କ ମୃତ୍ୟୁ ଘଟିବା ୧୩ ଜଣ ଗୁରୁତର ଆହତ ହୋଇଥିଲେ। ଦୋଳି ଖେଳ ଚାଲିଥିଲାବେଳେ ହଠାତ୍ ଏହା ଖସିପଡ଼ିଥିଲା। ଫଳରେ ଏହା ତଳେ ଅନେକ ଲୋକ ଚାପିହୋଇ ଆହତ ହୋଇଥିଲେ। ସେମାନଙ୍କ ଉଦ୍ଧାର କାର୍ଯ୍ୟରେ ପୋଲିସ କର୍ମଚାରୀ ନିୟୋଜିତ ଥିବାବେଳେ ଦୋଳିର ଏକ ଖଣ୍ଡ ଡ୍ୟୁଟିରେ ଥିବା ଇନ୍ସପେକ୍ଟର ଜଗଦୀଶ ପ୍ରସାଦଙ୍କ ମୁଣ୍ଡରେ ବାଜିଥିଲା। ତାଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ଆହତମାନଙ୍କୁ ଚିକିତ୍ସା ଲାଗି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୋଲିସ ରବିବାର ଦୋଳିର ଅପରେଟର ଏବଂ ଜଣେ କର୍ମଚାରୀଙ୍କୁ ଗିରଫ କରିଛି। ୫୮ ବର୍ଷୀୟ ଜଗଦୀଶ ୧୯୮୯ରେ ହରିୟାଣା ସଶସ୍ତ୍ର ପୋଲିସରେ ଯୋଗଦେଇଥିଲେ। ଆସନ୍ତା ମାର୍ଚ୍ଚରେ ସେ ଅବସର ଗ୍ରହଣ କରିଥାନ୍ତେ। ଶନିବାର ଲୋକଙ୍କୁ ଉଦ୍ଧାର କରୁଥିବାବେଳେ ତାଙ୍କ ଜୀବନ ଚାଲିଯାଇଛି।

# ଅଭିଶପ୍ତ ଗାଁରେ ୨ ମହଲା ଘର ନାହିଁ



ରାଜସ୍ଥାନର ଚୁରୁ ଜିଲା ସର୍ଦ୍ଦାରସହର ତହସିଲରେ ଅବସ୍ଥିତ ଉଦସର ଗାଁ ଏକ ଅଜବ କାହାଣୀ ପାଇଁ ଜଣାଶୁଣା। ଏହି ଗାଁରେ କେହି ଦୁଇ ମହଲା ଘର ତିଆରି କରିନାହାନ୍ତି। ସ୍ଥାନୀୟ ଲୋକେ କୁହନ୍ତି ଏହା ଏକ ଅଭିଶପ୍ତ ଗାଁ। କେହି ଏଠାରେ ଦୁଇ ମହଲା ଘର ତିଆରି କଲେ ତାଙ୍କ ପରିବାର କଷ୍ଟର ସମ୍ମୁଖୀନ ହେବେ। ବିଶ୍ୱାସ କରାଯାଏ, ଏହି ଗାଁକୁ ୭୦୦ ବର୍ଷ ପୂର୍ବେ ଅଭିଶାପ ଦିଆଯାଇଥିଲା। ଏହା ସମଗ୍ର ଗାଁର ଜୀବନକୁ ବଦଳାଇ ଦେଇଥିଲା। ଆଜି ମଧ୍ୟ ଏହି ଗାଁରେ କେହି ଦୁଇ ମହଲା ଘର ତିଆରି କରିବାକୁ ସାହସ କରନ୍ତି ନାହିଁ। କାହାଣୀ ଅନୁଯାୟୀ, ୭୦୦ ବର୍ଷ ପୂର୍ବେ ଏହି ଗାଁରେ ଭେମିଆ ନାମକ ବ୍ୟକ୍ତି ରହୁଥିଲେ। ଚୋରମାନେ ଗାଁ ଲୋକଙ୍କ ପଶୁ ଚୋରି କରିବାକୁ ଲାଗିଲେ। ଚୋରମାନଙ୍କୁ ଦେଖି ଭେମିଆ ସେମାନଙ୍କ ସହିତ ଏକା ଯୁଦ୍ଧ କଲେ। ସେମାନେ ତାଙ୍କୁ ଗୁରୁତର କରି ରକ୍ତାକ୍ତ ଅବସ୍ଥାରେ ଛାଡ଼ିଦେଲେ। ଚୋରମାନଙ୍କଠାରୁ ରକ୍ଷା ପାଇବା ପାଇଁ ଭେମିଆ ତାଙ୍କ ଶ୍ୱଶୁର ଘରକୁ ଦୌଡ଼ି ଦ୍ୱିତୀୟ ମହଲାରେ ଲୁଚି ରହିଲେ। ଚୋରମାନେ ତାଙ୍କୁ ପିଛା କରି ଧରି ପକାଇଲେ ଓ ନିର୍ମମ ଭାବରେ ମାଡ଼ ମାରିଲେ। ଶେଷରେ ସେମାନେ ତାଙ୍କ ଗଳା କାଟିଦେଲେ। ଭେମିଆ ଲଢ଼େଇ ଜାରି ରଖି ଗାଁ ସୀମାରେ ପହଞ୍ଚିଲେ ଓ ତାଙ୍କ ଶରୀର ଉଦସର ଗାଁରେ ପଡ଼ିଗଲା। ଯେତେବେଳେ ଭେମିଆଙ୍କ ସ୍ତ୍ରୀ ଏହା ଜାଣିଲେ, ସେ କ୍ରୋଧିତ ହୋଇ ଗାଁ ଲୋକଙ୍କୁ ଅଭିଶାପ ଦେଲେ, ଗାଁରେ ଦ୍ୱିତୀୟ ମହଲାରେ ଯିଏ ଘର ତିଆରି କରିବ ସେ କଷ୍ଟରେ ରହିବ। ସେହିଦିନଠାରୁ ଉକ୍ତ ଗାଁର ଲୋକେ ଦୁଇ ମହଲା ଘର କରିବାକୁ ସାହସ କରନ୍ତି ନାହିଁ।

# ବାଣିଜ୍ୟ, ପ୍ରତିରକ୍ଷାରେ ସହଯୋଗ ବଢ଼ାଇବେ ଭାରତ, ମାଲେସିଆ

କୁଆଲାଲମ୍ପୁର,୮।୨(ପି.ଟି.)

## ୧୧ ଚୁକ୍ତିନାମା ସ୍ୱାକ୍ଷରିତ

ବାଣିଜ୍ୟ, ପୁଞ୍ଜିନିବେଶ, ପ୍ରତିରକ୍ଷା, ଶକ୍ତି, ଆଧୁନିକ ଉତ୍ପାଦନ ଏବଂ ସେମିକଣ୍ଡକ୍ଟର ଆଦି ସର୍ବାଧିକ ପ୍ରାଥମିକତା ଥିବା ସେକ୍ଟରରେ ଭାରତ ଓ ମାଲେସିଆ ସମ୍ପର୍କ ବଢ଼ାଇବା ପାଇଁ ରବିବାର ପ୍ରତିଜ୍ଞାବଦ୍ଧ ହୋଇଛନ୍ତି। ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ପାଇଁ ଉଭୟ ପକ୍ଷ ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି।

ମାଲେସିଆ ପ୍ରଧାନମନ୍ତ୍ରୀ ଅନ୍‌ୱାର ଇବ୍ରାହିମ୍‌ଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ପରେ ମୋଦି ଆତଙ୍କବାଦ ବିରୋଧରେ ଲଢ଼େଇରେ ଭାରତର ଆଭିମୁଖ୍ୟକୁ ଦୋହରାଇଛନ୍ତି। ଆତଙ୍କବାଦ ସମ୍ପର୍କରେ ଭାରତର ବାର୍ତ୍ତା ସ୍ପଷ୍ଟ, ଯେଉଁଥିରେ କୌଣସି ଦୋମୁହାଁ ନୀତି କିମ୍ବା ସାଲିସ୍ ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେମିକଣ୍ଡକ୍ଟର ସେକ୍ଟର ସମେତ ବିଭିନ୍ନ କ୍ଷେତ୍ରରେ ସହଯୋଗ ବଢ଼ାଇବା ପାଇଁ ଏହି ଅବସରରେ ଭାରତ ଓ ମାଲେସିଆ ମଧ୍ୟରେ ମୋଟ ୧୧ଟି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ବାଣିଜ୍ୟରେ ଭାରତୀୟ ଟଙ୍କା ଏବଂ ମାଲେସିଆର ରିଙ୍ଗିଟ୍ ବ୍ୟବହାରକୁ ପ୍ରୋତ୍ସାହନ ଦେବା ଉଦ୍ୟମକୁ ଉଭୟ ମୋଦି ଏବଂ ଇବ୍ରାହିମ୍ ପ୍ରଶଂସା କରିଛନ୍ତି। ରଣନୀତିକ ଆସ୍ଥା ଜରିଆରେ ଆର୍ଥିକ ପରିବର୍ତ୍ତନର ମାର୍ଗକୁ ପ୍ରଶସ୍ତ କରିବୁ ବୋଲି ମୋଦି କହିବା ସହ ଭାରତ-ମାଲେସିଆ ସମ୍ପର୍କକୁ ସ୍ୱତନ୍ତ୍ର ବୋଲି କହିଛନ୍ତି। ଆମେ ସାମୁଦ୍ରିକ ପଡ଼ୋଶୀ ଏବଂ ଅନେକ ଶହ ବର୍ଷ ଧରି ଦୁଇ ଦେଶର ଲୋକଙ୍କ ମଧ୍ୟରେ ନିବିଡ଼ ତଥା ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ରହିଆସିଛି ବୋଲି ପ୍ରଧାନମନ୍ତ୍ରୀ କହିବା ସହ ମାଲେସିଆରେ ଭାରତୀୟ କନ୍‌ସୁଲେଟ୍ ଜେନେରାଲ ସ୍ଥାପନ କରିବାକୁ ଘୋଷଣା କରିଛନ୍ତି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ମାଲେସିଆ ପ୍ରତିପକ୍ଷ ଅନ୍‌ୱାର ଇବ୍ରାହିମ୍।

ପ୍ରଧାନମନ୍ତ୍ରୀ ମୋଦି ରବିବାର ମାଲେସିଆରେ ପ୍ରମୁଖ ବ୍ୟବସାୟୀ ଓ ଶିଳ୍ପପତିମାନଙ୍କୁ ଭେଟି ଆଲୋଚନା କରିଛନ୍ତି। ଭାରତୀୟ ଅଭିବୃଦ୍ଧି ଉପରେ ସେଠାର କମ୍ପାନୀଗୁଡ଼ିକର ଆଗ୍ରହକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି। ସେ ପେଟ୍ରୋନାସ୍‌ର ଅଧ୍ୟକ୍ଷ ତଥା ଗ୍ରୁପ୍ ସିଇଓ ଟେଙ୍ଗ୍‌କୁ ମହମ୍ମଦ ତୌଫିକ, ବେର୍ଜାୟା କର୍ପୋରେଶନ ବୋର୍ଡର ପ୍ରତିଷ୍ଠାତା ଭିନ୍‌ସେଣ୍ଟ ଟାନ୍ ଚି ୟୁଉନ୍, ଖାଜାନା ନ୍ୟାଶନାଲ ବୋର୍ଡର ପରିଚାଳନା ନିର୍ଦ୍ଦେଶକ ଅମିରୁଲ ଫୈସଲ ୱାନ୍ ଜାହିର ଏବଂ ଫିସନ ଇଲେକ୍ଟ୍ରୋନିକ୍ସର ପ୍ରତିଷ୍ଠାତା ପୁଆ ଖେଇନ୍ ସେଙ୍ଗ୍‌କୁ ଭେଟିଥିଲେ।

# ପୂର୍ବ ଶତ୍ରୁତାରୁ ହତ୍ୟା, ୪ ଗିରଫ

## ଚା' ଦୋକାନ କର୍ମଚାରୀଙ୍କୁ ଛୁରି ଭୁସି ହତ୍ୟା ଘଟଣା

### ଧରାପଡ଼ିଲେ ଘଟଣାରେ ସମ୍ପୃକ୍ତ ନାବାଳକ



ରାଉରକେଲା, ୮।୨(ସଙ୍ଗୀତା ଜେନା)

ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ଷ୍ଟେଶନ ଛକ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଚା' ଦୋକାନ କର୍ମଚାରୀଙ୍କୁ ଛୁରି ଭୁସି ହତ୍ୟା ଘଟଣାରେ ପୋଲିସ ରବିବାର ଜଣେ ନାବାଳକଙ୍କୁ ଧରିଥିବାବେଳେ ୪ ଜଣଙ୍କୁ ଗିରଫ କରିଛି। ୪ ଅଭିଯୁକ୍ତ ହେଲେ ଗୋପବନ୍ଧୁପାଲୀ ଖଟାଲ ବସ୍ତି ହନୁମାନ ମନ୍ଦିର ନିକଟରେ ରହୁଥିବା ( ମାଷ୍ଟରମାଇଣ୍ଡ) ମୋହିତ ବାଜରା(୧୯), ଗୋପବନ୍ଧୁପାଲୀ ୱାର୍ଡ଼ ନଂ. ୩ର ଶୁଭମ୍ ପାଶ୍ୱାନ(୧୯), ବନ୍ଧମୁଣ୍ଡା ରେଲୱେ ଷ୍ଟେଶନ ରୋଡର ସିନ୍ଧୁ ତନ୍ତୀ(୨୪), ବୈଷ୍ଣୋଦେବୀ ମନ୍ଦିର ନିକଟ ଟିମ୍ବରକଲୋନୀର ରାଜବୀର ରାମ(୨୪)। ସେମାନଙ୍କ ନିକଟରୁ ହତ୍ୟାରେ ବ୍ୟବହୃତ ଏକ ଛୁରି, ମହିନ୍ଦ୍ରା ବୋଲେରୋ, ଗୋଟିଏ ବାଲେନୋ କାର ଓ ୫ଟି ମୋବାଇଲ ଫୋନ୍ ଜବତ ହୋଇଛି। ସମସ୍ତଙ୍କୁ ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ହତ୍ୟାକାଣ୍ଡ ହୋଇଥିବା ରବିବାର ଅପରାହ୍ନ ୨ଟାରେ ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ ସୂଚନା ପ୍ରଦାନ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଉତ୍ତରପ୍ରଦେଶ ବଳିଆ ଜିଲା ମୂଳନିବାସୀ ଅବିନାଶ ଯାଦବ (୩୫) ଗୋପବନ୍ଧୁପାଲୀ ଅଞ୍ଚଳରେ ରହି ରାଉରକେଲା ଷ୍ଟେଶନ ନିକଟ ଏକ ଚା' ଦୋକାନରେ କାମ କରୁଥିଲେ। ଶୁକ୍ରବାର ରାତି ପ୍ରାୟ ୯ଟା ୪୫ରେ ଅମର ଭବନ ନିକଟରେ ଶୌଚାଳୟରୁ ବାହାରୁଥିବାବେଳେ ଅବିନାଶଙ୍କୁ ୩ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ହଠାତ୍ ଛୁରିରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଅମର ଭବନ ବିବାହ ମଣ୍ଡପରେ ଡିଜେ ବାଜୁଥିବା ଯୋଗୁ ତାଙ୍କ ଚିତ୍କାର କେହି ଶୁଣି ପାରି ନ ଥିଲେ। ପରେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଜେପି ହସ୍ପିଟାଲକୁ ନିଆଯିବାବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତକ କାମ କରୁଥିବା ଚା' ଦୋକାନୀ ମାଲିକ ଦେବେନ୍ଦ୍ର ଯାଦବ ଥାନାରେ ଦେଇଥିବା ଏତଲା ଅନୁଯାୟୀ ପୋଲିସ ହତ୍ୟା ମାମଲା(ନଂ ୧୨୪/୨୬) ରୁଜୁ କରି ତଦନ୍ତ କରୁଥିଲା। ଏହାପାଇଁ ୨ଟି ସ୍ୱତନ୍ତ୍ର ଟିମ୍ ରାଉରକେଲା ଏସ୍‌ପିଙ୍କ ନେତୃତ୍ୱରେ ଗଠନ ହୋଇଥିଲା। ହତ୍ୟାର ୩୬ ଘଣ୍ଟା ମଧ୍ୟରେ ଅବିନାଶଙ୍କ ହତ୍ୟାରେ ସମ୍ପୃକ୍ତ ନାବାଳକ ଓ ୪ ଅଭିଯୁକ୍ତଙ୍କୁ ଧରିବାରେ ରାଉରକେଲା ପୋଲିସ ସଫଳ ହୋଇଛି। ଅଭିଯୁକ୍ତ ସିନ୍ଧୁଙ୍କ ବିରୋଧରେ ରାଉରକେଲାର ବିଭିନ୍ନ ଥାନାରେ ୩୬ଟି ଆପରାଧିକ ମାମଲା, ଶୁଭମଙ୍କ ୪ଟି, ନାବାଳକଙ୍କ ଗୋଟିଏ ଅପରାଧିକ ରେକର୍ଡ ରହିଥିବା ଜଣାପଡ଼ିଛି। ଏସ୍‌ପି ୱାଧୱାନୀ କହିଛନ୍ତି, ଶୁକ୍ରବାର ରାତିରେ ୩ ଜଣ ଅଭିଯୁକ୍ତ ଅବିନାଶଙ୍କୁ ଧାରୁଆ ଛୁରିରେ ଛାତିରେ ବାରମ୍ବାର ଭୁସି ଫେରାର ହୋଇଯାଇଥିଲେ। ୩ ଅଭିଯୁକ୍ତ କାଣ୍ଡ ଘିଆଇ ସାରିବା ପରେ ୨ ଜଣଙ୍କ ସହଯୋଗ ଲୋଡ଼ି ବନ୍ଧମୁଣ୍ଡା ଅଞ୍ଚଳରେ ରହୁଥିଲେ। ତେବେ ହତ୍ୟା ଅଭିଯୁକ୍ତଙ୍କୁ ସହଯୋଗ ଓ ଘରେ ଲୁଚାଇବା ଅଭିଯୋଗରେ ମୋଟ ୫ଜଣ ଧରାପଡ଼ିଛନ୍ତି। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ର, ଡିଏସ୍‌ପି ଯତୀନ୍ଦ୍ର କୁମାର ସେଠୀ, ପ୍ଲାଣ୍ଟସାଇଟ୍ ଥାନା ଅଧିକାରୀ ବିବସ୍ୱ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଅବିନାଶ ଉତ୍ତରପ୍ରଦେଶ ବଳିଆ ମାଳିପୁର ଅଞ୍ଚଳର। ସେ ପ୍ରାୟ ୧୦ ବର୍ଷ ହେଲା ଗୋପବନ୍ଧୁପାଲୀ ଅଞ୍ଚଳରେ ରହୁଥିଲେ। ରାଉରକେଲା ରେଳ ଷ୍ଟେଶନ ପାର୍କିଂ ଲଟ୍‌ରେ ଥିବା ଧର୍ମେନ୍ଦ୍ର ଯାଦବଙ୍କ ଚା'ଦୋକାନରେ କାମ କରୁଥିଲେ। ଆସନ୍ତା ଜୁନ୍ ୧୯ରେ ତାଙ୍କ ବିବାହ ଧାର୍ଯ୍ୟ ହୋଇଥିଲା।

# ମହିଳାଙ୍କୁ ଅସଦାଚରଣ ନେଇ ହୋମଗାର୍ଡଙ୍କୁ ମାଡ଼

## ଭିଡିଓ ଭାଇରାଲ ପରେ ମୁଖ୍ୟାଳୟକୁ ବଦଳି

ଚଣ୍ଡିଖୋଲ/ବଡ଼ଚଣା,୮।୨(ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ କୁମାର ମହାନ୍ତି)



ଜଣେ ମହିଳାଙ୍କୁ ବାରମ୍ବାର ପିଛା କରିବା, ଲୁଚିକରି ଦେଖିବା ଓ ଖରାପ ଇଙ୍ଗିତ କରିବା ଜଣେ ହୋମଗାର୍ଡଙ୍କ ପାଇଁ ମହଙ୍ଗା ପଡ଼ିଛି। ଗ୍ରାମର ମହିଳାମାନେ ରବିବାର ଏକତ୍ର ହୋଇ ସମ୍ପୃକ୍ତ ହୋମଗାର୍ଡଙ୍କୁ ମାଡ଼ମାରି ପୋଲିସ ଜିମା ଦେଇଛନ୍ତି। ଏଭଳି ଏକ ଘଟଣା ଘଟିଛି ଯାଜପୁର ଜିଲା ବଡ଼ଚଣା ଥାନା ଅନ୍ତର୍ଗତ ଧାନ ମଣ୍ଡଳ ଫାଣ୍ଡିରେ। ଏହି ଘଟଣାର ଭିଡିଓ ଭାଇରାଲ ଓ ଥାନା ଅଧିକାରୀଙ୍କ ସୂଚନା ଆଧାରରେ ଯାଜପୁର ଏସ୍‌ପି ସମ୍ପୃକ୍ତ ହୋମଗାର୍ଡଙ୍କୁ ଜିଲା ମୁଖ୍ୟାଳୟକୁ ବଦଳି କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଧାନମଣ୍ଡଳ ଫାଣ୍ଡିରେ କାର୍ଯ୍ୟରତ ଜଣେ ହୋମଗାର୍ଡ ନିକଟସ୍ଥ ଧାନମଣ୍ଡଳ ନିକଟରେ ଘରଭଡ଼ା ନେଇ ରହୁଥିଲେ। ସେ ଫାଣ୍ଡି ଗାଡ଼ି ଚଳାଉଥିଲେ। ଅଭିଯୋଗ ଅନୁଯାୟୀ, ଧାନମଣ୍ଡଳ ଗ୍ରାମର ଜଣେ ମହିଳାଙ୍କୁ ସେ ଖରାପ ଦୃଷ୍ଟିରେ ଦେଖୁଥିଲେ ଏବଂ ବେଳେବେଳେ ଖରାପ ଇଙ୍ଗିତ ମଧ୍ୟ କରୁଥିଲେ। ସମ୍ପୃକ୍ତ ମହିଳାଙ୍କ ସମେତ ସାହିର ଅନ୍ୟ ମହିଳାମାନେ ଏହାକୁ ବାରଣ କଲେ ମଧ୍ୟ କୌଣସି ପ୍ରଭାବ ପଡ଼ି ନ ଥିଲା। ତେଣୁ ଗ୍ରାମର ମହିଳାମାନେ ଏହାର ମୁକାବିଲା କରିବା ପାଇଁ ପ୍ରସ୍ତୁତି ହୋଇଥିଲେ। ସକାଳେ ଏକ ଗଛମୂଳରେ ହୋମଗାର୍ଡ ଜଣକ ଲୁଚି ବସିଥିଲେ। ଏହି ସମୟରେ ପୂର୍ବ ପ୍ରସ୍ତୁତି ଅନୁସାରେ ସାହିର କେତେଜଣ ମହିଳା ଆସି କାହିଁକି ଏଠି ବସିଛ ବୋଲି ପଚାରି ପ୍ରବଳ ମାଡ଼ ମାରିବା ସହିତ ତାଙ୍କୁ ଧାନମଣ୍ଡଳରୁ ତୁରନ୍ତ ବିଦା କରିବାକୁ ଦାବି କରିଥିଲେ। ଏପରିକି ଫାଣ୍ଡି ନିକଟକୁ ନେଇ ହୋହଲ୍ଲା କରିଥିଲେ। ମାଡ଼ ମାରିବା ସମୟର ଭିଡିଓକୁ କେହି ସାମାଜିକ ଗଣମାଧ୍ୟମରେ ପ୍ରସାରିତ କରିଥିଲେ। ଏହାପରେ ବଡ଼ଚଣା ଥାନା ଅଧିକାରୀ ସୁରେନ୍ଦ୍ର କୁମାର ଜେନା ଘଟଣା ସମ୍ପର୍କରେ ଯାଜପୁର ଏସ୍‌ପିଙ୍କୁ ଅବଗତ କରାଇଥିଲେ। ଏନେଇ କୌଣସି ଅଭିଯୋଗ ହୋଇ ନାହିଁ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି।

# ନିବେଶ ନାଁରେ ୫୦ ଲକ୍ଷ ଠକେଇ

## କୋଲକାତାରୁ ଜଣେ ସାଇବର ଠକ ଗିରଫ

ଭୁବନେଶ୍ୱର,୮।୨(ତ୍ରିନାଥ ମହାନ୍ତି)

ନିବେଶ ନାଁରେ ୫୦ ଲକ୍ଷ ଟଙ୍କା ଠକେଇ ହୋଇଥିବା ନେଇ ସାଇବର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଅରବିନ୍ଦ ପାଉଲଙ୍କୁ କୋଲକାତା ହୁଗୁଲିରୁ ଗିରଫ କରିଛି। ତାଙ୍କ ନିକଟରୁ ଏଟିଏମ୍ କାର୍ଡ, ପାଶ୍‌ବୁକ୍ ଓ ଅନ୍ୟାନ୍ୟ ଦସ୍ତାବିଜ ଜବତ ହୋଇଛି। ଠକେଇର ଶିକାର ବ୍ୟକ୍ତିଜଣକ ହେଉଛନ୍ତି ଭଗବାନ୍‌ପୁରରେ ରହୁଥିବା ଭାଗୀରଥି ମହାନ୍ତ। ଏକ ଅଜଣା ନମ୍ବରରୁ ତାଙ୍କ ନିକଟକୁ ମେସେଜ୍ ଆସିଥିଲା। ଅନ୍‌ଲାଇନ୍‌ରେ ଟଙ୍କା ବିନିଯୋଗ କରି ଦୁଇଗୁଣା ପାଇବାର ଲୋଭ ଦିଆଯାଇଥିଲା। ଭାଗୀରଥି ଉକ୍ତ ନମ୍ବରକୁ ଯୋଗାଯୋଗ କରିବା ପରେ ସାଇବର ଠକ ତାଙ୍କୁ ଏକାଧିକ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଆଡ୍ କରି ଅନ୍‌ଲାଇନ୍ ଟ୍ରେଡିଂ ପାଇଁ ପରାମର୍ଶ ଦେଇଥିଲେ। ଏଥିସହ ତାଙ୍କୁ ଏକ ଆପ୍‌ରେ ଟଙ୍କା ଲଗାଇବାକୁ କହି ଆକାଉଣ୍ଟ ନମ୍ବର ଦେଇଥିଲେ। ଭାଗୀରଥି ଉକ୍ତ ନମ୍ବରରେ ବିଭିନ୍ନ କିସ୍ତିରେ ୫୦ ଲକ୍ଷ ୧୬ ହଜାର ଟଙ୍କା ଜମା କରିଥିଲେ। ଏହାପରେ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଟଙ୍କା ଉଠାଇବାକୁ କୁହାଯାଇଥିଲା। ହେଲେ ଭାଗୀରଥି ନିର୍ଦ୍ଧାରିତ ସମୟରେ ଟଙ୍କା ଉଠାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା। ଏପରିକି ସେ ଯୋଡ଼ି ହୋଇଥିବା ଆପ୍‌ରେ ତାଙ୍କ ଆକାଉଣ୍ଟ ବ୍ଲକ୍ ହୋଇଯାଇଥିଲା। ସେ ଠକାମିର ଶିକାର ହୋଇଥିବା ଜାଣି ସାଇବର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରିବା ପରେ ଏହି ନେଟୱର୍କ କୋଲକାତା, ମହାରାଷ୍ଟ୍ର ଏବଂ ଗୁଜରାଟକୁ ଲମ୍ବିଥିବା ଜଣାପଡ଼ିଥିଲ। ଭାଗୀରଥିଙ୍କ ଆକାଉଣ୍ଟରୁ ଯାଇଥିବା ଟଙ୍କା ମହାରାଷ୍ଟ୍ର ଏବଂ ଗୁଜରାଟର ଏକାଧିକ ଆକାଉଣ୍ଟକୁ ଯାଇଥିବା ଜଣାପଡ଼ିଥିଲା। ତେବେ ପ୍ରଥମ ଟଙ୍କା ଅଭିଯୁକ୍ତ ଅରବିନ୍ଦଙ୍କ ଆକାଉଣ୍ଟକୁ ଯାଇଥିଲା। ତେଣୁ ପୋଲିସ ଟିମ୍ କୋଲକାତା ହୁଗୁଲିରେ ଚଢ଼ାଉ କରି ଅରବିନ୍ଦଙ୍କୁ ଗିରଫ କରିବା ସହ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି।



ଅରବିନ୍ଦ ପାଉଲ

ଏହି ଅନ୍‌ଲାଇନ୍ ଟ୍ରେଡିଂ ର୍‍ୟାକେଟ ଦେଶର ବିଭିନ୍ନ ସ୍ଥାନକୁ ଲମ୍ବିଛି। ସାଇବର ଠକ ହ୍ୱାଟ୍ସଆପ୍‌ରେ ଲିଙ୍କ୍ ପଠାଇବା ସହ ଟେଲିଗ୍ରାମ୍ ଆପ୍‌ରେ ଗ୍ରୁପ୍ କରି ଲୋକଙ୍କୁ ଠକୁଛନ୍ତି। ଗତ ଜାନୁଆରୀରୁ ବର୍ତ୍ତମାନ ସୁଦ୍ଧା ଭୁବନେଶ୍ୱରରେ ୧୫ଜଣ ଲୋକ ଏଭଳି ଠକାମିର ଶିକାର ହୋଇଛନ୍ତି। ତେଣୁ ଏଭଳି ଅଜଣା ଲିଙ୍କ୍ ଓ ଗ୍ରୁପ୍ ସହ ଯୋଡ଼ି ହୋଇ ଟଙ୍କା ନ ଲଗାଇବାକୁ କମିଶନରେଟ ପୋଲିସ ପରାମର୍ଶ ଦେଇଛି।

# ମାଡ଼ ଖାଇଲେ ମା', ମାଉସୀ

## ଝିଅର ପ୍ରେମ ବିବାହକୁ ବିରୋଧ

ଭଦ୍ରକ,୮।୨(ସନାତନ ରାଉତ)

ପ୍ରେମ ବିବାହକୁ ବିରୋଧ କରିବାରୁ ଝିଅର ଶାଶୁଘର ଲୋକଙ୍କଠାରୁ ମାଡ଼ ଖାଇଲେ ମା' ଓ ମାଉସୀ। ଅକ୍ରମଣରେ ମା', ମାଉସୀଙ୍କ ସମେତ ୪ଜଣ ଆହତ ହୋଇଛନ୍ତି। ଭଦ୍ରକ ବ୍ଲକ ସାବରଙ୍ଗ ଥାନା ଅଧୀନ ଗୋପାଳବିନ୍ଧା ଗ୍ରାମରେ ଶନିବାର ଅପରାହ୍ନରେ ଏଭଳି ଘଟଣା ଘଟିଛି। ଆହତମାନେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁଯାୟୀ, କେଶପୁର ଗ୍ରାମର ସସ୍ମିତା ପଣ୍ଡାଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କର ୨୨ ବର୍ଷିୟା ଝିଅ ପରିବାରର ବିରୋଧ ସତ୍ତ୍ୱେ ସେହି ଗ୍ରାମର ଜଣେ ଯୁବକଙ୍କୁ କିଛିଦିନ ତଳେ ପ୍ରେମ ବିବାହ କରିଥିଲେ। ଏହି ବିବାହକୁ ବିରୋଧ କରି ସସ୍ମିତା ଓ ତାଙ୍କ ଭଉଣୀ ଥାନାର ଦ୍ୱାରସ୍ଥ ହୋଇଥିଲେ। ଝିଅକୁ ଫେରାଇ ଆଣିବା ପାଇଁ ସେମାନେ ବାରମ୍ବାର ଥାନାକୁ ଯାଇ ଯୋଗାଯୋଗ କରୁଥିଲେ। ଏହାକୁ ନେଇ ଉଭୟ ପରିବାର ମଧ୍ୟରେ ବିବାଦ ଆରମ୍ଭ ହୋଇଥିଲା। ତାଙ୍କ ଭଉଣୀ ରଶ୍ମିତା ଗ୍ରୁପ୍ ଟଙ୍କା ଆଦାୟ କରିବାକୁ ସେହି ଗାଁ ଦେଇ ଯାଉଥିବା ବେଳେ ଝିଅର ଶାଶୁଘର ଲୋକେ ତାଙ୍କୁ ଗାଁ ଦାଣ୍ଡରେ ଅତର୍କିତ ଆକ୍ରମଣ କରିଥିଲେ। ଏହି ଘଟଣାକୁ ନେଇ ରଶ୍ମିତା ଥାନାକୁ ଯାଇଥିବା ବେଳେ ଖବରପାଇ ସସ୍ମିତା ଜଣେ ସମ୍ପର୍କୀୟଙ୍କ ସହ ବାଇକ୍‌ରେ ଥାନାକୁ ଯାଉଥିଲେ। ଯିବା ବାଟରେ ସେମାନଙ୍କୁ ମଧ୍ୟ ଆକ୍ରମଣ କରାଯାଇଥିବା ସସ୍ମିତା ଅଭିଯୋଗରେ ଦର୍ଶାଇଛନ୍ତି। ସସ୍ମିତାଙ୍କ ଅଭିଯୋଗକ୍ରମେ ଏକ ମାମଲା(ନଂ.୪୩/୨୬) ରୁଜୁ ହୋଇଛି। ଅପରପକ୍ଷେ ସସ୍ମିତାଙ୍କ ଝିଅର ଶାଶୁଘର ଲୋକେ ସେମାନଙ୍କୁ ଆକ୍ରମଣ କରାଯାଇଥିବା ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ଏନେଇ ଏକ ମାମଲା (ନଂ.୪୫/୨୬) ରୁଜୁ ହୋଇଛି। ସାବରଙ୍ଗ ଥାନାଧିକାରୀ ଶାନ୍ତନୁ କୁମାର ଜେନା କହିଛନ୍ତି, ପ୍ରେମ ବିବାହକୁ ନେଇ ୨ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟି ୬ଜଣ ଆହତ ହୋଇଛନ୍ତି। ଉଭୟ ପକ୍ଷରୁ ଅଭିଯୋଗ ହୋଇଥିବା ବେଳେ ୨ଟି ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି।

Business

# ବଜାରରେ ହୋଣ୍ଡାର ୨ ନୂଆ ଉତ୍ପାଦ







ଭୁବନେଶ୍ୱର,୮।୨(ଅନୁରାଧା ମହାରଣା)

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ୍ (ଏଚ୍‌ଏମ୍‌ଏସ୍‌ଆଇ) ପକ୍ଷରୁ ଦୁଇଟି ନୂଆ ଉତ୍ପାଦ ବଜାରରେ ଉପଲବ୍ଧ ହୋଇଛି। ଡିଓ ୧୨୫ ଏକ୍ସ-ଏଡିସନ୍‌ର ମୂଲ୍ୟ ୮୭,୭୩୩ ଟଙ୍କା ରହିଥିବାବେଳେ ଶାଇନ୍ ୧୨୫ ଲିମିଟେଡ୍ ଏଡିଶନ୍‌ର ମୂଲ୍ୟ ୮୬,୨୧୧ ଟଙ୍କା (ଦିଲ୍ଲୀ-ଏକ୍ସ ଶୋ'ରୁମ୍) ରହିଛି। ଉଭୟ ସ୍ୱତନ୍ତ୍ର ଏଡିଶନ୍‌ର ଗାଡ଼ି ଆକର୍ଷଣୀୟ ନୂଆ ଗ୍ରାଫିକ୍ସ ଓ ପ୍ରିମିୟମ ଡିଜାଇନ ଉନ୍ନତି ସହ ଆସିଛି। ଏଚଏମଏସଆଇର ପରିଚାଳନା ନିର୍ଦ୍ଦେଶକ, ସଭାପତି ଓ ସିଇଓ ସୁଟସୁମୁ ଓଟାନି କହିଛନ୍ତି, ହୋଣ୍ଡାରେ ଆମେ ସର୍ବଦା ଏଭଳି ଉତ୍ପାଦ ଆଣିବାକୁ ଉଦ୍ୟମ କରୁଛୁ, ଯାହା ଭାରତର ନୂଆ ପିଢ଼ିର ଚାଳକଙ୍କ ଆକାଂକ୍ଷା ସହ ଖାପ ଖାଉଥିବ। ଏଚ୍‌ଏମ୍‌ଏସ୍‌ଆଇର ନିର୍ଦ୍ଦେଶକ (ସେଲସ୍ ଓ ମାର୍କେଟିଂ) ଯୋଗେଶ ମାଥୁର କହିଛନ୍ତି, ହୋଣ୍ଡାର ନିଜସ୍ୱ ଜେନ୍-ଜି ଡିଜାଇନ ଟିମ୍ ଦ୍ୱାରା ବିକାଶ କରାଯାଇଥିବା ଡିଓ ୧୨୫ ଏକ୍ସ-ଏଡିଶନ ଏକ ଶକ୍ତିଶାଳୀ ଓ ଯୁବସୁଲଭ ଶକ୍ତିକୁ ଆକାର ପ୍ରଦାନ କରିଛି, ଯାହାକୁ ଆଜିର ଯୁବ ଚାଳକଙ୍କ ବ୍ୟକ୍ତିତ୍ୱକୁ ପ୍ରତିଫଳିତ କରିବାକୁ ଗଠନ କରାଯାଇଛି।

# ଓଡ଼ିଶାରେ ଏଆଇ ପାର୍କ ପାଇଁ ୨୦ ହଜାର କୋଟି ନିବେଶ ପ୍ରସ୍ତାବ

ଭୁବନେଶ୍ୱର,୮।୨(ଅନୁରାଧା ମହାରଣା)

ଓଡ଼ିଶା ଏକ ନୂତନ ଡିଜିଟାଲ ପରିବର୍ତ୍ତନ ଯୁଗର ଦ୍ୱାରଦେଶରେ ଠିଆ ହୋଇଛି। ରାଜ୍ୟରେ ପ୍ରଚୁର ଭୌତିକ ସାମର୍ଥ୍ୟ ରହିଆସିଛି। ଏହା ଖଣିଜ ପଦାର୍ଥରେ ସମୃଦ୍ଧ, ଶକ୍ତି ବଳକା ଏବଂ ଶିଳ୍ପ ବିକାଶରେ ଦୃଢ଼ ରହିଛି । ଏହି ରଣନୀତିକ ସୁବିଧାକୁ ଡିଜିଟାଲ ଇଣ୍ଟେଲିଜେନ୍ସରେ ପରିବର୍ତ୍ତନ ଲାଗି ପ୍ରୟାସ କରାଯାଉଛି। ଏକ ସାର୍ବଭୌମ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା ଏଆଇ କ୍ଷମତା ହବ ବିକାଶ ପାଇଁ ଓଡ଼ିଶା ସର୍ବମ ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଏହା ଓଡ଼ିଶାକୁ ଭାରତର ଅଗ୍ରଣୀ ଏଆଇ କ୍ଷମତା ପ୍ରଦାନକାରୀ ଭାବରେ ଉଭା କରିଛି। ରାଜ୍ୟରେ ଏଆଇ ପାର୍କ ବିକାଶ ପାଇଁ ୨୦ ହଜାର କୋଟି ଟଙ୍କାର ନିବେଶ ପ୍ରସ୍ତାବ ରହିଛି । ସର୍ବମ ଏଆଇ ଓଡ଼ିଶା ସରକାରଙ୍କ ସହାୟତାରେ ୨୫ ହଜାର ଜିପିୟୁ ହୋଷ୍ଟ କରିବାକୁ ସକ୍ଷମ ଏକ ୫୦ ମେଗାୱାଟ ଏଆଇ ଅପ୍ଟିମାଇଜ୍ଡ ସୁବିଧା ବିକଶିତ କରିବାକୁ ଯୋଜନା କରିଛି। ଏହି ଭିତ୍ତିଭୂମିକୁ ଦ୍ୱୈତ ଉଦ୍ଦେଶ୍ୟ ନେଇ ଡିଜାଇନ କରାଯିବ। ପ୍ରଥମତଃ, ଏହା ରାଜ୍ୟର ଏଆଇ ସାର୍ବଜନୀନ ଉପଯୋଗିତା ଭାବରେ କାର୍ଯ୍ୟ କରିବ। ଏହା ଇ-ଗଭର୍ନାନ୍ସ, ସାଟେଲାଇଟ ଏବଂ ପାଣିପାଗ ତଥ୍ୟ ବ୍ୟବହାର କରି କୃଷି ପରାମର୍ଶ, ସ୍ୱାସ୍ଥ୍ୟସେବା ଟ୍ରାଇଏଜ ଏବଂ ନାଗରିକ ସହାୟତା ତଥା ବହୁଭାଷୀ ନାଗରିକ ସେବା ଇଣ୍ଟରଫେସ୍କୁ ସମର୍ଥନ କରିବ। ଫଳରେ ଜନସଂଖ୍ୟା ସ୍ତରରେ ଅଧିକ ସୁଲଭ ଏବଂ ପ୍ରତିକ୍ରିୟାଶୀଳ ଜନସେବାକୁ ସକ୍ଷମ କରାଯାଇପାରିବ। ଏହା ଓଡ଼ିଶାକୁ ଭାରତର କମ୍ପ୍ୟୁଟ ମେରୁଦଣ୍ଡ ଭାବରେ ସ୍ଥାନିତ କରିବ। ଯଦି ସାର୍ବଭୌମ କ୍ଷମତା ବ୍ୟାପକ ଭାବେ ନିର୍ମାଣ କରା ନ ଯାଏ, ତେବେ ଭାରତର ଏଆଇ ଅଭିବୃଦ୍ଧି କମ୍ପ୍ୟୁଟ-ସୀମିତ ହେବ। ତେଣୁ ଏହି ହବ କେବଳ ଓଡ଼ିଶାକୁ ସେବା କରିବ ନାହିଁ ବରଂ ଅନ୍ୟ ରାଜ୍ୟ ଏବଂ ଜାତୀୟ ପ୍ଲାଟଫର୍ମଗୁଡ଼ିକୁ ନିର୍ଭରଯୋଗ୍ୟ, ଉତ୍ପାଦନ-ଗ୍ରେଡ ଏଆଇ କ୍ଷମତା ପ୍ରଦାନ କରି ଏକ ଦେଶବ୍ୟାପୀ କମ୍ପ୍ୟୁଟ ଗ୍ରୀଡ ପ୍ରଦାନ କରିବ।

## ରୁଷିଆ ମେଡିକାଲ ୟୁନିଭର୍ସିଟିରେ ଛୁରାମାଡ଼, ୪ ଭାରତୀୟ ଛାତ୍ର ଆହତ

ମସ୍କୋ,୮।୨

ରୁଷିଆର ଉଫାସ୍ଥିତ ମେଡିକାଲ ୟୁନିଭର୍ସିଟି ସ୍ପୋର୍ଟସ୍ ହଲ୍‌ରେ ରବିବାର ବିଦେଶୀ ଛାତ୍ରମାନଙ୍କ ଉପରେ ଜଣେ ସ୍ଥାନୀୟ ଯୁବକ ଛୁରିରେ ଆକ୍ରମଣ କରିଛନ୍ତି। ଏହି ଘଟଣାରେ ୪ ଭାରତୀୟ ଛାତ୍ରଙ୍କ ସମେତ ୮ଜଣ ଆହତ ହୋଇଛନ୍ତି। ଯୁବକ ଜଣଙ୍କୁ ଗିରଫ କରିବାକୁ ଯାଇ ୨ ପୋଲିସ ଅଧିକାରୀ ମଧ୍ୟ ଆହତ ହୋଇଛନ୍ତି। ଆକ୍ରମଣର କାରଣ ସ୍ପଷ୍ଟ ହୋଇ ନଥିବା ବେଳେ ଯୁବକଙ୍କୁ ପୋଲିସ ଗିରଫକରି ପଚରାଉଚରା କରୁଥିବା ଆଭ୍ୟନ୍ତରୀଣ ସୁରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

# ୯ ମାସର ଆର୍ଥିକ ଫଳାଫଳ ଘୋଷଣାକଲା ଏଲ୍‌ଆଇସି

ଭୁବନେଶ୍ୱର,୮।୨(ଅନୁରାଧା ମହାରଣା)

ଭାରତୀୟ ଜୀବନ ବିମା ନିଗମ (ଏଲଆଇସି) ୨୦୨୫ ଡିସେମ୍ବର ୩୧ରେ ସମାପ୍ତ ୯ ମାସର ଆର୍ଥିକ ଫଳାଫଳରେ ଉତ୍ସାହଜନକ ପ୍ରଦର୍ଶନ ଦର୍ଶାଇଛି। ଏହି ଅବଧିରେ ଟିକସ ପରେ ଲାଭ ୧୬.୬୮% ବୃଦ୍ଧି ପାଇ ୩୩,୯୯୮ କୋଟି ଟଙ୍କାରେ ପହଞ୍ଚିଛି। ସମଗ୍ର ପ୍ରିମିୟମ ଆୟ ୯.୦୨ ପ୍ରତିଶତ ବଢ଼ି ୩,୭୧,୨୯୩ କୋଟି ଟଙ୍କା ହୋଇଛି। ବ୍ୟକ୍ତିଗତ ବ୍ୟବସାୟରେ ନନ-ପାର୍ ଏପିଇ ୪୭.୪୪% ବୃଦ୍ଧି ପାଇ ୧୦,୦୪୫ କୋଟି ଟଙ୍କାରେ ପହଞ୍ଚିଛି, ଯାହା ବ୍ୟକ୍ତିଗତ ବ୍ୟବସାୟରେ ଏହାର ଅଂଶକୁ ୩୬.୪୬ ପ୍ରତିଶତକୁ ବଢ଼ାଇଛି। ସମଗ୍ର ଏପିଇ ୧୫.୮୮ ପ୍ରତିଶତ ବୃଦ୍ଧି ପାଇ ୪୪,୦୦୭ କୋଟି ଟଙ୍କା ହୋଇଛି। ନୂଆ ବ୍ୟବସାୟର ମୂଲ୍ୟ (ଭିଏନ୍‌ବି) ୨୭.୯୬% ବଢ଼ି ୮,୨୮୮ କୋଟି ଟଙ୍କା ହୋଇଛି ଏବଂ ନେଟ ଭିଏନବି ମାର୍ଜିନ ୧୭୦ ବେସିସ ପଏଣ୍ଟ ବୃଦ୍ଧି ପାଇ ୧୮.୮%ରେ ପହଞ୍ଚିଛି। ଆସେଟ୍ସ ଅଣ୍ଡର୍ ମ୍ୟାନେଜମେଣ୍ଟ ୮.୦୧ ପ୍ରତିଶତ ବଢ଼ି ୫୯,୧୬,୬୮୦ କୋଟି ଟଙ୍କା ହୋଇଛି। ସଲଭେନ୍ସି ଅନୁପାତ ୨.୦୨ରୁ ବଢ଼ି ୨.୧୯ ହୋଇଛି ଏବଂ ଖର୍ଚ୍ଚ ଅନୁପାତ ୧୩୨ ବେସିସ ପଏଣ୍ଟ ହ୍ରାସ ପାଇ ୧୧.୬୫%ରେ ପହଞ୍ଚିଛି। ପ୍ରଥମ ବର୍ଷ ପ୍ରିମିୟମ ଆଧାରରେ ଏଲ୍‌ଆଇସିର ବଜାର ଅଂଶ ୫୭.୦୭% ରହିଛି। ଏଲ୍‌ଆଇସିର ସିଇଓ ଆର୍. ଡୋରାଇସ୍ୱାମୀ କହିଛନ୍ତି ଯେ ନନ-ପାର୍ ଅଂଶ ଓ ଭିଏନବି ମାର୍ଜିନରେ ଉନ୍ନତି ସହ ବିମା ସଖୀ ଯୋଜନା ଅଧୀନରେ ୨.୯୭ ଲକ୍ଷରୁ ଅଧିକ ମହିଳା ଏଜେଣ୍ଟ ନିଯୁକ୍ତ ହୋଇଛନ୍ତି ଏବଂ କମ୍ପାନୀ ୨୦୪୭ ସୁଦ୍ଧା 'ସମସ୍ତଙ୍କ ପାଇଁ ବୀମା' ଲକ୍ଷ୍ୟ ଆଡ଼କୁ ଅଗ୍ରସର ହୋଇଛି।

# ସମ୍ପୂର୍ଣ୍ଣ ହୋଇଛି ୧୬୨ ଅମୃତ ଭାରତ ଷ୍ଟେଶନ କାର୍ଯ୍ୟ

## ଅଶ୍ୱିନୀ ବୈଷ୍ଣବଙ୍କ ସୂଚନା

ଭୁବନେଶ୍ୱର,୮।୨
(ଅନୁରାଧା ମହାରଣା)



ଅଶ୍ୱିନୀ ବୈଷ୍ଣବ।

ଦେଶରେ ଷ୍ଟେଶନଗୁଡ଼ିକର ପୁନର୍ବିକାଶ ପାଇଁ ରେଳ ମନ୍ତ୍ରଣାଳୟ ଅମୃତ ଭାରତ ଷ୍ଟେଶନ ଯୋଜନା ଆରମ୍ଭ କରିଛି। ଏହି ଯୋଜନା ଅଧୀନରେ ଦେଶରେ ୧୬୨ଟି ଅମୃତ ଭାରତ ଷ୍ଟେଶନର କାର୍ଯ୍ୟ ସମାପ୍ତ ହୋଇଥିବା କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। ଯୋଜନା ଅନୁସାରେ, ଷ୍ଟେଶନ ଏବଂ ଆଖପାଖ ଅଞ୍ଚଳର ଉନ୍ନତି ସହରର ଉଭୟ ପାର୍ଶ୍ୱ ସହିତ ଷ୍ଟେଶନର ସଂଯୋଗୀକରଣ ଷ୍ଟେଶନ ଭବନର ଉନ୍ନତୀକରଣ କରାଯାଉଛି। ପ୍ରତୀକ୍ଷା କକ୍ଷ, ଶୌଚାଳୟ, ବସିବା ବ୍ୟବସ୍ଥା, ଜଳ ବୁଥଗୁଡ଼ିକର ଉନ୍ନତି କରାଯାଉଛି। ଯାତ୍ରୀ ଯାତାୟାତ ଅନୁକୂଳ ପ୍ରଶସ୍ତ ଫୁଟ ଓଭର ବ୍ରିଜ, ଏୟାର କନକୋର୍ସ ବ୍ୟବସ୍ଥା, ଲିଫ୍ଟ, ଏସ୍କାଲେଟର, ରାମ୍ପର ବ୍ୟବସ୍ଥା ପ୍ଲାଟଫର୍ମ ଚଟାଣ ଏବଂ ପ୍ଲାଟଫର୍ମ ଛାତର ଉନ୍ନତି ବ୍ୟବସ୍ଥା କରାଯାଉଛି। ସେହିପରି 'ୱାନ ଷ୍ଟେଶନ ୱାନ ପ୍ରଡକ୍ଟ' ଭଳି ଯୋଜନା ମାଧ୍ୟମରେ ସ୍ଥାନୀୟ ଉତ୍ପାଦ ପାଇଁ କିଓସ୍କ ବ୍ୟବସ୍ଥା, ପାର୍କିଂ କ୍ଷେତ୍ର, ବହୁମୁଖୀ ସଂଯୋଗୀକରଣ ଦିବ୍ୟାଙ୍ଗଜନଙ୍କ ପାଇଁ ସୁବିଧା, ଉନ୍ନତ ଯାତ୍ରୀ ସୂଚନା ବ୍ୟବସ୍ଥା, ପ୍ରତ୍ୟେକ ଷ୍ଟେଶନର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅତ୍ୟାଧୁନିକ ଲାଉଞ୍ଜ, ବ୍ୟବସାୟିକ ବୈଠକ ପାଇଁ ମନୋନୀତ ସ୍ଥାନ, ଲ୍ୟାଣ୍ଡସ୍କେପିଙ୍ଗ ଇତ୍ୟାଦି ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଉଛି। ଏହି ଯୋଜନାରେ ସ୍ଥାୟୀ ଏବଂ ପରିବେଶ ଅନୁକୂଳ, ଆବଶ୍ୟକତା ଅନୁଯାୟୀ ବାଲାଷ୍ଟଲେସ ଟ୍ରାକ ଇତ୍ୟାଦି ବ୍ୟବସ୍ଥା, ପର୍ଯ୍ୟାୟ ଏବଂ ସମ୍ଭାବ୍ୟତା ଏବଂ ଦୀର୍ଘକାଳୀନ ଷ୍ଟେଶନରେ ସିଟି ସେଣ୍ଟର ସୃଷ୍ଟି କରିବାର ପରିକଳ୍ପନା କରାଯାଇଛି। ଏହି ଯୋଜନା ଅଧୀନରେ ବିକାଶ ପାଇଁ ଏ ପର୍ଯ୍ୟନ୍ତ ୧୩୩୭ଟି ଷ୍ଟେଶନ ଚିହ୍ନଟ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୧୬୨ଟି ଷ୍ଟେଶନର କାର୍ଯ୍ୟ ଶେଷ ହୋଇଛି।

ରେଳ ଷ୍ଟେଶନରେ ମାଗଣା ଷ୍ଟଲ ଆବଣ୍ଟନ ପାଇଁ ବର୍ତ୍ତମାନର ନୀତିରେ କୌଣସି ବ୍ୟବସ୍ଥା ନାହିଁ।

# ଟାଟା ଷ୍ଟିଲ୍‌କୁ ୨୬୩୦ କୋଟିର ନେଟ୍ ଲାଭ

ଭୁବନେଶ୍ୱର,୮।୨
(ଅନୁରାଧା ମହାରଣା)

ଟାଟା ଷ୍ଟିଲ ପକ୍ଷରୁ ୨୦୨୬-୨୭ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକରେ ୨୬୩୦ କୋଟି ଟଙ୍କାର ନେଟ୍ ଲାଭ ହାସଲ କରାଯାଇଛି। ଏହା ଗତବର୍ଷ ତୁଳନାରେ ୮୨୫% ବୃଦ୍ଧି ପାଇଛି। ୨୦୨୫ ଅକ୍ଟୋବରରୁ ଡିସେମ୍ବର ତିନି ମାସରେ କମ୍ପାନୀର ଆୟ ୫୭,୦୦୨ କୋଟି ଟଙ୍କା ଏବଂ ଏବିଡଟା ୮୩୦୯ କୋଟି ଟଙ୍କା ହୋଇଛି। ଏବିଡଟା ଗତ ବର୍ଷ ତୁଳନାରେ ୩୯% ବୃଦ୍ଧି ପାଇଛି। ଭାରତରେ କମ୍ପାନୀର ଆୟ ୩୫,୬୨୫ କୋଟି ଟଙ୍କା ଓ ଏବିଡଟା ୮୨୯୨ କୋଟି ଟଙ୍କା ହୋଇଛି, ଯାହା ୨୩% ମାର୍ଜିନ ସୃଷ୍ଟି କରିଛି। ଅଶୋଧିତ ଇସ୍ପାତ ଉତ୍ପାଦନ ଗତ ବର୍ଷ ତୁଳନାରେ ୧୨% ବଢ଼ି ୬.୩୪ ନିୟୁତ ଟନ୍ ହୋଇଛି । ନେଦରଲାଣ୍ଡସରେ କମ୍ପାନୀର ଆୟ ୧୩୫୪ ନିୟୁତ ୟୁରୋ ଓ ଏବିଡଟା ୫୫ ନିୟୁତ ୟୁରୋ ହୋଇଛି। ତରଳ ଇସ୍ପାତ ଉତ୍ପାଦନ ୧.୬୮ ନିୟୁତ ଟନ୍ ଓ ଯୋଗାଣ ୧.୪୦ ନିୟୁତ ଟନ୍ ହୋଇଛି। ବ୍ରିଟେନରେ କମ୍ପାନୀର ଆୟ ୪୬୮ ନିୟୁତ ପାଉଣ୍ଡ ଓ ଡେଲିଭରି ୦.୫୨ ନିୟୁତ ଟନ୍ ରହିଛି। କମ୍ପାନୀ ଏହି ତିନି ମାସରେ ପୁଞ୍ଜି ବ୍ୟୟ ୩୨୯୧ କୋଟି ଟଙ୍କା ଏବଂ ୯ ମାସରେ ୧୦,୩୭୦ କୋଟି ଟଙ୍କା ରହିଛି । ନିଟ୍ ଋଣ ତ୍ରୟମାସିକ ଭିତ୍ତିରେ ୫୨୦୬ କୋଟି ଟଙ୍କା ହ୍ରାସ ପାଇଁ ୮୧,୮୩୪ କୋଟି ଟଙ୍କା ହୋଇଛି। ଟାଟା ଷ୍ଟିଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ପରିଚାଳନା ନିର୍ଦ୍ଦେଶକ ଟି. ଭି. ନରେନ୍ଦ୍ରନ କହିଛନ୍ତି , 'ଆମର ବିଶ୍ୱ ପରିଚାଳନା ପରିବେଶ ଟାରିଫ୍, ଭୂ-ରାଜନୈତିକ ପରିବର୍ତ୍ତନ ଏବଂ ନୀତି ପାର୍ଥକ୍ୟ ଯୋଗୁ ପ୍ରଭାବିତ ହେଉଛି। ଟାଟା ଷ୍ଟିଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ମୁଖ୍ୟ ଆର୍ଥିକ ଅଧିକାରୀ କୌଶିକ ଚଟ୍ଟୋପାଧ୍ୟାୟ କହିଛନ୍ତି, ଏକ ଆହ୍ୱାନପୂର୍ଣ୍ଣ ପରିଚାଳନା ପରିବେଶ ସତ୍ତ୍ୱେ ଟାଟା ଷ୍ଟିଲ ସ୍ଥିର ପ୍ରଦର୍ଶନ ଦେଇଛି ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓପନ ଚେସ୍: ସଞ୍ଜୀବନ ଚାମ୍ପିୟନ





ପୁରସ୍କାର ସହ ଚାମ୍ପିୟନ ସଞ୍ଜୀବନ ନାୟକ।

ଭୁବନେଶ୍ୱର, ୮।୨ (ତପନ ସ୍ୱାଇଁ)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ୯ମ ରାଧା ରମଣ ପାଣିଗ୍ରାହୀ ସ୍ମାରକୀ ଓପନ ଚେସ୍ ଚାମ୍ପିୟନଶିପ୍ ରବିବାର ବଡଗଡସ୍ଥିତ ଓଁ ଗୁରୁକୁଳ ପବ୍ଲିକ୍ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସଞ୍ଜୀବନ ନାୟକ ୪.୫ ପଏଣ୍ଟ ପାଇ ଚାମ୍ପିୟନ ହୋଇଛନ୍ତି। ବିଶ୍ୱନାଥ ମହାପାତ୍ର, ସ୍ୱପ୍ନିଲ ପ୍ରିୟଦର୍ଶୀ ଓ ରଶ୍ମିତା ପାତ୍ର ୪ ପଏଣ୍ଟ ଲେଖାଏ ପାଇ ପଛକୁପଛ ରହିଛନ୍ତି। ମୁଖ୍ୟ ପୁରସ୍କାର ବ୍ୟତୀତ ବିଭିନ୍ନ ବୟସ ଓ ବାଳିକା ବର୍ଗରେ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଏଜ୍ ଗ୍ରୁପ୍ ଏବଂ ୩ ଖେଳାଳିଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ସ୍କୁଲର ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀଧର ବେହେରା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିବାବେଳେ ବିଶ୍ୱନାଥ ଗୋପାଳ ପ୍ରସାଦ ଓ ସ୍କୁଲ ପ୍ରିନ୍ସିପାଲ ମନୋରଞ୍ଜନ ବିଶ୍ୱାଳ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ରାଜ୍ୟ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ଟୁର୍ନାମେଣ୍ଟ ନିର୍ଦ୍ଦେଶକ କନୋଜ ବେହୁରା, ସ୍ୱର୍ଗତ ରାଧାରମଣଙ୍କ ବୋହୂ ଶୁଭଲକ୍ଷ୍ମୀ ପାଣିଗ୍ରାହୀ, ନାତୁଣୀ ଶୁଭଶ୍ରୀ ପାଣିଗ୍ରାହୀ ଓ ଶୁଭସ୍ମିତା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ସୁପର-୮ ପାଇଁ ଓଡ଼ିଶା ଦଳ ଘୋଷିତ

ଭୁବନେଶ୍ୱର, ୮।୨ (ତପନ ସ୍ୱାଇଁ)

**ନଗେଶ ଟ୍ରଫି ଜାତୀୟ ଦୃଷ୍ଟିବାଧିତ କ୍ରିକେଟ**

ନଗେଶ ଟ୍ରଫି ଜାତୀୟ ଦୃଷ୍ଟିବାଧିତ ପୁରୁଷ କ୍ରିକେଟ ପ୍ରତିଯୋଗିତାର ସୁପର-୮ ପର୍ଯ୍ୟନ୍ତ ଚଳିତ ମାସ ୯ରୁ ୧୩ ପର୍ଯ୍ୟନ୍ତ ଦିଲ୍ଲୀରେ ଅନୁଷ୍ଠିତ ହେବ। ଏଥିପାଇଁ ଓଡ଼ିଶା ଦଳର ୧୬ ଦିନିଆ ପ୍ରଶିକ୍ଷଣ ଏବଂ ପ୍ରସ୍ତୁତି ଶିବିର ହାଇ-ଟେକ୍ ମେଡିକାଲ କଲେଜ ଗ୍ରାଉଣ୍ଡରେ ହେବାପରେ ରବିବାର ଦଳ ଘୋଷଣା କରାଯାଇଛି। ଦିଲ୍ଲୀରେ ପହଞ୍ଚି ଯାଇଥିବା ଓଡ଼ିଶା ଦଳ ଏହାର ପ୍ରଥମ ସୁପର-୮ ମ୍ୟାଚ ସୋମବାର ଉତ୍ତରାଖଣ୍ଡ ବିପକ୍ଷରେ ଖେଳିବ।

**ଓଡ଼ିଶା ଦଳ:** ଲିଙ୍ଗରାଜ ରାଉତରା (ଅଧିନାୟକ), କାଳିଆ ପ୍ରଧାନ, ଦେବରାଜ ବେହେରା, ଅନିଲ କୁମାର ମଲିକ, ରଞ୍ଜନ କୁମାର ହାଁସଦା, ବାଦଲ ଦୀପ୍, ପଙ୍କଜ ଭୁଏ, ଲାଲପ୍ରସାଦ ସୋରେନ, ଅଞ୍ଜନ ସିଂ, ରାମଦାସ ଟୁଡୁ, ସୁକଦେବ ସୋରେନ, ସୁଖରାମ ମାଝି, ଧନପତି ଗୌଡ଼ା। କୋଚ୍: ଚନ୍ଦ୍ରଶେଖର ପଟ୍ଟନାୟକ, ମ୍ୟାନେଜର: ମହମ୍ମଦ ଜାଫର ଇକ୍‌ବାଲ।

# ଭୁବନେଶ୍ୱର ସାଇ ଇଲେଭେନ ଚାମ୍ପିୟନ

ଧାମନଗର, ୮।୨ (ଦେବେନ୍ଦ୍ର ଆଡ଼ିଆ/ସନ୍ତୋଷ କୁମାର ମହାପାତ୍ର)

**ସର୍ବଭାରତୀୟ ରାମଚନ୍ଦ୍ର ଦାଶ ମେମୋରିଆଲ କ୍ରିକେଟ**

ଭଦ୍ରକ ଜିଲା ଧାମନଗର ବ୍ଲକ ଦେହୁଡି ଆନନ୍ଦପୁର ପଞ୍ଚାୟତସ୍ଥିତ ଜଗନ୍ନାଥ ହାଇସ୍କୁଲ ଖେଳପଡ଼ିଆରେ ଚାଲିଥିବା ସର୍ବଭାରତୀୟ ରାମଚନ୍ଦ୍ର ଦାଶ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ରବିବାର ଗ୍ରାଣ୍ଡ ଫାଇନାଲ ମ୍ୟାଚ୍‌। ଯାଜପୁର ଇଲେଭେନ ଷ୍ଟାରକୁ ହରାଇ ଭୁବନେଶ୍ୱର ସାଇ ଇଲେଭେନ କ୍ରିକେଟ କ୍ଲବ୍ ଚାମ୍ପିୟନ ହୋଇଛି। ସାଇ ଇଲେଭେନ ନିର୍ଦ୍ଧାରିତ ୨୫ ଓଭରରେ ୯ ଉଇକେଟ ହରାଇ ୧୮୪ ରନ୍ କରିଥିଲା। ଦଳ ପକ୍ଷରୁ ବିପ୍ଳବ ସାମନ୍ତରାୟଙ୍କ ଧୂଆଁଧାର ବ୍ୟାଟିଂ ଯୋଗୁ ୫୬ ବଲ୍‌ରେ ୭୭ ରନ୍, ଆୟୁଷ କ୍ରିଷ୍ଟପର ୧୬ ବଲ୍‌ରେ ୨୭, ସୌମ୍ୟ ବିଶ୍ୱାଳ ୨୬ ବଲ୍‌ରେ ୨୬ ଓ ବିକ୍ରମ ସାମଲ ୨୪ ବଲ୍‌ରେ ୨୫ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ଅଭିଲାଷ ରାଉତରାୟ ୩, ଚନ୍ଦନ ନାୟକ ୨ ଓ ଦିବ୍ୟଜ୍ୟୋତି ଦାସ ୨ ଉଇକେଟ ଅକ୍ତିଆର କରିଥିଲେ। ଇଲେଭେନ ଷ୍ଟାର ୨୫ ଓଭରରେ ୭ ଉଇକେଟ ହରାଇ ୧୫୧ ରନ୍ କରି ରନରଅପ୍ ହୋଇଛି। ଦଳ ପକ୍ଷରୁ ଅଭିଲାଷ ୫୧ ବଲ୍‌ରେ ୫୧ ରନ୍, ଓମ୍. ଏସ୍. ଦେଶରାଜ ୧୭ ବଲ୍‌ରେ ୩୬ ଓ ବିଶ୍ୱଜିତ ନନ୍ଦା ୪୫ ବଲ୍‌ରେ ୨୩ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ପ୍ରଦୀପ ପ୍ରଧାନ ୨, ସୂର୍ଯ୍ୟକାନ୍ତ ପ୍ରଧାନ ୨ ଓ ରବି ଯାଦବ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ବିଶ୍ୱଜିତ ପତି ଓ ଦୀପ୍ତି ରଞ୍ଜନ ମହାନ୍ତି ମ୍ୟାଚ୍ ପରିଚାଳନା କରିଥିଲେ। ଜଗବନ୍ଧୁ ସାହୁ, ଶୁଭ୍ରାଂଶୁ ସାହୁ ଓ ରାକେଶ ସାହୁ ସ୍କୋରର ଥିବାବେଳେ ବଳରାମ ସାହୁ ଅନ୍‌ଲାଇନ ସ୍କୋରର ଥିଲେ। ଜ୍ଞାନରଞ୍ଜନ ଘଡ଼େଇ, ଇମ୍ରାନ ଖାନ ଓ ରସିଦ୍ଦୁଲ ୱାହିଦ ଧାରା ବିବରଣୀ ପ୍ରଦାନ କରିଥିଲେ।

ଭାଜପାର ଜିଲା ସମ୍ପାଦକ ଅରବିନ୍ଦ ପତିଙ୍କ ସଭାପତିତ୍ୱରେ ଟ୍ରଫି ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା ଓ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ଅରବିନ୍ଦ ପତି, କୈଳାସ ମହାପାତ୍ର, ସନ୍ତୋଷ ଦାସ ଅଧିକାରୀ, ରମେଶ ଚନ୍ଦ୍ର ପତି, ଶରତ ଚନ୍ଦ୍ର ମାଝୀ, ଅଧ୍ୟାପକ ହିମାଂଶୁ ଶେଖର ଦାଶ, ବୃନ୍ଦାବନ ମହାନ୍ତି, ଅବସରପ୍ରାପ୍ତ ଅଧ୍ୟାପକ ଗଦାଧର ସାହୁ, ପ୍ରମୋଦ ସୂତାର, ତ୍ରିଲୋଚନ ବେହେରା, ଲକ୍ଷ୍ମୀଧର ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ଚାମ୍ପିୟନ ଓ ରନରଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ବେଷ୍ଟ ବୋଲର ବିପ୍ଳବ ସାମନ୍ତରାୟ, ପ୍ଲେୟର ଅଫ୍ ଦି ସିରିଜ ଓ ବେଷ୍ଟ ବୋଲର ଚନ୍ଦନ ନାୟକ, ବେଷ୍ଟ ବ୍ୟାଟ୍ସମ୍ୟାନ ଭାବେ ଆୟୁଷ କ୍ରିଷ୍ଟପରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।





ଚାମ୍ପିୟନ ଟିମ୍‌କୁ ଅତିଥି ପୁରସ୍କୃତ କରୁଛନ୍ତି।

# ସର୍ଭିସେସ୍‌କୁ ୮ମ ସନ୍ତୋଷ ଟ୍ରଫି ଟାଇଟଲ

ଧାକୁଖାନା(ଆସାମ),୮।୨(ପି.ଟି.)

ଜାତୀୟ ଫୁଟବଲ ଚାମ୍ପିୟନଶିପ୍ ସନ୍ତୋଷ ଟ୍ରଫିର ୭୯ତମ ସଂସ୍କରଣରେ ସର୍ଭିସେସ ଚାମ୍ପିୟନ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲରେ ସର୍ଭିସେସ ୧-୦ ଗୋଲରେ କେରଳକୁ ପରାସ୍ତ କରି ଏହି ସଫଳତା ପାଇଛି। ଏହା ସର୍ଭିସେସର ଅଷ୍ଟମ ସନ୍ତୋଷ ଟ୍ରଫି ଟାଇଟଲ। ମ୍ୟାଚ୍‌ଟି ୯୦ ମିନିଟ୍ ପର୍ଯ୍ୟନ୍ତ ଗୋଲ ଶୂନ୍ୟ ରହିଥିଲା। ଅତିରିକ୍ତ ସମୟର ଦ୍ୱିତୀୟାର୍ଦ୍ଧରେ ଅଭିଷେକ ପାଓ୍ୱର (୧୦୯ତମ ମିନିଟ୍) ଗୋଲ ଦେଇଥିଲେ। ସର୍ଭିସେସ ଅନ୍ତିମ ଥର ୨୦୨୩-୨୪ ସିଜନରେ ଚାମ୍ପିୟନ ହୋଇଥିଲା। ସେହିଭଳି ଅନ୍ତିମ ଥର ୨୦୧୨-୧୩ ସଂସ୍କରଣ ଫାଇନାଲରେ ସର୍ଭିସେସ ଓ କେରଳ ପରସ୍ପରକୁ ଭେଟିଥିଲେ। ସେଥର ସର୍ଭିସେସ ପେନାଲ୍ଟି ଶୁଟ୍‌ଆଉଟ(୪-୩)ରେ ବିଜୟୀ ହୋଇଥିଲା। ଅନ୍ୟପକ୍ଷରେ ୭ ଥର ଚାମ୍ପିୟନ କେରଳ ଲଗାତର ଦ୍ୱିତୀୟ ଥର ପାଇଁ ଫାଇନାଲରେ ପରାସ୍ତ ହୋଇଛି। ଗତ ସିଜନର ଫାଇନାଲରେ କେରଳ ପେନାଲ୍ଟି ଶୁଟଆଉଟ୍‌ରେ ପଶ୍ଚିମ ବଙ୍ଗଠାରୁ ପରାଜିତ ହୋଇଥିଲା।

# ମୟୂରଭଞ୍ଜ ଅବକାରୀ ଜିଲା ଚାମ୍ପିୟନ





ଉଦ୍‌ଯାପନୀ ସମାରୋହରେ ଯୋଗଦେଇଥିବା ଅତିଥିବୃନ୍ଦ।

 କଟକ,୮।୨(କାର୍ତ୍ତିକ ସାହୁ)

**ରାଜ୍ୟ ଅବକାରୀ କ୍ରୀଡ଼ା ସମାରୋହ ଉଦ୍‌ଯାପିତ**

କଟକସ୍ଥିତ ସତ୍ୟବ୍ରତ ଷ୍ଟାଡିୟମରେ ଦୁଇଦିନ ଧରି ଚାଲିଥିବା ଅବକାରୀ ବିଭାଗର ୫୧ତମ ବାର୍ଷିକ କ୍ରୀଡ଼ା ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଗଞ୍ଜାମ ଜିଲାରେ କାର୍ଯ୍ୟରତ ଅବକାରୀ ସିପାହି ଦିଲୀପ କୁମାର ସାମନ୍ତ ୧୦ ପଏଣ୍ଟ ପାଇ ପୁରୁଷ ବର୍ଗରେ ବ୍ୟକ୍ତିଗତ ଭାବେ ପ୍ରଥମ ସ୍ଥାନ ଏବଂ ଅବକାରୀ ଗୋଇନ୍ଦା ସଂସ୍ଥାରେ କାର୍ଯ୍ୟରତ ଅବକାରୀ ସିପାହି ରୋଜାଲିନ ବେହେରା ୧୦ ପଏଣ୍ଟ ପାଇ ମହିଳା ବର୍ଗରେ ବ୍ୟକ୍ତିଗତ ଭାବେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ମୟୂରଭଞ୍ଜ ଅବକାରୀ ଜିଲା ୩୧ ପଏଣ୍ଟ ପାଇ ରାଜ୍ୟସ୍ତରୀୟ ଚାମ୍ପିୟନ ହୋଇଥିବାବେଳେ ନବରଙ୍ଗପୁର ଅବକାରୀ ଜିଲା ୨୦ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛି।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଏସ୍‌ବିସିଏଲର ପରିଚାଳନା ନିର୍ଦ୍ଦେଶକ ଦେବେନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଅବକାରୀ ଆୟୁକ୍ତ ପି. ଅନ୍ୱେଷା ରେଡ୍ଡୀ, ଅବକାରୀ ବିଭାଗର ଅତିରିକ୍ତ ଶାସନ ସଚିବ ଅର୍ଚ୍ଚନା ଦାସ ପଟ୍ଟନାୟକ ଏବଂ ଭାରତୀୟ କନିଷ୍ଠ ମହିଳା ଫୁଟବଲ ଦଳର କୋଚ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଉତ୍ସବରେ ଅବକାରୀ ବିଭାଗ, ଅବକାରୀ ନିର୍ଦ୍ଦେଶାଳୟ ଏବଂ ଓଏସ୍‌ବିସିର ଅଧିକାରୀ ଓ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଓଡ଼ିଶାର ସମସ୍ତ ୩୩ଟି ଅବକାରୀ ଜିଲା ଓ ୪ଟି ଇଆଇ ଆଣ୍ଡ୍ ଇବି ୟୁନିଟରୁ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ମୋଟ ୮୦୯ ଜଣ ପୁରୁଷ ପ୍ରତିଯୋଗୀ ୧୬ଟି ବିଭାଗରେ ଏବଂ ୧୮୧ ଜଣ ମହିଳା ପ୍ରତିଯୋଗୀ ୧୧ଟି ବିଭାଗରେ ଭାଗନେଇଥିଲେ। ପ୍ରତିଯୋଗିତାଗୁଡ଼ିକ ମଧ୍ୟରେ ମୁଖ୍ୟତଃ ୧୦୦ ମି ଦୌଡ଼, ୨୦୦ ମି. ଦୌଡ଼, ୪୦୦ ମି ଦୌଡ଼, ୮୦୦ ମି. ଦୌଡ଼, ୧୫୦୦ ମି. ଦୌଡ଼, ୩୦୦୦ ମି. ଦୌଡ଼, ଲମ୍ବଡିଆଁ, ଉଚ୍ଚଡିଆଁ, ଟ୍ରିପଲ ଜମ୍ପ, ଶଟ୍‌ପୁଟ୍ ଥ୍ରୋ, ଡିସ୍କସ୍ ଥ୍ରୋ, ଜାଭେଲିନ ଥ୍ରୋ, ଭଲିବଲ, ବ୍ୟାଡ୍‌ମିଣ୍ଟନ ଆଦି ଅନୁଷ୍ଠିତ ହୋଇଥିଲା।

# ସରିତାଙ୍କ ଶତକ, ଓଡ଼ିଶାର ଦ୍ୱିତୀୟ ବିଜୟ

**କଟକ,୮।୨ (କୁମାରଶ୍ରୀ):** ସିନିୟର ମହିଳା ଏକଦିବସୀୟ ଟ୍ରଫିରେ ଓଡ଼ିଶା ବିଜୟ ଧାରା ଜାରି ଅବ୍ୟାହତ ରଖିଛି। ରାଜକୋଟର ନିରଞ୍ଜନ ସାହ ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ଦ୍ୱିତୀୟ ଲିଗ୍‌ରେ ଓଡ଼ିଶା ୧୦୬ରନରେ ଆସାମକୁ ପରାସ୍ତ କରିଛି। ଲଗାତର ଦ୍ୱିତୀୟ ବିଜୟ ସହ ୮ ପଏଣ୍ଟ ହାସଲ କରିଥିବା ଓଡ଼ିଶା ଏଲିଟ ଗ୍ରୁପ-ଏ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ୧୦ ତାରିଖରେ ଉତ୍ତରପ୍ରଦେଶ ବିପକ୍ଷରେ ଦଳ ୩ୟ ଲିଗ୍ ମ୍ୟାଚ୍ ଖେଳିବ। ଆସାମ ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତି ନେଇଥିଲେ। ସରିତା ମେହେରଙ୍କ ଶତକୀୟ(୧୨୭ବଲରୁ ୧୦୦ରନ) ପାଳି ଏବଂ ଅଧିନାୟିକା ସୁଶ୍ରୀଙ୍କ ଅପରାଜିତ ୮୫ରନ ସହାୟତାରେ ଓଡ଼ିଶା ୪ ଉଇକେଟ ହରାଇ ୨୭୮ରନ ସଂଗ୍ରହ କରିଥିଲା। ଜବାବରେ ଆସାମର ପାଳି ୧୭୨ରନରେ ସୀମିତ ରହିଥିଲା। ଗାୟତ୍ରୀ ଗୁରୁଙ୍ଗ ସର୍ବାଧିକ ୪୨ରନ କରିଥିଲେ। ଓଡ଼ିଶା ପକ୍ଷରୁ ଶୁଭ୍ର ନିର୍ଝରିଣୀ ସ୍ୱାଇଁ ୩ଟି ଉଇକେଟ ଅକ୍ତିଆର କରିଥିବା ବେଳେ ରୀମାଲକ୍ଷ୍ମୀ ଏକ୍କା ଏବଂ ତରଣା ପ୍ରଧାନଙ୍କୁ ୨ଟି ଲେଖାଏ ଉଇକେଟ ମିଳିଥିଲା। ଶତକୀୟ ପାଳି ଖେଳିଥିବା ସରିତାଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

# ଟିମ୍ ଅଫ୍ ଦି ଟୁର୍ନାମେଣ୍ଟରେ ବୈଭବ ସୂର୍ଯ୍ୟବଂଶୀ

**ଦୁବାଇ, ୮।୨ (ପି.ଟି.):** ଆଇସିସି ୧୬ ବର୍ଷରୁ କମ୍ ବିଶ୍ୱକପ୍ ଉଦ୍‌ଯାପିତ ହେବା ପରେ ଟିମ୍ ଅଫ୍ ଦି ଟୁର୍ନାମେଣ୍ଟ ମନୋନୀତ କରାଯାଇଛି। ଏଥିରେ ସ୍ଥାନ ପାଇଥିବା ୩ଜଣ ଭାରତୀୟ ଖେଳାଳିଙ୍କ ମଧ୍ୟରେ ଅଛନ୍ତି ବ୍ୟାଟିଂ ପ୍ରତିଭା ବୈଭବ ସୂର୍ଯ୍ୟବଂଶୀ। ୧୪ ବର୍ଷୀୟ ସୂର୍ଯ୍ୟବଂଶୀ ଇଂଲଣ୍ଡ ବିପକ୍ଷ ଫାଇନାଲରେ ୮୦ ବଲରୁ ୧୭୫ ରନ ସ୍କୋର କରିଥିଲେ। ସେ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ୧୨ ଜଣିଆ ଦଳରେ ସେ କନିଷ୍କ ଚୌହାନ ଓ ହେନିଲ ପଟେଲଙ୍କ ସହ ଯୋଗ ଦେଇଛନ୍ତି। ଭାରତ ରେକର୍ଡ ୬ଷ୍ଠ ଥର ପାଇଁ ଟାଇଟଲ ବିଜେତା ହୋଇଥିଲା।

**୧୯ ବର୍ଷରୁ କମ୍ ପୁରୁଷ ବିଶ୍ୱକପ୍ ଟିମ୍ ଅଫ୍ ଦି ଟୁର୍ନାମେଣ୍ଟ:** ବୈଭବ ସୂର୍ଯ୍ୟବଂଶୀ (ଭାରତ) ଭିରାନ ଚାମୁଣ୍ଡିଥା (ଶ୍ରୀଲଙ୍କା), ଫୈଜଲ ଖାନ୍ ଶିନୋଜାଦା (ଆଫଗାନିସ୍ତାନ), ଥୋମାସ ରିଉ [ଉଇକେଟକିପର, ଅଧିନାୟକ] (ଇଂଲଣ୍ଡ), ଅଲିଭର ପିକ୍ (ଅଷ୍ଟ୍ରେଲିଆ), ବେନ୍ ମାୟେସ (ଇଂଲଣ୍ଡ), କନିଷ୍କ ଚୌହାନ (ଭାରତ), ନୁରିସ୍ତାନୀ ଓମାରଜାଇ (ଆଫଗାନିସ୍ତାନ), ଭିଟେଲ ଲାୱ୍ସ (ୱେଷ୍ଟଇଣ୍ଡିଜ), ଅଲି ରାଜା (ପାକିସ୍ତାନ), ମାନି ଲୁମ୍ସଡେନ୍ (ଇଂଲଣ୍ଡ), ହେନିଲ ପଟେଲ (ଭାରତ)।

# ଜାତୀୟ ମାଉଣ୍ଟେନ୍ ସାଇକ୍ଲିଂରେ ଭାଗନେବ ଓଡ଼ିଶା

**କଟକ, ୮।୨ (କୁମାରଶ୍ରୀ):** ଫେବୃୟାରୀ ୧୦ରୁ ଅରୁଣାଚଳପ୍ରଦେଶରେ ୨୨ତମ ଜାତୀୟ ମାଉଣ୍ଟେନ୍ ସାଇକ୍ଲିଂ ପ୍ରତିଯୋଗିତା ଆରମ୍ଭ ହେବ। ଏଥି ନିମନ୍ତେ ଘୋଷିତ ରାଜ୍ୟ ଦଳ ଆଜି ଅରୁଣାଚଳପ୍ରଦେଶ ଯାତ୍ରା କରିଛି। ଦଳରେ ଟିକେଶ୍ୱର ମାଝୀ, ସି ହେମ୍ବ୍ରମ, ସୂରଜ କୁମାର ସେଠୀ, ଐଶକାନ୍ତ ଜେନା, ରବୀନ୍ଦ୍ର ହେମ୍ବ୍ରମ, ଜିତେନ୍ଦ୍ର କୁମାର ଦାସ, ତନୁଜ କହଁର, ରାଜ ଟପ୍ପୋ, ପରମିତା ପୂର୍ତି, ନମିତା ଧାରୁଆ ସାମିଲ ହୋଇଛନ୍ତି। ପ୍ରଦ୍ୟୁମ୍ନ ବିଶୋୟୀ, ଅନିତା କୁମାରୀ, ଅଜୟ ବିଶ୍ୱାସ ମ୍ୟାଚ ଅଫିସିଆଲ ଭାବେ ଦଳ ସହ ଯାତ୍ରା କରିଛନ୍ତି। ଓଡ଼ିଶା ସାଇକ୍ଲିଂ ସଂଘ ସମ୍ପାଦକ ପ୍ରସନ୍ନ କୁମାର ରାଉତ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ସେମିରେ ଉତ୍ତରାଖଣ୍ଡ

**ଜାମଶେଦପୁର,୮।୨:** ଚଳିତ ରଣଜୀ ଟ୍ରଫି ଘରୋଇ ଟୁର୍ନାମେଣ୍ଟରେ ରବିବାର ଉତ୍ତରାଖଣ୍ଡ ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଏଠାରେ ଖେଳାଯାଇଥିବା କ୍ୱାର୍ଟର ଫାଇନାଲରେ ଅଭୟ ନେଗି ଓ ମୟଙ୍କ ମିଶ୍ରାଙ୍କ ପେସର-ସ୍ପିନ ଯୋଡ଼ିର ଘାତକ ବୋଲିଂ ଯୋଗୁ ଉତ୍ତରାଖଣ୍ଡ ଏକ ଇନିଂସ ୬ ରନ୍‌ରେ ଝାଡ଼ଖଣ୍ଡକୁ ପରାସ୍ତ କରିଛି। ବିଜୟୀ ଦଳ ପାଇଁ ଭେଟେରାନ ବାମହାତୀ ସ୍ପିନର ମୟଙ୍କ ୫ ଓ ପେସର ନେଗି ୪ ଉଇକେଟ ନେଇଥିଲେ। ପ୍ରଥମ ଇନିଂସରେ ଝାଡ଼ଖଣ୍ଡ ୨୩୫ ରନ କରିଥିବା ଉତ୍ତରାଖଣ୍ଡ ୩୭୧ ରନ କରିଥିଲା। ୧୩୬ ରନରେ ପଛୁଆ ଥିବା ଝାଡ଼ଖଣ୍ଡ ଦ୍ୱିତୀୟ ଇନିଂସରେ ୧୩୦ ରନରେ ଅଲଆଉଟ୍ ହୋଇଯାଇଥିଲା।


# Classified Everyday


**0674-2580101, 9692975378**



**REAL ESTATE**

**SALE**

ଭୁବନେଶ୍ୱର GITA Engineering College ନିକଟ Infocity- 2 ପାଖରେ ଘରବାରି, Boundary ଥାଇ ପ୍ଲଟ ବିକ୍ରିହେବ। 6372753860, 7008095537. D-3215



Healthcare

Wellness relax body massage & jointpain treatment by trend therapist. 6372110065. D-76951

All types of physiotherapy and massage contact 9556924059/ 7656969134. D-3339

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-3332

**LOST**

Before Executive Magistrate, Digapahandi, affidavit No.- A/46-27.01.2026, I, Gopal Das Gupta (74), S/o.- Ramnath Gupta, Vill./P.O./P.S.- Digapahandi, on dated 21.01.2026 about 7 PM when I was travelling from bike I lost my bag on the way carrying original sale deed vide document No.- 3334/1986 and did not traced it out. If anybody finds it kindly inform the above address or Police Station Digapahandi. D-3338

ଧରିତ୍ରୀ
Scan & Pay
QR Code
UPI App
BHIM UPI
classifieddharitri@gmail.com

**AFFIDAVIT**

By virtue of an affidavit before the Executive Magistrate, Bhadrak, I, Basantilata Misra, Age- 71Yrs., W/o.- Muralidhar Misra, At/P.O.- Kheranga, P.S.- Chandabali, Dist.- Bhadrak, Odisha, 756131 declare that CISF department, Nalco, Angul has mentioned my name in family pension paper Basanti lata Mishra, D.O.B.- 05.09.1957 but in my Aadhaar card and other documents correct name is Basantilata Misra, D.O.B.- 15.07.1954, both are same and one person. Henceforth, I will be known as Basantilata Misra for all future purposes. D-3340

By virtue of an affidavit sworn before the Executive Magistrate, Tirtol, vide affidavit No.497 dated- 03.02.2026, it is hereby declare that Rabi Narayan Das and Baishnab Charan Das are one and the same person (myself). Similarly, Keshab Das and Keshab Charan Das are one and the same person (my father). This declaration is made for correction, clarification and all legal and official purposes. D-3335

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୨ (ଶ୍ରୀ ଆଶୁତୋଷ ସାମଲ, ଓ.ଏ.ଏସ୍.), ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା

ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ୧୯୫୮ ଆଇନର ଧାରା ୧୫ (ଖ) ଅନୁଯାୟୀ

ଆର୍. ପି. କେସ୍ ନଂ.- ୧୩୭୪/୨୦୧୪

ପ୍ରେମଶୀଳା ମିଶ୍ର .............ବାଦୀ

ବନାମ

ନାରାୟଣ ପ୍ରସାଦ ପଟ୍ଟନାୟକ ଏବଂ ଅନ୍ୟମାନେ ..........ପ୍ରତିବାଦୀ

ନୋଟିସ ସି.ପି.ସି. ଅର୍ଡର- ୫ ରୁଲ୍- ୨୦ ମୁତାବକ

ପ୍ରତିବାଦୀ ନଂ.- ୧. ନାରାୟଣ ପ୍ରସାଦ ପଟ୍ଟନାୟକ, ପିତା- ସ୍ୱର୍ଗତ ଯୁଗଳ ଚରଣ ପଟ୍ଟନାୟକ, ସା.- ଓଗାଳପଡ଼ା, ପୋଷ୍ଟ- ଝାଁଳା, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ପ୍ରତିବାଦୀ ନଂ.- ୨. ରମାକାନ୍ତ ବେହେରା, ପିତା- ଲିଙ୍ଗରାଜ ବେହେରା, ସା- ପ୍ଲଟ୍ ନଂ.- ଏମ୍-୪/୩୭, ଆଚାର୍ଯ୍ୟ ବିହାର, ଥାନା- ସହିଦ ନଗର, ଜିଲ୍ଲା- ଖୋର୍ଦ୍ଧା।

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀ ନମ୍ବର- ୧ ଓ ୨ଙ୍କୁ ଏହି ସମ୍ବାଦପତ୍ର ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଯାଉଅଛି ଯେ ବାଦୀମାନେ ନିମ୍ନଲିଖିତ ଜମିକୁ ଦଲିଲ ଓ ଦଖଲ ଦୃଷ୍ଟେ ରେକର୍ଡ କରିବାପାଇଁ ଉକ୍ତ ରିଭିଜନ କେସ୍ ଦାଖଲ କରିଅଛନ୍ତି। ସମସ୍ତ ପ୍ରତିବାଦୀମାନଙ୍କୁ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ପଠାଯାଇଥିଲେ ହେଁ ଉପରୋକ୍ତ ପ୍ରତିବାଦୀମାନଙ୍କୁ ନୋଟିସ ଜାରି ନ ହୋଇ ଫେରିଆସିଅଛି। ଇତ୍ୟବସରରେ ଉକ୍ତ କେସ୍‌ର ଶୁଣାଣି ତା. ୦୬.୦୨.୨୦୨୬ ରିଖ ଦିବା ୧୧:୩୦ ଘଟିକାକୁ ସ୍ଥିର କରାଯାଇଅଛି। ଜମିର ବିବରଣୀ ନିମ୍ନରେ ଦିଆଗଲା:

ଜମିର ବିବରଣୀ

ମୌଜା- ଓଗାଳପଡ଼ା, ତହସିଲ- ଜଟଣୀ, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ସାବିକ ଖାତା ନଂ.- ୧୩୬, ସାବିକ ପ୍ଲଟ୍ ନଂ.- ୧୪୧, ଏରିଆ ଏ୦.୧୭୫ଡି. ସ୍ୱଧରୁ ଏ୦.୦୬୫ଡି. ଓ ସାବିକ ପ୍ଲଟ୍ ନଂ.- ୧୪୨, ଏ.୦.୦୭୦ଡି. ସ୍ୱଧରୁ ଏ.୦.୦୪୫ଡି., ହାଲ୍ ଖାତା ନଂ.- ୩୦୧, ହାଲ୍ ପ୍ଲଟ୍ ନଂ.- ୨୭୧୦, ଏରିଆ ଏ.୦.୧୫୦ଡି ସ୍ୱଧରୁ ଏ୦.୦୬୫ଡି., ହାଲ୍ ପ୍ଲଟ୍ ନଂ.- ୨୭୧୨, ଏରିଆ ଏ.୦.୦୭୦ଡି ସ୍ୱଧରୁ ଏ୦.୦୪୫ଡି.।

ଏଣୁ ଉପରୋକ୍ତ ପ୍ରତିବାଦୀ ନମ୍ବର- ୧ ଓ ୨ ନିଜେ କିମ୍ବା କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ କୋର୍ଟ ନମ୍ବର- ୨ରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା. ଅତିରିକ୍ତ ଆୟୁକ୍ତଙ୍କ ଆଦେଶକ୍ରମେ

ଭୁବନେଶ୍ୱର ସ୍ୱା./- କୋର୍ଟ ଅଫିସର

D-3322

**ମନେ ପଡ଼ନ୍ତି**

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



**ଓପ୍ରତାପ ଚନ୍ଦ୍ର ବରାଳ**

ଆବିର୍ଭାବ: ୨୦.୦୪.୧୯୭୨ | ତିରୋଧାନ: ୨୧.୦୨.୨୦୨୫

(ଜଗନ୍ନାଥ ଲେନ୍, ଦତ୍ତତୋଟା, ପୁରୀ)

(Retired Establishment Officer, Directorate of Prison & Correctional Services, Bhubaneswar, Odisha)

ଚାହିଁ ଚାହିଁ ବର୍ଷଟିଏ ବିତିଗଲା, ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ନିଷ୍ଠା ଓ ଆଦର୍ଶ ଆମମାନଙ୍କର ଜୀବନରେ ପାଥେୟ ହେଉ, ଆଜିର ଏହି ପୁଣ୍ୟ ତିଥିରେ ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ: ବରାଳ ପରିବାରବର୍ଗ, ଆତ୍ମୀୟସ୍ୱଜନ, ବନ୍ଧୁ ଓ ସହଯୋଗୀ

D-3338

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

# ଭୂତଳ ଜଳରେ ୟୁରାନିୟମ



ପ୍ର. ରମେଶ ଚନ୍ଦ୍ର ପରିଡ଼ା

"ଭୂତଳ ଜଳକୁ ୟୁରାନିୟମ ଆସିଥାଏ ମୁଖ୍ୟତଃ ଭୂଜନିତ ପ୍ରକ୍ରିୟା ମାଧମରେ। ତେବେ ତାହାର ଅତ୍ୟଧିକ ଉତ୍ତୋଳନକୁ ମଧ ଅନ୍ୟ ଏକ କାରଣ ରୂପେ ଗ୍ରହଣ କରାଯାଏ। ଡ୍ୟୁକ ବିଶ୍ୱବିଦ୍ୟାଳୟର ଗବେଷକମାନଙ୍କ ମତରେ ଭୂତଳ ଜଳାଧାର ତହିଁରେ ମିଶିବା ଲାଗି ଅଧିକ ମାତ୍ରାରେ ଦାୟୀ। ପୁନଶ୍ଚ ଏହାର ଘନତ୍ୱ ଅତ୍ୟଧିକ ଥିବା ସ୍ଥାନଗୁଡିକରେ 'ବାଇକାର୍ବୋନେଟ୍'ର ମାତ୍ରା ମଧ ଖୁବ୍ ବେଶି।"



ଦ୍ରୁତ ସହରୀକରଣ, ଶିଳ୍ପାୟନ ତଥା ସଘନ କୃଷି ସହିତ ତାଳଦେଇ ବଢ଼ି ଚାଲିଛି ସମଗ୍ର ପୃଥିବୀରେ ଜଳ ପ୍ରଦୂଷଣ, ବିଶେଷ କରି ନଦୀ ଜଳ। ଏଣୁ ଅଧିକରୁ ଅଧିକ ବଢୁଛି ଭୂତଳ ଜଳ ଉପରେ ନିର୍ଭରଶୀଳତା। ତେବେ ଏହା ମଧ ପ୍ରଦୂଷଣମୁକ୍ତ ନୁହେଁ। ଅନେକ ସ୍ଥାନରେ ଏହାର ପାନୀୟ ତଥା ସେଚନ ଉପଯୋଗିତା ନ ଥିବା ଜଣାପଡ଼ିଲାଣି। ଏଥିରେ ଥିବା ବିଭିନ୍ନ ବିବିଧ ପ୍ରଦୂଷକମାନଙ୍କ ମଧରେ ମାରାତ୍ମକ ହେଲେ ଆର୍ସେନିକ, ଫ୍ଲୋରାଇଡ୍ ଏବଂ ସୀସା, ପାରଦ, କାଡମିୟମ ଆଦି ବିବିଧ ଭାରିଧାତୁ। ଏଗୁଡିକ ନାନାରୂପେ ଆମ ଶରୀର ମଧ୍ୟକୁ ପ୍ରବେଶ କରୁଛନ୍ତି। ଫଳରେ ସୃଷ୍ଟି ହେଉଛି ବିବିଧ ସ୍ୱାସ୍ଥ୍ୟ ସମସ୍ୟା। ଏବେ ଏଥିରେ ୟୁରାନିୟମର ମଧ ସନ୍ଧାନ ମିଳିଲାଣି। ଆମ ଦେଶର ୧୨ଟି ରାଜ୍ୟର ଭୂତଳ ଜଳ ଏହାଦ୍ୱାରା ବିଶେଷ ଭାବରେ ପ୍ରଭାବିତ ହେବାର ଜଣାପଡ଼ିଛି।

ଏଗୁଡିକ ମଧରେ ପ୍ରଥମ ସ୍ଥାନରେ ରହିଛି ପଞ୍ଜାବ। ସେଠାରେ ପ୍ରତି ୧୦ଟି କୂପର ଜଳ ମଧ୍ୟରୁ ତିନୋଟିରେ ଏହାର ଘନତ୍ୱ ଭାରତୀୟ ମାନକ ବ୍ୟୁରୋ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଦ୍ୱାରା ନିର୍ଦ୍ଧାରିତ ନିରାପଦ ମାତ୍ରା 'ପ୍ରତି ବିଲିୟନ ଭାଗରେ ୩୦ ଭାଗ'ରୁ ଅଧିକ ହେବାର ଦେଖାଯାଇଛି। ହାରାହାରି ଭାବେ ଏହା ତା'ର ୧୭.୭ ଗୁଣ ଏବଂ କେତେକ ସ୍ଥାନରେ ଅତ୍ୟଧିକ ଅର୍ଥାତ୍ ପ୍ରତି ବିଲିୟନ ଭାଗରେ ୫୩୨ ଭାଗରେ ପହଞ୍ଚିଛି।

ପ୍ରାୟ ୨୯ ପ୍ରତିଶତ ଭୂତଳ ଜଳରେ ଅଧିକ ୟୁରାନିୟମ୍ ଥିବା ପଞ୍ଜାବକୁ ବାଦ୍ ଦେଲେ ଯେଉଁ ରାଜ୍ୟଗୁଡିକ ଏହାଦ୍ୱାରା ବିଶେଷଭାବରେ ପ୍ରଭାବିତ ସେଗୁଡିକ ହେଲେ ହରିୟାଣା (୧୪.୪ ପ୍ରତିଶତ), ଉତ୍ତର ପ୍ରଦେଶ (୯.୨ ପ୍ରତିଶତ), ରାଜସ୍ଥାନ (୮.୬ ପ୍ରତିଶତ), ଦିଲ୍ଲୀ (୩.୯ ପ୍ରତିଶତ), ଓଡ଼ିଶା (୦.୬୯ ପ୍ରତିଶତ), ତେଲଙ୍ଗାନା (୧.୪୩ ପ୍ରତିଶତ), ଛତିଶଗଡ଼ (୦.୧୨ ପ୍ରତିଶତ), ତାମିଲନାଡୁ (୩.୪ ପ୍ରତିଶତ) ଏବଂ ମଧ୍ୟପ୍ରଦେଶ (୧.୩ ପ୍ରତିଶତ)।

ଏଗୁଡିକ ବ୍ୟତୀତ ୨୦୧୯ ମସିହାରେ ଅନୁଷ୍ଠିତ ସର୍ବେକ୍ଷଣ ଅନୁସାରେ ଭୂତଳ ଜଳରେ ମାତ୍ରାଧିକ ୟୁରାନିୟମ ଥିବା ଅନ୍ୟ ରାଜ୍ୟଗୁଡିକ ହେଲା- ଆନ୍ଧ୍ର ପ୍ରଦେଶ, ହିମାଚଳ ପ୍ରଦେଶ, ମହାରାଷ୍ଟ୍ର, ଗୋଆ, ବିହାର, କର୍ନାଟକ, ପଶ୍ଚିମବଙ୍ଗ (ଗ୍ରାଉଣ୍ଡ ୱାଟର ଇୟର ବୁକ୍ ୨୦୨୧-୨୦୨୨ ଅନୁସାରେ)।

ଏହି ତେଜଷ୍କ୍ରିୟ ଧାତୁଟି ଏକ ବୃକ୍‌ବିଷ। ଅତଏବ ଏହାଦ୍ୱାରା ସଂକ୍ରମିତ ଜଳ ପାନ କରୁଥିବା ଲୋକଙ୍କର ବୃକ୍କ ବା କିଡ୍‌ନୀ ଠିକ୍ ଭାବରେ କାମ କରେ ନାହିଁ ଏବଂ ତାହା ମଧ ନଷ୍ଟ ହୋଇଯିବାର ଆଶଙ୍କା ରହିଛି। ପୁନଶ୍ଚ ୟୁରାନିୟମ ପ୍ରତି ଉନ୍ମୁକ୍ତ ରହିବା ଅସ୍ଥି କ୍ଷୟ, କିଡ୍‌ନୀ ଏବଂ ପରିସ୍ରା ନଳୀରେ କ୍ୟାନ୍‌ସରର କାରଣ ମଧ ହୋଇପାରେ। ଶିଶୁ, ବୃଦ୍ଧ ଓ ପୂର୍ବରୁ କୌଣସି କିଡ୍‌ନୀ ରୋଗରେ ପୀଡ଼ିତ ଥିବା ଲୋକ ଏହାଦ୍ୱାରା ଅଧିକ ପ୍ରଭାବିତ ହୁଅନ୍ତି। ୟୁରାନିୟମ ଏକ ତେଜଷ୍କ୍ରିୟ ପଦାର୍ଥ ହୋଇଥିଲେ ହେଁ ପାନୀୟ ଜଳରେ ତାହା ରାସାୟନିକ ବିଷ ରୂପେ କାର୍ଯ୍ୟ କରେ।

ଭୂତଳ ଜଳକୁ ୟୁରାନିୟମ ଆସିଥାଏ ମୁଖ୍ୟତଃ ଭୂଜନିତ ପ୍ରକ୍ରିୟା ମାଧମରେ। ତେବେ ତାହାର ଅତ୍ୟଧିକ ଉତ୍ତୋଳନକୁ ମଧ ଅନ୍ୟ ଏକ କାରଣ ରୂପେ ଗ୍ରହଣ କରାଯାଏ। ଡ୍ୟୁକ ବିଶ୍ୱବିଦ୍ୟାଳୟର ଗବେଷକମାନଙ୍କ ମତରେ ଭୂତଳ ଜଳାଧାର ତହିଁରେ ମିଶିବା ଲାଗି ଅଧିକ ମାତ୍ରାରେ ଦାୟୀ। ପୁନଶ୍ଚ ଏହାର ଘନତ୍ୱ ଅତ୍ୟଧିକ ଥିବା ସ୍ଥାନଗୁଡିକରେ 'ବାଇକାର୍ବୋନେଟ୍'ର ମାତ୍ରା ମଧ ଖୁବ୍ ବେଶି। ଉକ୍ତ ରସାୟନଟି ଶିଳା ଉତ୍ସରୁ ୟୁରାନିୟମ ନିର୍ଗତ କରାଏ ବୋଲି ମତ ଦିଅନ୍ତି ଉକ୍ତ ଗବେଷକ ଦଳର ମୁଖ୍ୟ ରାଚେଲ କୋୟଟେ। ସେ ମଧ ସତର୍କ କରାନ୍ତି ଯେ, ଏହା ପଛରେ କେତେକ ମାନବକୃତ କାରଣ ମଧ ରହିଥାଇପାରେ। ଉଦାହରଣସ୍ୱରୂପ, ଅତ୍ୟଧିକ ଭୂତଳ ଜଳ ଉତ୍ତୋଳନ, ଏହାର ସ୍ତର ହ୍ରାସ କ୍ଷେତ୍ରରେ ରାସାୟନିକ ସାରର ବହୁଳ ବ୍ୟବହାର ଏବଂ ନାଇଟ୍ରେଟ୍ ପ୍ରଦୂଷଣ ଏହି ସମସ୍ୟାକୁ ବୃଦ୍ଧି କରାଇଥାଏ। ଦେଶର ପ୍ରାୟ ସମସ୍ତ ଭୂତଳ ଜଳାଧାରଗୁଡ଼ିକୁ ଅତ୍ୟଧିକ ଜଳ ବ୍ୟବହାର ଏବଂ ତାହାଦ୍ୱାରା ସୃଷ୍ଟି ହେଉଥିବା ସମସ୍ୟାଗୁଡ଼ିକ ବିଷୟରେ ଭାବା ଆଣବିକ କେନ୍ଦ୍ର ଏବଂ ହୋମିଭାବା ଜାତୀୟ ପ୍ରତିଷ୍ଠାନ ଦ୍ୱାରା ୨୦୨୧ ମସିହାରେ ନିଶ୍ଚିତ କରାଯାଇଥିଲା। ତହିଁରେ ଆର୍ସେନିକ୍, ଫ୍ଲୋରାଇଡ୍ ଏବଂ ୟୁରାନିୟମର ମାତ୍ରା ବୃଦ୍ଧି ହେବାର ଅନ୍ୟତମ ମୁଖ୍ୟ କାରଣ।

ଏଠାରେ ସୂଚନାଯୋଗ୍ୟ ଯେ, ଗତବର୍ଷ ଗବେଷଣା ପତ୍ରିକା 'ନେଚର'ରେ ପ୍ରକାଶିତ ଏକ ନିବନ୍ଧ ଅନୁସାରେ ବିହାରର ୬ଟି ଜିଲାରେ ମା' କ୍ଷୀରରେ ୟୁରାନିୟମର ସନ୍ଧାନ ମିଳିଛି। ଅବଶ୍ୟ ଏହା ତୁଳନାତ୍ମକ ଭାବରେ କମ୍। ତେବେ ଶିଶୁ ତାହା ଦୀର୍ଘଦିନ ଧରି ପାନ କରିବା ଦ୍ୱାରା ବିବିଧ ସ୍ୱାସ୍ଥ୍ୟଜନିତ ସମସ୍ୟା ସୃଷ୍ଟି କରିପାରେ ବୋଲି ମନେ କରାଯାଉଛି। ସମ୍ଭବତଃ ମା'ର ଶରୀରରେ ଏହି ମୌଳିକ ପଦାର୍ଥଟି ପାନୀୟ ଜଳ ମାଧମରେ ହିଁ ଆସୁଛି। ଏପରି ସ୍ଥଳେ କ୍ଷେତରେ ସେଚିତ ଜଳରୁ ଏହା ଶସ୍ୟ ମଧ୍ୟକୁ ପ୍ରବେଶ କରିବାର ସମ୍ଭାବନାକୁ ଏଡାଇ ଦେଇ ହେବ ନାହିଁ।

ସାଧାରଣ ଭାବେ ଭୂତଳଜଳକୁ ୟୁରାନିୟମୁକ୍ତ କରିବା ଲାଗି ଏବେ କୌଣସି ବ୍ୟବସ୍ଥା ନାହିଁ। ତେବେ ପାନୀୟ ଜଳକୁ ବିଶୋଧନ ଲାଗି ଭାବା ପରମାଣୁ ଗବେଷଣା କେନ୍ଦ୍ର ଏବଂ ମିଶ୍ର ବସ୍ତୁ ପରଦା ପଦ୍ଧତି ବା 'ହାଇବ୍ରିଡ ମେମ୍ବ୍ରେନ୍ ଟେକନିକ'ର ବିକାଶ ଘଟାଉଛି। ପୁନଶ୍ଚ ଓଲଟା ପରାସରଣ ବା 'ରିଭର୍ସ ଅସମୋସିସ୍' ପ୍ରକ୍ରିୟାରେ ଜଳକୁ ତହିଁରୁ ବିମୁକ୍ତ କରି ପାନୀୟ ରୂପେ ଯୋଗାଇବା ପାଇଁ ମଧ ବ୍ୟବସ୍ଥା ହେଉଛି।

-ଉଷାନିବାସ, ୧୨୪/୨୪୪୫
ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ: ୯୯୩୭୩୦୧୪୬୦

ଆଜି ଅନ୍ତର୍ଜାତୀୟ ଅପସ୍ମାର ଦିବସ

## ସଚେତନତା ହିଁ ମୂଳ କଥା



ଅପସ୍ମାର ବା ଏପିଲେପ୍‌ସୀ ଏକ ପ୍ରକାର ମସ୍ତିଷ୍କ ରୋଗ। ଏହାକୁ 'ମୃଗୀ ରୋଗ' ବୋଲି ମଧ କହନ୍ତି। ରୋଗୀ ଓ ଜନସାଧାରଣଙ୍କଠାରେ ଏପିଲେପ୍‌ସୀ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ନିମନ୍ତେ ପ୍ରତିବର୍ଷ ଫେବୃଆରୀ ଦ୍ୱିତୀୟ ସୋମବାର ଦିନ ପାଳନ କରାଯାଇଥାଏ 'ଅନ୍ତର୍ଜାତୀୟ ଅପସ୍ମାର ଦିବସ' ବା 'ଇଣ୍ଟରନ୍ୟାଶନାଲ ଏପିଲେପ୍‌ସୀ ଡେ'। ଏ ନେଇ ଚଳିତବର୍ଷର ଥିମ୍ ରହିଛି- 'ମୋର ଅପସ୍ମାର ବା ଏପିଲେପ୍‌ସୀ ସମ୍ପର୍କିତ ବ୍ୟକ୍ତିଗତ ଅଭିଜ୍ଞତା'। ଏ ସମ୍ପର୍କରେ ଡା. ନିତ୍ୟାନନ୍ଦ ସ୍ୱାଇଁ କହନ୍ତି, "ଏହି ରୋଗରେ ଆକ୍ରାନ୍ତ ବ୍ୟକ୍ତିକୁ ସାଧାରଣତଃ ହଠାତ୍ ବାରମ୍ବାର ବାତ ମାରିଥାଏ। ମସ୍ତିଷ୍କସ୍ଥ ସ୍ନାୟୁକୋଷର କାର୍ଯ୍ୟଧାରାରେ ବିଘ୍ନ ତଥା ବିଶୃଙ୍ଖଳା ସୃଷ୍ଟି ହିଁ ଏଭଳି ଲକ୍ଷଣ ପ୍ରକାଶ ପାଇବାର କାରଣ। ପୃଥିବୀରେ ରହିଛନ୍ତି ପାଖାପାଖି ୫ କୋଟି ଏପିଲେପ୍‌ସୀ ରୋଗୀ। ବାତ ମାରିବାକୁ 'ଫିଟ୍‌ସ' ବୋଲି କହନ୍ତି। ଅଧାଅଧି ରୋଗୀଙ୍କ କ୍ଷେତ୍ରରେ ରୋଗର କୌଣସି କାରଣ ଠଉରେଇ ହୁଏ ନାହିଁ। ବାତ ମାରିବା ଆରମ୍ଭ ହେବା ପୂର୍ବରୁ ଯେଉଁ ସବୁ ସୂଚନା ପ୍ରକାଶ ପାଇଥାଏ, ତାକୁ ଡାକ୍ତରୀ ଭାଷାରେ 'ଅରା' ବୋଲି କୁହନ୍ତି। ଗନ୍ଧ ଛାଡ଼ିବାର କିଛି କୁଆଡ଼େ ସୂଚନା ନ ଥାଇ ହଠାତ୍ ଗନ୍ଧ ବାରିବାର ଅନୁଭବ, କୌଣସି ସୋର୍‌ଶବ୍ଦ ନ ଥାଇ ହଠାତ୍ ଶବ୍ଦ ଶୁଣିବାର ଅନୁଭବ, ପାଟି ଭିତରେ କିଛି ନ ଥାଇ ଆକସ୍ମିକ ଭାବରେ ସ୍ୱାଦ ଅନୁଭବ, କୌଣସି ଅସ୍ୱସ୍ତି ନ ଥାଇ ପେଟରେ ହଠାତ୍ ଅସ୍ୱସ୍ତି ଅନୁଭବ, ଆଖି ସାମ୍ନାରେ ହଠାତ୍ ଆଲୁଅ ଚକ୍‌ମକ୍ କରିବା ଇତ୍ୟାଦି ହେଉଛି 'ଅରା'ର କେତୋଟି ଲକ୍ଷଣ। ଏଥିପାଇଁ କରାଯାଇଥାଏ ଇଲେକ୍ଟ୍ରୋଏନ୍‌ସେଫାଲୋଗ୍ରାଫି ବା ଇ.ଇ.ଜି., ଭିଡିଓ ଇ.ଇ.ଜି., ମୁଣ୍ଡରେ ଏକ୍ସ-ରେ। ମସ୍ତିଷ୍କରେ ସି.ଟି. ସ୍କାନ୍, ଏମ୍.ଆର୍.ଆଇ. ସ୍କାନ୍, ପି.ଇ.ଟି. ସ୍କାନ୍, ରେଡିଓ ଆଇସୋଟୋପ୍ ସ୍କାନିଂ ଏବଂ ମ୍ୟାଗ୍ନେଟୋଏନ୍‌ସେଫାଲୋଗ୍ରାଫି ଆଦି ପରୀକ୍ଷା। ଏପିଲେପ୍‌ସୀର ପ୍ରକାର ବିବିଧ। ଏହାର ଚିକିତ୍ସା ପାଇଁ ଏକାଧିକ ଔଷଧ ଉପଲବ୍ଧ। ତେଣୁ ସ୍ନାୟୁରୋଗ ବିଶେଷଜ୍ଞଙ୍କ ପରାମର୍ଶରେ ଚିକିତ୍ସା କରାଇବା ବିଜ୍ଞତାର କାର୍ଯ୍ୟ।"

## ଅଜୀର୍ଣ୍ଣ ସମସ୍ୟା ଥିଲେ...



ସାଧାରଣତଃ ଯଦି ଖାଦ୍ୟ ଠିକ୍ ଭାବରେ ହଜମ ନ ହେଲା ତେବେ ଅଜୀର୍ଣ୍ଣ ସମସ୍ୟା ଦେଖାଯାଇଥାଏ। ଏହାପଛରେ ମଧ ଆଉ କେତୋଟି କାରଣ ରହିଛି। ଆବଶ୍ୟକତା ଠାରୁ ଅଧିକ ଖାଇବା, ଖାଇବାକୁ ଇଚ୍ଛା ନ ଥାଇ ଖାଇବା, ଖାଇବାରେ ଅନିୟମିତତା, ଅଧିକ ସମୟ ଉପବାସ ରହିବା କିମ୍ବା ତେଲମସଲାଯୁକ୍ତ ଖାଦ୍ୟ ଅଧିକ ଖାଇବା ଦ୍ୱାରା ଜଣେ ବ୍ୟକ୍ତି ଅଜୀର୍ଣ୍ଣ ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ତେବେ ଏଭଳି କେତେକ ଘରୋଇ ଉପଚାର ରହିଛି, ଯାହାକୁ ଅନୁସରଣ କଲେ ଏଥିରୁ କେତେକାଂଶରେ ଉପଶମ ମିଳିଥାଏ। ଖାଇ ସାରିବା ପରେ ଏକ ଚାମଚ ଅଦା ରସରେ ଲେମ୍ବୁ ଏବଂ ଅଳ୍ପ ମହୁ ମିଶାଇ ଏହି ମିଶ୍ରଣକୁ ଖାଆନ୍ତୁ। ପ୍ରତିଦିନ କିଛି ପରିମାଣରେ ନିମ୍ବ ରସ ସେବନ କରନ୍ତୁ। ଏହାଦ୍ୱାରା ପାଚନ କ୍ରିୟା ଆହୁରି ଦୃଢ଼ ହୋଇଥାଏ। ରାତିରେ ଶୋଇବାକୁ ଯିବାର ଅତିକମ୍‌ରେ ଦୁଇ ଘଣ୍ଟା ପୂର୍ବରୁ ରାତ୍ରଭୋଜନ ଶେଷ କରନ୍ତୁ। ଏହାଦ୍ୱାରା ଖାଇଥିବା ଖାଦ୍ୟ ସହଜରେ ହଜମ ହୋଇଥାଏ। ରାତିରେ ସବୁବେଳେ ହାଲୁକା ଏବଂ ସୁପାଚ୍ୟ ଖାଦ୍ୟ ଖାଆନ୍ତୁ। ଖାଇବା ପରେ ଅଳ୍ପ ପାନ ମଧୁରୀ ଚୋବାଇ ଖାଆନ୍ତୁ। ଏହାଦ୍ୱାରା ଖାଦ୍ୟ ସହଜରେ ହଜମ ହୋଇଥାଏ। ସବୁଠରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସୁଷମ ତଥା ଭିଟାମିନଯୁକ୍ତ ଖାଦ୍ୟ ଠିକ୍ ସମୟରେ ଖାଆନ୍ତୁ ଏବଂ ଆବଶ୍ୟକ ମୁତାବକ ପାଣି ପିଅନ୍ତୁ। ଖାଦ୍ୟ ଖାଇବାର ଅଧ ଘଣ୍ଟାଏ ପରେ ପାଣି ପିଅନ୍ତୁ। ଖାଦ୍ୟ ଖାଉଥିବା ବେଳେ ବାରମ୍ବାର ପାଣି ପିଇଲେ ତାହା ପାଚନ କ୍ରିୟାକୁ ପ୍ରଭାବିତ କରିଥାଏ।

## ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ କ୍ଷୀର

ନିୟମିତ କ୍ଷୀର ପିଇଲେ ତାହା ଆମ ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ତେବେ ଏହାର ଏକ ଖାସ୍ ଗୁଣ ରହିଛି। ତାହା କ'ଣ ଜାଣନ୍ତି? ପ୍ରତିଦିନ କ୍ଷୀର ପିଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଘଟିଥାଏ ବୋଲି ଏକ ସର୍ଭେରୁ ଜଣାପଡ଼ିଛି। କ୍ଷୀରର ଅଧିକ ଉପକାରୀ ଗୁଣ ବିଷୟରେ ତର୍ଜମା କରିବା ସମୟରେ ଟୋକିଓ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନେ ଏକଥା ଜାଣିପାରିଛନ୍ତି। କେବଳ ସେତିକି ନୁହେଁ, ଏଭଳି ସିଦ୍ଧାନ୍ତରେ ପହଞ୍ଚିବା ପୂର୍ବରୁ ସେମାନେ ରୋଗପ୍ରତିରୋଧକ ଶକ୍ତିଜନିତ ସମସ୍ୟା ସହ ଜଡିତ କେତେକ ବ୍ୟକ୍ତିଙ୍କୁ ଏହି ସର୍ଭେର ପରିସରଭୁକ୍ତ କରିଥିଲେ। ସର୍ଭେ ସମୟରେ ସେମାନଙ୍କୁ ଖାଦ୍ୟ ଖାଇବାକୁ ଦିଆଯିବା ସହ ନିୟମିତ କ୍ଷୀର ପିଇବାକୁ ସେମାନେ ପରାମର୍ଶ ଦେଇଥିଲେ। କେବଳ ସେତିକି ନୁହେଁ, ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଏମାନଙ୍କର ରୋଗପ୍ରତିରୋଧକ ଶକ୍ତିରେ କେତେ ଉନ୍ନତି ଘଟୁଛି ତାହାକୁ ମଧ ତନ୍ନ ତନ୍ନ କରି ତର୍ଜମା କରାଯାଇଥିଲା। ପରିଶେଷରେ ଜଣାପଡିଥିଲା ଯେ ସବୁଦିନ କ୍ଷୀର ପିଇବା ଫଳରେ ସେମାନଙ୍କର ରୋଗପ୍ରତିରୋଧକ ଶକ୍ତି ପୂର୍ବାପେକ୍ଷା ଦୃଢ଼ ହୋଇଛି।



## ମେଦବହୁଳତା ଓ ଭ୍ରାନ୍ତ ଧାରଣା



ଆମ ଶରୀରରେ ଓଜନ ନିୟନ୍ତ୍ରଣରେ ରହିବା ଦରକାର। ଏହାକୁ ନେଇ କେତେକ ଭ୍ରାନ୍ତ ଧାରଣା ରହିଛି। ଅବ୍ୟବସ୍ଥିତ ଜୀବନଶୈଳୀ ଏବଂ ନିୟମିତ ବ୍ୟାୟାମ ନ କରିବା ଦ୍ୱାରା ଓଜନ ବଢ଼ିଥାଏ ବୋଲି ଧାରଣା ରହିଛି। ହେଲେ ଏହା ଅନେକାଂଶରେ ଠିକ୍ ନୁହେଁ। ବରଂ ସବୁବେଳେ ଚିନ୍ତାରେ ରହିବା, ହରମୋନ୍ କ୍ଷରଣ ଠିକ୍ ଭାବରେ ନ ହେବା ଦ୍ୱାରା ଓଜନ ବୃଦ୍ଧି ହୋଇଥାଏ। କେତେକ ଭାବିଥାଆନ୍ତି ଯେ ଅଧିକ ପତଳା ହୋଇଯିବା, ମେଦବହୁଳତା କମିଯିବା ଦ୍ୱାରା ଜଣେ ଦୁର୍ବଳ ହୋଇଯାଆନ୍ତି। ହେଲେ ଏଭଳି ଧାରଣା ଭୁଲ୍। ଓଜନ ଯଦି ଆବଶ୍ୟକତାଠାରୁ ଅଧିକ କମିଗଲା କିମ୍ବା ଜଣେ ଅଧିକ ପତଳା ହୋଇଯାଆନ୍ତି, ତେବେ ତାହାର ପ୍ରଭାବ ଶରୀର ଉପରେ ପଡ଼ିଥାଏ। ଆଉ ଏକ କଥା। କ୍ୟାଲୋରୀଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ମେଦବହୁଳତା ବଢ଼ିଥାଏ ବୋଲି ଭାବିବା ଆଦୌ ଠିକ୍ ନୁହେଁ। ଆମେ ପ୍ରତିଦିନ ଯେତିକି ଖାଦ୍ୟ ଖାଉଛେ ସେହି ଅନୁସାରେ ପରିଶ୍ରମ କରିବା ଦରକାର। ତେବେ ଓଜନ ଠିକ୍ ରହିବ। ମେଦବହୁଳତା କମାଇବା ଲାଗି କେତେକ ମନକୁ ମନ ଭିନ୍ନ ଭିନ୍ନ ପ୍ରଣାଳୀ ଆପଣେଇ ଥାଆନ୍ତି। ହେଲେ ଏଭଳି କରିବା ପୂର୍ବରୁ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

## ସ୍ୱାସ୍ଥ୍ୟ ସୂଚନା

➤ଯଦି ଆପଣଙ୍କର ବ୍ଲଡପ୍ରେସର ସମସ୍ୟା ରହିଛି ତେବେ ଏ ନେଇ ସତର୍କ ରହିବା ନିହାତି ଦରକାର। କାରଣ ଯଦି ଏହା ଦୀର୍ଘଦିନ ଧରି ଅସନ୍ତୁଳିତ ରହିଲା ତେବେ ତାହା ହୃଦ୍‌ରୋଗର କାରଣ ସାଜିବାର ଆଶଙ୍କା ରହିଛି।

➤ଟମାଟୋରେ ଅନେକ ପ୍ରକାର ଉପକାରୀ ଗୁଣ ରହିଛି। ତେଣୁ ସକାଳ ଜଳଖିଆରେ ଗୋଟିଏ କିମ୍ବା ଦୁଇଟି ଟମାଟୋ ସାମିଲ କରନ୍ତୁ।





➤ଆମର ମନ ସବୁବେଳେ ସକାରାତ୍ମକ ରହିବା ଦରକାର। କିନ୍ତୁ ଏହା ଅନେକ ସମୟରେ ସମ୍ଭବ ହୋଇ ନ ଥାଏ। ପ୍ରତିଦିନ କିଛି ସମୟ ପ୍ରାର୍ଥନା କରନ୍ତୁ। ଏହାଦ୍ୱାରା ମନ ଶାନ୍ତ ରହିଥାଏ ଏବଂ ମନରେ ସକାରାତ୍ମକ ଭାବନା ଜାଗ୍ରତ ହୋଇଥାଏ।

➤ଯଦି କୌଣସି ବ୍ୟକ୍ତି ଗୁରୁତର ରୋଗରେ ଆକ୍ରାନ୍ତ ତେବେ ତାଙ୍କ ସହ ସେହି ରୋଗ ବିଷୟରେ ଆଲୋଚନା ନ କରିବା ଭଲ। କାରଣ ଏହାଦ୍ୱାରା ତାଙ୍କ ମନରେ ନକାରାତ୍ମକ ଭାବନା ସୃଷ୍ଟି ହୋଇଥାଏ।

➤ଅଙ୍ଗୁରରେ ଭିଟାମିନ୍-ସି ଅଧିକ ଥିବାରୁ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ବ୍ୟାକ୍ଟେରିଆ, ଭାଇରସ୍, ଇଷ୍ଟ ଆଦି ସଂକ୍ରମଣରୁ ମଧ ଏହା ଆମକୁ ସୁରକ୍ଷା ପ୍ରଦାନ କରେ।

➤ଗାଜର ଶରୀରର ଓଜନକୁ ସନ୍ତୁଳିତ ରଖେ, କାରଣ ଏଥିରେ ଫାଇବର୍ ପ୍ରଚୁର ପରିମାଣରେ ରହିଛି।

## ଅଦୃଶ୍ୟ ଆକ୍ରମଣକାରୀ : ମାଇକ୍ରୋପ୍ଲାଷ୍ଟିକ

(ଶେଷ ଭାଗ)

ବିଶ୍ୱ ସ୍ତରରେ, ମାଇକ୍ରୋପ୍ଲାଷ୍ଟିକ୍ ଏକ ସର୍ବବ୍ୟାପୀ ପ୍ରଦୂଷକ ପାଲଟିଛି। ଏଗୁଡ଼ିକୁ ଗଭୀର ସମୁଦ୍ର ଅବଶେଷ, ଧ୍ରୁବୀୟ ବରଫ ପାହାଡ଼, ଉଷ୍ଣକଟିବନ୍ଧୀୟ ବର୍ଷାଜଳ ଏବଂ ମାନବ ରକ୍ତପ୍ରବାହରେ ଆବିଷ୍କାର କରାଯାଇଛି। ଗ୍ରେଟ୍ ପ୍ୟାସିଫିକ୍ ଆବର୍ଜନା ପ୍ୟାଚ୍ ଭଳି ବିପୁଳ ସଞ୍ଚୟ କ୍ଷେତ୍ରଗୁଡ଼ିକରେ ସମୁଦ୍ର ଗର୍ଭ ମଧ୍ୟରେ ପରିକ୍ରମା କରୁଥିବା ଟ୍ରିଲିୟନ ପ୍ଲାଷ୍ଟିକ୍ କଣିକା ରହିଛି। ଅପର୍ଯ୍ୟାପ୍ତ ବର୍ଜ୍ୟ ପରିଚାଳନା ଭିତ୍ତିଭୂମି ଥିବା ଅଞ୍ଚଳଗୁଡ଼ିକ, ବିଶେଷକରି ଏସିଆ, ଆଫ୍ରିକା ଏବଂ ଦକ୍ଷିଣ ଆମେରିକାର କିଛି ଅଂଶରେ ଅସମାନ ଭାବରେ ପ୍ରଭାବିତ ହୁଏ, ତଥାପି ସବୁଠାରୁ ଦୂରବର୍ତ୍ତୀ ଇକୋସିଷ୍ଟମ ମଧ ଏଥିରୁ ବଞ୍ଚିତ ନୁହେଁ। ଏହି ବିଶ୍ୱସ୍ତରୀୟ ସଞ୍ଚାଳନ ମାଇକ୍ରୋପ୍ଲାଷ୍ଟିକକୁ ପୃଥିବୀର ପ୍ରାକୃତିକ ଚକ୍ରରେ ଏକୀକୃତ କରେ, ଯେଉଁଠାରେ ସେମାନେ ବାୟୁ, ଜଳ, ମାଟି ଏବଂ ଜୀବଜଗତ ମଧ୍ୟରେ ନିରନ୍ତର ଗତି କରନ୍ତି।

ସମସ୍ୟାର ପରିମାଣ ସତ୍ତ୍ୱେ, ପ୍ରଶମନ ପାଇଁ ପଥ ରହିଛି। ଅନାବଶ୍ୟକ ପ୍ଲାଷ୍ଟିକ୍ ବ୍ୟବହାର ହ୍ରାସ କରିବା, ବର୍ଜ୍ୟବସ୍ତୁ ପରିଚାଳନା ପ୍ରଣାଳୀରେ ଉନ୍ନତି ଆଣିବା, ସାମଗ୍ରୀ ନବସୃଜନକୁ ଆଗକୁ ବଢ଼ାଇବା ଏବଂ ଏକକ-ବ୍ୟବହାର ପ୍ଲାଷ୍ଟିକ୍ ଏବଂ ଉଦ୍ଦେଶ୍ୟମୂଳକ ଭାବରେ ଯୋଡ଼ାଯାଇଥିବା ମାଇକ୍ରୋପ୍ଲାଷ୍ଟିକ୍ ପ୍ରତିବନ୍ଧକ ନୀତିଗୁଡ଼ିକୁ ସମର୍ଥନ କରିବା ଭବିଷ୍ୟତର ଏହାର ନିର୍ଗମନ ଯଥେଷ୍ଟ ହ୍ରାସ କରିପାରିବ। ଜୈବବିଘଟନଯୋଗ୍ୟ ସାମଗ୍ରୀ, ମାଇକ୍ରୋବାୟଲ୍ ପ୍ଲାଷ୍ଟିକ୍ ଅବକ୍ଷୟ ଏବଂ ଏନଜାଇମ୍-ଆଧାରିତ ପୁନଃଚକ୍ରଣ ଉପରେ ଗବେଷଣା ପ୍ରତିଶ୍ରୁତିପୂର୍ଣ୍ଣ ଦୀର୍ଘକାଳୀନ ସମାଧାନ ପ୍ରଦାନ କରେ। ବ୍ୟକ୍ତିଗତ କାର୍ଯ୍ୟ, ଯେତେବେଳେ ସମାଜ ମଧ୍ୟରେ ବହୁଳ ହୁଏ, ତାହା ମଧ ପଦ୍ଧତିଗତ ପରିବର୍ତ୍ତନକୁ ଚଳାଇବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ।



ମାଇକ୍ରୋପ୍ଲାଷ୍ଟିକ୍ ହେଉଛି ଆନ୍ଥ୍ରୋପୋସିର ଏକ ପରିଭାଷିତ ପ୍ରତୀକ, ଯାହା ସ୍ଥାୟିତ୍ୱ ଅପେକ୍ଷା ସୁବିଧାକୁ ପ୍ରାଥମିକତା ଦେଉଥିବା ଏକ ଫୋପଡ଼ା ସଂସ୍କୃତିକୁ ପ୍ରତିଫଳିତ କରେ। ସେମାନଙ୍କର ଉପସ୍ଥିତି ମାନବ ବ୍ୟବହାର ଧାରାକୁ ଦୂର ମହାସାଗର, ଦୂର ହିମବାହ ଏବଂ ଅଦୃଶ୍ୟ ଜୈବିକ ପ୍ରକ୍ରିୟା ସହିତ ସଂଯୋଗ କରେ। ମାଇକ୍ରୋପ୍ଲାଷ୍ଟିକ୍ ପ୍ରଦୂଷଣକୁ ସମାଧାନ କରିବା ପାଇଁ କେବଳ ପ୍ରଯୁକ୍ତିବିଦ୍ୟା ଏବଂ ନୀତିଗତ ସମାଧାନ ଆବଶ୍ୟକ ନୁହେଁ ବରଂ ପ୍ଲାଷ୍ଟିକ୍ ଏବଂ ପ୍ରାକୃତିକ ବିଶ୍ୱ ସହିତ ମାନବତାର ସମ୍ପର୍କର ମୌଳିକ ପୁନର୍ବିଚାର ମଧ ଆବଶ୍ୟକ। କେବଳ ସାମୂହିକ ଦାୟିତ୍ୱ ଏବଂ ନିରନ୍ତର କାର୍ଯ୍ୟ ମାଧ୍ୟମରେ ଅଦୃଶ୍ୟ ଆକ୍ରମଣକୁ ହ୍ରାସ କରାଯାଇପାରିବ ଏବଂ ପୃଥିବୀର ଇକୋସିଷ୍ଟମର ଅଖଣ୍ଡତାକୁ ସଂରକ୍ଷିତ କରାଯାଇପାରିବ।

- ଡ. ଶିବାନୀ ମହାପାତ୍ର
ମୋ: ୬୩୭୨୫୯୮୯୯୩

ଧରିତ୍ରୀ DHARITRI
52 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଫେବୃଆରୀ ୯/୨୦୨୬ Bhubaneswar, Monday, February 9/ 2026




# ଇଂଲଣ୍ଡର ରୋମାଞ୍ଚକ ବିଜୟ

ମୁମ୍ବାଇ,୮।୨

ଚଳିତ ଟି୨୦ ବିଶ୍ୱକପ୍‌ରେ ରବିବାର ଅପରାହ୍ନରେ ଖେଳାଯାଇଥିବା ଏକ ରୋମାଞ୍ଚକ ପୂର୍ଣ୍ଣ ମ୍ୟାଚ୍‌ରେ ଇଂଲଣ୍ଡ ୪ ରନରେ ନେପାଳକୁ ହରାଇ ଦେଇଛି। ଇଂଲଣ୍ଡ ଦ୍ୱାରା ପ୍ରଦତ୍ତ ୧୮୫ ରନର ଟାର୍ଗେଟକୁ ନେଇ ଓହ୍ଲାଇଥିବା ନେପାଳ ଶେଷ ପର୍ଯ୍ୟନ୍ତ ଖେଳିବା ସତ୍ତ୍ୱେ ୬ ଉଇକେଟ ହରାଇ ୧୮୦ ରନ କରିପାରି ଥିଲା। ମ୍ୟାଚ୍‌ରେ ଇଂଲଣ୍ଡ ପାଇଁ ଅଲରାଉଣ୍ଡ ପ୍ରଦର୍ଶନ କରିଥିବା ୱିଲ ଜ୍ୟାକ୍ସଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଇଂଲଣ୍ଡ ଆସନ୍ତା ୧୧ ତାରିଖରେ ତା'ର ଦ୍ୱିତୀୟ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍‌କୁ ଭେଟିବ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୮୪ ରନ କରିଥିଲା। ଦଳ ପାଇଁ ଜେକବ ବେଥେଲ ୫୫ (୪ ଲେଖାଏ ଚୌକା ଓ ଛକା) ଓ ଅଧିନାୟକ ହ୍ୟାରୀ ବ୍ରୁକ ୫୩ (୪ ଚୌକା ଓ ୩ ଛକା) ଅର୍ଦ୍ଧଶତକୀୟ ପାଳି ଖେଳିଥିବା ବେଳେ ୱିଲ ଜ୍ୟାକ୍ସ ୧୮ ବଲରେ ୩୯ (୧ ଚୌକା ଓ ୪ ଛକା) ଓ ଜୋସ ବଟଲର ୨୬ (୫ ଚୌକା) ରନ୍ କରିଥିଲେ। ନେପାଳ ପକ୍ଷରୁ ଦିପେନ୍ଦ୍ର ସିଂ ଆଇରି ଓ ନନ୍ଦନ ଯାଦବ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ନେପାଳ ପାୱାରପ୍ଲେ ଓଭର ମଧ୍ୟରେ ଦୁଇ ଓପନର ଅସିଫ ଶେଖ (୭) ଓ କୁଶାଳ ଭୁର୍ତ୍ତେଲ (୨୯ ରନ୍, ୪ ଚୌକା ଓ ୧ ଛକା)ଙ୍କୁ ହରାଇଥିଲା। ଅଧିନାୟକ ରୋହିତ ପୌଡେଲ (୩୯ରନ, ୨ ଲେଖାଏ ଚୌକା ଓ ଛକା) ଓ ଦିପେନ୍ଦ୍ର ସିଂ ଆଇରି (୪୪ରନ, ୬ ଚୌକା ଓ ୧ ଛକା) ତୃତୀୟ ଉଇକେଟରେ ୫୪ ବଲରେ ଦ୍ରୁତ ୮୨ ରନ ଯୋଡ଼ିଥିଲେ। ହେଲେ ଦୁଇ ସେଟ୍ ବ୍ୟାଟର କ୍ରମାଗତ ଓଭରରେ ପାଭିଲିଅନ ଫେରିଥିଲେ। ଶେଷ ଆଡ଼କୁ ଲୋକେଶ ବାମ ୨୦ ବଲରେ ବିସ୍ଫୋରକ ବ୍ୟାଟିଂ କରି ୩୯ (୪ ଚୌକା ଓ ୨ ଛକା) ରନ କରି ଅପରାଜିତ ରହିଥିଲେ। ତାଙ୍କ ଇନିଂସ ଯୋଗୁ ନେପାଳ ପାଖରେ ବିଜୟ ସୁଯୋଗ ସୃଷ୍ଟି ହୋଇଥିଲା। ଦଳକୁ ଅନ୍ତିମ ଓଭରରେ ଜିତିବା ପାଇଁ ୧୦ ରନ ଦରକାର ଥିବା ଇଂଲଣ୍ଡର ସାମ୍ କୁରାନ ଚମତ୍କାର ବୋଲିଂ କରି ନେପାଳକୁ କେବଳ ୫ ରନ କରିବାକୁ ଦେଇଥିଲେ। ଫଳରେ ନେପାଳ ୨୦ ଓଭରରେ ୬ ଉଇକେଟ ହରାଇ ୧୮୦ ରନ କରିବାକୁ ସକ୍ଷମ ହୋଇଥିଲା।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ: ୨୦ ଓଭରରେ ୧୮୪/୭ (ଜେକବ ବେଥେଲ-୫୫, ହ୍ୟାରୀ ବ୍ରୁକ-୫୩, ୱିଲ ଜ୍ୟାକ୍ସ-୩୯*, ଦିପେନ୍ଦ୍ର ହସିଂ ଆଇରି-୨/୨୩, ନନ୍ଦନ ଯାଦବ-୨/୨୫)। ନେପାଳ: ୨୦ ଓଭରରେ ୧୮୦/୬ (ଦିପେନ୍ଦ୍ର ସିଂ ଆଇରି-୪୪, ରୋହିତ ପୌଡେଲ-୩୯, ଲୋକେଶ ବାମ-୩୯*, ଲିଆମ ଡସନ-୨/୨୧)।



ଶେଷ ଓଭରରେ ଚମତ୍କାର ବୋଲିଂ କରି ଇଂଲଣ୍ଡକୁ ଜିତାଇଥିବା ସାମ୍ କୁରାନଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

**ଟି୨୦ ବିଶ୍ୱକପ୍**

**(ଆଜିର ମ୍ୟାଚ୍)**

**ସ୍କଟଲାଣ୍ଡ ବନାମ ଇଟାଲୀ**
ସ୍ଥାନ: କୋଲକାତା,
ସମୟ: ପୂର୍ବାହ୍ନ ୧୧ଟା

**ଜିମ୍ବାୱେ ବନାମ ଓମାନ**
ସ୍ଥାନ: କଲମ୍ବୋ,
ସମୟ: ଅପରାହ୍ନ ୩ଟା

**ଦକ୍ଷିଣ ଆଫ୍ରିକା ବନାମ କାନାଡ଼ା**
ସ୍ଥାନ: ଅହମଦାବାଦ,
ସମୟ: ସନ୍ଧ୍ୟା ୭ଟା

ପ୍ରସାରଣ: ଜିଓ ହଟ୍‌ଷ୍ଟାର

# ଆଫଗାନିସ୍ତାନକୁ ହରାଇଲା ନ୍ୟୁଜିଲାଣ୍ଡ

ଚେନ୍ନାଇ, ୮।୨ (ପି.ଟି.)

ଟିମ୍ ସିଫର୍ଟଙ୍କ ଆକ୍ରମଣାତ୍ମକ ଅର୍ଦ୍ଧଶତକ ସହାୟତାରେ ନ୍ୟୁଜିଲାଣ୍ଡ ଚଳିତ ଆଇସିସି ଟି୨୦ ବିଶ୍ୱକପ୍ ଗ୍ରୁପ୍ 'ଡି'ର ଏକ ମ୍ୟାଚରେ ଆଫଗାନିସ୍ତାନକୁ ୫ ଉଇକେଟରେ ହରାଇ ଦେଇଛି। ରବିବାର ଖେଳାଯାଇଥିବା ଏହି ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ଗୁଲ୍‌ବଦିନ ନାଇବ୍ (୬୩ ରନ)ଙ୍କ ଅର୍ଦ୍ଧ ଶତକ ସହାୟତାରେ ନିର୍ଦ୍ଧାରିତ ଓଭରରେ ୬ଉଇକେଟ ବିନିମୟରେ ୧୮୨ ରନ କରିଥିଲା। ଦଳର ସ୍କୋରରେ ସିଦ୍ଦିକୁଲ୍ଲା ଅଟଲ (୨୯ରନ) ଓ ରହମାନୁଲ୍ଲା ଗୁର୍‌ବାଜ (୨୭)ଙ୍କ ଉପଯୋଗୀ ଅବଦାନ ମଧ୍ୟ ଥିଲା। ଜବାବରେ ନ୍ୟୁଜିଲାଣ୍ଡ ସିଫର୍ଟଙ୍କ ୬୫ ଏବଂ ଗ୍ଲେନ ଫିଲିପ୍ସଙ୍କ ୪୨ ରନ ସହାୟତାରେ ୧୭.୫ ଓଭରରେ ୫ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ୧୮୩ରନର ବିଜୟ ଲକ୍ଷ୍ୟ ପିଛା କରୁଥିବା ନ୍ୟୁଜିଲାଣ୍ଡ ଏକଦା ମାତ୍ର ୧୪ ରନ ସ୍କୋରରେ ଏହାର ଦୁଇଜଣ ବ୍ୟାଟରଙ୍କୁ ହରାଇ ଦେଇଥିବା ବେଳେ ସିଫର୍ଟ ଓ ଫିଲିପ୍ସ (୨୫ ବଲ୍‌ରେ ୪୨ରନ) ତୃତୀୟ ଉଇକେଟରେ ୪୭ବଲ୍‌ରୁ ମୂଲ୍ୟବାନ ୭୪ ରନ ଯୋଗ କରି ଦଳର ସ୍ଥିତିରେ ସୁଧାର ଆଣିଥିଲେ।

**ସଂକ୍ଷିପ୍ତ ସ୍କୋର**

ଆଫଗାନିସ୍ତାନ : ୨୦ ଓଭରରେ ୧୮୨/୬ (ଗୁଲ୍‌ବଦିନ ନାଇବ-୬୩; ଲୋକି ଫର୍ଗୁସନ-୨/୩୨)। ନ୍ୟୁଜିଲାଣ୍ଡ: ୧୭.୫ ଓଭରରେ ୧୮୩/୫ (ଟିମ୍ ସିଫର୍ଟ-୬୫; ମୁଜିବୁର ରହମନ-୨/୩୧)।

# ଭାରତୀୟ ବକ୍ସରଙ୍କୁ ୯ ସ୍ୱର୍ଣ୍ଣ ପଦକ

**ଲା ନୁସିଆ (ସ୍ପେନ), ୮।୨ (ପି.ଟି.):** ଅଲିମ୍ପିକ ପଦକ ବିଜେତା ଲଭଲିନା ବୋର୍ଗୋହେନ ଏବଂ ପୂର୍ବତନ ଯୁଥ୍ ୱାର୍ଲ୍ଡ ଚାମ୍ପିୟନ ଅରୁନ୍ଧତୀ ଚୌଧୁରୀଙ୍କ ନେତୃତ୍ୱରେ ଭାରତ ଏଠାରେ ଚାଲିଥିବା ବକ୍ସାମ ଏଲିଟ୍ ଇଣ୍ଟରନ୍ୟାଶନାଲ ବକ୍ସିଂ ଟୁର୍ନାମେଣ୍ଟ ୨୦୨୬ରେ ବଡ଼ ସଫଳତା ହାସଲ କରିଛି। ଭାରତୀୟ ବକ୍ସରମାନେ ଆଧିପତ୍ୟ ବିସ୍ତାର କରି ଇଭେଣ୍ଟରେ ୯ ସ୍ୱର୍ଣ୍ଣ ପଦକ ଜିତିବାରେ ସଫଳ ହୋଇଛନ୍ତି। ଭାରତ ୭ଟି ଏଲିଟ୍ ମହିଳା ଫାଇନାଲ ଖେଳିଥିଲା। ତନ୍ମଧ୍ୟରେ ୫୪କେଜି ଶ୍ରେଣୀରେ ଏକ ଅଲ୍ ଇଣ୍ଡିଆ ଟାଇଟଲ ମୁକାବିଲା ଥିଲା। ବକ୍ସାମ ଏଲିଟ୍ ୨୦୨୬ରେ ୨୦ଟି ଦେଶରୁ ୨୦୦ରୁ ଊର୍ଦ୍ଧ୍ୱ ବକ୍ସର ଅଂଶଗ୍ରହଣ କରିଥିଲେ। ଏଥିରେ ଭାରତ ସବୁଠାରୁ ସଫଳ ଦଳ ଭାବେ ୯ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୭ ବ୍ରୋଞ୍ଜ ପଦକ ଲାଭ କରିଥିଲା। ଅନ୍ତିମ ଦିବସରେ ମଞ୍ଜୁ ରାଣୀ (୪୮କେଜି) ଓ ନୀତୁ (୫୧କେଜି) ଯଥାକ୍ରମେ ସ୍ପେନର ମାର୍ଟା ଲୋପେଜ ଓ ନୋଏଲିଆ ଗୁଟିରେଜ୍‌ଙ୍କ ବିପକ୍ଷରେ ସର୍ବସମ୍ମତି ବିଜୟ ହାସଲ କରିଥିଲେ। ପରେ ଏକ ଅଲ-ଇଣ୍ଡିଆ ଫାଇନାଲରେ ପୁନବ (୫୪କେଜି) ନିଜ ଦେଶର ପ୍ରୀତିଙ୍କୁ ହରାଇ ଦେଇଥିଲେ। ସେହିପରି ପ୍ରିୟା (୬୦କେଜି) ଓ ଅରୁନ୍ଧତୀ (୭୦କେଜି) ସେମାନଙ୍କ ୟୁକ୍ରେନୀୟ ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ୫:୦ ବ୍ୟବଧାନରେ ସହଜ ବିଜୟ ହାସଲ କରିଥିଲେ। ଲଭଲିନା (୭୫କେଜି) ଇଂଲଣ୍ଡର ମ୍ୟାରୀ-କେଟ୍‌ଙ୍କୁ ୪:୧ରେ ପରାଜିତ କରିଥିବା ବେଳେ ନୈନା (୮୦କେଜି) ୟୁକ୍ରେନର ରାଇସା ପିସ୍‌କୁନ୍‌ଙ୍କ ବିପକ୍ଷରେ ବିଜୟ ଲାଭ କରିଥିଲେ। ପୁରୁଷ ବିଭାଗ ଫାଇନାଲରେ ସଚିନ (୬୦କେଜି) କାନାଡାର କେଓମା-ଅଲି ଅଲ୍ ଅହମାଦିଙ୍କୁ ୩:୨ରେ ହରାଇ ଦେଇଥିବାବେଳେ ଆକାଶ (୭୫କେଜି) ମୁକାବିଲାରେ ଆଉ ଏକ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ।

# ଗୋଲ୍ଡେନ କିଙ୍ଗ୍ ସ୍ନୁକର: ଆଶୁତୋଷଙ୍କୁ ଟାଇଟଲ୍

କଟକ,୮।୨(କୁମାରଶ୍ରୀ)

ସିଡିଏସ୍ଥିତ ଗୋଲ୍ଡେନ କ୍ୟୁ ସ୍ନୁକର କାଫେରେ ଗୋଲ୍ଡେନ କିଙ୍ଗ ଓପନ୍ ସ୍ନୁକର ଚାମ୍ପିୟନଶିପ୍ ଉଦ୍‌ଯାପିତ ହୋଇଯାଇଛି। ରୋମାଞ୍ଚକ ଫାଇନାଲ ମୁକାବିଲାରେ ଆଶୁତୋଷ ପାଢ଼ୀ ୪-୩ ଫ୍ରେମରେ ନିଶାନ୍ତ ବିଶ୍ୱାଳଙ୍କୁ ପରାସ୍ତ କରି ଚାମ୍ପିୟନ ଟାଇଟଲ୍ ହାସଲ କରିଛନ୍ତି। ଶନିବାର ଅନୁଷ୍ଠିତ ଦୁଇ ସେମିଫାଇନାଲ୍‌ରେ ନିଶାନ୍ତ ୪-୧ ଫ୍ରେମରେ ଆକାଶ ମହାପାତ୍ରଙ୍କୁ ଏବଂ ଆଶୁତୋଷ ୪-୧ ଫ୍ରେମରେ ଅନୁଜ ପଣ୍ଡାଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ପୁରସ୍କାର ସ୍ୱରୂପ ଚାମ୍ପିୟନ ଆଶୁତୋଷଙ୍କୁ ଟ୍ରଫି ସମେତ ୨୫ହଜାର ଓ ରନରଅପ ନିଶାନ୍ତଙ୍କୁ ଟ୍ରଫି ଏବଂ ୧୩ହଜାର ଟଙ୍କାର ଆର୍ଥିକ ପୁରସ୍କାର ରାଶି ମିଳିଥିଲା। ଦୁଇ ସେମିଫାଇନାଲିଷ୍ଟ ଆକାଶ ଏବଂ ଅନୁଜଙ୍କୁ ଟ୍ରଫି ଏବଂ ୬ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ସୁବ୍ରତ ଦାସ, ସୁଦୀପ୍ତ ଦାଶ, ରାକେଶ ରୋଶନ ପ୍ରଧାନ, ଚିରାଗ ଅରୋରା ୩ହଜାର ଟଙ୍କା ଲେଖାଏ ପୁରସ୍କାର ଆକାରରେ ହାସଲ କରିଥିଲେ। ସର୍ବାଧିକ ବ୍ରେକ ପଏଣ୍ଟ ହାସଲ କରିଥିବା ଆଶୁତୋଷ ପାଢ଼ୀଙ୍କୁ ଟ୍ରଫି ଏବଂ ୫ ହଜାର ଟଙ୍କାର ପୁରସ୍କାର ମିଳିଥିଲା। ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ଗୋଲ୍ଡେନ କିଙ୍ଗ ସ୍ନୁକର ସେଣ୍ଟର ମାଲିକ ଜ୍ଞାନରଞ୍ଜନ ବେହେରା, କୋ-ଫାଉଣ୍ଡର ସ୍ମୃତିରଞ୍ଜନ ବେହେରା, ସହଯୋଗୀ ରାଜେନ୍ଦ୍ର ପୁହାଣ, ଭବାନୀ ଶଙ୍କର ମହାନ୍ତି ଅତିଥି ଭାବେ ଯୋଗଦେଇଥିଲେ।



ଗୋଲ୍ଡେନ କିଙ୍ଗ୍ ସ୍ନୁକର ଟାଇଟଲ ବିଜୟୀ ଆଶୁତୋଷ ପାଢ଼ୀ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# ଭାରତୀୟ କ୍ୟାମ୍ପରେ ପଦ୍ମିନୀ, ସୁମିତ୍ରା, ଆକାଶ

ଭୁବନେଶ୍ୱର, ୮।୨ (ତପନ ସ୍ୱାଇଁ)

ଇଣ୍ଡିଆନ ବ୍ଲାଇଣ୍ଡ ସ୍ପୋର୍ଟ୍ସ ଆସୋସିଏଶନ (ଆଇବିଏସ୍ଏ) ଆନୁକୂଲ୍ୟରେ ଚଳିତ ମାସ ୧୧ରୁ ୧୩ ପର୍ଯ୍ୟନ୍ତ ଦିଲ୍ଲୀର ନିଜାମୁଦିନଠାରେ ଆଇବିଏସ୍ଏ ଭାରତୀୟ ଦୃଷ୍ଟିବାଧିତ ମହିଳା ଫୁଟବଲ ଦଳର ଖେଳାଳି ଚୟନ ଶିବିର ଅନୁଷ୍ଠିତ ହେବ। ସେହିପରି ୧୫ରୁ ୧୮ ପର୍ଯ୍ୟନ୍ତ କେରଳର କୋଚିଠାରେ ପୁରୁଷ ଦୃଷ୍ଟିବାଧିତ ଭାରତୀୟ ଫୁଟବଲ ଦଳର ଚୟନ ଶିବିର ହେବ। ଏହି ଦୁଇ ଶିବିର ଲାଗି ଓଡ଼ିଶା ବ୍ଲୁ ଆଇ ଦୃଷ୍ଟିବାଧିତ ମହିଳା ଫୁଟବଲ ଦଳର ପଦ୍ମିନୀ ଟୁଡୁ, ସୁମିତ୍ରା ସିଂ ଏବଂ ଆକାଶ ପଡ଼ିଆମୀ ମନୋନୀତ ହୋଇଛନ୍ତି। ବ୍ଲୁ ଆଇର ଅଧ୍ୟକ୍ଷ ତ୍ରିଲୋଚନ ବେଉରାଙ୍କ ସୂଚନା ଅନୁଯାୟୀ ଆସନ୍ତା ଏପ୍ରିଲରେ ଜାପାନରେ ହେବାକୁ ଥିବା ଏସିଆ ଓସିଆନା ଚାମ୍ପିୟନଶିପ୍ ପାଇଁ ଆଇବିଏସଏ ପକ୍ଷରୁ ଏହି ଚୟନ ଶିବିର ଆୟୋଜନ କରାଯାଉଛି। ୨୦୨୫ ଡିସେମ୍ବରରେ ଉତ୍ତରାଖଣ୍ଡଠାରେ ଅନୁଷ୍ଠିତ ଜାତୀୟ ଦୃଷ୍ଟିବାଧିତ ଫୁଟବଲ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ଏହି ଶିବିରକୁ ନିମନ୍ତ୍ରଣ କରାଯାଇଛି। ରବିବାର ପଦ୍ମିନୀ ଓ ସୁମିତ୍ରା ଶିବିରରେ ଯୋଗଦେବା ପାଇଁ ଦିଲ୍ଲୀ ଯାତ୍ରା କରିଛନ୍ତି। ଆସନ୍ତା ୧୩ରେ ଆକାଶ ପଡିଆମୀ କେରଳ ଯିବେ।

**ଦୃଷ୍ଟିବାଧିତ ଫୁଟବଲ**


ପଦ୍ମିନୀ ଟୁଡୁ ଓ ସୁମିତ୍ରା ସିଂ।



ଆକାଶ ପଡ଼ିଆମୀ

# ପାକିସ୍ତାନ ଗସ୍ତରେ ଆଇସିସି ଉପମୁଖ୍ୟ

କରାଚୀ,୮।୨(ପି.ଟି.)

ଆସନ୍ତା ୧୫ ତାରିଖରେ ଭାରତ ବିପକ୍ଷରେ ହେବାକୁ ଥିବା ମ୍ୟାଚ୍‌କୁ ବର୍ଜନ କରିବାକୁ ନିଷ୍ପତ୍ତି ନେଇଥିବା ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ସହ ଆଲୋଚନା କରିବା ପାଇଁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଉପ ମୁଖ୍ୟ ଇମ୍ରାନ ଖ୍ୱାଜା ଲାହୋରରେ ପହଞ୍ଚିଛନ୍ତି। ଆଇସିସିରେ ସିଙ୍ଗାପୋରର ପ୍ରତିନିଧିତ୍ୱ କରୁଥିବା ଖ୍ୱାଜା ବିଶ୍ୱ କ୍ରିକେଟ ପରିଚାଳନା ସଂସ୍ଥାରେ ଜଣେ ପ୍ରଭାବଶାଳୀ ବ୍ୟକ୍ତି ଏବଂ ଜଣେ ଆସୋସିଏଟ୍ ସଦସ୍ୟ ନିର୍ଦ୍ଦେଶକ ଭାବେ ତାଙ୍କର ଭୋଟିଂ ଅଧିକାର ମଧ୍ୟ ରହିଛି।

ଖ୍ୱାଜା କିଛିଦିନ ହେଲା ପିସିବି ମୁଖ୍ୟ ମହସିନ ନକଭିଙ୍କ ସହ କଥା ହେଉଛନ୍ତି। ସେ ନକଭି ଓ ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ମୁଖ୍ୟ ଅମିନୁଲ ଇସ୍ଲାମଙ୍କ ସହ କଥା ହେବା ପାଇଁ ଲାହୋର ଟ୍ରାଭେଲ କରିଛନ୍ତି। ଲାହୋରରେ ଥିବା ଅମିନୁଲ ରବିବାର ନକଭିଙ୍କୁ ଭେଟିଛନ୍ତି। ଭାରତ ବିପକ୍ଷ ହାଇଭୋଲ୍ଟେଜ ମ୍ୟାଚ୍ ଖେଳିବା ପାଇଁ ପିସିବିକୁ ବୁଝାଇବା ଲାଗି ହେବାକୁ ଯାଉଥିବା ବୈଠକରେ ଅମିନୁଲ ଯୋଗ ଦେଇପାରନ୍ତି ବୋଲି ସୂତ୍ରରୁ କୁହାଯାଇଛି।

ଭାରତ ବିପକ୍ଷ ମ୍ୟାଚ୍ ବର୍ଜନ କରିବା ସମ୍ପର୍କରେ ସରକାରଙ୍କଠାରୁ ମିଳିଥିବା ନିର୍ଦ୍ଦେଶ ବିଷୟରେ ଏପର୍ଯ୍ୟନ୍ତ ନକଭି ମତାମତ ଦେଇ ନାହାନ୍ତି। କିନ୍ତୁ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଶ୍ରୀଲଙ୍କା ବୋର୍ଡ ପକ୍ଷରୁ ମେଲ କରାଯିବା ପରେ ପରିସ୍ଥିତିରେ ସୁଧାର ଆସିଛି। ଆଇସିସି ସିଇଓ ସଂଯୋଗ ଗୁପ୍ତା ଶ୍ରୀଲଙ୍କା କ୍ରିକେଟ (ଏସ୍ଏଲ୍‌ସି) ସଭାପତି ଶାମି ସିଲଭାଙ୍କୁ ଭେଟିବା ପାଇଁ କଲମ୍ବୋରେ ରହିଛନ୍ତି।

**ଟି୨୦ ବିଶ୍ୱକପ୍ ମ୍ୟାଚ୍ ବୟକଟ**

**ଏସିଆନ୍ ଶୁଟିଂ ଚାମ୍ପିୟନଶିପ୍**

# ଏଲାଭେନିଲ-ବବୁତା ଯୋଡ଼ିଙ୍କୁ ସ୍ୱର୍ଣ୍ଣ ପଦକ

**ନୂଆଦିଲ୍ଲୀ, ୮।୨ (ପି.ଟି.):** ଭାରତୀୟ ଶୁଟରମାନେ ଏଠାରେ ଚାଲିଥିବା ଏସିଆନ ଚାମ୍ପିୟନଶିପ୍ (ରାଇଫଲ/ପିସ୍ତଲ)ରେ ସେମାନଙ୍କ ଆଧିପତ୍ୟ ବଜାୟ ରଖିଛନ୍ତି। ଅଲିମ୍ପିଆନ ଏଲାଭେନିଲ ଭାଲାରିଭାନ ଓ ଅର୍ଜୁନ ବବୁତା ୧୦ ମିଟର ଏୟାର ରାଇଫଲ ମିକ୍ସଡ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। କାର୍ନି ସିଂ ରେଞ୍ଜ୍‌ରେ ଭାରତର ହିମାଂଶୁ ଧିଲନ ଓ ସମ୍ଭାବୀ କ୍ଷୀରସାଗର ଜୁନିୟର କାଟେଗୋରୀର ସମାନ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଛନ୍ତି। ଶନିବାର ମହିଳା ଏୟାର ରାଇଫଲରେ ସ୍ୱର୍ଣ୍ଣ ପଦକ ଲାଭ କରିଥିବା ଏଲାଭେନିଲ ୪ଟି ଦଳକୁ ନେଇ ଫାଇନାଲରେ ୨୪ ଶଟ୍‌ରୁ ୨୫୩.୪ ଫାୟାର କରିଥିବା ବେଳେ ବବୁତାଙ୍କାର ଆରମ୍ଭ ଭଲ ହୋଇ ନ ଥିଲେ ମଧ୍ୟ ପଦକ ରାଉଣ୍ଡରେ ୨୫୧.୬ ସ୍କୋର କରିଥିଲେ। ସ୍ୱର୍ଣ୍ଣ ପାଇଁ ଏହା ଯଥେଷ୍ଟ ଥିଲା। ଶନିବାର ବ୍ୟକ୍ତିଗତ ସଫଳତା ପରେ ହିମାଂଶୁ ଓ ସମ୍ଭାବୀ ଶନିବାର ସେମାନଙ୍କ ବ୍ୟକ୍ତିଗତ ସଫଳତା ପରେ ମିକ୍ସଡ ଟିମ୍ ପ୍ରତିଯୋଗିତାରେ ବିଶ୍ୱ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଭାରତୀୟ ଯୋଡ଼ି ଫାଇନାଲରେ କାଜାଖସ୍ତାନର ଏଲିନା ସତପାୟେଭା ଓ ତାମରଲାନ କାବୁଲୋଭ (୪୮୮.୬)ଙ୍କଠାରୁ ୧୩.୮ ପଏଣ୍ଟ ଆଗରେ ସ୍ୱର୍ଣ୍ଣ ଜିତିଥିବା ବେଳେ ମାଳଦ୍ୱୀପର ଇଶା ଶାହିଦ ଓ ମାଇଦି ମହମ୍ମଦଙ୍କୁ ବ୍ରୋଞ୍ଜ ମିଳିଥିଲା।

# ଭାମ୍ବ୍ରୀ-ଦକ୍ଷିଣେଶ୍ୱର ଜିତିଲେ ମାରାଥନ ଡବଲ୍ସ

ବେଙ୍ଗାଲୁରୁ, ୮।୨ (ପି.ଟି.)

ଯୁକି ଭାମ୍ବ୍ରି ଓ ଦକ୍ଷିଣେଶ୍ୱର ସୁରେଶ ଏକ ମାରାଥନ ଡବଲ୍ସରେ ଡେଭିଡ୍ ପେଲ୍ ଓ ସାଣ୍ଡର ଆରେଣ୍ଡ୍ସଙ୍କୁ ୭-୬ (୦), ୩-୬, ୭-୬ (୧)ରେ ପରାସ୍ତ କରିବା ଦ୍ୱାରା ଭାରତ ଏଠାରେ ଚାଲିଥିବା ନେଦରଲାଣ୍ଡ୍ସ ବିପକ୍ଷ ଡେଭିସ କପ୍ କ୍ୱାଲିଫାୟର୍ସ ରାଉଣ୍ଡ-୧ରେ ୨-୧ରେ ଅଗ୍ରଣୀ ଲାଭ କରିଛି। ଏହି ମ୍ୟାଚ ଦୀର୍ଘ ୩ ଘଣ୍ଟା ଧରି ଚାଲିଥିଲା। ମୁକାବିଲାରେ ଡବଲ୍ସ ମ୍ୟାଚ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ବିଚାର କରି ଭାରତ ଅଧିନାୟକ ରୋହିତ ରାଜପାଲ ଏନ୍. ଶ୍ରୀରାମଙ୍କ ସ୍ଥାନରେ ଦକ୍ଷିଣେଶ୍ୱରଙ୍କୁ ଦଳରେ ସାମିଲ କରିଥିଲେ। ଶନିବାର ଦୁଇ ଦଳ ଗୋଟିଏ ଗୋଟିଏ ସିଙ୍ଗଲ୍ସ ମ୍ୟାଚ ଜିତିବାରୁ ମୁକାବିଲା ୧-୧ ସ୍ଥିତିରେ ରହିଥିଲା।

**ଭାରତ-ନେଦରଲାଣ୍ଡ୍ସ ଡେଭିସ୍ କପ୍ ମ୍ୟାଚ**

# ଜାତୀୟ ସବ୍‌ଜୁନିୟର ଭଲିବଲ ଲାଗି ଚୟନ ଟ୍ରାଏଲ


ଭଲିବଲ ଟ୍ରାଏଲରେ ଭାଗ ନେଇଥିବା ଖେଳାଳିମାନେ କର୍ମକର୍ତ୍ତାଙ୍କ ଗହଣରେ।

ଭୁବନେଶ୍ୱର, ୮।୨ (ତପନ ସ୍ୱାଇଁ)

ପଶ୍ଚିମବଙ୍ଗ ହୁଗୁଳିସ୍ଥିତ ବନ୍ଦେଲଠାରେ ୪୬ତମ ଜାତୀୟ ସବ୍‌ଜୁନିୟର ଭଲିବଲ ଚାମ୍ପିୟନଶିପ୍ ଚଳିତ ମାସ ୨୪ରୁ ମାର୍ଚ୍ଚ ୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ଓଡ଼ିଶା ଭଲିବଲ ଆସୋସିଏଶନ (ଓଭିଏ) ପକ୍ଷରୁ ରାଜ୍ୟଦଳର ଚୟନ ଟ୍ରାଏଲ୍ (ବାଳିକା ଓ ବାଳକ) ରବିବାର କିଟ୍ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ଜିଲାରୁ ୨୦୦ରୁ ଊର୍ଦ୍ଧ୍ୱ ଖେଳାଳି ଏଥିରେ ଭାଗ ନେଇଥିଲେ। ଦିନସାରା ଦକ୍ଷତା, ପ୍ରଦର୍ଶନ ଓ ଅନ୍ୟ ଆନୁଷଙ୍ଗିକ ଦିଗକୁ ତର୍ଜମା କରାଯିବା ପରେ ୨୦ ବାଳିକା ଓ ୨୦ ବାଳକ ଶର୍ଟଲିଷ୍ଟ ହୋଇଛନ୍ତି। ଅନ୍ତର୍ଜାତୀୟ ଭଲିବଲ ଫେଡେରେଶନ (ଏଫ୍ଆଇଭିବି) ଲେଭଲ-୨ କୋଚ୍ ଲୋତକ ବିନ୍ଦୁ ଦାଶ, ଲେଭଲ-୧ ଅନ୍ତର୍ଜାତୀୟ କୋଚ୍ ସୁଦର୍ଶନ ପଟ୍ଟନାୟକ, ଓଭିଏ ସମ୍ପାଦକ ଗଗନେନ୍ଦୁ ଦାଶ ଏବଂ ଅନ୍ୟ କେତେକ ଅଭିଜ୍ଞ ଅଫିସିଆଲ ଓ କୋଚ୍ ଏହି ଟ୍ରାଏଲ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆ (ଭିଏଫ୍ଆଇ)ର ମୁଖ୍ୟ ପୃଷ୍ଠପୋଷକ ତଥା ରାଜ୍ୟ ଆସୋସିଏଶନ ସଭାପତି ଅଚ୍ୟୁତ ସାମନ୍ତ ମନୋନୀତ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ